# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ନଭେମ୍ବର ୨/୨୦୧୮ (୨୦ ପୃଷ୍ଠା) | Balasore, Friday, November 2/ 2018 | ★★★★

୪୪ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ରଣଜୀରେ ଅନୁରାଗଙ୍କ ପ୍ରଥମ ଶତକ**

କିଟ୍ କ୍ରିକେଟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ହରିୟାଣା ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ରଣଜୀ ଟ୍ରଫି ଶତକ ହାସଲ କରିଛନ୍ତି ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ ।

୧୮

୦୨

**'ବାଟ୍‌ଲା ହାଉସ୍'ରେ ଅଭିନୟ କରିବେ ନୋରା**

ଆଗାମୀ ଫିଲ୍ମ 'ବାଟ୍‌ଲା ହାଉସ୍'ରେ ଅଭିନୟ କରିବା ପାଇଁ ଅଭିନେତ୍ରୀ ନୋରା ଫତେହୀ ଖୁବ୍ ଉତ୍ସାହିତ ।



# ୯ ଜିଲା ମରୁଡ଼ି ଘୋଷିତ

■ ୨ ଲକ୍ଷ ୩୩ ହଜାର ହେକ୍ଟର ଫସଲ ନଷ୍ଟ

■ ରିଲିଫ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଚଳିତ ବର୍ଷ ସ୍ୱାଭାବିକ ବର୍ଷା ସତ୍ତ୍ୱେ ୯ ଜିଲା ମରୁଡ଼ି କବଳରେ ପଡିଛି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼। ଏହି ଜିଲାଗୁଡ଼ିକୁ ଗୁରୁବାର ରାଜ୍ୟ ସରକାର ମରୁଡ଼ି ଘୋଷଣା କରିଛନ୍ତି। ଉକ୍ତ ଜିଲାଗୁଡ଼ିକର ୬୬ ବ୍ଲକର ୧୧୮୬ ଗ୍ରାମପଞ୍ଚାୟତର ୫୬୩୩ ଗ୍ରାମର ୨ ଲକ୍ଷ ୩୩ ହଜାର ୧୭୩ ହେକ୍ଟର ଜମିରେ ମରୁଡ଼ି ହୋଇଛି। ଏଥିସହିତ ୧୬ଟି ପୌରସଂସ୍ଥା ଅଧୀନ ଅଞ୍ଚଳ ମଧ୍ୟ ମରୁଡ଼ି ପ୍ରଭାବିତ ହୋଇଛି। ଜିଲାପାଳମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା କୃଷି ଓ ଖାଦ୍ୟ ଉତ୍ପାଦନ କମିଶନର ରାଜ୍ୟ ସରକାରଙ୍କୁ ଏହି ରିପୋର୍ଟ ଦେଇଛନ୍ତି। ୩୩ ପ୍ରତିଶତ ଫସଲ ନଷ୍ଟକୁ ଆକଳନ କରି ସରକାର ଏହି ଘୋଷଣା କରିଛନ୍ତି।

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା)ଙ୍କ ରାଜ୍ୟ ମରୁଡ଼ି ତଦାରଖ ସେଲ୍ ରାଜ୍ୟର ବିଭିନ୍ନ ଜିଲାରେ ମରୁଡ଼ି ଅଧ୍ୟୟନ କରିଥିଲା। ଅଧ୍ୟୟନରୁ



କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଅଞ୍ଚଳରେ ମରୁଡ଼ି ।

ଜଣାପଡିଛି ଯେ, ବଲାଙ୍ଗୀର ଜିଲାର ମୁରିବାହାଲ, ଲୋଇସିଙ୍ଗା ଏବଂ ବେଲପଡ଼ା ବ୍ଲକ, ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼ ସଦର ଓ ଟାଙ୍ଗରପାଲି ବ୍ଲକରେ ୩୯ରୁ ୫୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଅନ୍ୟ ୧୨ ଜିଲାର ୩୦ ବ୍ଲକରେ ୧୯ରୁ ୩୯ ପ୍ରତିଶତ କମ୍ ବର୍ଷା ହୋଇଛି। ମରୁଡ଼ି ଆକଳନ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଏସ୍‌ଆର୍‌ସିର ଯୁଗ୍ମ ଟିମ୍ ଗଠନ କରାଯାଇଥିଲା। ରିଲିଫ କୋଡ ଅନୁଯାୟୀ ଅଣଜଳସେଚିତ ଧାନ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩,୫୦୦ ଏବଂ ସବୁଦିନିଆ ଫସଲ ପାଇଁ ୧୮ ହଜାର ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ରିଲିଫ୍ ଦେବାକୁ ଜିଲାପାଳମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହୋଇଛି। ଧାନ ଉତ୍ପାଦନ ମଧ୍ୟ ବୃଦ୍ଧି ହେବ ବୋଲି ସରକାର ଆକଳନ କରିଛନ୍ତି। ଏଥିସହିତ ଚଳିତ ଖରିଫ ଋତୁରେ ସରକାର ଚାଷୀଙ୍କଠାରୁ ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବେ। ☞ପୃଷ୍ଠା-୪

## ସଂକ୍ଷେପରେ

### ଆଜି କ୍ୟାବିନେଟ

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ବସିବ। ସଚିବାଳୟଠାରେ ଅପରାହ୍ନ ୫ଟା ୪୫ ମିନିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କୃଷି ଏବଂ ଜନମଙ୍ଗଳ ଅଧିକାରୀଙ୍କ କ୍ୟାଡର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ଏଥିସହିତ ସ୍ୱାସ୍ଥ୍ୟ, ରାଜସ୍ୱ ଓ ଖାଦ୍ୟ ଯୋଗାଣ ବିଭାଗର କେତୋଟି ପ୍ରସ୍ତାବ ଉପରେ ମୋହର ଲାଗିପାରେ। କ୍ୟାବିନେଟରେ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ବୈଠକରେ କେତୋଟି ପ୍ରସ୍ତାବ ଉପରେ ମୋହର ଲାଗିବ ସେ ନେଇ ଏଜେଣ୍ଡାକୁ ଗୁପ୍ତ ରଖାଯାଇଛି।

**ଚକାପାଦ: ଲିଫ୍ଟ ଦେବା ବାହାନାରେ ମହିଳାଙ୍କୁ ବଳାତ୍କାର**

........୫........

## ଆଜିର ପୃଷ୍ଠା ଆଜିର ଅନ୍ୟ ଖବର

# ଆଜିଠାରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ

# ପହଞ୍ଚିଲେ ତାରକା କ୍ରୀଡ଼ାବିତ୍

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପାଇଁ କ୍ଷେତ୍ର ପ୍ରସ୍ତୁତ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମେଗା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମଥରପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ରଙ୍କ ମାନସ ସନ୍ତାନ ଏହି ସ୍ପୋର୍ଟ୍ସ ଲିଟ୍-ଫେଷ୍ଟ ଓଡ଼ିଶାର କ୍ରୀଡ଼ା ବିତ୍ ଓ କ୍ରୀଡ଼ା ପ୍ରେମୀଙ୍କୁ ଏକ ଭିନ୍ନ ଅନୁଭବ ଆଣିଦେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ଓ ଶନିବାର ୨ ଦିନ ଧରି ଏହା ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

EKAMRA SPORTS LITERARY FESTIVAL 2018

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଗୁରୁବାର ଭୁବନେଶ୍ୱରରେ ଦେଶ ବିଦେଶର ତାରକା କ୍ରୀଡ଼ାବିତ୍‌ମାନେ ପହଞ୍ଚିବା ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାମାଇକା ଜନ୍ମିତ କାନାଡ଼ିଆନ ଆଥଲେଟ୍ ବେନ୍ ଜନସନ, ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ, ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ, 'ଦି ଧୋନୀ ଟଚ୍' ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ, ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋର ଓ ଅନ୍ୟମାନେ। ଜନସନଙ୍କ କାର୍ଯ୍ୟକ୍ରମ ଶୁକ୍ରବାର ଥିବାବେଳେ "ୱାର୍ଲ୍ଡ କପ୍ ୨୦୧୮'କୁ ନେଇ ଭାରତୀୟ ହକି ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲ୍ଲେ, ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ବେପାର ମାନ୍ଦା

## ଆଜିର ମନ୍ତବ୍ୟ

" ରାଫାଲ୍ ଚୁକ୍ତି ହେଉଛି କୋଳାକୋଳି ପୁଞ୍ଜିବାଦ ଏବଂ ଦୁର୍ନୀତିର ଜ୍ୱଳନ୍ତ ଉଦାହରଣ ।

**- ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**

## କିଛି ତଥ୍ୟ

ସାଗରମାଳା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୯,୦୦୦ କୋଟି ଟଙ୍କାର ନିବେଶ ହୋଇଥିବା ବେଳେ ମୋଟ୍ ୮୯ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

**- ନୌପରିବହନ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE | 01.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 73 | 123 | 133 |
| BLS | 72 | 122 | 132 |
| ANG | 75 | 126 | 136 |

*Conditions Apply

Eggs Retail Price- 49/-Dozen

Issued in the Interest of Consumers


# ବାଣ ଭିଡ଼ିବାବେଳେ ବିସ୍ଫୋରଣ
# ଦମ୍ପତିଙ୍କ ଜୀବନ ଗଲା

■ ଖଣ୍ଡ ବିଖଣ୍ଡିତ ହେଲା ଶରୀର

■ ଭୁଶୁଡ଼ିଲା ଘରର କାନ୍ଥ, ଉଡ଼ିଲା ଆଜବେଷ୍ଟସ

■ ବେଆଇନ ଭାବେ ଚାଲିଥିଲା ବାଣ ବ୍ୟବସାୟ

■ ପୋଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

**ବାଲିପାଟଣା,୧।୧୧(ଡି.ଏନ୍.ଏ.)**

ଦୀପାବଳି ପୂର୍ବରୁ ରାଜଧାନୀ ଉପକଣ୍ଠ ଭାକରସାହି ଗ୍ରାମର ମିଶ୍ର ସାହିରେ ଗୁରୁବାର ବାଣ ଭିଡିବା ବେଳେ ବଡଧରଣର ବିସ୍ଫୋରଣ ହୋଇଛି। ଏଥିରେ ଉକ୍ତ ଗ୍ରାମର ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଉଭୟଙ୍କ ଶରୀରର ବିଭିନ୍ନ ଅଂଶ ଛିଟିକି ଏଣେତେଣେ ପଡିଥିବା ଦେଖିବାକୁ ମିଳିଥିଲା। ଏଥିରେ ୫ବଖରା ଭାଙ୍ଗିଯାଇଥିବା



ମୃତ ଦମ୍ପତି ଜ୍ଞାନେନ୍ଦ୍ର ମିଶ୍ର ଓ ରଶ୍ମିତା ମିଶ୍ର ।

ବେଳେ ୫ବଖରା ଆଜବେଷ୍ଟସ ଉଡିଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିସ୍ଫୋରଣର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଭାକରସାହି ଗ୍ରାମର ମିଶ୍ର ସାହିର ଜ୍ଞାନେନ୍ଦ୍ର ମିଶ୍ର(୪୦) ଓ ତାଙ୍କ ସ୍ତ୍ରୀ ରଶ୍ମିତା ମିଶ୍ର(୩୬) ଦୀର୍ଘ ୨୦ବର୍ଷ ଧରି ବାଣ ଭିଡିବା ସହ ବ୍ୟବସାୟ କରି ଆସୁଥିଲେ। ସେମାନେ ନିଜ ଘରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଣ ଭିଡୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏହାର ଶବ୍ଦ ଏତେ ଭୟଙ୍କର ଥିଲା ଯେ ସାହିର ଲୋକମାନେ ପ୍ରାଣବିକଳରେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ବିସ୍ଫୋରଣରେ ଘରର କାନ୍ଥ ଭଶୁଡି ପଡିବା ସହ ପଡୋଶୀଙ୍କ ଆଜବେଷ୍ଟସ ଉଡି ଯାଇଥିବା ଦେଖିବାକୁ ମିଳିଛି। ଜ୍ଞାନେନ୍ଦ୍ର ଓ ରଶ୍ମିତାଙ୍କ ହାତଗୋଡ, ମୁଣ୍ଡ ଛିଣ୍ଡି ଘଟଣାସ୍ଥଳରୁ ପ୍ରାୟ ୨୦୦ ମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ☞ପୃଷ୍ଠା-୪

# ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେଲା ଝାରସୁଗୁଡ଼ା ବିମାନବନ୍ଦର

■ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

■ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଝାରସୁଗୁଡ଼ାର ନବନିର୍ମିତ ବିମାନବନ୍ଦର 'ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର' ଭାବେ ନାମିତ ହୋଇଛି। ଝାରସୁଗୁଡ଼ା ବିମାନବନ୍ଦରର ନାମକରଣ ପ୍ରସ୍ତାବକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ କରିଥିଲେ। ଘୋଷଣାର ମାସକ ପରେ ଆନୁଷ୍ଠାନିକ ନାମକରଣର ସ୍ୱୀକୃତି ମିଳି ନ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏନେଇ ଟୁଇଟ୍ କରି ସୂଚନା ମଧ୍ୟ ଦେଇଛନ୍ତି। ସୁରେଶ କହିଛନ୍ତି ଯେ, ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଇଛି। ☞ପୃଷ୍ଠା-୪

# ଘରୁ ଲୁଟ୍, ନାବାଳିକାଙ୍କୁ ଗଣବଳାତ୍କାର

**ପୋଲସରା/କବିସୂର୍ଯ୍ୟନଗର (ଡି.ଏନ.ଏ.)/ହାତୀଓଟ,୧।୧୧**

ଗଞ୍ଜାମ ଜିଲା ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଅମାନୁଷିକ ଘଟଣା ଘଟିଛି। ୩ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରୁ ଲୁଟ୍‌ପାଟ କରିବା ପରେ ତାଙ୍କ ୯ ବର୍ଷୀୟା ବାଳିକାଙ୍କୁ ଟେକିନେଇ ଗଣବଳାତ୍କାର କରିଛନ୍ତି। ଏନେଇ ନାବାଳିକାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ କବିସୂର୍ଯ୍ୟନଗର ଥାନାରେ ନଂ.୨୪୮/୧୮ରେ ପୋଲିସ ମାମଲା ରୁଜୁ କରିଛି। ନାବାଳିକାଙ୍କୁ ପ୍ରଥମେ ପୋଲସରା ଡାକ୍ତରଖାନା ଓ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ବିଭିନ୍ନ ଥାନାଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ନାବାଳିକାଙ୍କ ପରିବାର ଲୋକେ ବୁଧବାର ରାତିରେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୨ଟାରେ ୩ ଜଣ ଦୁର୍ବୃତ୍ତ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ୨୦ ହଜାର ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟ କରିବା ସହ ☞ପୃଷ୍ଠା-୪









“ ଅନ୍ୟ କାହାରି ଭୂଖଣ୍ଡ ଉପରେ ଭାରତର ନଜର ନାହିଁ । ଦେଶର ନିରବଚ୍ଛିନ୍ନ ଅର୍ଥନୈତିକ ପ୍ରଗତି ଓ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବାହ୍ୟ ଏବଂ ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ।

- ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ



## ସଂକ୍ଷେପରେ

### ନିର୍ବାସନରୁ ଫେରିଲେ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି

ମାଲି,୧।୧୧(ପି.ଟି.)-ମାଳଦ୍ୱୀପରେ ପ୍ରଥମକରି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତି ଶାସନ କ୍ଷମତା ହାସଲ କରିଥିବା ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କୁ ମିଳିଛି। ଆତଙ୍କବାଦ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପାଇଥିବା ଜେଲ୍ ଦଣ୍ଡାଦେଶକୁ ଏଡ଼ାଇବା ଲାଗି ଦୁଇବର୍ଷ ହେଲା ସେ ନିର୍ବାସନରେ ଥିଲେ। ଗୁରୁବାର ନଶିଦ ସ୍ୱଦେଶ



ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଯାତ୍ରା କରୁଥିବା ବିମାନ ଶ୍ରୀଲଙ୍କାରୁ ଆସି ମାଲଦ୍ୱୀପ ରାଜଧାନୀ ମାଲିରେ ଅବତରଣ କରିଥିଲା। ୨୦୧୨ରେ ନଶିଦ କ୍ଷମତା ଅପବ୍ୟବହାର କରି ଏକ ପ୍ରମୁଖ କୋର୍ଟର ବିଚାରପତିଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୧୫ରେ ତାଙ୍କୁ ୧୩ ବର୍ଷର କାରାଦଣ୍ଡାଦେଶ ଦିଆଯାଇଥିଲା। ତରବରିଆ ଭାବେ ଏହି ଦଣ୍ଡବିଧାନ ହୋଇଥିବାରୁ ଅନ୍ତର୍ଜାତୀୟ ସ୍ତରରେ କୋର୍ଟଙ୍କୁ ସମାଲୋଚନା କରାଯାଇଥିଲା।

### ‘ଭାଜପାକୁ ନିର୍ବାଚନରେ ଜିତାଇବେ ନାହିଁ ଶ୍ରୀରାମ’

ନୂଆଦିଲ୍ଲୀ,୧।୧୧(ପି.ଟି.)-ରାମ ମନ୍ଦିର ନିର୍ମାଣକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିଲାବେଳେ ଗୁରୁବାର ଏ ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା। ନିର୍ବାଚନ ଜିତିବାରେ ଭାଜପାକୁ ଭଗବାନ ଶ୍ରୀରାମ ସାହାଯ୍ୟ କରିବେ ନାହିଁ ବୋଲି ସେ କହିଛନ୍ତି। ଫାରୁକ୍‌ଙ୍କ କହିବା ଅନୁଯାୟୀ, ଏଠାରେ ମନ୍ଦିର କିମ୍ବା ମସ୍‌ଜିଦ କିମ୍ବା ଗୁରୁଦ୍ୱାରାର ପ୍ରଶ୍ନ ଉଠୁନାହିଁ। ବରଂ ରାଷ୍ଟ୍ରକୁ ନେଇ ଉଠୁଛି ପ୍ରଶ୍ନ। ଏହି ଦେଶରେ ଅନେକ ଧର୍ମର ଲୋକ ବସବାସ କରୁଛନ୍ତି ଏବଂ ସବୁ ଧର୍ମର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କିନ୍ତୁ ଭାଜପା ନେତାମାନେ ଭାବୁଛନ୍ତି ଭଗବାନ ରାମ ସେମାନଙ୍କୁ ନିର୍ବାଚନ ଜିତାଇଦେବେ। ଏହି ଚିନ୍ତାଧାରା ଯୋଗୁ ଗୈରିକ ଦଳ ନିର୍ବାଚନରେ ପରାଜିତ ହେବ। କାହିଁକିନା ବାସ୍ତବରେ ରାମ ନୁହେଁ ବରଂ ଲୋକେ ଭୋଟ ଦେବେ।

## ■ ଗଣତନ୍ତ୍ରର ସୁରକ୍ଷା ନାମରେ ମଞ୍ଚ ପ୍ରସ୍ତୁତି

# ଏମାନେ ଏକାଠି

### ଚନ୍ଦ୍ରାବାବୁ ଟାଣିବେ ବିରୋଧୀ ରଥ



ନୂଆଦିଲ୍ଲୀ,୧।୧୧

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ପାୱାର ଓ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା। ତିନିଜଣ ଯାକ ଗୋଟିଏ ଗୋଟିଏ ଦଳର ମୁଖିଆ। ଗଣତନ୍ତ୍ରର ସୁରକ୍ଷା ନାଁରେ ଗୁରୁବାର ଏକାଠି ହୋଇଛନ୍ତି ଏମାନେ। କାରଣ ପ୍ରତ୍ୟକ୍ଷ ଭାବେ ହେଉକି ପରୋକ୍ଷରେ ଜାତୀୟ ସ୍ତରର ତିନି ତୁଙ୍ଗ ଚେହେରାଙ୍କ ଶତ୍ରୁ ପାଲଟିଛି ଭାଜପା। କେନ୍ଦ୍ରରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ହଟାଇ ନିଜ ନିଜ ରାଜ୍ୟରେ ଗୈରିକ ଦଳକୁ ନିଷ୍ପ୍ରଭ କରିବାକୁ ହେଲେ ଏକାଠି ହେବାକୁ ଏମାନେ ଏକପ୍ରକାର ବାଧ୍ୟ। ୨୦୧୯ ପୂର୍ବରୁ ରାଜନୀତିର ବାଧ୍ୟବାଧକତା ବିରୋଧୀଙ୍କୁ ଏକାଠି କରିବାରେ ଲାଗିଛି। ଏହି କ୍ରମରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସହ ମଧ୍ୟ ହାତ ମିଳାଇଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ।

ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଅଟଳ ଚନ୍ଦ୍ରାବାବୁ ମାର୍ଚ୍ଚ ୧୬ରେ ଏନ୍‌ଡିଏର ହାତ ଛାଡ଼ିଥିଲେ। ବିଧାନସଭାର ବିରୋଧୀ ଦଳ ନେତା ତଥା ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀଙ୍କୁ ଧରି ଭାଜପା ଆନ୍ଧ୍ରପ୍ରଦେଶ ଦଖଲ କରିବାର ସ୍ୱପ୍ନ ଦେଖୁଛି। ସେପଟେ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ବିଗୁଲ ବାଜି ସାରିଛି। ତେଲେଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ଶେଷ ମୁହୂର୍ତ୍ତରେ ବା ନିର୍ବାଚନ ପରେ ଭାଜପାର ସମର୍ଥନ ନେବା ଅସମ୍ଭବ ନୁହେଁ। ତେଣୁ ଚନ୍ଦ୍ରାବାବୁ ଆନ୍ଧ୍ର ଓ ତେଲେଙ୍ଗାନାରେ ନିଜ ହାତମୁଠାକୁ ଟାଣ କରିବା ଲାଗି ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ସାକ୍ଷାତ୍ ପରେ ଚନ୍ଦ୍ରାବାବୁ କହିଛନ୍ତି, ଦେଶକୁ ରକ୍ଷା କରିବା ପାଇଁ ଅତୀତକୁ ଭୁଲି ସେମାନେ ଏକାଠି ହୋଇଛନ୍ତି। ଏକାଠି ହେବା ସେମାନଙ୍କ ଗଣତାନ୍ତ୍ରିକ ବାଧ୍ୟବାଧକତା ବୋଲି ଚନ୍ଦ୍ରାବାବୁ ସ୍ୱୀକାର କରିଛନ୍ତି। ରାହୁଲ କହିଛନ୍ତି, ସମ୍ବିଧାନ, ଗଣତନ୍ତ୍ର ଓ ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏହି ସାକ୍ଷାତ୍ ଏକ କାର୍ଯ୍ୟସୂଚୀ। ଭାଜପାକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ କାମ କରିବେ।

ରାହୁଲଙ୍କ ସହ ସାକ୍ଷାତ୍ ପୂର୍ବରୁ ଚନ୍ଦ୍ରାବାବୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍ଦୁଲ୍ଲାଙ୍କୁ ଭେଟିଥିଲେ। ଏହି ସାକ୍ଷାତ୍‌କୁ ଜାତୀୟ ପୃଷ୍ଠଭୂମିରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କାରଣ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବିରୋଧୀ ଦଳଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରିବା ଦାୟିତ୍ୱ ଚନ୍ଦ୍ରାବାବୁଙ୍କୁ ଦିଆଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ ଫାରୁକ୍ କହିଥିଲେ, ଗଣତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଦେଶ ଏକ ବିରାଟ ସଙ୍କଟ ଦେଇ ଗତି କରୁଛି। ଦେଶବାସୀ ବିପଦରେ ଅଛନ୍ତି। ଦେଶ ଭବିଷ୍ୟତର ସୁରକ୍ଷା ପାଇଁ ଏକ ସାମଗ୍ରିକ ସାମ୍ମୁଖ୍ୟ ଗଠନ ଦିଗରେ ସେମାନେ ମିଳିମିଶି କାମ କରିବେ। ଏଥିଲାଗି ଏକ ସର୍ବନିମ୍ନ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ। ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପାକୁ ପ୍ରତିହତ କରିବା ଲାଗି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକୁ ଏକାଠି କରିବା ସକାଶେ ନେତାମାନଙ୍କ ସହ ଚନ୍ଦ୍ରାବାବୁ ଆଲୋଚନା କରିବେ। ଖବରଦାତା ସମ୍ମିଳନୀରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଏଥିରେ ସହମତି ପ୍ରକାଶ କରି ଅନୁରୂପ ମତପୋଷଣ କରିଥିଲେ। ସିବିଆଇ ଏବଂ ଆର୍‌ବିଆଇ ଭଳି ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି। ଏଭଳି ସମୟରେ ଅଣଭାଜପା ଦଳଗୁଡ଼ିକ ଏକାଠି ବସି ସମାଧାନର ପନ୍ଥା ବାହାର କରିବା ଉଚିତ ବୋଲି ପାୱାର କହିଥିଲେ।

ପ୍ରକାଶ ଯେ, ଅଣଭାଜପା ଦଳଗୁଡ଼ିକୁ ଏକାଠ କରିବା ପାଇଁ ସପ୍ତାହକ ମଧ୍ୟରେ ଏହା ହେଉଛି ଚନ୍ଦ୍ରାବାବୁଙ୍କ ଦ୍ୱିତୀୟ ନୂଆଦିଲ୍ଲୀ ଗସ୍ତ। ଗତ ୨୭ରେ ସେ ବିଏସ୍‌ପି ସୁପ୍ରିମୋ ମାୟାବତୀ, ପୂର୍ବତନ ଭାଜପା ନେତା ଯଶୱନ୍ତ ସିହ୍ନା, ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଏଲ୍‌ଜେଡି ମୁଖ୍ୟ ଶରଦ ଯାଦବ ଓ ଅନ୍ୟ କେତେଜଣ ସମଭାବାପନ୍ନ ନେତାଙ୍କୁ ଭେଟି ୨୦୧୯ ପାଇଁ ବିରୋଧୀ ମଞ୍ଚର କ୍ଷେତ୍ର ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

“ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ହେଉଥିବା ଲଗାତର ଆକ୍ରମଣକୁ ବନ୍ଦ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି କାମ କରିବେ । ବେକାରି ସମସ୍ୟା ଓ ରାଫାଲ୍ ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତି ଭାଜପା ବିରୋଧରେ ସବୁଠୁ ବଡ଼ ଅସ୍ତ୍ର ପାଲଟିବ ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



“ ୨୦୧୯ରେ ଭାଜପାକୁ ହରାଇବା ଲାଗି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏକ ସର୍ବନିମ୍ନ ସାଧାରଣ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ । ଏଥିପାଇଁ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଦାୟିତ୍ୱ ଦିଆଯାଇଛି ।

- ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ



“ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଚନ୍ଦ୍ରାବାବୁଙ୍କ ଉଦ୍ୟମ ସ୍ୱାଗତଯୋଗ୍ୟ । ଦେଶରେ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଶକ୍ତିଗୁଡ଼ିକୁ ଏକତ୍ରିତ କରିବା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

- ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ

## ଟଳିଲେ ୨ ଲଶ୍କର ଆତଙ୍କବାଦୀ

ଶ୍ରୀନଗର,୧।୧୧(ପି.ଟି.)

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଗୁରୁବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ଜଣେ ଯବାନ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ଖାନାସାହିବ ଅଞ୍ଚଳର ଜାଗୁରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାକର୍ମୀମାନେ ସେଠାରେ ଘେରାବନ୍ଦୀ କରି ତଲାସି ଚଳାଇଥିଲେ। ଅପରେଶନ ବେଳେ ସନ୍ଧାନକାରୀ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀମାନେ ପାଲଟା ଜବାବ ଦେବାରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ମୁଖ୍‌ତାର ଅହମଦ ଖାନ ଏବଂ ମହମ୍ମଦ ଅମିନ ମିର୍ ନାମକ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟେ ଥିଲେ କଶ୍ମୀର ନିବାସୀ। ଉପତ୍ୟକାରେ ଘଟିଥିବା ଅନେକ ଆକ୍ରମଣ ଘଟଣା ସହ ଦୁହେଁ ସମ୍ପୃକ୍ତ ଥିଲେ ବୋଲି ଜଣାପଡ଼ିଛି। ସେହିପରି ଆହତ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଅନ୍ୟପଟେ ବଡ଼ଗାମ୍‌ରେ ଏକ ଗଣମାଧ୍ୟମ ସଂସ୍ଥାର ଆଉଟ୍‌ଡୋର ବ୍ରଡକାଷ୍ଟିଂ (ଓବି) ଭ୍ୟାନ୍ ଉପରକୁ ଟେକାମାଡ଼ ହୋଇଛି। ଏନ୍‌କାଉଣ୍ଟରସ୍ଥଳକୁ ଖବର ସଂଗ୍ରହ ପାଇଁ ଯିବାବେଳେ ଏହି ଘଟଣା ଘଟିଛି।

## ■ ଅଯୋଧ୍ୟା ବିବାଦ

## ସ୍ୱତନ୍ତ୍ର ବିଲ୍ ଆଗତ କରିବେ ଭାଜପା ଏମ୍‌ପି ସିହ୍ନା

ନୂଆଦିଲ୍ଲୀ,୧।୧୧(ପି.ଟି.)

ଉତ୍ତରପ୍ରଦେଶର ଅଯୋଧ୍ୟାରେ ଥିବା ବିବାଦୀୟ ଜମିକୁ ନେଇ ଲାଗିରହିଥିବା ବିବାଦର ସମାଧାନ ହୋଇପାରୁନାହିଁ। ମାମଲାର ଶୁଣାଣି ତାରିଖ ଗଡ଼ାଇ ଚାଲିଛନ୍ତି ସୁପ୍ରିମକୋର୍ଟ। ଏତିକିବେଳେ ରାମ ମନ୍ଦିର ନିର୍ମାଣ ଦାବି ଜୋର ଧରିଛି। ଏନେଇ ସରକାର ଏକ ଅଧ୍ୟାଦେଶ ଆଣନ୍ତୁ ବୋଲି ଅନେକେ ଅଡ଼ିବସିଛନ୍ତି। ଏହି କ୍ରମରେ ସାମିଲ ହୋଇ ଗୁରୁବାର ଭାଜପା ଏମ୍‌ପି ରାକେଶ ସିହ୍ନା କହିଛନ୍ତି, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ସେ ଏକ ପ୍ରାଇଭେଟ ମେମ୍ବର ବିଲ୍ ଆଣିବେ। ଏଥିପାଇଁ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାମାନଙ୍କ ସମର୍ଥନ ଲୋଡ଼ିଛନ୍ତି।

ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ପ୍ରମୁଖ ଭାଜପା ଓ ଆର୍‌ଏସ୍‌ଏସ୍‌କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଏବେ ଏମାନେ ସେ ଆଣିବାକୁ ଥିବା ବିଲ୍‌କୁ ସମର୍ଥନ ଦେବେ କି ବୋଲି ରାଜ୍ୟ ସଭା ସଦସ୍ୟ ରାକେଶ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପାଖେଇ ଆସିଲେ ଭାଜପା ଭଗବାନ ଶ୍ରୀରାମଙ୍କୁ ମନେପକାଏ ବୋଲି କଂଗ୍ରେସ ନେତା ରାଜୀବ ଶୁକ୍ଳା କହିଛନ୍ତି।

### ରାମ ମନ୍ଦିର ନିର୍ମାଣକୁ ମୁଲାୟମ୍‌ଙ୍କ ବୋହୂ ଦେଲେ ସମର୍ଥନ



ତେବେ ରାମ ମନ୍ଦିର ନିର୍ମାଣକୁ ସମର୍ଥନ ଜଣାଇଛନ୍ତି ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସାନବୋହୂ ଅପର୍ଣ୍ଣା ଯାଦବ।

## ଫୁର୍‌ସତ

### [ଇତିହାସର ଆଇନାରେ]

### ନଭେମ୍ବର ୨ର ପ୍ରମୁଖ ଘଟଣା

#### ଏନ୍‌ଗୁଏନ୍ ଥିନ୍-ଥିଏନ୍‌ଙ୍କୁ ହତ୍ୟା

୧୯୬୩ ନଭେମ୍ବର ୨ରେ ଦକ୍ଷିଣ ଭିଏତ୍‌ନାମ ରାଷ୍ଟ୍ରପତି ଏନ୍‌ଗୁଏନ୍ ଥିନ୍-ଥିଏନ୍‌ଙ୍କୁ ସାମରିକ ବିଦ୍ରୋହ ଜରିଆରେ ହତ୍ୟା କରାଯାଇଥିଲା। ଦକ୍ଷିଣ ଭିଏତ୍‌ନାମର ସେ ଥିଲେ ପ୍ରଥମ ରାଷ୍ଟ୍ରପତି। ୧୯୫୫ରୁ ୧୯୬୩ ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ। ୧୯୫୪ରେ ଜେନେଭା ରାଜିନାମା ଅନୁସାରେ ଇଣ୍ଡୋଚାଇନା ଅଞ୍ଚଳରୁ ଫ୍ରାନ୍ସ ହଟିଯିବା ପରେ ଥିଏନ୍ ଭିଏତ୍‌ନାମ ରାଷ୍ଟ୍ର ଗଠନ ପାଇଁ ଉଦ୍ୟମ କରିଥିଲେ। ତେବେ ତାଙ୍କର କମ୍ୟୁନିଷ୍ଟ ବିରୋଧୀ ମନୋଭାବ ଯୋଗୁ ଆମେରିକା ଏ ଦିଗରେ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶେଷରେ ସେ ଏହି ସଫଳତା ହାସଲ କରିଥିଲେ। ରାଷ୍ଟ୍ରପତି ହେବା ପରେ ସେ ବୌଦ୍ଧ ଧର୍ମାବଲମ୍ବୀଙ୍କ ବିରୋଧରେ ଦମନମୂଳକ ନୀତି ଗ୍ରହଣ କରିବାରୁ ସେ ଆମେରିକା ସମର୍ଥନ ହରାଇଥିଲେ।

#### ପ୍ରଥମ କମ୍ପ୍ୟୁଟର୍ ୱାର୍ମର ଆବିର୍ଭାବ

୧୯୮୮ ନଭେମ୍ବର ୨ରେ ‘ମୋରିସ୍ ୱାର୍ମ’ ନାମରେ ଇଣ୍ଟରନେଟ୍‌ରେ ପ୍ରଥମ ୱାର୍ମ (ଏକ ପ୍ରକାରର ଭାଇରସ୍) ବିଶ୍ୱବାସୀଙ୍କ ସମ୍ମୁଖରେ ଆବିର୍ଭାବ ହୋଇଥିଲା। ଆମେରିକାର କର୍ନେଲ୍ ୟୁନିଭର୍ସିଟିର ସ୍ନାତକ ଛାତ୍ର ରବର୍ଟ ଟପ୍ପାନ୍ ମୋରିସ୍ ମାସାଚୁସେଟ୍ସ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ଏକ କମ୍ପ୍ୟୁଟର ସିଷ୍ଟମ୍‌ରୁ ଏହାକୁ ପ୍ରଥମେ ପ୍ରସାର କରିଥିଲେ। ରବର୍ଟ ମୋରିସ୍‌ଙ୍କ ଅନୁଯାୟୀ ଏହି ୱାର୍ମ କମ୍ପ୍ୟୁଟର କିମ୍ବା ବ୍ୟବହାରକାରୀଙ୍କ କିଛି କ୍ଷତି ଘଟାଇବ ନାହିଁ। କିନ୍ତୁ ଏହା ଇଣ୍ଟରନେଟ୍ ପ୍ରବାହର ଆକାର ଏବଂ ଗତିକୁ ପ୍ରଭାବିତ କରିବ। ବିଶ୍ୱରେ ଏହା ଚର୍ଚ୍ଚାର ଶିରୋନାମା ପାଲଟିଥିଲା।

## ହରିଦ୍ୱାରରେ ‘ଜ୍ଞାନକୁମ୍ଭ’ ସମ୍ମିଳନୀ


**ଡେରାଡୁନ୍:** ନଭେମ୍ବର ୩ରେ ହରିଦ୍ୱାରଠାରେ ଦୁଇଦିନିଆ ‘ଜ୍ଞାନକୁମ୍ଭ’ ସମ୍ମିଳନୀ ଅନୁଷ୍ଠିତ ହେବ। ଦେଶର ୧୮ଟି ରାଜ୍ୟର ଶିକ୍ଷାମନ୍ତ୍ରୀ ଏଥିରେ ଅଂଶଗ୍ରହଣ କରି ଉଚ୍ଚଶିକ୍ଷାର ମାନବୃଦ୍ଧି ସମ୍ପର୍କରେ ଆଲୋଚନା କରିବେ। ପତଞ୍ଜଳି ଯୋଗପୀଠରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଦ୍‌ଘାଟନ କରିବେ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ନୀତି ପ୍ରସ୍ତୁତକାରୀ, ବିଶ୍ୱବିଦ୍ୟାଳୟ କୁଳପତି, କଲେଜ ଅଧ୍ୟକ୍ଷ, ଗବେଷକ ଏବଂ କେତେକ ଛାତ୍ରଙ୍କୁ ନେଇ ପାଖାପାଖି ୧୮୦୦ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିବେ। ୫ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ସମ୍ମିଳନୀରେ ଉପସ୍ଥିତ ରହିବେ।

## ମିଶନ୍ ଗଙ୍ଗା: କଢ଼ାହେଲା ୫୫ଟନ୍ ଆବର୍ଜନା

**ଜାମସେଦପୁର:** ଗଙ୍ଗା ସଫେଇ ଅଭିଯାନରେ ମାସକ ମଧ୍ୟରେ ୫୫ଟନ୍ ଆବର୍ଜନା କଢ଼ାଯାଇପାରିଛି। ଏହି ଅଭିଯାନରେ ସାମିଲ ୪୦ଜଣିଆ ଟିମ୍‌ର ନେତୃତ୍ୱ ନେଇଥିବା ଏଭରେଷ୍ଟ ଆରୋହଣକାରୀ ବଚେନ୍ଦ୍ରୀ ପାଲ୍ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ହରିଦ୍ୱାରଠାରୁ ପାଟ୍‌ନା ମଧ୍ୟରେ ଦୀର୍ଘ ୧୫୦୦କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ଗଙ୍ଗା ପ୍ରଦୂଷିତ ହୋଇପଡ଼ିଛି। ଗତ ଅକ୍ଟୋବର ୫ରେ ହରିଦ୍ୱାରଠାରୁ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ପାଖାପାଖି ମାସେ ମଧ୍ୟରେ ୫୫ଟନ୍ ଅଳିଆ କଢ଼ାଯାଇପାରିଥିବା ସେ ପ୍ରକାଶ କରିଥିଲେ। ୧୯୮୪ରେ ଦେଶର ପ୍ରଥମ ମହିଳା ଭାବରେ



ବଚେନ୍ଦ୍ରୀ ପାଲ୍ ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟର ଶିଖର ଦେଶରେ ପହଞ୍ଚି ପାରିଥିଲେ। ଉକ୍ତ ଟିମ୍ ଗଙ୍ଗା ସଫେଇ ପାଇଁ ଅକ୍ଟୋବର ୧ରେ ଜାମସେଦପୁରଠାରୁ ଯାତ୍ରା ଆରମ୍ଭ କରିଥିଲା। କଢ଼ାଯାଉଥିବା ଅଳିଆ ଆବର୍ଜନାକୁ ୭ଟି ପୌରସଂସ୍ଥା ଯଥାସ୍ଥାନରେ ପକାଇବାର ବ୍ୟବସ୍ଥା କରିଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ସହିତ ସାମିଲ ହୋଇଥିଲେ ସ୍ଥାନୀୟ ଲୋକ ଏବଂ ଛାତ୍ରୀଛାତ୍ର। ନିର୍ମଳ ଗଙ୍ଗାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଟିମ୍‌ରେ ସାମିଲ ଥିଲେ ଏଭରେଷ୍ଟ ଆରୋହଣକାରୀ ପ୍ରେମଲତା ଅଗ୍ରୱାଲ୍, ହେମନ୍ତ ଗୁପ୍ତା, ବିନୀତା ସୋରେନ୍ ପ୍ରମୁଖ। ଉକ୍ତ ଟିମ୍ ବିଜ୍‌ନୋରଠାରୁ ଆରମ୍ଭ କରି ଫାରୁଖାବାଦ୍, କାନପୁର, ଆଲ୍ଲାହାବାଦ୍, ବାରାଣସୀ, ବକ୍ସାର ଏବଂ ପାଟ୍‌ନା ପର୍ଯ୍ୟନ୍ତ ଗଙ୍ଗା ସଫେଇ କରିଥିଲେ। ଏହି ଅଭିଯାନର ଆୟୋଜକ ଟାଟା ଷ୍ଟିଲ୍‌ର ୨୬ କର୍ମଚାରୀ ମଧ୍ୟ ସାମିଲ ଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଅନ୍ୟ କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
| --- | --- | --- |
| ବାଲେଶ୍ୱର | ୩୧.୧ | ୨୦.୨ |
| ଚାନ୍ଦବାଲି | ୨୯.୯ | ୨୨.୨ |
| କଟକ | ୩୧.୫ | ୨୦.୨ |
| ପାରାଦ୍ୱୀପ | ୩୧.୦ | ୨୨.୭ |
| ଭୁବନେଶ୍ୱର | ୩୨.୪ | ୨୧.୦ |
| ଗୋପାଳପୁର | ୩୩.୬ | ୨୨.୧ |
| ପୁରୀ | ୩୨.୦ | ୨୨.୬ |
| ଅନୁଗୋଳ | ୩୧.୧ | ୧୮.୬ |
| ବାରିପଦା | ୨୯.୬ | ୨୧.୨ |
| ଝାରସୁଗୁଡ଼ା | ୩୨.୪ | ୨୦.୯ |
| କେନ୍ଦୁଝର | ୨୮.୯ | ୧୮.୯ |
| ସମ୍ବଲପୁର | ୩୨.୬ | ୨୧.୪ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୧ | ୨୧.୯ |
| ତାଳଚେର | ୩୩.୫ | ୨୧.୫ |
| ଭବାନୀପାଟଣା | ୩୦.୦ | ୧୮.୦ |
| ବଲାଙ୍ଗୀର | ୩୨.୦ | ୨୧.୫ |
| କୋରାପୁଟ | ୩୦.୬ | ୧୫.୨ |
| ଫୁଲବାଣୀ | ୨୮.୫ | ୧୬.୬ |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୩.୬ | ୨୦.୪ |
| ଦାରିଙ୍ଗିବାଡ଼ି | ୨୭.୫ | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ‘ବାଟ୍‌ଲା ହାଉସ୍’ରେ ଅଭିନୟ ପାଇଁ ଉତ୍ସାହିତ




**ମୁମ୍ବାଇ:** ଆଗାମୀ ଫିଲ୍ମ ‘ବାଟ୍‌ଲା ହାଉସ୍’ରେ ଅଭିନୟ କରିବା ପାଇଁ ଅଭିନେତ୍ରୀ ନୋରା ଫତେହୀ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଶୁକ୍ରବାର ଟୁଇଟ୍ କରି ଜଣାଇଛନ୍ତି ଯେ, ସେ ନିର୍ମାଣ ହେବାକୁ ଯାଉଥିବା ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏଥିରେ ତାଙ୍କ ସହ-କଳାକାର ଭାବରେ ଅଭିନୟ କରୁଛନ୍ତି ଜନ୍ ଆବ୍ରାହାମ୍। ଏଥିରେ ଅଭିନୟର ସୁଯୋଗ ପାଇ ସେ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଏଥିସହ ନିଖିଲ ଆଡଭାନୀ, ଭୂଷଣ କୁମାରଙ୍କ ସହିତ ସେ ଏକାଠି ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ଏକ ବୀରତ୍ୱପୂର୍ଣ୍ଣ କାହାଣୀ ଉପରେ ପ୍ରସ୍ତୁତ ହେବାକୁ ଯାଉଥିବା ସେ ପ୍ରକାଶ କରିଛନ୍ତି। ନୋରା ଦ୍ୱିତୀୟଥର ପାଇଁ ଜନ୍‌ଙ୍କ ସହିତ ଅଭିନୟ କରିବାକୁ ଯାଉଛନ୍ତି। ‘ସତ୍ୟମେବ ଜୟତେ’ ଫିଲ୍ମର ‘ଦିଲ୍‌ବର ଦିଲ୍‌ବର’ ଗୀତରେ ଉଭୟଙ୍କୁ ସ୍କ୍ରିନ୍‌ରେ ଦେଖିବାକୁ ମିଳିଥିଲା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

### ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# କଟକରେ ୬୮ ବାର୍ ପ୍ରତିନିଧିଙ୍କ ମେଳି

- ହାଇକୋର୍ଟ ବାର୍ ଉପରେ ନିଷ୍ପତ୍ତି ଛାଡ଼ିଲେ
- ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

**କଟକ ଅଫିସ, ୧।୧୧**


ପୋଲିସ-ଆଇନଜୀବୀ ବିବାଦ ଥମିବାର ନାଁ ଧରୁନି। ଆଇନଜୀବୀମାନେ ନିଜ ଦାବିକୁ ନେଇ ଅଟଳ ରହିବା ସହ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଇତିମଧ୍ୟରେ ରାଜନୈତିକ ହସ୍ତକ୍ଷେପ ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ଏହାକୁ ନେଇ ଉପୁଜିଥିବା ପରିସ୍ଥିତିର ତୁରନ୍ତ ସମାଧାନ ପାଇଁ ସବୁ ମହଲରୁ ସ୍ୱର ଉଠିବାରେ ଲାଗିଛି। ଏପରି ସ୍ଥଳେ ଆନ୍ଦୋଳନର ଭବିଷ୍ୟତ ରୂପରେଖ ନେଇ ଗୁରୁବାର କଟକରେ ଏକାଠି ହୋଇଥିଲେ ରାଜ୍ୟର ୬୮ଟି ବାର୍‌ର ପ୍ରତିନିଧି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆସୋସିଏଶନ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପାଖାପାଖି ୫ ଘଣ୍ଟା ଧରି ଆନ୍ଦୋଳନ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ରାଜ୍ୟର ବିଭିନ୍ନ ବାର୍‌ରୁ ଆସିଥିବା ପ୍ରତିନିଧିମାନେ ସେମାନଙ୍କ ମତ ରଖିବା ସହ ହାଇକୋର୍ଟ ବାର୍ ଆସୋସିଏଶନ ଉପରେ ନିଷ୍ପତ୍ତି ଛାଡ଼ିଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନ ଆଗକୁ ଜାରି ରହିବ କି ନାହିଁ ସେ ନେଇ ଶୁକ୍ରବାର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବୈଠକରେ ନିଷ୍ପତ୍ତି ନିଆଯିବ। ଉକ୍ତ ନିଷ୍ପତ୍ତିକୁ ଅନ୍ୟ ବାର୍‌ଗୁଡ଼ିକ ଗ୍ରହଣ କରିବେ ବୋଲି ବୈଠକରୁ ଜଣାପଡ଼ିଛି। ତେବେ ଅଧିକାଂଶ ବାର୍‌ର ପ୍ରତିନିଧି ଅଭିଯୁକ୍ତ ପୋଲିସଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରଖିବାକୁ ମତ ଦେଇଥିଲେ।

ସୂଚନାଥାଉକି, ଅଗଷ୍ଟ ୨୮ରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ୩୦୭ ଦଫାରେ ଗିରଫ ପାଇଁ ଆଇନଜୀବୀମାନେ ଅଡି ବସିଥିଲେ। ମାତ୍ର ପୋଲିସ କୋହଳ ଦଫା ଲଗାଇଥିବା ଅଭିଯୋଗ କରି ଆଇନଜୀବୀମାନେ ଅଗଷ୍ଟ ୨୯ ରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଇତିମଧ୍ୟରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆନ୍ଦୋଳନରୁ ଓହରିଯିବା ପରେ ସୋମବାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇ ୭ରୁ ଊର୍ଦ୍ଧ୍ୱ ଆହତ ଥିଲେ।










## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୁକୀର୍ତ୍ତି
ପରିବାରବର୍ଗ


ତୁଷାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

For sale Renault Kwid RXT (O) 1Lt M/F- 2017, Renault Kwid RXT AMT (O) 1Lt M/F- 2016, Renault Kwid RXT AMT (O) 1 Lt M/F-2018, Renault Kwid RXT (O) 1 Lt. M/F-2017, Renault Duster RXZ 8s ps M/F- 2017, Renault Duster RXZ 110 ps M/F- 2013 excellent condition. Contact No.- 9777752210. D-9169

For sale Audi Q7 M/F-2013, Renault Koleos 4X4 super XUV M/F- 2014 excellent condition. Contact No.- 9040093809. D-9170




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokhariput, Bhubaneswar. Contact: 9861125539, 9040521173. D-63398

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

9000 sqft. plot (212 decml), 52ft frontage to Sunderpur main road and 100 mtrs from 200ft road, near to upcoming Wisdom International School, D.N. Homes, Orchid lifestyle and KIIMS Medical College, KIIT Engineering College square, Big Bazaar at a distance of 4 km for sale. Contact: 9338342502, 9437095996. D-65146

Book your dreamhome (duplex) at good location in Bhubaneswar 200' road side with affordable price. (Special Diwali Offer). Contact: 8338866678, 9337138784. D-65148

Puri N.H. ପାଖ High Societyରେ ଘର କିଣନ୍ତୁ ଏବଂ ପରିବାର ସହ ୨ବର୍ଷ ପର୍ଯ୍ୟନ୍ତ Puri ବୁଲିବାର ସୁଯୋଗ ନିଅନ୍ତୁ। ସମ୍ପୂର୍ଣ୍ଣ ମାଗଣା। 9438389359. D-9210

First boundary then registration with yellowzone plot at Trisulia. Rs. 750/- (per sqft.) Contact: 7873739444, 9938308889. D-9200

Gharabari plot, Samantarapur- 1,400/-, Jharapada- 1,600/-, Sunderpada- 1,200/-, Pipili Tollgate- 450/-, 150/-, immediate registration, possession. 8249447089. D-9175

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507, 9040089501. D-58001




Construct your building in finished house contact: 9937064680. D-27282




Samal Packer Movers provide household shifting in reasonable price. 9437035016. D-63864

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

New new openeing full body massage ledies, gents. 7438851534, 7609923705. D-38539

## ଜନ୍ମଦିନ ଶୁଭେଚ୍ଛା



(ସୁକୀର୍ତ୍ତି)

### ଅଭିଲାଷା ଖମାରୀ

ତୋର ଚଲାପଥ କୁସୁମିତ ହେଉ, ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ସତ୍ୟଜିତ୍, ଅଭିଜିତ୍, ଅଭୀଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା। ଧ-୬୨୪୫୬

## ଜନ୍ମଦିନ ଶୁଭେଚ୍ଛା



### ଦ୍ୱିତୀକୃଷ୍ଣ ମହାନ୍ତି

କଣିଆ, ବାଲିକୁଦା, ଜଗତ୍‌ସିଂହପୁର

ଆଜି ତୋର ଏହି ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀ ତୋର ଚଲାପଥ କୁସୁମିତ କରନ୍ତୁ ଓ ଦୀର୍ଘାୟୁ, ନୀରୋଗ ରଖନ୍ତୁ ଏତିକି ଆମ୍ଭର କାମନା। ଶୁଭେଚ୍ଛା ସହ: ବୋଉ, ଜେଜେ, ମା, ବଡବାବା, ବଡମାମା, ବାବା, ମାମା, ଦିଦି, ଭାଇ ଏବଂ ବନ୍ଧୁ ଓ ପରିବାରବର୍ଗ। ଧ-୯୧୯୧

## ସପ୍ତମ ଜନ୍ମଦିନ ଶୁଭେଚ୍ଛା



### ଓମ୍ ପ୍ରସାଦ ନାୟକ

ଖୋରଡ, ନିମାପଡା

ଆଜି ତୋର ସପ୍ତମ ଜନ୍ମବାର୍ଷିକ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବଡବାବା, ବଡମମି, ବାବା, ମମି, ପିଇସା, ପିଉଷୀ, ମାଉଷୀ, ମଉଷା, ସୋନୁ ଭାଇ, ସ୍ୱପ୍ନା ଦିଦି, ଲକି ଭାଇ ଓ ପରବାରବର୍ଗ। ଧ- ୬୩୭୩୬


ବାଣ ବିସ୍ଫୋରଣ ପରେ ଭାଙ୍ଗିରୁଜି ଯାଇଥିବା ଗୃହ ।

# ମନେ ପଡ଼ନ୍ତି

## ସପ୍ତମ ଶ୍ରାଦ୍ଧ ବାର୍ଷିକୀ



**ଡାକ୍ତର ପ୍ୟାରୀ ମୋହନ ସିଂହ**

ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧

ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ସାତ ବର୍ଷ ହୋଇଗଲା। ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ। ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ସପ୍ତମ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା।

ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା। ଧ-୫୯୯୧୯

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସଞ୍ଜୀବ କୁମାର ପଣ୍ଡା**
(ବାପି)
ଓଲଡ୍ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ତା. ୧୮।୦୮।୧୯୭୩
ତିରୋଧାନ: ତା. ୨୨।୧୦।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ହତଭାଗ୍ୟ ନନା, ବୋଉ, ସ୍ତ୍ରୀ, ପୁଅ (ସୂରଜ), ଭଉଣୀ, ଭିଣୋଇ, ଭାଇ, ଭାଇବୋହୂ, ସୋନୁ, ସୋମା, ଦିପୁନ୍, ରୋଶନୀ, ଗୁଡ୍ଡୁ, ଗୁଗୁଲ୍, ଆଶୀ (ଚାନ୍ଦ), ବନ୍ଧୁ ଓ ପରିବାରବର୍ଗ। ଧ-୬୪୩୬୨

## ୨୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ କୁଳମଣି ଆଚାର୍ଯ୍ୟ**
କାଦୁଆ, ଚକ୍ରୋଡ଼ା, କେନ୍ଦ୍ରାପଡ଼ା
ତିରୋଧାନ: ୧୪।୧୦।୧୯୯୭
(କାର୍ତ୍ତିକ କୃଷ୍ଣ ଦଶମୀ)

ଆପଣଙ୍କର ସ୍ମୃତି ଓ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ଧର୍ମପରାୟଣତା, ସରଳ ଅମାୟିକ ଜୀବନ, ତ୍ୟାଗ, ସ୍ନେହ ଆମର ପଥପ୍ରଦର୍ଶକ ହେଉ। ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ- ହରିପଦ, ବୋହୂ- ରତ୍ନମଣୀ, ଝିଅଜ୍ୱାଇଁ, ନାତିନାତୁଣୀ, ଅଣନାତି ଓ ଅଣନାତୁଣୀ, ବନ୍ଧୁଗଣ ଓ ପରିବାରବର୍ଗ ତଥା ଚକ୍ରୋଡ଼ା ଆଞ୍ଚଳିକ ମାଇନର ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀବୃନ୍ଦ। ଧ-୬୪୯୦୭

## ୮ମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମନମୋହନ ପଟ୍ଟନାୟକ**
ମହୁଲପାଳ,
କାମାକ୍ଷାନଗର, ଢେଙ୍କାନାଳ

ଆପଣଙ୍କ ଅମରାତ୍ମାର ସଦ୍‌ଗତି ହେଉ, ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୫୨

## ପ୍ରଥମ ପୃଷ୍ଠାରୁ...

### ପହଞ୍ଚିଲେ ତାରକା ...

ଦିଲୀପ ତିର୍କୀ ଓ ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋରଙ୍କ ଚର୍ଚ୍ଚା ଓ ପୂର୍ବାନୁମାନ ବେଶ୍ ଉପାଦେୟ ହେବ ବୋଲି ଆଶା କରାଯାଉଛି। ଅପରାହ୍ଣରେ 'ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ' ଆଲୋଚନାଚକ୍ର ବେଶ୍ ମନୋଜ୍ଞ ହେବ। ଏଥିରେ ଭାଗନେବେ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର ମେଡଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ। 'ଦି ଧୋନୀ ଟଚ୍' ପୁସ୍ତକ ଉପରେ ଆଲୋଚନା ଅବସରରେ ମହେନ୍ଦ୍ର ସିଂ ଧୋନୀଙ୍କ ସଫଳତାର ରହସ୍ୟ ଉପରେ ମତ ରଖିବେ ଏହାର ରଚୟିତା ଭାରତ ସୁନ୍ଦରେଶନ। ଏହାପରେ 'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକ ଉପରେ ଆଲୋକପାତ କରିବେ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା।

କାର୍ଯ୍ୟସୂଚୀ ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ଣରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଅବସରରେ 'ହକି ବାଇଟ୍ସ'ର ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ ହେବ। ଏହାପରେ 'କ୍ରୀଡ଼ା ରାଜଧାନୀ ପଥରେ ଭୁବନେଶ୍ୱର' ଶୀର୍ଷକରେ ଆଲୋଚନା ହେବ। ଏଥିରେ ଅଂଶଗ୍ରହଣ କରିବେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ନୀଲମ କପୁର, ଓଡ଼ିଶା ସରକାରଙ୍କ କ୍ରୀଡ଼ା ସଚିବ ବିଶାଲ ଦେବ। ଅପରାହ୍ଣ ୧୨ଟା ୧୫ରେ 'ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜେଫେରି ରବର୍ଟ ଥମ୍ପସନ। ଅପରାହ୍ଣ ୨ଟାରେ ନିଜ ପୁସ୍ତକ 'ସେକ୍ସପିୟର ଦି କୋଚ୍' ପୁସ୍ତକ ସମ୍ପର୍କରେ କହିବେ ଗତ ଅର୍ଦ୍ଧଶତାବ୍ଦୀର ସର୍ବଶ୍ରେଷ୍ଠ ହକି ଖେଳାଳି , କୋଚ୍ ଏବଂ ରାଜନେତା ରିକ୍ ଚାର୍ଲ୍ସୱର୍ଥ।

### ଘରୁ ଲୁଟ୍, ନାବାଳିକାଙ୍କୁ ...

ଘରର ସମସ୍ତ ଜିନିଷପତ୍ର ଫୋପାଡାଫିଙ୍ଗା କରିଥିଲେ। ଏହି ସମୟରେ ଶବ୍ଦ ଶୁଣି ନାବାଳିକା ଜଣଙ୍କ ନିଦରୁ ଉଠି ବସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଟେକିନେଇ ବାରିପଟ ରାସ୍ତା ଦେଇ ଘରଠାରୁ ପ୍ରାୟ ୩୦୦ ମିଟର ଦୂର ଏକ ଗଛ ମୂଳେ ଗଣବଳାତ୍କାର କରିଥିଲେ। କିଛି ସମୟ ପରେ ନାବାଳିକାଙ୍କ ବାପା ଉଠି ବାରି କବାଟ ଖୋଲାଥିବା ଓ ଜିନିଷପତ୍ର ଏଣେତେଣେ ପଡିଥିବା ଦେଖିଥିଲେ। ବାରିପଟକୁ ଯିବାବେଳେ ସେ ଝିଅର ଚିତ୍କାର ଶୁଣିଥିଲେ। ଘଟଣାସ୍ଥଳରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପରେ ପୀଡିତାଙ୍କ ବାପା ବାଲିଛାଇ ଫାଣ୍ଡିରେ ଏତଲା ଦେଇଥିଲେ। ଗୁରୁବାର ଘଟଣାସ୍ଥଳରେ ଗଞ୍ଜାମ ଏସ୍‌ପି ରଏ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସାହୁ, କବିସୂର୍ଯ୍ୟନଗର ଥାନାଧିକାରୀ ତପନ କୁମାର ପତି, କୋଦଳା, ପୋଲସରା, ଆସିକା ପ୍ରମୁଖ ଥାନାଧିକାରୀ, ବାଲିଛାଇ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ବେହେରା ପ୍ରମୁଖ ପହଞ୍ଚି ଅନୁଧାନ କରିଥିଲେ। ଏଥିସହ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା। ଏସଡିପିଓ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଏସ୍‌ପି ରଏ ସୂଚନା ଦେଇଛନ୍ତି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ନାବାଳିକାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୀଡିତା ନାବାଳିକା ଏବେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି।

### ଦମ୍ପତିଙ୍କ ଜୀବନ ଗଲା...

ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜ୍ଞାନେନ୍ଦ୍ରଙ୍କ ଦୁଇ ଝିଅଙ୍କ ମଧ୍ୟରୁ ଜଣେ ମାମୁ ଘରକୁ ଯାଇଥିବାବେଳେ ଅନ୍ୟଜଣେ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥିଲେ। ଖବରପାଇ ବାଲିପାଟଣା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଖଣ୍ଡ ବିଖଣ୍ଡିତ ଅଙ୍ଗ ନେଇ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଇଛି। ମିଶ୍ରସାହିରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହି ବିସ୍ଫୋରଣରେ ଜିତେନ୍ଦ୍ର ମିଶ୍ରଙ୍କ ୩ ବଖରା ଭାଙ୍ଗିଯାଇଥିବା ବେଳେ ଦୁଇଟି ବାଇକ୍ ନଷ୍ଟ ହୋଇଛି। ସେହିପରି ଭରତ କୁମାର ମିଶ୍ରଙ୍କ ୫ବଖରା ଆଜବେଷ୍ଟସ ଉଡିଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଉପଜିଲାପାଳ ଶୁଭେନ୍ଦୁ କୁମାର ସାହୁ ଓ ବାଲିପାଟଣା ତହସିଲଦାର ପ୍ରାଚୀ ମହାପାତ୍ର କୁହନ୍ତି, ମୃତକ ଦମ୍ପତି ସରକାରୀ ସ୍ୱୀକୃତି ନ ନେଇ ବାଣ କାରବାର କରୁଥିଲେ। ଏ ନେଇ ଆମ ପାଖରେ କୌଣସି ଖବର ନ ଥିଲା। ଭୁବନେଶ୍ୱର ଓଡ୍ରାଫ୍ ଟିମ୍ ଶୁକ୍ରବାର ଭଗ୍ନାବଶେଷକୁ ଛାନଭିନ୍ କଲେ ଅଧିକ ତଥ୍ୟ ମିଳିବ ବୋଲି ବାଲିପାଟଣା ଆଇଆଇସି ଆକାଶ ରଣା କହିଛନ୍ତି। ଏନେଇ ବାଲିପାଟଣା ପୋଲିସ ଏକ ମାମଲା(ନଂ. ୨୦୧/୧୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ୧୯୯୯ ମସିହାରେ ବାଣ ବିସ୍ଫୋରଣରେ ଜ୍ଞାନେନ୍ଦ୍ରଙ୍କ ବଡ ଭାଇ ଚଇତା ମିଶ୍ରଙ୍କ ମୃତ୍ୟୁ ହୋଇଥିଲା।

### ୯ ଜିଲା ମରୁଡ଼ି ...

ଗତ ବର୍ଷ ତୁଳନାରେ ୧ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ୯ଟି ଜିଲାରେ ଯେଉଁ ମରୁଡ଼ି ପରିସ୍ଥିତି ଦେଖାଦେଇଛି, ସେଥିପାଇଁ ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ କି ନାହିଁ ସେ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି।

### ବୀର ସୁରେନ୍ଦ୍ର ସାଏଙ୍କ ନାମରେ ...

ଜଣେ ଓଡିଆ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଏହା ହୋଇଥିବାରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ୍। ସୁରେଶଙ୍କ ଦ୍ୱାରା କରାଯାଇଥିବା ଟୁଇଟ୍‌କୁ ମୁଖ୍ୟମନ୍ତ୍ରୀ ରି-ଟୁଇଟ୍ କରି କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଟୁଇଟ୍ ମାଧ୍ୟମରେ ନବୀନ ପଟ୍ଟନାୟକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଧନ୍ୟବାଦ ଜଣାଉଛି। ଝାରସୁଗୁଡା ବିମାନ ବନ୍ଦରକୁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଇଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଟୁଇଟ୍ କରି କହିଛନ୍ତି ଯେ, ଝାରସୁଗୁଡା ବିମାନବନ୍ଦରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଟିର ସନ୍ତାନ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିଥିବାରୁ ଧନ୍ୟବାଦ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଟୁଇଟ୍ ମାଧ୍ୟମରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହା ଏକ ଗୌରବର ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ୍ ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିଥିବାରୁ ଧନ୍ୟବାଦ। ଏହି ବିମାନବନ୍ଦର ପଶ୍ଚିମ ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତି ଏହା ଏକ ଉତ୍ତମ ଶ୍ରଦ୍ଧାଞ୍ଜଳି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେପ୍ଟେମ୍ବରରେ ହୋଇଥିବା ଏହାର ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରଭାସ ସିଂ ଏବଂ ଝାରସୁଗୁଡା ବିଧାୟକ ନବ ଦାସ, ଯୋଗଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ମିତ୍ର ଗୃହରେ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ ସଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ୍ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ପୂର୍ଣ୍ଣ ଫଳପ୍ରଦ ରହିବ। ମୁଖଭାବ ପ୍ରତି ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ କଥାରେ, ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ।

**ବୃଷ** ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟବନ୍ଧୁଟି ଧୀରେ ଧୀରେ ଆପଣଙ୍କ ନିକଟରୁ ଦୂରେଇଯାଉଥିବାର ଅନୁଭବ କରିବେ। ଅର୍ଥଜନିତ ଅଭାବକୁ ଦୂରେଇବାରେ ସହକର୍ମୀଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ,ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ।

**ମିଥୁନ** ବୁଧ କର୍ମାଧିପଙ୍କ ସହ ଦୁଃସ୍ଥାନସ୍ଥ ହେତୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ପାଇବେ। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା,ପଇସାକୁ କେନ୍ଦ୍ର କରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ପୁନର୍ବସୁ ନକ୍ଷତ୍ର ଆତ୍ମୀୟମାନଙ୍କ ସୁନଜରରେ ଆସିବେ।

**କର୍କଟ** ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭରେ ସୌଭାଗ୍ୟ ଅର୍ଜନ କରିବ। ଆନୁଷଙ୍ଗିକ ସୁଯୋଗ ପ୍ରାପ୍ତିପୂର୍ବକ ଅଫିସିଆଲି କାମଗୁଡ଼ିକ ସହଜ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ। କିନ୍ତୁ ପାରିବାରିକ କ୍ଷେତ୍ରରେ ରହିଥିବା ଟେନ୍‌ସନ୍ କେତେକାଂଶରେ କମିଯିବ।

**ସିଂହ** ଯେତେ ପାଇଲେ କ'ଣ ହେବ ? ଖର୍ଚ୍ଚର ବିଭିନ୍ନ ଦିଗକୁ ରୋକି ନ ପାରି ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସମୟ କଟାଇବେ। ବନ୍ଧୁଙ୍କ ବାଚନିକ ସାହାଯ୍ୟ ଉପରେ ଭରଷା କରିବା ମୁସ୍କିଲ୍ ହୋଇପାରେ। ଅବଶ୍ୟ ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା ଓ ସଭାସମିତିରେ ସଫଳତା ଅର୍ଜନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ରାଶିର ଦୁଇପାଖରେ ରବି ଓ ଚନ୍ଦ୍ର ରହିଥିବାରୁ ଯେମିତି ପାଇବେ ସେମିତି ଖର୍ଚ୍ଚକରିବାକୁ ବାଧ୍ୟହେବେ। ଏହିପରି ପ୍ରତ୍ୟେକ କ୍ଷେତ୍ରରେ କେବଳ ମନସ୍ତାପ କରିବା ବ୍ୟତୀତ ସନ୍ତୋଷ ପାଇବେ ନାହିଁ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ । ସଭାସମିତି, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ଗ୍ରହମାନଙ୍କ ଅନୁକୂଳ ସ୍ଥିତି ପ୍ରତ୍ୟେକ କାର୍ଯ୍ୟ ସକାଶେ ଶୁଭପ୍ରଦ ରହିବ। ଅର୍ଥନୈତିକ ଅଭିବୃଦ୍ଧି, ନୂତନ ସ୍ଥାନ ପରିଦର୍ଶନାଦିର ସୁଯୋଗ ପାଇବେ। କିନ୍ତୁ ବିଶାଖା ନକ୍ଷତ୍ର କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବାକୁ ବାଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ।

**ବିଛା** ପରିସ୍ଥିତିର ପରିବର୍ତ୍ତନକୁ ସହଜରେ ଗ୍ରହଣ କରିନେବା କଷ୍ଟକର ହେବ। କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ପରୋକ୍ଷରେ ଶତ୍ରୁତା କରୁଥିବାବ୍ୟକ୍ତିଙ୍କ ଅପପ୍ରଚାର ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ୍ୟ ହେବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପାରିବାରିକ ଜଞ୍ଜାଳ ସାମାନ୍ୟ ବୃଦ୍ଧିପାଇପାରେ, ଯାହା କିଚିନ୍ତା ବୃଦ୍ଧି କରିବ। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। କୌଣସି ଖବର ପାଇ ବିସ୍ମୟାଭିଭୂତ ହୋଇପାରନ୍ତି।

**ମକର** ପାପଗ୍ରହଯୁକ୍ତ ଚତୁର୍ଥାଧିପ ଚନ୍ଦ୍ରଙ୍କ ସହ ଷଡାଷ୍ଟକ ସ୍ଥିତି ହେତୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି । ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** ପ୍ରତ୍ୟେକ ସ୍ଥଗିତ କାମକୁ ପୂର୍ଣ୍ଣ କରିବାର ମନୋଭାବକୁ କାର୍ଯ୍ୟକାରୀ କରାଇବେ। ତଥାପି ଆଜିର ଚନ୍ଦ୍ର ପରିବାରରେ ଝଗଡା, ଯାତ୍ରାରେ ସମସ୍ୟା, ଧନହାନି ଓ ମନସ୍ତାପର କାରଣ ହୋଇପାରେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ର ଆଜି ପାଇଁ ମାନ୍ଦା ହେବ ନାହିଁ।

**ମୀନ** ଆପଣଙ୍କ କାର୍ଯ୍ୟଦକ୍ଷତା ସ୍ୱରୂପ ବ୍ୟକ୍ତିଗତ ଭାବରେ ଉନ୍ନତମାନର ଫଳ ପାଇବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରନ୍ତି। ପୂର୍ବ ବିବାଦର ସମାଧାନ ହେବା ସଙ୍ଗକୁ ଦୀର୍ଘଦିନରୁ ଲାଗି ରହିଥିବା ଟେନସନ୍ ମଧ୍ୟ କମିଯିବ। ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସଙ୍ଗୀତ, କଳା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି କାର୍ତ୍ତିକ କୃଷ୍ଣ ଦଶମୀ ଶୁକ୍ରବାର, ନଭେମ୍ବର ୨ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୦୮ମି. ମଧ୍ୟେ ଘ.୪।୨୫ମି. ଗତେ, ଘ.୬।୦୦ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୦୮ମି. ଗତେ ଘ.୮।୪୫ମି. ମଧ୍ୟେ, ଘ.୧୧।୫୧ମି. ଗତେ ଘ.୧।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୦୫ମି. ଗତେ ଘ.୧୧।୩୦ମି. ମଧ୍ୟେ ରାହୁକାଳ।




# ଆଜିଠୁ ଏମ୍ଏସ୍ଏମ୍ଇ ସହାୟତା ଓ ସମ୍ପର୍କ ଅଭିଯାନ

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁକ୍ରବାର 'ସୂକ୍ଷ୍ମ,ଲଘୁ,ମଧ୍ୟମ ଉଦ୍ୟୋଗ ସହାୟତା ଓ ସମ୍ପର୍କ ଅଭିଯାନ' ଆରମ୍ଭ ହେବ। ଓଡ଼ିଶାରେ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। କଟକ ଜିଲାସ୍ଥିତ ଶହୀଦ ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ପୁରୀ ଟାଉନ୍ ହଲରେ ହେବାକୁ ଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ, ପାରାଦୀପସ୍ଥିତ ଜୟଦେବ ସଦନରେ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନସୁଖ ଲାଲ ମଣ୍ଡଭିୟା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସାରା ଦେଶର ପ୍ରାୟ ୧୦୦ଟି ଜିଲାରେ ହେଉଥିବା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ।

ପ୍ରତି ଜିଲାରେ ଥିବା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ କେନ୍ଦ୍ର ଜରିଆରେ ଏହି ୧୦୦ ଦିନିଆ କାର୍ଯ୍ୟ ପରିଚାଳନା କରାଯିବ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଶୀଘ୍ର ତଥା ସହଜ ଋଣ ଯୋଗାଣ, କ୍ଷେତ୍ରର ପ୍ରସାର, ଆଇନର ଅନୁପାଳନକୁ ସହଜ କରିବା ଏବଂ ଉଦ୍ୟୋଗ ସହ ଜଡିତ କର୍ମଚାରୀଙ୍କ ସାମାଜିକ ସୁରକ୍ଷାକୁ ସୁଦୃଢ କରିବା ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଯୋଜନାରେ ୫୯ ମିନିଟ୍‌ରେ ବିନା ସମସ୍ୟାରେ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଏକକୋଟି ପର୍ଯ୍ୟନ୍ତ ଅନଲାଇନ ଋଣ ପ୍ରଦାନ ଲାଗି ବ୍ୟବସ୍ଥା କରାଯିବାର କାର୍ଯ୍ୟକ୍ରମ ରହିଛି।




## ■ ଡେବ୍ରିଗଡ଼ ବାଘ ମୃତ୍ୟୁ ଘଟଣା

# ତଦନ୍ତ କରିବ ଏନ୍‌ଟିସିଏ ଟିମ୍

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବାଘ ମୃତ୍ୟୁ ଘଟଣାର ତଦନ୍ତ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) କରିବ। ଏଥିପାଇଁ ଏନ୍‌ଟିସିଏ ପକ୍ଷରୁ ଗୁରୁବାର ଦୁଇଜଣିଆ ଟିମ୍ ଗଠନ କରାଯାଇଛି। ଜନୈକ ଅଧିକାରୀଙ୍କ କହିବାନୁଯାୟୀ ଉକ୍ତ କମିଟିରେ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଆଞ୍ଚଳିକ ଉପ-ନିର୍ଦ୍ଦେଶକ ଏବଂ ଏନ୍‌ଟିସିଏ ନାଗପୁର ଆଞ୍ଚଳିକ ଏଆଇଜି ସଦସ୍ୟ ରହିଛନ୍ତି। ଏନେଇ ଏନ୍‌ଟିସିଏ ସଦସ୍ୟ ଅନୁପ ନାୟକ କହିଛନ୍ତି ଯେ, ଗଠିତ ଟିମ୍ ଖୁବ୍‌ଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରି ୧୦ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ପ୍ରକାଶ ଯେ, ଗତ ରବିବାର ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ମୃତ ବାଘର ସନ୍ଧାନ ମିଳିଥିଲା। ପ୍ରାଥମିକ ଭାବେ ଏହା ରୟାଲ ବେଙ୍ଗଲ ଟାଇଗର ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ହୋଇଥିବା ଶବ ବ୍ୟବଚ୍ଛେଦରୁ ଏହା ଚିତାବାଘ ବୋଲି ଜଣାପଡିଲା। ସ୍ଥାନୀୟ ଜନସାଧାରଣଙ୍କ କହିବାନୁଯାୟୀ କାଠ ମାଫିଆମାନେ ଚିତାଟିକୁ ମାରି ତା'ର ଦାନ୍ତ, ନଖ ସଂଗ୍ରହ କରି ମାଟିରେ ପୋତି ଦେଇଛନ୍ତି।

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ପ୍ରା.ଲି., ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ୮୮୨୧୭.୭୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ଏକ କୋଠରି ବିଶିଷ୍ଟ ୫ ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗିତା ଯୋଜନାର ଅନ୍ତର୍ଭୁକ୍ତ ଅଟେ ଏବଂ ବହନଯୋଗ୍ୟ ଘରୋଇ ପ୍ରକଳ୍ପ ନିମନ୍ତେ କାର୍ଯ୍ୟକାରୀ କରାଯାଉଅଛି।

ଉପରୋକ୍ତ ଅନୁମତିପତ୍ରର ଏକକିତା ନକଲ ଚିଠି ନଂ. ୬୧୫୫/ଏସ୍.ଇ.ଆଇ.ଏ.ଏ. ତା୧୨ ଅକ୍ଟୋବର ୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ପ୍ରା.ଲି.

# ଲିଫ୍ଟ ଦେବା ବାହାନାରେ ମହିଳାଙ୍କୁ ବଳାତ୍କାର

## ■ଚେତାଶୂନ୍ୟ ଅବସ୍ଥାରେ ପଡ଼ି ରହିଲେ ରାତିସାରା

ଫୁଲବାଣୀ ଅଫିସ/ଶଙ୍କରାଖୋଲ, (ଡି.ଏନ.ଏ.)୧।୧୧

କନ୍ଧମାଳ ଜିଲା ଚକାପାଦ ଅଞ୍ଚଳରେ ଜନୈକା ମହିଳାଙ୍କୁ ଲିଫ୍ଟ ଦେବା ବାହାନାରେ ଡାକି ନେଇ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏ ନେଇ ଚକାପାଦ ଥାନାରେ (ନଂ. ୩୩/୧୮)ରେ ମାମଲା ରୁଜୁ ହୋଇଛି । ସୂଚନା ମୁତାବକ, ବୁଧବାର ଅପରାହ୍ଣ ପ୍ରାୟ ୨ଟା ବେଳେ ସମ୍ପୃକ୍ତ ମହିଳା ଜଣକ ବରଡାଖୋଲ ଛକ ନିକଟରେ ଫୁଲବାଣୀ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ୪ ଜଣ ଯୁବକ ୨ଟି ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ମହିଳାଙ୍କ ସହ ତାଙ୍କର ପରିଚୟ ଥିବାରୁ ତାଙ୍କୁ ଫୁଲବାଣୀରେ ଛାଡି ଦେବୁ ବୋଲି କହି ବାଇକ୍‌ରେ ନେଇଥିଲେ। ଟିକାବାଲିରେ ପହଞ୍ଚିବା ପରେ ସେମାନେ ସେଠାରେ ଅଟକି ମହିଳାଙ୍କୁ ଅପେକ୍ଷା କରିବା ପାଇଁ କହି ମଦ୍ୟପାନ କରିଥିଲେ। ରାତି ପ୍ରାୟ ୮ଟା ବେଳକୁ ସେମାନେ ରାତି ବହୁତ ହେଲାଣି ଆଉ ଫୁଲବାଣୀ ନ ଯାଇ ଘରକୁ ଫେରିଯିବା କହି ମହିଳାଙ୍କୁ ସାଙ୍ଗରେ ନେଇ ପୁଣି ଚକାପାଦ ଆଡକୁ ଯାଇଥିଲେ । ବାଟରେ ଥିବା ଏକ ପରିତ୍ୟକ୍ତ ଘର ଭିତରକୁ ମହିଳା ଜଣଙ୍କୁ ନେଇଯାଇ ତାଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହା ପରେ ଯୁବକମାନେ ମହିଳାଙ୍କ ମୁହଁ ଓ ହାତ ବାନ୍ଧି ଦେଇ ଏକ ଅଟୋ ଯୋଗେ ନେଇ ବାଟରେ ଫୋପାଡି ଦେଇଥିଲେ। ମହିଳା ସେହି ସ୍ଥାନରେ ଅନେକ ସମୟ ଚେତାଶୂନ୍ୟ ହୋଇ ପଡି ରହିଥିଲେ । ଚେତା ଆସିବା ପରେ ସେ ପାଖରେ ଥିବା ଏକ ଘର କବାଟ ବାଡେଇଥିଲେ । କିନ୍ତୁ କେହି କବାଟ ଖୋଲି ନ ଥିଲେ । ସକାଳେ କବାଟ ଖୋଲିବା ପରେ ମହିଳା ଜଣକ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଘରଲୋକେ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ତାଙ୍କୁ ନେଇ ବ୍ରାହ୍ମଣପାଦ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ପୋଲିସକୁ ଖବର ଦେବାରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଚକାପାଦରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ୨ଜଣଙ୍କୁ ଅଟକ ରଖି ପଚାରାଉଚୁରା କରାଯାଉଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି ।







CLASSIFIED DISPLAY













MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧାବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ



# ବେପାର ମାନ୍ଦା

ଦୀପାବଳି ଆଉ ସପ୍ତାହକରୁ କମ୍ ସମୟ ରହିଲା। ତଥାପି ଲୋକଙ୍କ ମଧ୍ୟରେ ସେମିତି କିଛି ଉତ୍ସାହ ଦେଖିବାକୁ ମିଳୁନି। ନିକଟରେ ରାଜ୍ୟର ଅନେକ ଉପକୂଳବର୍ତ୍ତୀ ଜିଲା ଦେଇ ତିତ୍‌ଲି ଝଡ଼ ବୋହିଯାଇଛି। ବେଶି ପ୍ରଭାବିତ ଅଞ୍ଚଳର ଲୋକମାନେ ଏଯାଏ ଅଣ୍ଟା ସଳଖି ଠିଆ ହୋଇପାରିନାହାନ୍ତି। ବାତ୍ୟା-ପ୍ରଭାବିତ ଲୋକମାନଙ୍କ ପାଇଁ ରାଜ୍ୟ ସରକାର ଏବେ ଏକ ପ୍ୟାକେଜ୍ ଘୋଷଣା କରିଛନ୍ତି। ବାତ୍ୟା ଅନେକ ଅଞ୍ଚଳରେ ଫସଲ ଉଜାଡ଼ିଦେବା ସହ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରିଛି। ଧାନ ଅମଳ ଦୃଷ୍ଟିରୁ ବୃହତ୍ ଜିଲା ଗଞ୍ଜାମ ତିତ୍‌ଲି ଦ୍ୱାରା ସବୁଠାରୁ ବେଶି ପ୍ରଭାବିତ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ଅନ୍ୟତମ। ଆଉ ଏକ ବଡ଼ ଧରଣର ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା, ଯେଉଁ ଭୟ ଏବେ ଦୂର ହୋଇଯାଇଛି। ତଥାପି ପ୍ରାକ୍-ଦୀପାବଳି ପରିବେଶ ନିରୁତ୍ସାହଜନକ ରହିଛି। ଏହି ପୃଷ୍ଠଭୂମିରେ ଟିଭି, ଫ୍ରିଜ୍ ପ୍ରଭୃତି ବିଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଓ ମୋବାଇଲ ଫୋନ୍ ପ୍ରଭୃତି ବିକ୍ରି କରୁଥିବା ଦୋକାନୀ ଓ ଡିଲରମାନଙ୍କ ପାଇଁ ଚଳିତବର୍ଷର ଦୀପାବଳି ସବୁଠାରୁ ନୈରାଶ୍ୟଜନକ ହେବାକୁ ଯାଉଛି। ତେଣୁ ଗ୍ରାହକମାନଙ୍କୁ, ବିଶେଷତଃ ଯୁବଗୋଷ୍ଠୀର କ୍ରେତାମାନଙ୍କୁ ଆକୃଷ୍ଟ କରିବା ପାଇଁ ଆମାଜନ ଓ ଫ୍ଲିପ୍‌କାର୍ଟ ପରି ଅନ୍‌ଲାଇନ୍ ରିଟେଲର ବ୍ୟାପକ ରିହାତି ଓ ନଗଦ ଟଙ୍କା ଫେରସ୍ତ ଅଫର ପ୍ରଦାନ କରୁଛନ୍ତି।

କେତେକ ରିପୋର୍ଟଅନୁସାରେ, ଦୁର୍ଗାପୂଜା ସମୟରୁ ଆରମ୍ଭ ହୋଇଥିବା ପାର୍ବଣ ଋତୁରେ ଏ ଯାବତ୍ ଯେତିକି ବେପାର ହେବା କଥା, ତା'ର ଅଧା ବି ହୋଇନାହିଁ। ବିଭିନ୍ନ ଖୁଚୁରା ବିକ୍ରେତାଙ୍କର ଓ ବିଭିନ୍ନ ବ୍ରାଣ୍ଡ୍‌ର ସାରା ବର୍ଷରେ ଯେତିକି କାରବାର ହୁଏ, ତା'ର ୩୫ରୁ ୪୫ ପ୍ରତିଶତ କେବଳ ଏଇ ଗୋଟିଏ ମାସରେ ହୋଇଥାଏ। କିନ୍ତୁ ଏବର୍ଷ ପାର୍ବଣ ଋତୁରେ ଦୋକାନଗୁଡ଼ିକରେ ଗ୍ରାହକଙ୍କ ପାଦ ପଡ଼ିବା କମିଯାଇଛି। ପ୍ରାୟ ସବୁ ଇଲେକ୍ଟ୍ରୋନିକ୍ ଦୋକାନ ଦୀପାବଳି ପୂର୍ବରୁ ଚିରାଚରିତ ଢଙ୍ଗରେ ରିହାତି ଘୋଷଣା କରିଥିଲେ ବି ତାହା ଅନ୍‌ଲାଇନ୍ ରିଟେଲରଙ୍କ ତୁଳନାରେ ଗ୍ରାହକଙ୍କୁ ସେତେ ଆକୃଷ୍ଟ କରିପାରି ନାହିଁ। ଆମାଜନ୍ ଓ ଫ୍ଲିପ୍‌କାର୍ଟ ବ୍ୟାପକ ବିଜ୍ଞାପନ ଦେବା ସହ ବିଶେଷ ମଡେଲଗୁଡ଼ିକ ଉପରେ ମୋଟା ଆକାରର ରିହାତି ଦେଉଥିବାରୁ ଅନ୍‌ଲାଇନ୍‌ରେ କିଣିଲେ ସବୁଠୁ ଶସ୍ତା ପଡ଼ିବ ବୋଲି ଗ୍ରାହକମାନଙ୍କର ଧାରଣା ସୃଷ୍ଟି ହୋଇଛି। ତା' ସତ୍ତ୍ୱେ ସାଧାରଣ ଋତୁରେ ବିକ୍ରି ସୀମିତ ରହିବା ପରି ପାର୍ବଣ ଋତୁରେ ବି ଅନ୍‌ଲାଇନ୍ ବେପାର ସେତେ ଉତ୍ସାହଜନକ ହେବାର ଦେଖାଯାଉ ନାହିଁ।

## ଆଜିର ଅର୍ଥନୀତି

ଦେଶରେ ସାମଗ୍ରିକ ବଜାର ଦର ପରିସ୍ଥିତି ଭଲ ନୁହେଁ। ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ମୂଲ୍ୟ ସବୁଠୁ ଅଧିକ ରହିଛି। ମୁଦ୍ରାସ୍ଫୀତି ବଢ଼ି ବଢ଼ି ଚାଲିଛି। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ଗତ ପ୍ରାୟ ସପ୍ତାହେ ଭିତରେ ଯଦିଚ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବିଶେଷ ବଢ଼ି ନାହିଁ, ତଥାପି ମୂଲ୍ୟ ଯେଉଁ ସ୍ତରରେ ରହିଛି, ତାହା ସାଧାରଣ ଲୋକଙ୍କ ପାଇଁ ଅସ୍ୱସ୍ତିକର। ଗତମାସରେ ଦେଖାଗଲା, ଡିଜେଲର ମୂଲ୍ୟ ପେଟ୍ରୋଲକୁ ବଳିଯାଇଛି। ଓଡ଼ିଶାରେ ଡିଜେଲର ମୂଲ୍ୟ ଦେଶ ଭିତରେ ସବୁଠାରୁ ଅଧିକ ହୋଇଯାଇଥିଲା। ଏହାକୁ ନେଇ ସବୁଠାରେ ନୈରାଶ୍ୟ ଭାବ ଦେଖାଦେଇଛି। ଅକ୍ଟୋବର ୧୧ରେ ସରକାର ୧୭ଟି ଜିନିଷ ଉପରେ ଆମଦାନୀ ଶୁଳ୍କ ବଢ଼ାଇଦେଲେ, ଯାହା ଫଳରେ ସେଗୁଡ଼ିକର ମୂଲ୍ୟ ବଢ଼ିଗଲା। ତେଣୁ ଟିଭି, ୱାଶିଂମେଶିନ୍, ଫ୍ରିଜ୍, ମୋବାଇଲ ଫୋନ୍ ପ୍ରଭୃତି ଯେଉଁସବୁ ଜିନିଷ ଦୀପାବଳି ସମୟରେ ବେଶି ବିକ୍ରି ହୁଏ, ସେସବୁ ଜିନିଷର ଦାମ୍ ସର୍ବନିମ୍ନ ୧୦ ପ୍ରତିଶତ ବଢ଼ିଗଲା। ବ୍ୟାଙ୍କ ଋଣ ମଧ୍ୟ ମହଙ୍ଗା ହୋଇଛି। ବ୍ୟାଙ୍କଗୁଡ଼ିକ ସୁଧହାର ବୃଦ୍ଧି କରିଥିବାରୁ ଇଏମ୍‌ଆଇ (ମାସିକ କିସ୍ତି) ପରିମାଣ ବୃଦ୍ଧି ପାଇଛି। ଫଳରେ ଲୋକମାନଙ୍କ ହାତରେ କମ୍ ଟଙ୍କା ରହୁଛି। ସୁନା ଦର କିଛି ପରିମାଣରେ ବୃଦ୍ଧି ପାଇଛି। ଏହି ହଳଦିଆ ଧାତୁର ମୂଲ୍ୟ ୧୦ ଗ୍ରାମ୍ ପିଛା ଏବେ ପ୍ରାୟ ୩୨,୦୦୦ ଟଙ୍କା ରହିଛି। ନିକଟଭବିଷ୍ୟତରେ ମୂଲ୍ୟ କମିବାର ଆଶା ନାହିଁ। ଯଦି ଏହି ସ୍ଥିତି ବଳବତ୍ତର ରହେ, ତା'ହେଲେ ଆଗକୁ ଧନ୍‌ତେରସ ଆସୁଥିବା ବେଳେ ଲୋକଙ୍କ ମନରେ ସୁନା କିଣିବାର ଇଚ୍ଛା କମିଯିବ।

ଦୀପାବଳିରେ ବାଣ ଫୁଟାଇବା ଉପରେ ସୁପ୍ରିମ୍‌କୋର୍ଟ କିଛି କଟକଣା ଜାରି କରିଛନ୍ତି। ସନ୍ଧ୍ୟାବେଳେ ମାତ୍ର ଦୁଇଘଣ୍ଟା ପାଇଁ ଲୋକେ ବାଣ ଫୁଟାଇପାରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ତେବେ ଗତ ଦୁଇଦିନ ଭିତରେ କୋର୍ଟ ବାଣଫୁଟା ସମୟକୁ କିଛିଟା କୋହଳ କରିଛନ୍ତି। ତାମିଲନାଡୁ ଓ ପଣ୍ଡିଚେରୀରେ ଲୋକେ ଦିନବେଳା ବାଣ ଫୁଟାଇପାରିବେ ବୋଲି କୋର୍ଟ ଅନୁମତି ଦେଇଥିବା ବେଳେ ଉକ୍ତ ସମୟସୀମା ସେଇ ଦୁଇଘଣ୍ଟା ହିଁ ରଖାଯାଇଛି। ମୋଟ ଉପରେ ଏବେ ଦୀପାବଳିର ମାହୋଲ ହିଁ ଦେଖିବାକୁ ମିଳୁନି, ଯାହା ସବୁବର୍ଷ ଦୀପାବଳି ଆସିବାର ଅବ୍ୟବହିତ ପୂର୍ବରୁ ଦେଖିବାକୁ ମିଳିଥାଏ।

### ଚିରନ୍ତନୀ

ଆମ୍ର ବନ ବିଛାଏ ଛାୟା
ତାହାରି ତଳେ ଆସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 7 | E | | | 9 | | | | | 6 | 4 | 1 | |
| | | | | | B | A | 6 | | | | 7 | 8 | | |
| 2 | A | C | | | D | | | E | | 5 | | | 3 | |
| | 1 | B | | | | | 5 | | | D | | A | 6 | |
| | 6 | | | | C | | | | 9 | | 4 | | | |
| | D | | 9 | | | 2 | 7 | | | 1 | A | | | |
| | | 5 | | 0 | E | | 4 | 3 | 8 | | | D | | |
| | | | | | | D | 9 | | E | | 5 | | 2 | |
| | 4 | | | 3 | | E | | C | 6 | 7 | | | 8 | |
| | | 8 | | 7 | A | | | | | 2 | | 6 | | |
| B | | | | | | | 8 | | | | | C | 9 | |
| 4 | | E | | 1 | | | | | | 6 | | | | |
| 5 | | | | | 2 | 0 | | | | B | | 1 | | |
| | | | 3 | B | | | | | | | E | | | |
| | | | 8 | | 0 | | 1 | | 2 | | D | | A | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 3 | 5 | C | B | 7 | D | 1 | 9 | E | 2 | 6 | 8 | 4 |
| E | 5 | 6 | 4 | 2 | 8 | 9 | A | B | 3 | 1 | 7 | 0 | C | D |
| D | 7 | 8 | 1 | E | 0 | 4 | 3 | 2 | 6 | B | C | 9 | 5 | A |
| 1 | C | 2 | A | D | 9 | 6 | 5 | E | 0 | 8 | 4 | 7 | B | 3 |
| 4 | B | 9 | 7 | 3 | 6 | 8 | C | 0 | D | A | 5 | 2 | 1 | E |
| 3 | 8 | 1 | 6 | 4 | 5 | B | 2 | A | C | 9 | D | E | 0 | 7 |
| 7 | 0 | D | E | 9 | 2 | 5 | 1 | 8 | B | 4 | 6 | A | 3 | C |
| 6 | E | B | 8 | 0 | C | D | 4 | 9 | A | 7 | 3 | 5 | 2 | 1 |
| A | 4 | C | B | 7 | 1 | 0 | E | 3 | 5 | 2 | 8 | D | 6 | 9 |
| 9 | 2 | 5 | D | A | 3 | C | 7 | 6 | E | 0 | 1 | 8 | 4 | B |
| 2 | 6 | A | C | 1 | E | 3 | 0 | D | 7 | 5 | B | 4 | 9 | 8 |
| 5 | D | E | 3 | 6 | 4 | 1 | 9 | 7 | 8 | C | 0 | B | A | 2 |
| 8 | 9 | 0 | 2 | B | 7 | A | 6 | 4 | 1 | 3 | E | C | D | 5 |
| B | 3 | 7 | 9 | 5 | D | 2 | 8 | C | 4 | 6 | A | 1 | E | 0 |
| C | 1 | 4 | 0 | 8 | A | E | B | 5 | 2 | D | 9 | 3 | 7 | 6 |

ଗତକାଲିର ଉତ୍ତର

# ବୈଷମ୍ୟ ହିଁ ବଡ଼ ଆହ୍ୱାନ



ଡ. ସନ୍ତୋଷ କୁମାର ମହାପାତ୍ର

ଭାରତ ବିଶ୍ୱରେ ଷଷ୍ଠ ବୃହତ୍ ଅର୍ଥନୀତି ତଥା ଏକ ଦ୍ରୁତ ଅଭିବୃଦ୍ଧିଭିତ୍ତିକ ରାଷ୍ଟ୍ର ବୋଲି ସରକାର ଗର୍ବ କରୁଛନ୍ତି। କିନ୍ତୁ ମାନବ ଉନ୍ନୟନ ଦୃଷ୍ଟିରୁ ଭାରତ ଅତ୍ୟନ୍ତ ପଛରେ ଥିଲାବେଳେ ଆର୍ଥିକ ବୈଷମ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଚିନ୍ତାର ବିଷୟ ହେଉଛି ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ପ୍ରକାଶିତ ୨୦୧୭ର ମାନବ ଉନ୍ନୟନ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ୧୮୯ଟି ଦେଶ ମଧ୍ୟରୁ ୧୩୦ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୨୯ଟି ଦେଶ ତଳେ। ଅବଶ୍ୟ ଗତବର୍ଷ ତୁଳନାରେ ଗୋଟିଏ ଅଙ୍କ ଉନ୍ନତି ଘଟିଥିଲେ ମଧ୍ୟ ୨୦୧୫ରେ ଏହା ଯେଉଁ ସ୍ଥିତିରେ ଥିଲା ୨୦୧୭ରେ ସେହି ସ୍ଥିତିରେ ରହିଛି। ୨୦୧୬ରେ ଭାରତ ୧୩୧ତମ ସ୍ଥାନରେ ଥିଲାବେଳେ ୨୦୧୫ରେ ୧୩୦ତମ ସ୍ଥାନରେ ଥିଲା।

ମାନବ ଉନ୍ନୟନ ସୂଚକାଙ୍କ ସାଧାରଣତଃ ମାନବ ଉନ୍ନୟନର ୩ଟି ଦିଗ ଉପରେ ପର୍ଯ୍ୟବସିତ। ତାହା ହେଲା ମୁଣ୍ଡପିଛା ଜାତୀୟ ଆୟ (ଜିଏନ୍‌ଆଇ) ଦ୍ୱାରା ପ୍ରତିଫଳିତ ଉନ୍ନତ ଜୀବନଯାପନ, ହାରାହାରି ଆୟୁ ଦ୍ୱାରା ପ୍ରତିଫଳିତ ସୁସ୍ଥ ଜୀବନ ଏବଂ ଜ୍ଞାନ ତଥା ଶିକ୍ଷାଗତ ଯୋଗ୍ୟତା। ଜ୍ଞାନ ତଥା ଶିକ୍ଷାଗତ ଯୋଗ୍ୟତା ସାଧାରଣତଃ ବୟସ୍କ ଲୋକମାନେ କେତେବର୍ଷ ହାରାହାରି ଅଧ୍ୟୟନ କରିଛନ୍ତି ଏବଂ ପିଲାମାନେ କେତେବର୍ଷ ଅଧ୍ୟୟନ କରିବାର ସମ୍ଭାବନା ଉପରେ ପର୍ଯ୍ୟବସିତ। ଏହି ସୂଚକାଙ୍କରେ ନରୱେ ପ୍ରଥମ ସ୍ଥାନରେ ଥିଲାବେଳେ ସୁଇଜରଲାଣ୍ଡ ୨ୟ, ଅଷ୍ଟ୍ରେଲିଆ ୩ୟ, ଆୟର୍ଲାଣ୍ଡ ୪ର୍ଥ ଏବଂ ଜର୍ମାନୀ ୫ମ ସ୍ଥାନରେ ରହିଛି। ଅପରପକ୍ଷରେ ନାଇଜର, ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ, ଦକ୍ଷିଣ ସୁଦାନ, ଚାଦ୍, ବୁରୁଣ୍ଡି ନିମ୍ନରେ ରହିଛନ୍ତି।

ଏକ ଦେଶର ବିକାଶ ମାପିବାରେ ଜିଡିପି ଅପେକ୍ଷା ମାନବ ଉନ୍ନୟନ ସୂଚକାଙ୍କ ଏକ ଉନ୍ନତ ମାନଦଣ୍ଡ। ଏହାକୁ ୧୯୯୦ରେ ପାକିସ୍ତାନୀ ଅର୍ଥନୀତିଜ୍ଞ ମହବୁବ ଅଲହକ ଏବଂ ଭାରତୀୟ ଅର୍ଥନୀତିଜ୍ଞ ତଥା ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ପ୍ରକାଶ କରିଥିଲେ। ଏହାଦ୍ୱାରା ଦେଶଗୁଡ଼ିକୁ ବିକାଶ ଦୃଷ୍ଟିରେ ୪ ଭାଗରେ ବିଭକ୍ତ କରାଯାଇଥାଏ। ୧୮୯ ଦେଶ ମଧ୍ୟରୁ ୫୯ଟି ଦେଶ ଅତି ଉଚ୍ଚ ମାନବିକ ଉନ୍ନୟନ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିଲା ବେଳେ ୫୩ଟି ରାଷ୍ଟ୍ର ଉଚ୍ଚ ମାନବିକ ଉନ୍ନୟନ ଶ୍ରେଣୀ, ୩୯ଟି ରାଷ୍ଟ୍ର ମଧ୍ୟମ ମାନବିକ ଉନ୍ନୟନ ଏବଂ ୩୮ଟି ରାଷ୍ଟ୍ର ନିମ୍ନ ମାନବିକ ଉନ୍ନୟନ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ଭାରତ ମଧ୍ୟମ ମାନବ ଉନ୍ନୟନ ଦେଶ ତାଲିକା ଭିତରେ ରହିଛି। ମାନବ ଉନ୍ନୟନ ରିପୋର୍ଟ ଅନୁସାରେ ଯେଉଁ ଲୋକମାନେ ଅଧିକ ଶିକ୍ଷିତ ଏବଂ ଆୟ ଅଧିକ ସେମାନେ ଅଧିକ ବର୍ଷ ବଞ୍ଚୁଛନ୍ତି। ବିଶ୍ୱସ୍ତରରେ ମାନବ ଉନ୍ନୟନ ୧୯୯୦ରୁ ୨୦୧୭ ମଧ୍ୟରେ ୨୨% ବୃଦ୍ଧି ପାଇଲା ବେଳେ ଅନୁନ୍ନତ ଦେଶ କ୍ଷେତ୍ରରେ ଏହା ୫୧%ବୃଦ୍ଧି ପାଇଛି। ଅନୁନ୍ନତ ଦେଶ କ୍ଷେତ୍ରରେ ଏହା ଅଧିକ ହାରରେ ବୃଦ୍ଧି ପାଇବାର କାରଣ ହେଲା ଏହା ନିମ୍ନ ଭିତ୍ତି ଉପରେ ପର୍ଯ୍ୟବସିତ। କିନ୍ତୁ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ପାର୍ଥକ୍ୟ ବହୁତ ରହିଛି। ୧୯୯୦ରୁ ୨୦୧୭ ମଧ୍ୟରେ ଭାରତରେ ଏହା ୫୦% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ହାରାହାରି ଆୟୁ ୧୧ବର୍ଷ ବୃଦ୍ଧି ପାଇଲା ବେଳେ ପିଲାମାନେ ବିଦ୍ୟାଳୟରେ ରହିବାର ସମ୍ଭାବନା ୪.୭ ବର୍ଷ ଏବଂ ମୁଣ୍ଡପିଛା ଆୟ ଗ୍ରସ୍ ନ୍ୟାଶନାଲ ଇନକମ୍ (ଜିଏନ୍‌ଆଇ) ୨୬୬% ବୃଦ୍ଧିପାଇଛି। ଭାଜପା ତରଫରୁ ଯେଉଁ ପ୍ରଚାର କରାଯାଉଛି ଯେ କଂଗ୍ରେସ ଅମଳରେ କିଛି ହୋଇନାହିଁ ତାହା ଏକ ମିଥ୍ୟା ପ୍ରଚାର ବୋଲି ଏଥିରୁ ଜଣାପଡୁଛି। କିନ୍ତୁ ଦେଶ ଦେଶ ମଧ୍ୟରେ ତଥା ଏକ ଦେଶ ଭିତରେ ବୈଷମ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏକ ନିମ୍ନ ମାନବ ଉନ୍ନୟଭିତ୍ତିକ ରାଷ୍ଟ୍ରରେ ଏକ ଶିଶୁ ହାରାହାରି ୬୦ ବର୍ଷ ବଞ୍ଚିବ ବୋଲି ଆଶା କରାଯାଉଥିଲା ବେଳେ ଉଚ୍ଚ ମାନବ ଉନ୍ନୟନଭିତ୍ତିକ ରାଷ୍ଟ୍ରରେ ୮୦ ବର୍ଷ ବଞ୍ଚିବାର ସମ୍ଭାବନା ରହିଛି। ସେହିପରି ଏକ ଶିଶୁ ଉଚ୍ଚ ମାନବ ଉନ୍ନୟନଭିତ୍ତିକ ରାଷ୍ଟ୍ର ତୁଳନାରେ ନିମ୍ନ ଉନ୍ନୟନଭିତ୍ତିକ ରାଷ୍ଟ୍ରରେ ୭ ବର୍ଷ କମ୍ ଅଧ୍ୟୟନ କରିବାର ସମ୍ଭାବନା ରହିଛି।

ସବୁଠାରୁ ବଡ଼ ଆହ୍ୱାନ ହେଉଛି ବୈଷମ୍ୟ ବୃଦ୍ଧି ଏବଂ ବୈଷମ୍ୟ ଯୋଗୁ ମାନବ ଉନ୍ନୟନ ସୂଚକାଙ୍କ ମୂଲ୍ୟ ହ୍ରାସ ପାଇବ। ଯେତେବେଳେ ବୈଷମ୍ୟକୁ ବିଚାରକୁ ନେଇ ମାନବ ଉନ୍ନୟନ ସୂଚକାଙ୍କ କଥା ବିଚାର କରାଯାଏ, ଏହା ସବୁ ଦେଶରେ ହ୍ରାସ ପାଉଛି। ନିମ୍ନ ତଥା ମଧ୍ୟମ ଉନ୍ନୟନ ଦେଶରେ ଏହି ମୂଲ୍ୟ ଯଥାକ୍ରମେ ୩୧% ଓ ୨୫% ହ୍ରାସ ପାଇଲା ବେଳେ ଉଚ୍ଚ ମାନବ ଉନ୍ନୟନଭିତ୍ତିକ ରାଷ୍ଟ୍ର କ୍ଷେତ୍ରରେ ଏହା ୧୧% ହ୍ରାସ ପାଉଛି। ୧୯୯୦ରୁ ୨୦୧୭ ମଧ୍ୟରେ ମାନବ ଉନ୍ନୟନ ସୂଚକାଙ୍କ ୦.୪୨୭ରୁ ୦.୬୪୦କୁ ଅର୍ଥାତ୍ ୫୦% ବୃଦ୍ଧି ପାଇଲେ ମଧ୍ୟ ବୈଷମ୍ୟ ଯୋଗୁ ଏହା ୨୬.୮% ଅର୍ଥାତ୍ ୦.୪୬୮କୁ ହ୍ରାସ ପାଇଛି। ଏହା ବିଶ୍ୱର ହାରାହାରି ହ୍ରାସ (୦.୨୦)ଠାରୁ କମ୍। ଭାରତରେ ଏହି ହ୍ରାସର ପ୍ରମୁଖ କାରଣ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ଆୟରେ ବୈଷମ୍ୟ। କେବଳ ଆୟ ବୈଷମ୍ୟ ସମସ୍ୟା ନୁହେଁ ଲିଙ୍ଗଜନିତ ବୈଷମ୍ୟର କୁପ୍ରଭାବ ବେଶି ମାନବ ଉନ୍ନୟନ ଉପରେ ପଡୁଛି। ମାନବ ସଭ୍ୟତାର ବିକାଶ ତଥା ବିଜ୍ଞାନର ଅଭୂତପୂର୍ବ ଉନ୍ନତି ସତ୍ତ୍ୱେ ବିଶ୍ୱରେ ଅନେକ ମହିଳା ଆବଶ୍ୟକ ଶିକ୍ଷାପ୍ରାପ୍ତି, ସୁସ୍ଥ ଜୀବନ, ଉନ୍ନତ ଜୀବନ ଯାପନ କରିବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ବିଶ୍ୱରେ ପୁରୁଷ ତୁଳନାରେ ମହିଳାମାନଙ୍କ ମାନବ ଉନ୍ନୟନ ସୂଚକାଙ୍କ ୬% କମ୍। ଏହି ପାର୍ଥକ୍ୟ ଏତେ ଗୁରୁତର ଯେ, ଶ୍ରମଶକ୍ତିରେ ଅଂଶଗ୍ରହଣ ଦୃଷ୍ଟିରୁ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମକକ୍ଷ ହେବା ପାଇଁ ଆହୁରି ୨୦୦ ବର୍ଷ ଲାଗିବ। ଶ୍ରମ ବଜାର କଥା ବିଚାର କଲେ ବେକାରି ହାର ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ୨୪% ଅଧିକ। ବିଶ୍ୱରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ବିନା ପାରିଶ୍ରମିକରେ ଅଧିକ କାର୍ଯ୍ୟ କରିଥାନ୍ତି। ମହିଳାମାନଙ୍କ ଉପରେ ହେଉଥିବା ହିଂସାର କୁପ୍ରଭାବ ସମାଜ ଉପରେ ବହୁତ ଅନୁଭୂତ ହେଉଥିଲା ବେଳେ କିଛି ଅଞ୍ଚଳରେ ବାଲ୍ୟବିବାହ, କମ୍ ବୟସରେ ମାତୃତ୍ୱଲାଭ କରିବାର କୁପ୍ରଭାବ ମହିଳା ତଥା ମାନବ ଉନ୍ନୟନ ଉପରେ ପଡୁଛି। ଦକ୍ଷିଣ ଏସିଆରେ ୨୦ରୁ ୨୪ ବର୍ଷ ମହିଳାମାନଙ୍କ ମଧ୍ୟରୁ ୨୯% ପ୍ରାୟ ୧୮ ବର୍ଷ ପୂର୍ବରୁ ବିବାହ କରୁଛନ୍ତି। ଏହି ସମସ୍ୟା ଭାରତରେ ବହୁ ଅଧିକ।

ଲିଙ୍ଗ ବୈଷମ୍ୟ ସୂଚକାଙ୍କରେ ୧୬୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୨୭। ଅର୍ଥାତ୍ ଲିଙ୍ଗଜନିତ ବୈଷମ୍ୟ ଦୂର କରିବାରେ ଭାରତ ୧୨୬ଟି ଦେଶ ତଳେ ରହିଛି। ଏହି ସୂଚକାଙ୍କ ସାଧାରଣତଃ ଗର୍ଭାବସ୍ଥାରେ ମହିଳାଙ୍କ ସ୍ୱାସ୍ଥ୍ୟ, ରାଜନୈତିକ ତଥା ଶିକ୍ଷାଗତ ସଶକ୍ତୀକରଣ, ଅର୍ଥନୈତିକ କାର୍ଯ୍ୟକଳାପରେ ମହିଳାଙ୍କ ଅଂଶଗ୍ରହଣ ଉପରେ ନିର୍ଭର କରିଥାଏ। ଭାରତରେ ମହିଳାମାନଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହେବାର କାରଣ ହେଉଛି ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ଏବଂ ଶ୍ରମ ବଜାରରେ ମହିଳାଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଖରାପ। ଶ୍ରମ ବଜାରରେ ଅଂଶଗ୍ରହଣ ଦୃଷ୍ଟିରୁ ବିଶ୍ୱରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୭୫% ହୋଇଥିଲା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ୪୯%। ଭାରତରେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ୭୮.୮% ହୋଇଥିଲା ବେଳେ ମହିଳାମାନଙ୍କ କ୍ଷେତ୍ରରେ ମାତ୍ର ୨୭.୨%। ଭାରତରେ ମହିଳା ସଶକ୍ତୀକରଣର ଅଭାବ ଏକ ପ୍ରମୁଖ ସମସ୍ୟା, ଯାହା ମାନବ ଉନ୍ନୟନ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଦକ୍ଷିଣ ଏସିଆରେ ସଂସଦରେ ମହିଳାମାନଙ୍କ ପ୍ରତିନିଧିତ୍ୱ ୧୭.୫%ରୁ ୧୮%, ଲାଟିନ୍ ଆମେରିକାରେ ୨୯% ହୋଇଥିଲା ବେଳେ ଭାରତରେ ଏହା ମାତ୍ର ୧୧.୬%।

ମାନବ ଉନ୍ନୟନ କ୍ଷେତ୍ରରେ ଆଉ ଏକ ବଡ଼ ପ୍ରତିବନ୍ଧକ ହେଉଛି ଜଳବାୟୁର ପରିବର୍ତ୍ତନ। ଭାରତର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଅବକ୍ଷୟମୁଖୀ ଜମି ଉପରେ ନିର୍ଭର କରୁଥିବା ବିଶ୍ୱର ସର୍ବାଧିକ ଲୋକ ଭାରତରେ ଅଛନ୍ତି। ଏସବୁ ସମସ୍ୟା ତଥା ଆୟ ଓ ଲିଙ୍ଗଗତ ବୈଷମ୍ୟ ହ୍ରାସ ପାଇଁ ଧ୍ୟାନ ନ ଦେଲେ ପରିସ୍ଥିତି ଭୟଙ୍କର ହେବ।

ମୋ:୯୪୩୭୨୦୮୭୬୨, skmohapatra67@gmailcom

# ସ୍ୱାଦିଷ୍ଟ ବିପଦ



ଡା. ଉମେଶ ଚନ୍ଦ୍ର ପାତ୍ର

ସମ୍ପ୍ରତି ଆମ୍ଭମାନଙ୍କର ଖାଦ୍ୟ ପଦାର୍ଥରେ ଯେତେ ପ୍ରକାର ଅପ୍ରାକୃତିକ, ରାସାୟନିକ ଜିନିଷ ଦିଆଯାଉଛି ଓ ତ୍ୱରିତ ଖାଦ୍ୟ ନାମରେ ଭଣ୍ଡାଯାଉଛି, ତାହା ସଭ୍ୟ ସମାଜର ବିଜ୍ଞ ଲୋକମାନେ ଜାଣୁଥିଲେ ବି ନୀରବ ରହୁଛନ୍ତି। ମା'ଙ୍କ ହାତତିଆରି ଶରୀରର ପୋଷକ ତତ୍ତ୍ୱ ଥିବା ବଗଡ଼ା ଢିଙ୍କିକୁଟା ଚାଉଳର ଭାତ ଆଉ ବା କାହିଁ? ଶରୀରକୁ ପୁଷ୍ଟି ଯୋଗାଉଥିବା ଖେଚୁଡ଼ି ବି କେହି କେଉଁଠି କାଁ ଭାଁ ଖାଉଛନ୍ତି। ଦିନଥିଲା ଢିଙ୍କିକୁଟା ଚୁଡ଼ା ପାଳଟିଥିଲା ଆମ ନିତିଦିନିଆ ଜୀବନର ଏକ ବଡ଼ ଖାଦ୍ୟ। ଘରକୁ କୁଣିଆମଇତ୍ର ଆସିଲେ ଚୁଡ଼ାଗୁଡ଼ ପରଷାଯାଉଥିଲା। ହାତତିଆରି ପଞ୍ଚବର୍ଣ୍ଣୀ ଛତୁଆ ଯାହାକି ମୁଗ, ଗହମ, ଚୁଡ଼ା, ବୁଟ ଓ ବାଦାମରୁ ପ୍ରସ୍ତୁତ, ତାହା ଆମ ଶରୀର ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା। ହେଲେ ଏ ସବୁ ଆଉ ଆମ୍ଭମାନଙ୍କର ଚଳୁନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସାହାରା ନିଆଯାଇ ଜୀବନକୁ ସହଜ ଓ ସୁଖମୟ କରିବା ପାଇଁ ବୈପ୍ଲବିକ ପରିବର୍ତ୍ତନ ତ ଆସିଛି, କିନ୍ତୁ ଏହା ଆମ ଶରୀରକୁ ସୁସ୍ଥ ରଖିବାରେ ବାଧକ ସାଜିଛି। ବର୍ତ୍ତମାନ ବଜାରରେ ଚିର ଯୌବନଦାୟୀ ବଟିକା ଖାଇବା ପାଇଁ ଉନ୍ମାଦନା ବଢ଼ିଛି। ତ୍ୱରିତ ଡଉଲଡାଉଲ ଚେହେରା ପାଇଁ ଖିଆଯାଉଥିବା ଷ୍ଟେରଏଡ୍ ଟାବ୍‌ଲେଟ ଶରୀରକୁ ଏପରି ଭୟାନକ ଭାବରେ ଆକ୍ରାନ୍ତ କରୁଛି ଯେ, ଭାବିବା ପୂର୍ବରୁ ତାହା ଏ ଦେହକୁ ଶେଷ କରିଦେଉଛି।

ବଜାରରେ କିଛି ଦିନ ତଳେ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ପ୍ରସ୍ତୁତ ମ୍ୟାଗି ନୁଡୁଲ୍‌ସରେ ଅଧିକ ମାତ୍ରାର ମନୋସୋଡ଼ିୟମ୍ ଗ୍ଲୁଟାମେଟ ଏବଂ ସୀସା ଥିବା ଜଣାପଡ଼ିବା ପରେ ଦେଶବ୍ୟାପୀ ଏହାର ନମୁନା ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ ଖାଦ୍ୟ ନିରାପତ୍ତା ନିୟାମକ ନିର୍ଦ୍ଦେଶ ଦେଇଥିଲେ। ମ୍ୟାଗିରେ ଏମ୍‌ଏସ୍‌ଜି ଓ ସୀସା ଅଂଶ ଅଧିକ ରହୁଥିବାରୁ ତାହା ମଣିଷ ଶରୀରରେ ବିଭିନ୍ନ ପ୍ରକାର କ୍ଷତି କରିଥାଏ। ବିଶେଷକରି ପିଲାମାନେ ଏହାକୁ ଅଧିକ ମାତ୍ରାରେ ବ୍ୟବହାର କରୁଥିବାରୁ ଏହା ଭବିଷ୍ୟତ ପିଢ଼ି ପାଇଁ ବିପଦ ସୃଷ୍ଟି କରିବ ବୋଲି କୁହାଗଲାଣି। ଭାରତରେ ଏଭଳି ଖାଦ୍ୟର ଗୁଣବତ୍ତା ନିୟମିତ ପରୀକ୍ଷା ହେଉ ନ ଥିବାରୁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ସୁସ୍ୱାଦୁ ଖାଦ୍ୟ ଯୋଗାଉଛନ୍ତି କହି ଏହାକୁ ବିକ୍ରି କରିଚାଲିଛନ୍ତି। ମ୍ୟାଗି କଥା ଦେଖିଲେ ଏହାର ଉତ୍ସ ହେଉଛି ସ୍ୱିଜରଲାଣ୍ଡ। ୧୮୬୩ ମସିହାରେ ଜୁଲିୟସ୍ ମ୍ୟାଗି ଖାଦ୍ୟରେ ନୂତନ ସ୍ୱାଦ ଦେବା ଲାଗି ଏକପ୍ରକାର ମସଲା ପ୍ରସ୍ତୁତ କରିଥିଲେ। ସେବେଠାରୁ ମ୍ୟାଗି ବ୍ରାଣ୍ଡ୍ ତା'ର ବିଜୟ ଅଭିଯାନ ଜାରି ରଖିଛି।

୧୯୪୭ରେ ନେସ୍‌ଲେ କମ୍ପାନୀ ଏହି ବ୍ରାଣ୍ଡ୍‌କୁ କିଣିନେଲା। ଏବେ ଏହି କମ୍ପାନୀ ବିଶ୍ୱବ୍ୟାପୀ ତା'ର ପସରା ମେଲାଇଛି। ଉତ୍ତରପ୍ରଦେଶରୁ ସଂଗୃହୀତ ମ୍ୟାଗି ନୁଡୁଲ୍‌ସରେ ସୀସା ପରିମାଣ ଅଧିକ ଥିବା ଅଭିଯୋଗ ହେବା ପରେ ଦେଶବ୍ୟାପୀ ଏହାର ଲାଇସେନ୍ସ ବାତିଲ ସହ ଏହାକୁ ପ୍ରତ୍ୟାହାର ଲାଗି ଦାବି ଉଠିଥିଲା। କେବଳ ଏହି ମ୍ୟାଗି ନୁଡୁଲ୍‌ସ ନୁହେଁ ସ୍କୁଲ ଯାଉଥିବା ଛୋଟ ପିଲା, କର୍ମଜୀବୀ ମହିଳା ହୁଅନ୍ତୁ ବା କଲେଜ ପଢୁଆ ଛାତ୍ରୀଛାତ୍ର ରୁଟି, ଚୁଡ଼ା ସନ୍ତୁଳା, ଛତୁଆ, ଖେଚୁଡି ଅପେକ୍ଷା ତଥାକଥିତ ଇନ୍‌ଷ୍ଟାଣ୍ଟ ଫୁଡ୍‌କୁ ଅଧିକ ପସନ୍ଦ କରୁଥିବାରୁ ଭାରତରେ ଉପଭୋକ୍ତା ବଜାର ସମଗ୍ର ପୃଥିବୀର ଏକ ବଡ଼ ବଜାର ହୋଇଛି। ଅନ୍ତର୍ଜାତୀୟ ଫୁଡ୍ ଚେନ୍ କମ୍ପାନୀମାନେ ଭାରତ ସାରା ସେମାନଙ୍କର ଶାଖା ମେଲାଇ ଚାଲିଛନ୍ତି। କେବଳ ସହର ନୁହେଁ ଗାଁଗଣ୍ଡାର ଛୋଟମୋଟ ଦୋକାନରେ ମାଳ ମାଳ ପାଞ୍ଚଟଙ୍କିଆ, ଦଶଟଙ୍କିଆ ଚିପ୍ସ ହେଉ ବା ଶୁଖିଲା ପାଉଁରୁଟି, ପୁଷ୍ଟିକର କୁହାଯାଉଥିବା ଛତୁଆ ପାଉଡ଼ର ହେଉ ବା ଏନର୍ଜି ଡ୍ରିଙ୍କ୍ ଲୋକମାନଙ୍କୁ ବେଶ୍ ଆକର୍ଷିତ କରୁଛି।

ଏହିସବୁ ଖାଦ୍ୟ ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ବି ଏହା ଭିତରେ ପୌଷ୍ଟିକ ତତ୍ତ୍ୱର ଅଭାବ ଥିବାରୁ ଏହା ଶରୀରରେ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇଥାଏ। ୨୦୧୨ରେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ଏ ସଂକ୍ରାନ୍ତରେ ଏକ ସୁବିସ୍ତୃତ ରିପୋର୍ଟ ପ୍ରକାଶ କରିଥିଲା। ହେଲେ ଆଜିର ତରତର ଯୁଗରେ ସୁଷମ ଖାଦ୍ୟ କୁହାଯାଉଥିବା ଆମ ପାରମ୍ପରିକ ଖାଦ୍ୟ ପ୍ରତି ଚାହିଦା କମୁଛି। ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଅହିତକର ଜଣାଯାଉଥିଲେ ବି ପାରମ୍ପରିକ ଖାଦ୍ୟ ସ୍ଥାନରେ ଏହି ବଜାରଭିତ୍ତିକ ଲୋଭନୀୟ ଖାଦ୍ୟ ଗ୍ରାହକଙ୍କୁ ବାଉଳା କରୁଛି। ଦିନକୁ ଦିନ ଫାଷ୍ଟଫୁଡ୍, ଜଙ୍କଫୁଡ୍ ଚାହିଦା ଯେପରି ଭାବରେ ବଢ଼ିଚାଲିଛି ତାହା ବର୍ତ୍ତମାନର ପିଢ଼ି ଏବଂ ଆଗାମୀ ପିଢ଼ିର ସ୍ୱାସ୍ଥ୍ୟଗତ କ୍ଷତିସାଧନ କରିବା ନେଇ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଏହି ତଥାକଥିତ ଭେଲିକି ଖାଦ୍ୟ ଆମ ଶରୀରର ପେଟଠାରୁ ଲିଭର, ଚକ୍ଷୁଠାରୁ ଚର୍ମ, ଅସ୍ଥିଶଲ୍ୟଠାରୁ କର୍ଣ୍ଣ-ନାସା-ଗଳା ପର୍ଯ୍ୟନ୍ତ ଅଜସ୍ର କ୍ଷତି ପହଞ୍ଚାଉଛି। ତଟକା ପନିପରିବା, ଫଳ, ଦେଶୀଗାଈ କ୍ଷୀର, ସବୁଜ ପନିପରିବା, ଘିଅ ଆଦିରେ ପ୍ରଚୁର ପରିମାଣର ଖାଦ୍ୟସାର ଭରି ରହିଥିଲେ ବି ରନ୍ଧା ହୋଇ ଢେର ଦିନ ପୂର୍ବରୁ ପ୍ରସ୍ତୁତ ହୋଇ ଆଖି ସାମ୍ନାରେ ମାଇକ୍ରୋୱେଭ୍‌ରେ ପୁଣି ଗରମ ହୋଇ ପରଷା ଯାଉଥିବା ଖାଦ୍ୟ ପ୍ରତି ଆଗ୍ରହ ଯେପରି ବଢୁଛି, ତାହା ହିଁ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ବଡ଼ ଅହିତକର। କଥା ହେଉଛି, ପ୍ରକୃତରେ ସଜ ଆଉ ବାସି ଖାଦ୍ୟ ଭିତରେ ତଫାତ୍ ଜାଣିବା ପାଇଁ ଆମ୍ଭମାନଙ୍କ ଭିତରେ ଆଉ ଇଚ୍ଛା ନାହିଁ କି ସମୟ ନାହିଁ। ବଜାରରେ ରଙ୍ଗବୋଳା ମିଠା, କେଉଁ ଦିନରୁ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ଜୁସ୍, ଖାଦ୍ୟ ପଦାର୍ଥରେ ରଙ୍ଗବେରଙ୍ଗର ଭେଜାଲ ତେଲ ଓ ରଙ୍ଗରେ ପ୍ରସ୍ତୁତ ଖାଦ୍ୟ ପ୍ରତି ପାଟି ଟକଳାମାନେ ଆଗ୍ରହ ରଖୁଥିଲେ ବି ଏହା ସେମାନଙ୍କର ଖାଦ୍ୟ ସୁଷମତାର କାଣିଚାଏ ବି ପୁଷ୍ଟି ବଢ଼ାଇ ନ ଥାଏ। ତେଣୁ ଏହିପରି ସ୍ୱାଦିଷ୍ଟ ବିପଦକୁ ଜାଣି ଜାଣି ଆପଣାଉଥିବା ଆମ ସମସ୍ତଙ୍କ ଭିତରେ ସ୍ୱାସ୍ଥ୍ୟଗତ ସଚେତନତା ରହୁ ନ ଥିବାରୁ ଏହା ହିଁ ଆମର ସବୁଠୁ ବଡ଼ ଦୁର୍ଗତିର କାରଣ ପାଲଟିଛି।

ମୋ- ୯୪୩୭୦୫୧୯୫୭

## ଏଇ ଭାରତରେ

ବର୍ତ୍ତମାନ ବିଭିନ୍ନ କାର୍ଯ୍ୟାଳୟ ଓ ବ୍ୟବସାୟିକ ଅନୁଷ୍ଠାନରେ ସିସିଟିଭି ଲଗାଯାଇଥିବା ଦେଖାଯାଉଛି। କିନ୍ତୁ ଜଣେ ଫଳବିକାଳି ତାଙ୍କ ଠେଲାଗାଡିରେ ସିସିଟିଭି କ୍ୟାମେରା ଲଗାଇବା ନିଆରା ନିଶ୍ଚୟ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ପାଟ୍‌ନାରେ। ଗ୍ରାହକମାନେ ବେଳେବେଳେ ସେମାନଙ୍କ ମୋବାଇଲ୍ ଫୋନ୍ ଓ ୱାଲେଟ୍ ଅନ୍ୟ କେଉଁଠି ହଜାଇ ଉକ୍ତ ବୁଲାବିକାଳିଙ୍କ ଉପରେ ଅଯଥା ଦୋଷାରୋପ କରୁଥିବାରୁ ସେ ସହ୍ୟ କରିପାରି ନ ଥିଲେ। ମିଥ୍ୟା ଅଭିଯୋଗକୁ ଏଡାଇବା ପାଇଁ ଶୁଭମ୍ କୁମାର ଏହି ଅଭିନବ ପନ୍ଥା ଆପଣାଇଛନ୍ତି। ଶୁଭମ୍ ନୱାଦା ଜିଲାର ହସୁଆ ବଜାରରେ ଫଳ ବିକନ୍ତି। ଜଣେ ଗ୍ରାହକ ଏଭଳି ଏକ ମିଥ୍ୟା ଅଭିଯୋଗ କରିବା ପରେ ତାଙ୍କ ଭାଇ ମନୋଜ କୁମାରଙ୍କୁ ପୋଲିସ ଧରିନେଇ ଅଟକ ରଖିଥିଲା। ଗ୍ରାହକ ଜଣକ ଥାନାରେ ଅଭିଯୋଗ କରିଥିଲେ ଯେ, ସେ ମୋବାଇଲ ଫୋନଟି ତାଙ୍କ ଠେଲାଗାଡିରେ ଛାଡିଦେଇଥିଲେ। ମନୋଜ ତାକୁ ରଖିଦେଇ ମାନୁନାହାନ୍ତି। କିନ୍ତୁ ମନୋଜ ଏ ବିଷୟରେ ଆଦୌ କିଛି ଜାଣି ନ ଥିବା ବାରମ୍ବାର କହିବା ପରେ ପୋଲିସ ତାଙ୍କୁ ଛାଡିଦେଇଥିଲା। ଶୁଭମ୍‌ଙ୍କୁ ଏ କଥାଟି ଅତ୍ୟନ୍ତ ବାଧିଥିଲା। ସେ ନିଜ ଗାଡିରେ ସିସିଟିଭି ଲଗାଇବା ପରେ ଲୋକଙ୍କ ମନରେ କୌତୂହଳ ପ୍ରକାଶ ପାଇଛି। ପଥଚାରୀମାନେ ତାଙ୍କ ସିସିଟିଭିରେ ଦୃଷ୍ଟି ନ ପକାଇ ରହିପାରୁ ନାହାନ୍ତି। ଶୁଭମ୍ ସିସିଟିଭି କ୍ୟାମେରା ଲଗାଇବା ପାଇଁ ୪୦,୦୦୦ଟଙ୍କା ବ୍ୟୟ କରିଛନ୍ତି। ବାସ୍ତବରେ ଶୁଭମ୍‌ଙ୍କ ଏହି ପଦକ୍ଷେପ ପାଇଁ ତାଙ୍କ ପକେଟ ଅନୁମତି ଦେଇ ନ ଥିଲେ ମଧ୍ୟ ନିଜ ନିର୍ମଳ ଭାବମୂର୍ତ୍ତିକୁ ବଜାୟ ରଖିବାକୁ ଯାଇ ସେ ଏହା କରିବାକୁ ବାଧ୍ୟ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୯୩

- ବିଶିଷ୍ଟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ନୈନା ଦେବୀଙ୍କ ପରଲୋକ।
- ଓଡ଼ିଶାର ହସ୍ତତନ୍ତ କ୍ଷେତ୍ରରେ ଚଳିତବର୍ଷ ୪୫୪ ଲକ୍ଷ ୭୦ ହଜାର ଟଙ୍କା ବୁଣାକାରମାନଙ୍କୁ ସବ୍‌ସିଡି ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି।

## ଜିଲା ଡାଏରୀ ଢେଙ୍କାନାଳ



### ପୂଜା ଜମୁଛି

ଢେଙ୍କାନାଳ ଜିଲାରେ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ଗଣପର୍ବରେ ପରିଣତ ହୋଇଛି। କେବଳ ଢେଙ୍କାନାଳ ସହର କାହିଁକି ଜିଲାର ଗ୍ରାମାଞ୍ଚଳରେ ଜାକଜମକରେ ପୂଜା ହେଉଥିବାରୁ ସହରଠାରୁ ଗ୍ରାମ ଆଗରେ ରହିଥିବା ଆଲୋଚନା ହେଉଛି। ରଙ୍ଗିନ ଆଲୋକମାଳାରେ ଗ୍ରାମଗୁଡିକ ଝଲସିଉଠୁଛି। ସେହିପରି ଅପେରା, ନୃତ୍ୟ ଓ ସଙ୍ଗୀତ ଆସରରେ ସହର ଭଳି ଗାଁ ମଧ୍ୟ ଉତ୍ସବମୁଖର। ଢେଙ୍କାନାଳ ସହରକୁ ଛାଡିଦେଲେ ଜିଲାର ଇନ୍ଦିପୁର, ଖଡଗପ୍ରସାଦ, ଷଡଙ୍ଗୀ, ପିଙ୍ଗୁଆ, ନିହଳପ୍ରସାଦ, ଭୁବନ, ହିନ୍ଦୋଳ ଓ ଭାପୁର ଆଦି ଅଞ୍ଚଳରେ ଲକ୍ଷ୍ମୀପୂଜା ଆନନ୍ଦଉଲ୍ଲାସର ସହ ପାଳିତ ହେଉଛି। ସବୁଠି ସହରଭଳି ମେଢ ହୋଇଥିବା ଦେଖାଯାଇଛି। ଆଧ୍ୟାତ୍ମିକ ଭାବଧାରା, ସାମାଜିକ ଚେତନା ଆଦିକୁ ନେଇ ପୂଜା ମଣ୍ଡପଗୁଡିକ ସଜା ହୋଇଛି। ଗ୍ରାମାଞ୍ଚଳରେ ପ୍ରାୟ ସପ୍ତାହେ ବ୍ୟାପି ପୂଜା ଉତ୍ସବ ପରେ ଗ୍ରାମବାସୀ ସହରକୁ ଲକ୍ଷ୍ମୀପୂଜା ଦେଖିବା ପାଇଁ ଆସିଥାନ୍ତି। ପୂଜା ଉତ୍ସବ ପାଇଁ ଗାଁ ଗହଳିରେ ଅତିଥି ଓ ସମ୍ପର୍କୀୟମାନଙ୍କର ଭିଡ ସାଙ୍ଗକୁ ପିଠାପଣାରେ ସାହିବସ୍ତି ମହକି ଉଠିଥାଏ। ଏବେ ସବୁଠି ପାର୍ବଣର ମାହୋଲ।

-ରତନ ନାୟାର

## ପାଠକ ଶ୍ରେଷ୍ଠ ବିଚାରକ

### ବାଣଫୁଟା କମ୍ କରନ୍ତୁ

ମହାଶୟ,

ଚଳିତବର୍ଷ 'ତିତ୍‌ଲି' ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ବାତ୍ୟା ଓ ବନ୍ୟା ହୋଇଯାଇଛି। ଏଥିରେ ହଜାର ହଜାର ଲୋକ ପୀଡ଼ିତ ହୋଇଛନ୍ତି। ଅନେକ ଲୋକ ଖାଇବାକୁ ଦାନା ମୁଠେ ପାଉନାହାନ୍ତି। ଆଗକୁ ପବିତ୍ର ଦୀପାବଳି। ବାତ୍ୟା ଓ ବନ୍ୟା ହୋଇ ନ ଥିବା ଜିଲାର ଲୋକେ ହଜାର ହଜାର ଟଙ୍କାର ବାଣ ଫୁଟାଇବେ। ଏହାଦ୍ୱାରା କେବଳ ପରିବେଶ ପ୍ରଦୂଷଣ ସାର ହେବ। ଏଣୁ ବାଣ କିଣା କମ୍ କରି ବଳକା ଅର୍ଥକୁ ବାତ୍ୟା ଓ ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କରନ୍ତୁ ବା ରିଲିଫ ଫଣ୍ଡକୁ ଦାନ କରନ୍ତୁ। ଏଥିପ୍ରତି ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଦୃଷ୍ଟି ଦେବା ଉଚିତ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ଶକ୍ତି ଅପଚୟ ରୋକିବା ଉଚିତ

ଦିନକୁ ଦିନ ଶକ୍ତି ସଙ୍କଟ ବଢିବାର କାରଣ ଆମର ଅସଚେତନତା। ଶକ୍ତି ଅପଚୟ ବନ୍ଦ କରିବା ଦରକାର। ତା'ହେଲେ ଶକ୍ତି ସଂକଟର ଚରମ ପରିସ୍ଥିତି ଆସିବାର ସମୟକୁ ଆଉ କିଛିଦିନ ଗଡ଼େଇ ହେବ। ସେହି ସମୟ ଭିତରେ ଗବେଷଣା ଦ୍ୱାରା ନୂତନ ଶକ୍ତି ଉତ୍ପାଦନର କୌଶଳ ଉଦ୍ଭାବନ କରିବା ପାଇଁ ସୁଯୋଗ ମିଳିପାରିବ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


Dilip Tirkey
Sports Personality
PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ DHARITRI TEAM

## ସଂକ୍ଷେପରେ

### 'ଫୁଟ୍‌ପାଥ୍‌ରେ ପକୁଡ଼ି ବିକିବି ପଛେ ଭାଜପାକୁ ଯିବି ନାହିଁ

ଭୁବନେଶ୍ୱର,୧।୧୧(ବ୍ୟୁରୋ): ଫୁଟ୍‌ପାଥ୍‌ରେ ପକୁଡ଼ି ବିକିବି ପଛେ ଭାଜପାକୁ ଯିବି ନାହିଁ। କଂଗ୍ରେସରେ ଅଛି, କୁଆଡ଼େ ଯିବା କଥା ଏଯାବତ୍ ଭାବି ନାହିଁ।



କ୍ଷମତା ରାଜନୀତିରେ ବାରମ୍ବାର ପ୍ରତ୍ୟାଖ୍ୟାତ ହେଲେ ବି କସ୍ମିନ କାଳେ ଭାଜପାକୁ ଯିବାର ପ୍ରଶ୍ନ ଉଠୁନାହିଁ ଏକଥା କହିଛନ୍ତି ନିକଟରେ କଂଗ୍ରେସ ବିଧାୟକ ପଦରୁ ଇସ୍ତଫା ଘୋଷଣା କରିଥିବା କୃଷ୍ଣଚନ୍ଦ୍ର ସଗରିଆ। ଦୁଇଦିନ ତଳେ ବିଧାୟକ ପଦରୁ ଇସ୍ତଫା ଦେବା ପରେ କୃଷ୍ଣ ଭାଜପାକୁ ଯିବା ନେଇ ଚର୍ଚ୍ଚା ହୋଇଥିଲା। ଏହାକୁ କୃଷ୍ଣ ଗୁରୁବାର ଖଣ୍ଡନ କରିଛନ୍ତି। ଏ ନେଇ ସେ କୁହନ୍ତି ଯେ, କୁନ୍ଦୁଲି ପୀଡ଼ିତାଙ୍କୁ ରାଜ୍ୟ ସରକାର ନ୍ୟାୟ ଦେଇ ନାହାନ୍ତି। ଏପରିକି କେନ୍ଦ୍ର ସରକାର ସେ ଦିଗରେ ସାମାନ୍ୟତମ ଚେଷ୍ଟା ବି କରିନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ୧୨ରୁ ଅଧିକ କେନ୍ଦ୍ରମନ୍ତ୍ରୀ ରାଜ୍ୟକୁ ବାରମ୍ବାର ଗସ୍ତ କରିଛନ୍ତି। ତନ୍ମଧ୍ୟରୁ କେତେଜଣ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ନ୍ୟାୟ ପାଇଁ ଉଦ୍ୟମ କରିଛନ୍ତି? ରାଜ୍ୟର ବିଜେଡି, କେନ୍ଦ୍ରରେ ଭାଜପା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ତେଣୁ ନିର୍ବାଚନ ଲଢ଼ି ହାରିବି ପଛେ ଭାଜପାକୁ ଯିବି ନାହିଁ ବୋଲି କୃଷ୍ଣ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆସନ୍ତା ୧୦ରେ ରାଜଧାନୀରେ କୃଷ୍ଣ ଏକ ସମ୍ମିଳନୀ ଆୟୋଜନ କରିବାର ଯୋଜନା କରୁଛନ୍ତି। ଏଥିରେ ଦଳିତ,ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆବର୍ଗ ଜନସାଧାରଣଙ୍କ ରାଜନୈତିକ ଏବଂ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା ହେବ। ତାଙ୍କୁ ୨୦୧୯ ନିର୍ବାଚନରେ କଂଗ୍ରେସ ଟିକେଟ୍ ନ ମିଳିଲେ ମଧ୍ୟ ସେ ଦଳୀୟ ପ୍ରାର୍ଥୀ ପାଇଁ ପ୍ରଚାର କରିବେ।

■ ତିତ୍‌ଲି କ୍ଷୟକ୍ଷତି ନେଇ କେନ୍ଦ୍ରୀୟ ଟିମ୍‌ର ବୈଠକ

# ପ୍ରକଳ୍ପୱାରି କ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଛତ୍ରପୁର,୧।୧୧(ଡି.ଏନ.ଏ)

ବାତ୍ୟା ତିତଲି ଓ ପରେ ହୋଇଥିବା ବନ୍ୟାରେ କ୍ଷୟକ୍ଷତିର ଆକଳନ ପାଇଁ ୬ ଜଣିଆ କେନ୍ଦ୍ରୀୟ ଟିମ୍ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଏହି ଟିମ ୨ ଭାଗ ହୋଇ ପାତ୍ରପୁର, ଆସିକା ଓ ଧରାକୋଟ ବ୍ଲକ ଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତଙ୍କୁ ଭେଟିଥିଲେ । ସନ୍ଧ୍ୟାରେ ଛତ୍ରପୁର ଆସି ଡିଆରଡିଏ ସମ୍ମିଳନୀ ଗୃହରେ ତିତଲି ଓ ବନ୍ୟା କ୍ଷତି ଉପରେ ତଥ୍ୟ ସଂଗ୍ରହ ପାଇଁ ଏକ ବୈଠକ କରିଥିଲେ । ବୈଠକରେ ଜିଲାପାଳ, ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକଳ୍ପୱାରି କ୍ଷୟକ୍ଷତି ରିପୋର୍ଟ ଦେବାକୁ ସମସ୍ତ ବିଭାଗକୁ କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ କହିଥିଲେ ।

ତିତଲି ଓ ବନ୍ୟା କ୍ଷତି ଉପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କେନ୍ଦ୍ରୀୟ ଟିମ୍‌କୁ ତଥ୍ୟ ଅବଗତ କରାଇଥିଲେ। ରାସ୍ତା ଓ କୋଠାବାଡି , ଗ୍ରାମ୍ୟ ଉନ୍ନୟନ ଓ ବ୍ଲକ ଅଧୀନରେ ଥିବା ରାସ୍ତା ଗୁଡିକ କ୍ଷତି ହୋଇଛି । ଏହି କ୍ଷତି ସମ୍ପର୍କିତ ରିପୋର୍ଟ କିପରି ପ୍ରସ୍ତୁତ ହୋଇଛି, ତାହା ଜଣାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଟିମ୍ ପକ୍ଷରୁ କୁହାଯାଇଥିଲା। ବନ୍ୟା ବେଳେ ପିଇବା ପାଣି ଯୋଗାଣ ପାଇଁ କେତୋଟି ଟ୍ୟାଙ୍କର ବ୍ୟବହାର କରାଯାଇଥିଲା ତାହାର ରିପୋର୍ଟ ମଗାଯାଇଥିଲା । କ୍ଷତି ହୋଇଥିବା ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ବିଦ୍ୟୁତ ଓ ଜଳସେଚନ ବିଭାଗ ପକ୍ଷରୁ ରିପୋର୍ଟ ଦେବାକୁ କୁହାଯାଇଛି ।

## ୧୬୦୬.୩୩ କୋଟି ଟଙ୍କାର କ୍ଷତି



ବୈଠକରେ ଉପସ୍ଥିତ କେନ୍ଦ୍ରୀୟ ଟିମ, ଜିଲାପାଳ ଓ ଅନ୍ୟମାନେ।

ବାତ୍ୟା ଓ ବନ୍ୟାରେ ଜିଲାରେ ୧୬୦୬ କୋଟି ୩୩ ଲକ୍ଷ ୬୫ ହଜାର ଟଙ୍କାର କ୍ଷତି ହୋଇଛି ବୋଲି ଆକଳନ ହୋଇଥିବା ସୂଚନା ଦିଆଯାଇଥିଲା । ତିତଲି ବାତ୍ୟା ପୂର୍ବରୁ ଜିଲାର ୧ଲକ୍ଷ ୯୮ ହଜାର ୮୨ ଜଣଙ୍କୁ ୭୫୫ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ଜିଲାପାଳ ସୂଚନା ଦେଇଥିଲେ । ସେ ସମୟରେ ୧୦୫ ଗର୍ଭବତୀଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । ପୋଲିସ ଓ କୋଷ୍ଟଗାର୍ଡ ସହାୟତାରେ ସମୁଦ୍ରରୁ ୧୫୦ ଆନ୍ଧ୍ର ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିବା ଜିଲାପାଳ କହିଥିଲେ । ବନ୍ୟାରେ ଜିଲାର ୧୪ ବ୍ଲକ ଓ ୫ ସହରାଞ୍ଚଳ ପ୍ରଭାବିତ ହୋଇଥିଲା। ୯୪,୬୨୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ୩୧୧ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଦିଆଯାଉଥିଲା। ହେଲିକପ୍ଟର ଯୋଗେ ଆସିକା ଓ ପାତ୍ରପୁର ଅଞ୍ଚଳରେ ଖାଦ୍ୟ ପ୍ୟାକେଟ ପକାଯାଇଥିଲା। ଜିଲାରେ ୧ ଲକ୍ଷ ୯୩ ହଜାର ୭୬୮.୪୦ ହେକ୍ଟର ଜମିର ଧାନ ଫସଲ କ୍ଷତି ହୋଇଛି । ୨୧,୧୬୨ କଚ୍ଚା ଘର ଓ ୩,୦୮୨ ପକ୍କା ଘର ଆଂଶିକ କ୍ଷତି ହୋଇଛି। ୪୧୫ କଚ୍ଚା ଓ ପକ୍କା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୧,୯୧୫ ଗୁହାଳ ମଧ୍ୟ କ୍ଷତି ହୋଇଛି। ୫ ସିଏଚସି ଓ ଗୋଟିଏ ପିଏଚସି, ୧୫୭ ଅଙ୍ଗନୱାଡି କେନ୍ଦ୍ର, ୧୧୦୩ ସ୍କୁଲର କ୍ଷତି ହୋଇଛି। ରିଲିଫ ବାବଦରେ ଜିଲାର ୧୬ ଲକ୍ଷ ୪୬ ହଜାର ୬୭୫ ଜଣଙ୍କ ଆକାଉଣ୍ଟକୁ ୧୩୮.୬୮ କୋଟି ଟଙ୍କା ଟ୍ରାନ୍ସଫର ହୋଇଥିବା କେନ୍ଦୀୟ ଟିମକୁ ଅବଗତ କରାଯାଇଥିଲା। କେନ୍ଦ୍ରୀୟ ଟିମ୍‌ରେ ପାଟନା ଗ୍ରାମ୍ୟ ଉନ୍ନୟନ (ଡିଆରଡିଏ) ବିଭାଗର ନିର୍ଦ୍ଦେଶକ ବିରେନ୍ଦ୍ର ସିଂ, କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନ ସିଇଏର ମୁଖ୍ୟ ଯନ୍ତ୍ରୀ ବନ୍ଦନା ସିଂଘାଲ, କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅଧିକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ସାମଲ, କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ରାକେଶ କୁମାର, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅଣ୍ଡର ସେକ୍ରେଟାରି ଗୁଲଜାରୀ ଲାଲ, ଅର୍ଥ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ (ଖର୍ଚ୍ଚ) ଆର୍.ବି. କୌଲ ରହିଛନ୍ତି। ଏମାନେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେବେ । ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ୟାକେଜ ଆସିବ। ବୈଠକରେ ପ୍ରୋବେଶନ ଆଇଏଏସ ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ବିଜୟ ଦାଶ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ସମେତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ପଥପ୍ରାନ୍ତ ସଭାରେ ଉତ୍କଳ ଭାରତ ସଭାପତିଙ୍କୁ ଆକ୍ରମଣ

ଖଇରା, ୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଡୁଙ୍ଗୁରା ବଜାରରେ ଉତ୍କଳ ଭାରତ ଦଳ ପକ୍ଷରୁ ବୁଧବାର ଅପରାହ୍ନରେ ଆୟୋଜିତ ପଥପ୍ରାନ୍ତ ସଭାରେ ଶାସକ ଦଳର ୨ଜଣ ବ୍ୟକ୍ତି ଗଣ୍ଡଗୋଳ କରି ଦଳର ରାଜ୍ୟ ସଭାପତି ମହାମେଘ ବାହନ ଐର ଖାରବେଳ ସ୍ୱାଇଁଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗଣ୍ଡଗୋଳ ପରେ ସଭା କାର୍ଯ୍ୟକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ସଭାପତି ସ୍ୱାଇଁ ଏ ନେଇ ଗୁରୁବାର ବାଲେଶ୍ୱର ଏସପି ବି. ଯୁଗଳ କିଶୋରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କର୍ମୀଦ୍ୱୟ ସଭାରେ ଗଣ୍ଡଗୋଳ ଘଟାଇ ତାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସ୍ୱାଇଁ ଅଭିଯୋଗ କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଉତ୍କଳ ଭାରତ ସଭାପତି ସ୍ୱାଇଁ ଖଇରାରେ ପଥପ୍ରାନ୍ତ ସଭା କରି ଡୁଙ୍ଗୁରା ବଜାରରେ ଆୟୋଜିତ ସଭାକୁ ଯାଇଥିଲେ। ଅପରାହ୍ନ ୪ଟାରେ ସଭା ଆରମ୍ଭ ହୋଇଥିଲା। ଦଳର ଜିଲା ସମ୍ପାଦକ କମଳାକାନ୍ତ ଦାସ ସଭାପତିତ୍ୱ କରିଥିଲେ । ସଭାପତି ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାରୀ ଉତ୍କଳ ଭାରତ ରାଜ୍ୟସଭାପତି ସାବିତ୍ରୀ ଜେନା, ରାଜ୍ୟ ସମ୍ପାଦକ ଶ୍ରୀହର୍ଷ ସ୍ୱାଇଁ, ନାରୀ ଉତ୍କଳ ଭାରତ ରେମୁଣା ବ୍ଲକ ସଭାପତି ସୁକାନ୍ତି ମଲ୍ଲିକ, ନାରୀ ଉତ୍କଳ ଭାରତ ରେମୁଣା ବ୍ଲକ ସମ୍ପାଦିକା ଲଳିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ୧୮ ବର୍ଷଧରି ଶାସନ କରୁଥିବା ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ସଭାପତି ସ୍ୱାଇଁ ସମାଲୋଚନା କରି ରାଜ୍ୟରେ ସୁଶାସନ ପରିବର୍ତ୍ତେ କୁଶାସନ ଚାଲିଛି ବୋଲି କହିଥିଲେ। ଦୀପ ଲିଭିଲାବେଳେ ଜୋର ଜଳିଉଠେ । ବିଜେଡି ସରକାରର ପତନ ବେଳ ଆସିଯାଇଥିବାରୁ ଦାଦାଗିରି ଓ ଗୁଣ୍ଡାରାଜ ବଢିଚାଲିଛି ଏବଂ ଲୋକଙ୍କ କଥା କହିବା ଅଧିକାରକୁ ହତ୍ୟା କରାଯାଉଛି ବୋଲି ସେ କହିଥିଲେ। ବକ୍ତବ୍ୟ ପ୍ରସଙ୍ଗରେ ଏକ ଇଂଲିଶ ପତ୍ରିକାରେ ପ୍ରକାଶିତ ତଥ୍ୟ ସେ ଉଲ୍ଲେଖ କରିଥିଲେ। ସଭାରେ ଉପସ୍ଥିତ ଥିବା ଜଣେ ପଞ୍ଚାୟତ ସମିତିସଭ୍ୟ ଏବଂ ଜଣେ ୱାର୍ଡମେମ୍ବରଙ୍କ ପୁଅ ଇଂଲିଶ ପତ୍ରିକା ତଥ୍ୟକୁ ଭୁଲ ଭାବେ କାହିଁକି ଉପସ୍ଥାପନ କରୁଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ବିରୋଧରେ ଏଭଳି ଭାଷଣ ନ ଦେବାକୁ ତାଗିଦ କରି ସେମାନେ ମଞ୍ଚରେ ଲାଗିଥିବା ମାଇକକୁ ବନ୍ଦକରି ଦେଇଥିଲେ। ଏଥିରେ ସ୍ୱାଇଁ ଅସନ୍ତୋଷ ପ୍ରକାଶ କରି ନବୀନ ସରକାରଙ୍କ ଅମଳରେ ଏମିତି ଗୁଣ୍ଡାରାଜ ବଢି ଚାଲିଛି ବୋଲି କହି ସଭାରୁ ଫେରିଯାଇଥିଲେ। ଏଭଳି ଗଣ୍ଡଗୋଳ ଘଟଣାକୁ ଉତ୍କଳ ଭାରତ ପକ୍ଷରୁ ନିନ୍ଦା କରାଯାଇ ଗୁଣ୍ଡାଗର୍ଦ୍ଦି ରୋକିବାକୁ ଏସପିଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିବା ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି।




ଡୁଙ୍ଗୁରା ଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭା କଡରେ ଛିଡା ହୋଇଥିବା ପ୍ରକାଶ ଲେଙ୍କା ଓ ତାଙ୍କର ସହଯୋଗୀ।

ଧରିତ୍ରୀ DHARITRI
Quiz No. 19
Puja Quiz- 2018
Main Sponsor
TVS
Co-Sponsors
CENTRAL
Nikon
☑ Tick mark the box which is correct
୧. କେଉଁ ମହାନ୍ ବ୍ୟକ୍ତି 'ଗୁରୁଦେବ' ଓ 'ବିଶ୍ୱକବି' ଉପାଧି ପାଇଥିଲେ ?
କ. ବିବେକାନନ୍ଦ ☐ ଖ. ଆଚାର୍ଯ୍ୟ ହରିହର ☐ ଗ. ରବୀନ୍ଦ୍ର ନାଥ ଠାକୁର ☐ ଘ. କେଉଁଟି ନୁହେଁ ☐
୨. ଭାରତର ସର୍ବପ୍ରାଚୀନ ପେଟ୍ରୋଲ ବିଶୋଧନ କାରଖାନା କେଉଁଠାରେ ?
କ. ଦିଗ୍‌ବୋଇ ☐ ଖ. କୋୟାଲି ☐ ଗ. ହଳଦିଆ ☐ ଘ. କେଉଁଟି ନୁହେଁ ☐
୩. ଆନ୍ଥ୍ରାକ୍ସ ରୋଗ ସୃଷ୍ଟିକାରୀ ବୀଜାଣୁ କିଏ ଆବିଷ୍କାର କରିଥିଲେ ?
କ. ବାପ୍‌ଟିଷ୍ଟ ଡେନିସ୍ ☐ ଖ. ରବର୍ଟ କୋଚ୍ ☐ ଗ. ଯୋହାନ୍ ମେଣ୍ଡଲ ☐ ଘ. କେଉଁଟି ନୁହେଁ ☐
୪. ଇଣ୍ଡିଆନ ନ୍ୟାସ୍‌ନାଲ୍ ଆର୍ମି (ଆଇଏନ୍ଏ) ପ୍ରଥମେ କେଉଁଠାରୁ କାର୍ଯ୍ୟ ଆରମ୍ଭ କରିଥିଲା ?
କ. ସିଙ୍ଗାପୁର ☐ ଖ. ହଂକଂ ☐ ଗ. କୋଲକାତା ☐ ଘ. କେଉଁଟି ନୁହେଁ ☐
୫. ରଞ୍ଜନ ରଶ୍ମି (ଏକ୍ସ-ରେ) କେଉଁ ପ୍ରକାର ରଶ୍ମି ?
କ. ଆଲ୍‌ଫା ☐ ଖ. ବିଟା ☐ ଗ. ବିଦ୍ୟୁତ୍ ଚୁମ୍ବକୀୟ ☐ ଘ. କେଉଁଟି ନୁହେଁ ☐
Participant's Name:................
Address:................
................
Education ................
Mobile................Age:..........
E-mail:................
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes: Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 19
B-15, Industrial Estate, Rasulgarh, Bhubaneswar-10




ଆଲ୍ଲାହାବାଦ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୩/୧ବି, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: (୦୬୭୪)୨୩୬୨୩୪୨, ଫ୍ୟାକ୍ସ: ୨୩୬୨୫୬୪

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟେରେଷ୍ଟ ଆକ୍ଟ,୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ବନ୍ଧକ ସ୍ଥାବର ସମ୍ପତ୍ତି ନିମନ୍ତେ ବିକ୍ରୟ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ଧାରା ୧୩ (୨)ଅନୁଯାୟୀ ନୋଟିସ୍ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ବିକ୍ରୟ କରାଯିବ।

(ସମ୍ପତ୍ତି ଗୁଡିକର ନିଲାମ ତାରିଖ: ୧୭.୧୧.୨୦୧୮ (ଶନିବାର) ପୂର୍ବାହ୍ନ ୧୧.୦୦ ଘଟିକା)

| ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ ଖ) ଦଖଲ ନୋଟିସ୍ ତାରିଖ ଗ) ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | କ) ସଂରକ୍ଷିତ ମୂଲ୍ୟ ଖ) ଅମାନତ ରାଶି ଗ)ବିଡ୍ ବର୍ଦ୍ଧିତ ପରିମାଣ |
|---|---|---|---|
| ଭଦ୍ରକ କଲେଜ ଶାଖା / ଋଣଗ୍ରହୀତା: ମେସର୍ସ କ୍ରିଷ୍ଣା ସେଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କିଶୋର କୁମାର ଖୋଡ଼ିଆର, ପିତା: ଶ୍ରୀ ଦେବରାମ ଖୋଡ଼ିଆର, ସା: ବାବୁସାହି, ପୁରୁଣା ବଜାର, ପୋ./ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୦୦ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ହିନା ଖୋଡ଼ିଆର, ସ୍ୱାମୀ: ଶ୍ରୀ କିଶୋର କୁମାର ଖୋଡ଼ିଆର, ସା: ବାବୁସାହି, ପୁରୁଣା ବଜାର, ପୋ./ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୦୦ | କ) ୨୫.୦୮.୨୦୧୬ ଖ) ୦୭.୦୭.୨୦୧୮ ଗ)୨୫.୦୮.୨୦୧୬ ସୁଦ୍ଧା ଟ. ୨୨,୪୬,୪୦୯/- + ସୁଧ, ଦେୟ ଏବଂ ଖର୍ଚ୍ଚ | ଶ୍ରୀ କିଶୋର କୁମାର ଖୋଡ଼ିଆର, ପିତା: ଶ୍ରୀ ଦେବରାମ ଖୋଡ଼ିଆରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଖାଲିଥିବା ପ୍ଲଟ୍)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ମିର୍ଜାପୁର, ତହସିଲ/ଜିଲ୍ଲା: ଭଦ୍ରକ, ପ୍ଲଟ୍ ନଂ.: ୨୭୨୬, ଖାତା ନଂ.: ୯୯୬/୮୬୧, କ୍ଷେତ୍ର: ଏକର୦.୦୧୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୭୨୭, ପଶ୍ଚିମ: ପ୍ଲଟ୍ ନଂ.: ୨୭୨୪, ଦକ୍ଷିଣ: ବେକା ଗ୍ରାମର ସୀମା, ଉତ୍ତର: ପ୍ଲଟ୍ ନଂ.: ୨୭୨୫ ଏବଂ ୨୭୨୮ | କ) ଟ.୫,୪୩,୪୦୦/- ଖ) ଟ. ୫୪,୩୪୦/- ଗ) ଟ. ୧୦,୦୦୦/- |
| ଓଲ୍ଡ ଷ୍ଟେସନ ସ୍କୋୟାର ଶାଖା/ ଋଣଗ୍ରହୀତା: ମେସର୍ସ ସ୍ନେହା ପେଣ୍ଟସ୍ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ପ୍ରଗତି ମହାନ୍ତି, ସ୍ୱାମୀ: ନିର୍ମଳ ଚନ୍ଦ୍ର ମହାନ୍ତି, ପ୍ଲଟ୍/ଗୃହ ନଂ.: ୩୮୮, ବମିଖାଲ, କଟକ ରୋଡ, ଭୁବନେଶ୍ୱର-୭୫୧୦୦୭ / ଗ୍ୟାରେଣ୍ଟିଦାତା: ଶ୍ରୀ ନିର୍ମଳ ଚନ୍ଦ୍ର ମହାନ୍ତି, ପିତା: ସୁରେଶ ଚନ୍ଦ୍ର ମହାନ୍ତି, ପ୍ଲଟ୍ ନଂ.: ୧୦୯୯/୧୧୦୦, ଶତାବ୍ଦୀ ନଗର, ଡେଲ୍‌ଟା ସ୍କୋୟାର, ୟୁନିଟ୍-୮, ଭୁବନେଶ୍ୱର-୩ | କ) ୧୯.୦୧.୨୦୧୫ ଖ) ୧୨.୦୫.୨୦୧୫ ଗ)୧୭.୦୧.୨୦୧୫ ସୁଦ୍ଧା ଟ. ୭,୨୩,୯୮୯.୪୨ + ସୁଧ, ଦେୟ ଏବଂ ଖର୍ଚ୍ଚ | ଶ୍ରୀ ନିର୍ମଳ ଚନ୍ଦ୍ର ମହାନ୍ତିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ବାସୋପଯୋଗୀ ଖାଲିଥିବା ପ୍ଲଟ୍)ର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ/ତହସିଲ: ଖୋର୍ଦ୍ଧା, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା, ଖାତା ନଂ.: ୨୬୬/୩୪୧, ପ୍ଲଟ୍ ନଂ.: ୫୦୩, କ୍ଷେତ୍ର: ଏକର୦.୦୪୫୭ଡିସିମିଲି କିମ୍ବା ୨୦୦୦ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍‌ର ଅଂଶ, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍‌ର ଅଂଶ, ଦକ୍ଷିଣ: ପ୍ଲଟ୍‌ର ଅଂଶ | କ) ଟ.୯,୩୬,୦୦୦/- ଖ) ଟ. ୯୩,୬୦୦/- ଗ) ଟ. ୧୦,୦୦୦/- |
| ଭୁବନେଶ୍ୱର ମୁଖ୍ୟ ଶାଖା/ ଋଣଗ୍ରହୀତାମାନେ : ୧) ଶ୍ରୀ ଶ୍ରୀଧର ଚନ୍ଦ୍ର ବଳ, ପିତା : ଶ୍ରୀ ପ୍ରକାଶ ଚନ୍ଦ୍ର ବଳ, ୨) ଶ୍ରୀମତୀ ମୋନାଲିସା ପାତ୍ର, ସ୍ୱାମୀ : ଶ୍ରୀଧର ଚନ୍ଦ୍ର ବଳ, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ୧୨୭(ଅଂଶ), ୧୩୧/୧୩୪, ବରେନ୍ କୃଷ୍ଣ ଭିଲ୍ଲା, ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ ଆଣ୍ଡ ସାଇନ୍ସ ପଛପଟ, ସହିଦ ନଗର, ଭୁବନେଶ୍ୱର -୭୫୧୦୦୭ | କ) ୧୮.୦୬.୨୦୧୬ ଖ) ୨୧.୦୯.୨୦୧୬ ଗ)୧୭.୦୬.୨୦୧୬ ସୁଦ୍ଧା ଟ. ୫୨,୯୦,୦୩୨/- + ସୁଧ, ଦେୟ ଏବଂ ଖର୍ଚ୍ଚ | ହିଲ୍ ଭିୟୁ ଆପାର୍ଟମେଣ୍ଟର ୨ୟ ମହଲାରେ ଶ୍ରୀ ଶ୍ରୀଧର ଚନ୍ଦ୍ର ବଳଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ବି-୩୦୩, ବିଲ୍ଟ ଅପ୍ ଏରିଆ: ୧୪୬୫ ବର୍ଗଫୁଟ ସହିତ ଗ୍ୟାରେଜ ସ୍ଥାନ ନଂ.: ସି/୦୧, ପ୍ଲଟ୍‌ର ସର୍ବସାଧାରଣ ଖୋଲା ସ୍ଥାନ, କମନ୍ ଡୋର ଏବଂ କରିଡ଼ର, ଲବି, ଷ୍ଟେୟାର କେସ୍, ବିଡିଏ ଅନୁମୋଦନ ନଂ.: ୧୯୩୭୭/ବିପି, ତା୨୦.୧୧.୨୦୧୦। ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୧୫୪ ଡ଼ିସିମିଲି ରୁ ଜମିର ଅବିଭକ୍ତ ଅଂଶ ଏକର ୦.୦୧୭ ଡ଼ିସିମିଲି, ଡ୍ରଇଁ ନଂ.: ୧୧୬୧, ଅନୁରୂପ ପ୍ଲଟ୍ ନଂ.: ୩୨୧/୪୯୧୬ ଏବଂ ୩୨୧/୫୦୯୮, ମୌଜା: ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ୟୁନିଟ୍-୪୧, ଥାନା : ଭୁବନେଶ୍ୱର, ଥାନା ନଂ.: ୨୩, ତହସିଲ : ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା | କ) ଟ.୪୮,୪୫,୦୦୦/- ଖ) ଟ. ୪,୮୪,୫୦୦/- ଗ) ଟ. ୨୫,୦୦୦/- |
| ସମ୍ବଲପୁର ଶାଖା / ଋଣଗ୍ରହୀତାମାନେ : ୧) ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ, ପିତା : ଶ୍ରୀ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ୨) ଶ୍ରୀମତୀ ଜୟଶ୍ରୀ ପାଣିଗ୍ରାହୀ, ସ୍ୱାମୀ : ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ, ଉଭୟଙ୍କ ଠିକଣା- ସା: ଭାଲୁବାହାଲ, ଥାନା: ଶାସନ, ତହସିଲ: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର / ଗ୍ୟାରେଣ୍ଟିଦାତା: ଶ୍ରୀ ରାଜେଶ ଚନ୍ଦ୍ର ପତି, ପିତା: ଶ୍ରୀ କ୍ରିଷ୍ଣଚନ୍ଦ୍ର ପତି, ବଂଶୀଧର ନଗର, ପୋ: ବରେଇପାଲି, ଜିଲ୍ଲା : ସମ୍ବଲପୁର | କ) ୦୫.୧୨.୨୦୧୬ ଖ) ୨୧.୧୦.୨୦୧୭ ଗ)୦୫.୧୨.୨୦୧୬ ସୁଦ୍ଧା ଟ. ୨୯,୮୨,୩୧୨/- + ସୁଧ, ଦେୟ ଏବଂ ଖର୍ଚ୍ଚ | ଶ୍ରୀ ରାଜେଶ କୁମାର ପାଣିଗ୍ରାହୀଙ୍କ ନାମରେ ଥିବା (ଜମି ଏବଂ ଗୃହ) ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାଲୁବାହାଲ, ପୋ.: ଶାସନ, ତହସିଲ : ରେଙ୍ଗାଲି, ଜିଲ୍ଲା.: ସମ୍ବଲପୁର, ଖାତା ନଂ.: ୨୪୨/୧୬୬, ପ୍ଲଟ ନଂ.: ୨୪୯/୧୧୬୫, କ୍ଷେତ୍ର: ଏକର ୦.୧୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୪୯ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ.: ୨୪୯ (ଅଂଶ), ପୂର୍ବ: ପ୍ଲଟ୍ ନଂ.: ୨୪୩, ପଶ୍ଚିମ: ପ୍ଲଟ୍ ନଂ.: ୨୫୧ | କ) ଟ.୩୮,୬୨,୦୦୦/- ଖ) ଟ.୩,୮୬,୨୦୦/- ଗ) ଟ. ୨୫,୦୦୦/- |
| କେନ୍ଦ୍ରାପଡା ଶାଖା / ଋଣଗ୍ରହୀତା: ଶ୍ରୀମତୀ ପଦ୍ମାବତୀ ସାମଲ, ସ୍ୱାମୀ: ବିପିନ ବିହାରୀ ସାମଲ, ସା.: ହରିଡାଦଣ୍ଡା, ପୋ.: କନ୍ତିଆ, ଥାନା/ଜିଲ୍ଲା: କେନ୍ଦ୍ରାପଡା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ବିପିନ ବିହାରୀ ସାମଲ, ପିତା: ୰ ଖଗେଶ୍ୱର ସାମଲ, ୨) ଶ୍ରୀ ତପନ ସାମଲ, ପିତା: ୰ ଖଗେଶ୍ୱର ସାମଲ, ୩) ମିସ୍ ପ୍ରତିଭା ସାମଲ, ପିତା: ୰ ଖଗେଶ୍ୱର ସାମଲ, ଗ୍ୟାରେଣ୍ଟିଦାତା ୧ରୁ ୩ ଠିକଣା- ସା/ପୋ.: ହରିଡାଦଣ୍ଡା, ଜିଲ୍ଲା: କେନ୍ଦ୍ରାପଡା, ୪) ଶ୍ରୀମତୀ ସୁପ୍ରଭା ବଳ, ସ୍ୱାମୀ: ରବିନ୍ଦ୍ର ବଳ, ସା/ପୋ.: ନରହରିପୁର, ଜିଲ୍ଲା: କେନ୍ଦ୍ରାପଡା | କ) ୧୨.୦୯.୨୦୧୩ ଖ) ୦୩.୧୨.୨୦୧୩ ଗ)୦୫.୦୯.୨୦୧୩ ସୁଦ୍ଧା ଟ. ୧୭,୯୧,୩୮୦/- + ସୁଧ, ଦେୟ ଏବଂ ଖର୍ଚ୍ଚ | ୰ ଖଗେଶ୍ୱର ସାମଲ, ପିତା: ୰ ଆରତ ସାମଲଙ୍କ ନାମରେ ଥିବା (ଜମି ଏବଂ ଗୃହ) ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୫, ୨୬୧ ଏବଂ ୨୬୪ ଏବଂ ଖାତା ନଂ.: ୫୪, ମୌଜା: କନ୍ତିଆ, ଥାନା/ତହସିଲ: କେନ୍ଦ୍ରାପଡା, ଏସ୍‌ଆରଓ / ଜିଲ୍ଲା: କେନ୍ଦ୍ରାପଡା, ପ୍ଲଟ୍ ନଂ.: ୧୪୫, କ୍ଷେତ୍ର: ଏକର୦.୧୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ଗୁରୁଚରଣ ଜେନା, ଉତ୍ତର: ରାସ୍ତା, ଦକ୍ଷିଣ: ଗୋବର୍ଦ୍ଧନ ସାମଲ, ପ୍ଲଟ୍ ନଂ.: ୨୬୧, କ୍ଷେତ୍ର: ଏକର୦.୦୩୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ/ପଶ୍ଚିମ: ପର୍ଶୁରାମ ସାମଲ, ଉତ୍ତର: ଦୁର୍ଯ୍ୟୋଧନ ସାମଲ, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୨୬୪, କ୍ଷେତ୍ର: ଏକର୦.୦୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁର୍ଯ୍ୟୋଧନ ସାମଲ, ପଶ୍ଚିମ: ବୈଷ୍ଣବ ସାମଲ, ଉତ୍ତର: ଗୋଲେଖ ଚନ୍ଦ୍ର ଜେନା, ଦକ୍ଷିଣ: ରାସ୍ତା | କ) ଟ.୧୬,୪୩,୫୦୦/- ଖ) ଟ. ୧,୬୪,୩୫୦/- ଗ) ଟ. ୧୦,୦୦୦/- |
| ବଡବିଲ ଶାଖା / ଋଣଗ୍ରହୀତା: ମେସର୍ସ ଫ୍ରଣ୍ଟିୟର ଲଜିଷ୍ଟିକ୍ସ, ଅଂଶୀଦାରମାନେ: ଶ୍ରୀ ସୁଜିତ୍ କୁମାର ପ୍ରଧାନ, ପିତା: ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଏବଂ ଶ୍ରୀମତୀ ମନୋରମା ପ୍ରଧାନ, ସ୍ୱାମୀ: ଶ୍ରୀ ସୁଜିତ୍ କୁମାର ପ୍ରଧାନ, ସା: କ୍ୱାର୍ଟର ନଂ.: ଡବ୍ଲୁ/୫୭, ପୋ.: ବଲାଣି, ଜିଲ୍ଲା: କେନ୍ଦୁଝର-୭୫୮୦୩୭ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦୀପଙ୍କର ଜନାହ, ପିତା: ୰ ଡଃ. ଦିଲିପ କୁମାର ଜନାହ, ମ୍ୟୁନିସ୍‌ପାଲିଟି ହାଇସ୍କୁଲ ନିକଟ, ବଡବିଲ, ଜିଲ୍ଲା: କେନ୍ଦୁଝର, ୨) ଶ୍ରୀ ସୁଜିତ୍ କୁମାର ପ୍ରଧାନ, ପିତା: ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଉତ୍କଳ ବିହାର ନିକଟ, ପୋ.: ସୁନ୍ଦରା, ବଡବିଲ, ଜିଲ୍ଲା: କେନ୍ଦୁଝର | କ) ୦୪.୦୫.୨୦୧୬ ଖ) ୦୬.୦୪.୨୦୧୭ ଗ)୦୪.୦୫.୨୦୧୬ ସୁଦ୍ଧା ଟ. ୪୯,୫୩,୪୪୯/- + ସୁଧ, ଦେୟ ଏବଂ ଖର୍ଚ୍ଚ | ଶ୍ରୀ ସୁଜିତ୍ କୁମାର ପ୍ରଧାନଙ୍କ ନାମରେ ଥିବା (ଜମି ଏବଂ ଗୃହ) ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନ୍ଦରା, ୟୁନିଟ୍ ନଂ.: ୧୩, ପୋ./ଥାନା/ତହସିଲ: ବଡବିଲ, ଜିଲ୍ଲା: କେନ୍ଦୁଝର, ପ୍ଲଟ୍ ନଂ.: ୩୩୯/୯୫୪, ଖାତା ନଂ.: ୧୪୫/୫୧୫ ଏବଂ ସାବିକ ଖାତା ନଂ.: ୧୪୫/୯୫, କ୍ଷେତ୍ର: ଏକର୦.୦୪୮ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୯୦, ଦକ୍ଷିଣ: ରାସ୍ତା | କ) ଟ.୨୮,୬୪,୦୦୦/- ଖ) ଟ. ୨,୮୬,୪୦୦/- ଗ) ଟ. ୧୦,୦୦୦/- |

ନିଲାମର ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ :

୧) ଇ-ନିଲାମ ପ୍ଲାଟ୍‌ଫର୍ମ (https://allahabadbank.auctiontiger.net) ଆମର ଇ-ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ-ପ୍ରୋକ୍ୟୁଅରମେଣ୍ଟ ଟେକ୍ନୋଲୋଜିସ୍ ଲିଃ. (Auction Tiger) ଅହମ୍ମଦାବାଦ, ପଞ୍ଜିକୃତ କାର୍ଯ୍ୟାଳୟ: ଗୁଜୁରାଟ ରାଜ୍ୟ (ଯୋଗାଯୋଗ ଫୋନ୍ ନଂ. ଏବଂ ମୋବାଇଲ୍ ନଂ.: ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ- ୦୭୯-୪୦୨୩୦୮୨୧/୮୨୩/୮୨୪, ୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯)ଙ୍କ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକ ମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ-ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।

୨) ଇ-ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବା ପ୍ରଦାନକାରୀଙ୍କ ଉପରୋକ୍ତ ୱେବ୍‌ସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ, ନିୟମ ଏବଂ ସର୍ତ୍ତାବଳୀ, ଇ-ନିଲାମ କାର୍ଯ୍ୟାକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ-ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ସେ ସମସ୍ତ ଉପଦର୍ଶିତ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟରୁ ଡାଉନଲୋଡ କରିପାରିବେ।

୩) ଇଚ୍ଛୁକ ନିଲାମଧାରୀମାନେ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ https://allahabadbank.auctiontiger.net ଦ୍ୱାରା ତା.୧୭.୧୧.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ଘଟିକାରେ ସମ୍ପନ୍ନ ହେବାକୁ ଥିବା ଇ-ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା.୦୨.୧୧.୨୦୧୮ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ।

ଦ୍ରଷ୍ଟବ୍ୟ: ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ। (ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ - ତା.୧୫.୧୧.୨୦୧୮ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ)

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୧.୨୦୧୮
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ବେଆଇନ ବାଣ କାରଖାନା ଠାବ: ଜଣେ ଗିରଫ

**ଭଦ୍ରକ ଜିଲା,୧।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ପୁରୁଣାବଜାର ଥାନା ପୋଲିସ ଗୁରୁବାର ରାତି ପ୍ରାୟ ୮ଟା ବେଳେ ଛଡ଼ାକମହଲା ପଠାଣସାହିରେ ଚାଲୁଥିବା ଏକ ବେଆଇନ ବାଣ କାରଖାନା ଠାବ କରିଛି। ପୋଲିସ ଏଠାରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିବାବେଳେ ଜଣେ ଯୁବକଙ୍କୁ ଗିରଫ କରିଛି। ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

### ଦୟାନିଧିଙ୍କ ପରଲୋକ

**ଆରଡ଼ି,୧।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଆରଡ଼ି ସନ୍ନିକଟ ପହଣା ଗ୍ରାମର ଡାକ୍ତର ପ୍ରଫେସର ଦୟାନିଧି ଦାସ(୮୭)ଙ୍କ ପରଲୋକ ହୋଇଯାଇଛି। ସେ ଅବସର ପରେ କଟକସ୍ଥିତ ଫ୍ରେଣ୍ଡସ କଲୋନୀରେ ରହୁଥିଲେ। ତାଙ୍କ ମୃତ୍ୟୁରେ ଆରଡ଼ି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପୁତୁରା ସରୋଜ ଦାସ ମୁଖାଗ୍ନି ଦେଇଥିଲେ।

# ଆଉ ଏକ ନକଲି ଜର୍ଦ୍ଦା କାରଖାନା ଠାବ

**ଭଦ୍ରକ ଅଫିସ,୧।୧୧**

ଭଦ୍ରକ ଜିଲା ପୁରୁଣା ବଜାର ଥାନା ଅଞ୍ଚଳ ନକଲି ଜର୍ଦ୍ଦା କାରବାରର ପେଣ୍ଠସ୍ଥଳୀ ପାଲଟିଛି। ପୋଲିସ ବିଭିନ୍ନ ସମୟରେ ଚଢ଼ାଉ କରି ନକଲି କାରଖାନା ଠାବ କରୁଥିଲେ ମଧ୍ୟ ଏହାର କାରବାରକୁ ରୋକିପାରୁ ନାହିଁ। ଗୁରୁବାର ପୁରୁଣା ବଜାର ଥାନା ପୋଲିସ ଏଠାରେ ଆଉ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ଅପରାହ୍ନ ୫ ଟା ବେଳେ ପୋଲିସ ଏହି ଜର୍ଦ୍ଦା ପ୍ରସ୍ତୁତକାରୀ କମ୍ପାନୀ ଉପରେ ଚଢ଼ାଉ କରି ସେଠାରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ କରିଛି। ଘଟଣାସ୍ଥଳରୁ ନକଲି ଜର୍ଦ୍ଦା କମ୍ପାନୀ ମାଲିକ ଶେଖ୍ ଇସ୍‌ଲାମଙ୍କୁ ଗିରଫ କରାଯାଇଛି।

ପୁରୁଣାବଜାର ଥାନା ଅଧୀନ ଛଡାକମହଲା ସୁଲତାନ ନଗର ଅଞ୍ଚଳରେ ଅଭିଯୁକ୍ତ ଶେଖ୍ ଇସ୍‌ଲାମ ଦୀର୍ଘବର୍ଷ ଧରି ନିଜ ଘରେ ଏହି ନକଲି ଜର୍ଦ୍ଦା କାରଖାନା ଚଳାଇ ଆସୁଥିଲେ। ପୋଲିସ ସେଠାରେ ପହଞ୍ଚିବା ଦେଖି ଇସ୍‌ଲାମ ଫେରାର ହେବା ଲାଗି ଉଦ୍ୟମ କରିଥିଲେ। ଥାନାଧିକାରୀ ପ୍ରଜ୍ଞା ମହାନ୍ତି ଓ ଏସ୍‌ଆଇ ମହାପ୍ରସାଦ ନାୟକ ତାଙ୍କୁ କାବୁ କରିନେଇଥିଲେ। କାରଖାନାରୁ ପ୍ୟାକିଂ ମେଶିନ, କଟର ମେଶିନ, ଜର୍ଦ୍ଦା ଲିକ୍ୟୁଇଡ, ଜର୍ଦ୍ଦା ସେଣ୍ଟ, ନକଲି ଜର୍ଦ୍ଦା, ବିଭିନ୍ନ କମ୍ପାନୀର ଜର୍ଦ୍ଦା, ଶତାଧିକ ଛୋଟବଡ଼ ଖାଲି ଡବା, ନକଲି ପ୍ୟାକିଂ ଷ୍ଟିକର, ପ୍ୟାକିଂ ସାମଗ୍ରୀ, ପିପରମେଣ୍ଟ ଆଦି ଜବତ ହୋଇଛି। ଏଠାରେ ପ୍ରସ୍ତୁତ ନକଲି ଜର୍ଦ୍ଦାକୁ ଜିଲା ଓ ଜିଲା ବାହାରକୁ ଚାଲାଣ କରାଯାଉଥିଲା। ପୂର୍ବରୁ ପୁରୁଣାବଜାର ପୋଲିସ ଅନୁରୂପ ୫ ନକଲି ଜର୍ଦ୍ଦା ପ୍ରସ୍ତୁତ କାରଖାନା ଠାବ କରିଥିବା ସୂଚନା ରହିଛି।



ଜବତ ନକଲି ଜର୍ଦ୍ଦା ପ୍ରସ୍ତୁତ ସାମଗ୍ରୀ।


ଗିରଫ ଶେଖ୍ ଇସ୍‌ଲାମ।

- ଜର୍ଦ୍ଦା କମ୍ପାନୀ ମାଲିକ ଗିରଫ
- ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ସାମଗ୍ରୀ ଓ ମେଶିନ ସହ ଯନ୍ତ୍ରାଂଶ ଜବତ

### ଏକ୍ସପାଏରୀ ଔଷଧ ବିକ୍ରି ଅଭିଯୋଗ

**ଚାନ୍ଦବାଲି,୧।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଦୋଳମଣ୍ଡପସ୍ଥିତ ଏକ ଔଷଧ ଦୋକାନରେ ଏକ୍ସପାଏରୀ ଔଷଧ ବିକ୍ରି ହେଉଥିବା ନେଇ ଗୁରୁବାର ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ, ମତୋ ପଞ୍ଚାୟତ ଚଷାଖଣ୍ଡ ଗାଁର ଦିଲୀପ ଦାସ ଜ୍ୱରରେ ପୀଡ଼ିତ ହୋଇ ଦୋଳମଣ୍ଡପ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ବୁଧବାର ଚିକିତ୍ସିତ ହୋଇଥିଲେ। ଡାକ୍ତର ତାଙ୍କୁ କେତେକ ଔଷଧ ଚିଠା ଲେଖି ଦେଇଥିଲେ। ସ୍ଥାନୀୟ ଏକ ଔଷଧ ଦୋକାନରୁ ଔଷଧ କିଣି ଦିଲୀପ ଖାଇଥିଲେ। ହେଲେ ଏଥିରେ ଜ୍ୱର କମି ନ ଥିଲା। ପରେ ସେ ଏହା ଏକ୍ସପାଏରୀ ଔଷଧ ବୋଲି ଖୋଳରୁ ଜାଣିଥିଲେ। ସେ ଔଷଧ ଦୋକାନୀଙ୍କୁ ଯାଇ ଏ ସମ୍ପର୍କରେ କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଡାକ୍ତରଙ୍କ ଚିଠା ଅନୁସାରେ ସେ ସମସ୍ତ ଔଷଧ ଦେଇଥିବା ଦୋକାନୀ କହିଥିଲେ। କିନ୍ତୁ ଏହାର ବିଲ୍ ନ ଦେବା ଘଟଣା ସନ୍ଦେହଜନକ ହୋଇଛି। ଦିଲୀପ ଏ ନେଇ ଗୁରୁବାର ଅପରାହ୍ନରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଜେ ଲୋ ବୋହୂ ବରଗୁଡ଼ି**
**ତୋହ ମନରେ ତ ଥାଏ କି ନ ଥାଏ**
**ମୋ ମନରେ ଥାଏ ହରଘଡ଼ି ।**

ନୂଆ ହୋଇ ଶାଶୁଘରେ ପାଦ ଦେଇଥିବା ବୋହୂକୁ ରୋଷେଇ ଓ ଘରକରଣା କାମରେ ନିପୁଣା କରାଇବାର ଦାୟିତ୍ୱ ସାଧାରଣତଃ ଶାଶୁ ଉପରେ ନ୍ୟସ୍ତ ଥାଏ। ତେବେ ବୋହୂ ଯଦି ରୋଷେଇ ଭଳି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିବାରେ ଅବହେଳା ଦେଖାଏ ବା ଠିକ୍ ମନୋନିବେଶ ନ କରେ, ତା'ହେଲେ ସେ ନିନ୍ଦା ଶରବ୍ୟର ପାତ୍ରୀ ହୋଇଥାଏ। ଏପରିସ୍ଥଳେ ବୋହୂ କାଳେ ଭୁଲି ନ ଯିବ ସେ ନେଇ ନିଜ ମନପସନ୍ଦ ମୁତାବକ ଖାଦ୍ୟ ପ୍ରସ୍ତୁତି କରାଇବା ଲାଗି ତାଗିଦ୍ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭଲ ଭଲ ଲୋକେ ଚୋରି କରନ୍ତି**
**ରଙ୍କୁଣୀ ଦେଖିଲେ ମାରି ଗୋଡ଼ାନ୍ତି ।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ୍ କରି ଚାଲୁଥିବା ବେଳେ ସମାଜର ନିମ୍ନଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ପରନ୍ତୁ ପେଟ ବିକଳରେ ଯଦି ଗରିବ ଲୋକ କିଛି ଛୋଟ ମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଥିବା ବଡ଼ବାବୁମାନେ ମାରି ଗୋଡ଼ାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ୨୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ଜଣେ ଗିରଫ


ଗିରଫ ଦାମୋଦର ବେହେରା।

**ବାସୁଦେବପୁର,୧।୧୧ (ଡି.ଏନ.ଏ.)** କଟକ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗୁରୁବାର ଭୋର ସମୟରେ ଚଢ଼ାଉ କରାଯାଇ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତ ଜଗନ୍ନାଥି ଗ୍ରାମର ଦାମୋଦର ବେହେରାଙ୍କ ଘରୁ ୨୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ହେବ। ବିକ୍ରେତା ଦାମୋଦରଙ୍କୁ ଗିରଫ କରାଯାଇଛି। ଏ ନେଇ ମାମଲା(ନଂ.୧୩୬/୧୮) ରୁଜୁ ହୋଇଛି। ଅବକାରୀ ଗୋଇନ୍ଦା ବିଭାଗର ଇନ୍ସପେକ୍ଟର ବୈଜୟନ୍ତୀ ପଣ୍ଡା, ଜଗଦୀଶ ସାମଲ, ସବ ଇନ୍ସପେକ୍ଟର ଗାଲୁରାମ ସୋରେନଙ୍କ ସମେତ ୬ ଜଣିଆ ସ୍ୱତନ୍ତ୍ର ଟିମ୍ ଚଢ଼ାଉରେ ସାମିଲ ଥିଲେ।

## ବିଜେଡିର ମହିଳା ସମାବେଶ ଆଜି

**ବାସୁଦେବପୁର,୧।୧୧(ଡି.ଏନ.ଏ.)** ବାସୁଦେବପୁର ବାଲିନଗର ଯାଦବ ପଡ଼ିଆରେ ଶୁକ୍ରବାର ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହେବ। ଏନେଇ ବିଜେଡି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାଶ, ନଗର ସଭାପତି କାଉନସିଲର ମାନସ ରଞ୍ଜନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ନାୟକ, ଶ୍ରୀକାନ୍ତ ସାହୁ, ସରପଞ୍ଚ ପ୍ରଫୁଲ୍ଲ ପଳିତା, ଜୟକୃଷ୍ଣ ନାୟକଙ୍କ ସମେତ ପଞ୍ଚାୟତସ୍ତରୀୟ ନେତା ଯୋଗଦେଇଥିଲେ।

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

HIGH SPEED DIGITAL MACHINE
ଶୁଭ ଦୀପାବଳୀ ଅବସରରେ କମ୍ପାନୀ ଅଫରରେ ଘରେ ବସି ଅନ୍‌ଲାଇନ୍ ଡିଜିଟାଲ ମେଶିନ୍ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - ୨୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 – 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

## ସଂକ୍ଷେପରେ

### ଶୀତ ଗାଏବ
## ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଆଭ୍ୟନ୍ତରୀଣ ଜିଲାଗୁଡିକରେ ଶୀତର ପ୍ରକୋପ ଆରମ୍ଭ ହୋଇଥିଲା। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଥିଲା। ତେବେ ପାଗରେ ପରିବର୍ତ୍ତନ ଯୋଗୁ ପାରଦ ପୁଣି ଉପର ମୁହାଁ ହୋଇଛି । ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହୁଛି। ସେହିପରି ଦିନର ତାପମାତ୍ରା ୩୩ ଡିଗ୍ରୀକୁ ମଧ ଟପି ଯାଉଛି। ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ତାପମାତ୍ରା ତଳକୁ ଖସୁ ନାହିଁ । ଏଭଳି ପାଗ ଆହୁରି ୪/ ୫ ଦିନ ରହିବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୬.୬, ଭବାନୀପାଟଣାରେ ୧୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି ସମେତ ଦକ୍ଷିଣ ଓଡିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୪ ତାରିଖ ଯାଏ ଉତ୍ତର ଏବଂ ଆଭ୍ୟନ୍ତରଣ ଜିଲାଗୁଡିକର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।


## ସାତକୋଶିଆ ଅଞ୍ଚଳରୁ ଫେରିଲା ଭାଜପା ପ୍ରତିନିଧି ଦଳ
### ବ୍ରିଟିଶ ଶାସନଠାରୁ ବଳିଯାଇଛି ପୋଲିସ

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ):** ସାତକୋଶିଆ ଅଞ୍ଚଳରେ ଏବେ ସୁନ୍ଦରୀ ବାଘୁଣୀ ଅପେକ୍ଷା ଲୋକମାନଙ୍କୁ ପୋଲିସ ବେଶି ଡରାଉଛି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ସାତକୋଶିଆ ଅଞ୍ଚଳ ପରିଦର୍ଶନ ପାଇଁ ଯାଇଥିବା ପ୍ରତିନିଧି ମଣ୍ଡଳୀ ଫେରିବା ପରେ ଏଭଳି ମତ ରଖିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଲୋକମାନଙ୍କ ବିରୋଧରେ ମିଛ ମାମଲା ଦାଏର କରି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଉପାୟରେ ପୋଲିସ ଗିରଫ କରି ଭୟର ବାତାବରଣ ସୃଷ୍ଟି କରୁଛି । ଦୁଇଟି ଜୀବନ ଯିବା ସତ୍ତ୍ୱେ ଗାଁକୁ ଏବେ ସୁଦ୍ଧା କୌଣସି ସରକାରୀ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ପାଦ ନ ପଡିବା ନିନ୍ଦନୀୟ । ଗତ ବୁଧବାର ଭାଜପା ପ୍ରତିନିଧିମଣ୍ଡଳୀ ସାତକୋଶିଆ ଅଞ୍ଚଳ ଗସ୍ତ କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ । ଦୁଇଜଣଙ୍କୁ ଉକ୍ତ ଅଞ୍ଚଳରେ ବାଘୁଣୀ ସୁନ୍ଦରୀ ହତ୍ୟା କରିବା ପରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ସେହି ଅଞ୍ଚଳକୁ କୌଣସି ସରକାରୀ ଅଧିକାରୀ ଯାଇ ନ ଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋମାନେ ପ୍ରତିକ୍ରିୟାଶୀଳ ହୋଇ ଆନ୍ଦୋଳନ କରିବା ପରେ ମିଛ ମାମଲାରେ ଛନ୍ଦି ଲୋକମାନଙ୍କୁ ଗିରଫ କରାଯାଉଛି। ଏହି ବିଷୟ ଅଧିକ ଦୁଃଖଦାୟକ। ସାତକୋଶିଆ ଅଞ୍ଚଳରେ ଏବେ ଦିନରେ ବାଘ ଭୟ ଏବଂ ରାତିରେ ପୋଲିସ ଭୟ, ଅହରହ ବିଦ୍ୟୁତ କାଟ୍ ଆଦିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବ୍ରିଟିଶ ଶାସନଠାରୁ ବିଜେଡି ସରକାରର ଶାସନ ବଳିଯାଉଛି ବୋଲି ସ୍ଥାନୀୟ ଲୋକେ କହିଥିବା ସେ ଅଭିଯୋଗ କରିଛନ୍ତି। ଟାଇଁସ ଗାଁରେ ପ୍ରଥମେ ବିଜେଡି ନେତା ବଳଭଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜପଥ ବନ୍ଦ କରାଗଲା। ହେଲେ ପୋଲିସ ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କୁ ଗିରଫ କରି ଜେଲ୍ କାହିଁକି ପଠାଇଛି ବୋଲି ସମୀର ପ୍ରଶ୍ନ କରିଛନ୍ତି ।

### ଆର୍‌ବିଆଇ ବନାମ କେନ୍ଦ୍ର ସରକାର
# ବିବାଦକୁ ନେଇ ୪ଟି ଅସମାହିତ ପ୍ରଶ୍ନ

**ନୂଆଦିଲ୍ଲୀ, ୧।୧୧**

କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦ ଏବେ ସାର୍ବଜନୀନ ହୋଇଗଲାଣି। ତେବେ ଲୋକଲୋଚନରୁ କିପରି ଦୂରେଇ ହେବ ସେ ନେଇ ଏବେ ଉଭୟପକ୍ଷ ଯଥାସାଧ୍ୟ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏଭଳି ସ୍ଥିତିରେ ୪ଟି ଅସମାହିତ ପ୍ରଶ୍ନର ଉତ୍ତର ଖୋଜା ଆରମ୍ଭ ହୋଇଛି। ଦୁଇ ପକ୍ଷ କିଭଳି ପରବର୍ତ୍ତୀ ପଦକ୍ଷେପ ନେବେ ଏହି ପ୍ରଶ୍ନର ଉତ୍ତର ହିଁ ତାହା ଦିଗଦର୍ଶନ ଦେବ ବୋଲି ମନେ କରାଯାଉଛି।


ଅରୁଣ ଜେଟ୍‌ଲୀ


ଉର୍ଜିତ ପଟେଲ

**ଆର୍‌ବିଆଇ ବୋର୍ଡରେ ସଂସ୍କାର ହେବା ଜରୁରୀ ନୁହେଁ କି**

ରିଜର୍ଭ ବ୍ୟାଙ୍କର କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ ହୋଇଛି ଯେ, ଶୀର୍ଷ ଅଧିକାରୀଙ୍କ କାର୍ଯ୍ୟରେ ସହମତି ପ୍ରକାଶ କରୁଥିବା ଏଭଳି ଏକ ବୋର୍ଡ ଗଠନ କରାଯାଉ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଚାହୁଁଛି। ଏଭଳି ବୋର୍ଡ ଗଭର୍ନରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନଚିହ୍ନ ଲଗାଇପାରିବନି। ବୋର୍ଡରେ ଥିବା ସ୍ୱାଧୀନ ସଦସ୍ୟ ଗଭର୍ନରଙ୍କ ଗୋଟିଏ କିମ୍ବା ଦୁଇଟି କାର୍ଯ୍ୟରେ ସହମତ କିମ୍ବା ଅସହମତ ହୋଇପାରନ୍ତି। ଅସହମତି କ୍ଷେତ୍ରରେ ନିଜର ମନୋଭାବ ପ୍ରକାଶ କରିବାର ଅଧିକାର ତାଙ୍କର ରହିବନି କାହିଁକି? ଏଭଳି ସ୍ଥିତିରେ ସ୍ୱାଧୀ ନିର୍ଦ୍ଦେଶକଙ୍କର କ'ଣ କରିବା ଉଚିତ୍? ଆର୍‌ବିଆଇର କାର୍ଯ୍ୟକଳାପ ଉପରେ ନଜର ରଖିଥିବା ବିଶେଷଜ୍ଞଙ୍କ କହିବାନୁଯାୟୀ କେନ୍ଦ୍ରୀୟ ଏଭଳି ଏକ ବୋର୍ଡ ଚାହୁଁଛି ଯିଏକି ଆର୍‌ବିଆଇ ଭିତରୁ ଗଠନ ହେଉ। ଏଥିରେ କୌଣସି ବାହାର ସଦସ୍ୟ ରହିବେନି। ଏଭଳି ଏକ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଆର୍‌ବିଆଇ ଖୁସି ହେବ।

**ସରକାର ଆର୍‌ବିଆଇ ଆଇନର ଧାରା ୭ ଲାଗୁ କରିବା ଉଚିତ୍ କି**

ଏହା ଉପର ଲିଖିତ ପ୍ରଶ୍ନ ସହ ଜଡିତ। ଆର୍‌ବିଆଇର ପଦକ୍ଷେପ ଉପରେ କେନ୍ଦ୍ର ସରକାରଙ୍କ ଆପତ୍ତି ଥିଲେ ବିବାଦ ଉପୁଜିବା ନିଶ୍ଚିତ। ଏଭଳି ସ୍ଥିତିରେ ସରକାର ଧାରା ୭ ବ୍ୟବହାର କରିବାକୁ ବିଚାର କରିପାରିବେ। ଏହାଦ୍ୱାରା କେନ୍ଦ୍ରୀୟ ବ୍ୟାଙ୍କକୁ ସରକାର ନିଜ ଇଚ୍ଛାମୁତାବକ ନିର୍ଦ୍ଦେଶ ଦେଇପାରିବେ। ଯଦି ଆର୍‌ବିଆଇ ପାରମ୍ପରିକ ଢ଼ାଞ୍ଚାରେ ନିଷ୍ପତ୍ତି ନିଅନ୍ତି ତେବେ ସରକାରଙ୍କୁ ଉକ୍ତ ଧାରା ଲାଗୁ କରିବାର ବିକଳ୍ପ ମିଳିଯାଉଛି।

**ସରକାର ଯାହା ଚାହୁଁଛନ୍ତି ଠିକ୍ କି (ପାର୍ଟ–୧)**

ସଙ୍କଟଗ୍ରସ୍ତ ଶକ୍ତି ପ୍ରକଳ୍ପଗୁଡିକ ବିରୋଧରେ ନିୟମ ଲାଗୁ କରିବାରେ କୋହଳ ନୀତି ଆପଣାଯାଉ ବୋଲି ସରକାର ଚାହୁଁଛନ୍ତି। ସେମାନଙ୍କୁ ଦେବାଳିଆ ଅଦାଲତକୁ ପଠା ନ ଯାଉ। ଏହାଦ୍ୱାରା ଅର୍ଥନୀତିକୁ ଫାଇଦା ମିଳିବ। ଏବେ ସରକାରଙ୍କ ଇଚ୍ଛାକୁ ରିଜର୍ଭ ବ୍ୟାଙ୍କ ଦୃଷ୍ଟିରୁ ଦେଖାଯାଉ। ଶକ୍ତି ପ୍ରକଳ୍ପଗୁଡିକ ପାଇଁ ନୀତି କୋହଳ କରାଗଲେ ଅନ୍ୟ ସେକ୍ଟରଗୁଡିକ ମଧ ସମାନ ଦାବି କରିବେ। ଭାରତ ଭଳି ଦେଶରେ ବଡ଼ ଉଦ୍ୟୋଗପତି ସର୍ବଦା କଟକଣା କୋହଳ ହେଉ ବୋଲି ଦାବି କରନ୍ତି। ସେମାନେ ଏଭଳି ପଦକ୍ଷେପକୁ ଚାହିଁ ବସିଛନ୍ତି। ଆର୍‌ବିଆଇ ଏହା ଚାହୁଁନାହିଁ। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ସମ୍ପୂର୍ଣ୍ଣ ଠିକ୍ ତାହା ଏବେ କହିହେବ ନାହିଁ। କାରଣ ଦେବାଳିଆ ଆଇନ ଏବେ ବାଲ୍ୟାବସ୍ଥାରେ ରହିଛି। ଏହାକୁ ଦୃଢ଼ ପାଳନ କରାଯିବାର ଆବଶ୍ୟକତା ରହିଛି।

**ସରକାର ଯାହା ଚାହୁଁଛନ୍ତି ତାହା ଠିକ୍ କି (ପାର୍ଟ–୨)**

ସରକାର ଚାହୁଁଛନ୍ତି ଆର୍‌ବିଆଇ ନିୟମ କୋହଳ କରୁ। ଏହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗଗୁଡିକୁ ଅଧିକ ଋଣ ମିଳିବ। ସରକାର ଏବଂ ଆର୍‌ବିଆଇ ବୋର୍ଡର କିଛି ସ୍ୱାଧୀନ ନିର୍ଦ୍ଦେଶକଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ ନିୟମକୁ କୋହଳ କରନ୍ତୁ। ଏହାଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୧୦ ହଜାରରୁ ଅଧିକ ଲଘୁ ଉଦ୍ୟୋଗକୁ ସହଜରେ ଋଣ ଦେଇପାରିବ। ଦେଶରେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗଗୁଡିକ କୁଶଳ ଏବଂ ଅର୍ଦ୍ଧକୁଶଳ କାରିଗରଙ୍କୁ ରୋଜଗାର ଦେଇଥାଏ। କିନ୍ତୁ ଏଥିପାଇଁ ସେମାନଙ୍କୁ ଅଧିକ ପୁଞ୍ଜିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଆର୍‌ବିଆଇ ପିସିଏ ନିୟମକୁ କୋହଳ କରିବାକୁ ଚାହୁଁନାହିଁ। କାରଣ ଦୁର୍ବଳ ହୋଇପଡିଥିବା ବ୍ୟାଙ୍କଗୁଡିକ ନିର୍ବିଚାରରେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗଗୁଡିକୁ ଋଣ ବାଣ୍ଟି ଚାଲିବେ ବୋଲି ଆର୍‌ବିଆଇ ଆଶଙ୍କା ବ୍ୟକ୍ତ କରିଛି। ଏହାଦ୍ୱାରା ଋଣ ସଙ୍କଟ ଆହୁରି ଗୁରୁତର ହେବ। ତେବେ ଏ କ୍ଷେତ୍ରରେ ସରକାର ଓ ଆର୍‌ବିଆଇ ନିଜ ନିଜ ସ୍ଥାନରେ ଯଥାର୍ଥ। ଏହାର ସମାଧାନ ପାଇଁ ଦୁଇଟି ବାଟ ରହିଛି। ପ୍ରଥମତଃ ସରକାର ଏଥିପାଇଁ ବ୍ୟାଙ୍କଗୁଡିକୁ ପର୍ଯ୍ୟାପ୍ତ ପୁଞ୍ଜି ଦେବେ। ପିସିଏ ନିୟମ ପାଳନ କରି ବ୍ୟାଙ୍କଗୁଡିକ ଋଣ ଦେବେ। ଦ୍ୱିତୀୟତଃ ନଗଦ ସଙ୍କଟ ଦୂର କରିବା ଲାଗି ଆର୍‌ବିଆଇକୁ ସ୍ୱତନ୍ତ୍ର ୱିଣ୍ଡୋ ଖୋଲିବାକୁ ହେବ। ଅନ୍ୟପକ୍ଷରେ ଋଣ ଦେବା ଚକ୍କରରେ ସରକାର ବ୍ୟାଙ୍କକୁ ଅଧିକ ପୁଞ୍ଜି ଦେଇ ନିଜର ବିତ୍ତୀୟ ପରିମାଣକୁ ବିଗାଡିବାକୁ ଚାହାନ୍ତି ନାହିଁ। ଏପରି ସ୍ଥିତିରେ ଏକ ଅତ୍ୟନ୍ତ କଠିନ ପ୍ରଶ୍ନ ହୋଇ ଛିଡା ହୋଇଛି।

ଏଭଳି ସ୍ଥିତିରେ ଉକ୍ତ ୪ଟି ପ୍ରଶ୍ନର ଉତ୍ତର କିପରି ମିଳିବ କେହି ଜାଣି ନାହାନ୍ତି। ତେବେ ସରକାର ଓ ଆର୍‌ବିଆଇର ବିବାଦର ପରିଣାମ କ'ଣ ହେବ ତାହା ଉକ୍ତ ୪ଟି ପ୍ରଶ୍ନର ଉତ୍ତର ଉପରେ ନିର୍ଭର କରୁଛି।

## ଜଗାବଳିଆଙ୍କ ଚିକିତ୍ସା ଓଡ଼ିଶାରେ କରାଇବାକୁ ଅନୁରୋଧ

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**

ଜଗା ବଳିଆଙ୍କ ମା'ବାପା ଆଉ ଦିଲ୍ଲୀରେ ରହିବାକୁ ଚାହୁଁନାହାନ୍ତି। ଦୁଇ ପୁଅଙ୍କୁ ଦିଲ୍ଲୀରୁ ଆଣି ଓଡ଼ିଶାରେ ଚିକିତ୍ସା କରିବାକୁ ସେମାନେ ଇଚ୍ଛା କରିଛନ୍ତି। ତେଣୁ ରାଜ୍ୟରେ କୌଣସି ସରକାରୀ ଡାକ୍ତରଖାନାରେ ଜଗାବଳିଆଙ୍କ ଚିକିତ୍ସା ବ୍ୟବସ୍ଥା କରାଇବାକୁ ସେମାନଙ୍କ ବାପା ଭୂୟାଁ କଅଁର ଗୁରୁବାର ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ପୂର୍ବରୁ ଜଗା ବଳିଆଙ୍କୁ ଓଡ଼ିଶା ନେଇ ଚିକିତ୍ସା କରିବାକୁ ଦିଲ୍ଲୀ ଏମ୍ସ ପକ୍ଷରୁ କୁହାଯାଇଥିଲା। ତେବେ ଓଡ଼ିଶା ଫେରାଇ ଆଣିବା ପୂର୍ବରୁ ରାଜ୍ୟ ସରକାର ଜଗା ବଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ଲାଗି କଟକ ଏସ୍‌ସିବି ଏବଂ ଭୁବନେଶ୍ୱର ଏମ୍‌ସର ୮ ଜଣିଆ ଡାକ୍ତରୀ ଦଳକୁ ଦିଲ୍ଲୀ ପଠାଇଥିଲେ। ଓଡ଼ିଶା ଆଣି ସେମାନଙ୍କ ଚିକିତ୍ସା କରାଯାଇ ପାରିବ ନା ନାହିଁ ସେନେଇ ଡାକ୍ତରୀ ଦଳ ଦିଲ୍ଲୀ ଯାଇ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। ଦିଲ୍ଲୀରୁ ଡାକ୍ତରୀ ଦଳ ଫେରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟକୁ ଭିତ୍ତିକରି ଆଉ କିଛିମାସ ଜଗାବଳିଆଙ୍କୁ ଦିଲ୍ଲୀ ଏମ୍‌ସରେ ରଖି ଚିକିତ୍ସା କରିବାକୁ ଓଡ଼ିଶା ସରକାର ସେତେବେଳେ ଦିଲ୍ଲୀ ଏମ୍‌ସ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଯଦି ଜଗାବଳିଆ ଦିଲ୍ଲୀ ଏମ୍‌ସରୁ ଡିସ୍‌ଚାର୍ଜ ହୁଅନ୍ତି, ତେବେ ସେମାନଙ୍କୁ ଏସ୍‌ସିବି ମେଡିକାଲ କଲେଜ କିମ୍ବା ଭୁବନେଶ୍ୱର ଏମ୍‌ସରେ ରଖି ଚିକିତ୍ସା କରାଯିବ ତାହା ରାଜ୍ୟ ସରକାର ସ୍ଥିର କରିବେ। ଜଗା ବଳିଆଙ୍କ ଦ୍ୱିତୀୟ ପର୍ଯ୍ୟାୟ ଅପରେଶନକୁ ଗତ ଅକ୍ଟୋବର ୨୫ରେ ବର୍ଷେ ପୂରିଛି। ଜଗା ସୁସ୍ଥ ହୋଇ ଆସୁଥିବାବେଳେ ବଳିଆର ସ୍ୱାସ୍ଥ୍ୟାବସ୍ଥା ଏବେ ମଧ ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ବଳିଆର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବାକୁ ହେଲେ ଆହୁରି ସମୟ ଲାଗିବ ବୋଲି ଦିଲ୍ଲୀ ଏମ୍‌ସର ଡାକ୍ତର କହୁଛନ୍ତି।

## ମାଫିଆଙ୍କ ଉପରେ ନାହିଁ ଅଙ୍କୁଶ


ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

**ଜଳେଶ୍ୱର, ୧।୧୧ (ଡି.ଏନ୍.ଏ.)**

- ସୁବର୍ଣ୍ଣରେଖା ବାଲିଉତ୍ସ ଅନୁଧ୍ୟାନ କରି ଫେରିଲା ପ୍ରଶାସନ
- ତହସିଲଦାରଙ୍କୁ ଦିଆଗଲା ତତ୍‌କାଳ ରିପୋର୍ଟ

ପଶ୍ଚିମବଙ୍ଗ ବାଲିମାଫିଆ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ରାୟକୁ ଅଣଦେଖା କରି ଓଡ଼ିଶା ସୀମାକୁ ପଶି ସୁବର୍ଣ୍ଣରେଖା ବାଲିଉତ୍ସରୁ ଲୁଟ୍ ଚଳାଇଛନ୍ତି। ପଶ୍ଚିମବଙ୍ଗ ପ୍ରଶାସନ ବାଲିଉତ୍ସକୁ ମାପଚୁପ କରି ସୀମା ନିର୍ଦ୍ଧାରଣ କରୁ ନାହିଁ କି କୌଣସି ସ୍ଥାନରେ ଲାଲ ପତାକା ପୋତୁ ନାହିଁ। ଏହି ସୁଯୋଗରେ ବାଲି ମାଫିଆ ବଳପୂର୍ବକ ଦିନରାତି ବାଲି ଲୁଟ୍ ଜାରି ରଖିଥିବା ବୁଧବାର ଘଟଣାସ୍ଥଳ ପରିଦର୍ଶନ ପରେ ଏକ ପ୍ରଶାସନିକ ଅଧିକାରୀ ଦଳ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏପରି କି ଉଭୟ ରାଜ୍ୟର ଯୁଗ୍ମ କମିଟି ନିଷ୍ପତ୍ତିକୁ ମଧ ବେଖାତିର କରାଯାଉଛି। ପଶ୍ଚିମବଙ୍ଗ ପ୍ରଶାସନ ବାଲିମାଫିଆଙ୍କ ନିକଟରେ ହାତ ଟେକିଦେଇ ସମାଧାନ ଆଳରେ ଓଡ଼ିଶା ରାଜ୍ୟ ପ୍ରଶାସନକୁ ଭୁଆଁ ବୁଲାଇବା ଉଦ୍ୟମ କରୁଛି ବୋଲି ପ୍ରଶାସନିକ ତଦନ୍ତ ବେଳେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଜଳେଶ୍ୱର ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ସୁପରଭାଇଜର ରବିନାରାୟଣ ତରାଇ, ଓଲମାରା ଆର୍‌ଆଇ ଗୋପାଳ ମାଝି, ଶରଡିହା ଆର୍‌ଆଇ ରାଧାବଲ୍ଲଭ ରଣଜିତ, ଅମୀନ ବିଷ୍ଣୁପଦ ଗିରି ଓ ନାରାୟଣ ବିଶ୍ୱାଳ ପ୍ରମୁଖ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ମାକିଡ଼ିଆ ପଞ୍ଚାୟତ ସଂଲଗ୍ନ ବାଲିଉତ୍ସ ନିକଟରେ ପହଞ୍ଚି ସରଜମିନ ଅନୁଧ୍ୟାନ କରିଥିଲେ। ସେତେବେଳେ ପଶ୍ଚିମବଙ୍ଗ ମାଫିଆ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଅତିରିକ୍ତ ତହସିଲଦାର ମାକିଡ଼ିଆ ଗ୍ରାମର ଶତାଧିକ ପ୍ରତ୍ୟକ୍ଷଦର୍ଶୀ ବୟାନ ନେବା ସହ ସେମାନଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ସେଠାରୁ ପ୍ରଶାସନିକ ଦଳ ଫେରିବା ପରେ ତୁରନ୍ତ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଉଲ୍ଲେଖନୀୟ ଯେ, ସୁବର୍ଣ୍ଣରେଖା ନଦୀରେ ପଶ୍ଚିମବଙ୍ଗ ବାଲିମାଫିଆଙ୍କ ବେଆଇନ୍ ବାଲି ଉତ୍ତୋଳନ ରୋକିବା ଲାଗି ଏନଜିଟି ଦେଇଥିବା ରାୟକୁ କାର୍ଯ୍ୟକାରୀ କରିବା ଦିଗରେ ପଶ୍ଚିମବଙ୍ଗ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ। ଫଳରେ ସୁବର୍ଣ୍ଣରେଖା କୂଳକ୍ଷୟ ହେଇ ଓଡ଼ିଶା ପ୍ରତି ବିପଦ ମାଡି ବସୁଛି।

# ହବାଳି ଖଟି ନିକଟରୁ ୫୨ ଫୁଟ ଲମ୍ବର ମୃତ ତିମି ଉଦ୍ଧାର

**ରାଜନଗର, ୧।୧୧ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ହବାଳିଖଟି ନିକଟରୁ ଏକ ମୃତ ତିମି ଉଦ୍ଧାର ହୋଇଛି। ଏହାର ଲମ୍ବ ପ୍ରାୟ ୫୨ ଫୁଟ ହେବ। ତିମି ମରି ଭାସୁଥିବା ଖବରପାଇ ରାଜନଗର ବନବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏ ନେଇ ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡଙ୍କୁ ସୂଚନା ଦେବା ପରେ ସେ ସେଠାରେ ପହଞ୍ଚି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି।

ହବାଳିଖଟିକୁ ପର୍ଯ୍ୟଟକମାନେ ବୁଲିବାକୁ ଯାଇଥାନ୍ତି । ଏହା ବନ ବିଭାଗ ଅଧୀନରେ ରହିଛି। ହବାଳି ଖଟି ଠାରୁ ମାତ୍ର ୫ ଶହ ଫୁଟ ଦୂରତାରେ ମଲା ତିମି ଲାଗିଥିଲେ ହେଁ ବନବିଭାଗର କୌଣସି କର୍ମଚାରୀ ଏଥିପ୍ରତି ନିଘା ରଖି ନ ଥିଲେ। କୌଣସି ସୂତ୍ରରୁ ପରିବେଶବିତ୍‌ମାନେ ଜାଣି ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେବା ପରେ ଏହା ଲୋକଲୋଚନକୁ ଆସିଥିଲା। ଅତି ତରବରିଆ ଭାବେ ବନବିଭାଗର ଅଧିକାରୀମାନେ ତିମି ମୃତଦେହ ବ୍ୟବଚ୍ଛେଦ କରି ନିକଟସ୍ଥ ବେଳାଭୂମିରେ ପୋତି ଦେଇଥିବା ଜଣାପଡିଛି। ସବୁଠୁ ବଡକଥା ହେଲା ବଙ୍ଗୋପସାଗରର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଟ୍ରଲର ଚଳାଚଳକୁ କଡାକଡି ଭାବେ ନିଷିଦ୍ଧ କରାଯାଇଥିବା ବନବିଭାଗ କହୁଥିବା ବେଳେ ଏହି ବିରାଟକାୟ ତିମି ଟ୍ରଲରର ଯନ୍ତ୍ରାଂଶରେ ଆଘାତ ପାଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ତିମ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ଏହି ସନ୍ଦେହ ଘନୀଭୂତ ହୋଇଛି। ଅପରପକ୍ଷରେ ୨୦୧୬ରେ ପେଣ୍ଠ ବେଳାଭୂମିର ଚିଟିଂରି ମୁହାଣ ନିକଟରେ ଅନୁରୂପ ଭାବେ ଏକ ବିରାଟକାୟ ତିମିର ମୃତଦେହ ମିଳିଥିଲା। ତିମି କେମିତି ମଲା ସେ ନେଇ ବନବିଭାଗର ଅଧିକାରୀମାନେ କୌଣସି ମତାମତ ଦେଇ ନ ଥିଲେ ମଧ୍ୟ ବେଆଇନ ଟ୍ରଲର ଚଳାଚଳ ଯୋଗୁ ବହୁ ସମୟରେ ଜଳଚର ଜୀବଙ୍କ ଅକାଳ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳୁଛି ।


ଉଦ୍ଧାର ହୋଇଥିବା ତିମିର ମୃତଦେହ।

# ଖୋଲିଲା ସୌନ୍ଦର୍ଯ୍ୟମୟୀ କୁଲଡ଼ିହା ଅଭୟାରଣ୍ୟ

**ପ୍ରଶାନ୍ତ ବିଶ୍ୱାଳ**
**ସଜନାଗଡ଼, ୧।୧୧ (ଡି.ଏନ.ଏ.)**

ବର୍ଷାଋତୁ ଲାଗି ବନ୍ଦ ରହିଥିବା କୁଲଡ଼ିହା ଅଭୟାରଣ୍ୟ ଗୁରୁବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପୂର୍ବାହ୍ନ ୧୦ଟା ସମୟରେ ଏହାର ଗେଟ୍ ଖୋଲାଯାଇଥିଲା। ପ୍ରଥମ ଦିନରେ ପଶ୍ଚିମବଙ୍ଗରୁ ଆସିଥିବା ୨୫ ପର୍ଯ୍ୟଟକ ପୂର୍ବାହ୍ନ ୧୧ଟା ସୁଦ୍ଧା ଆସି ଗୋହିରାଭୋଳ ନିକଟରେ ପହଞ୍ଚିଥିଲେ। ଉପସ୍ଥିତ ଥିବା କୁଲଡିହା ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଫରେଷ୍ଟର ପରମାନନ୍ଦ ନାୟକ, ଉମାକାନ୍ତ ଜେନା, ସୌମ୍ୟରଞ୍ଜନ ମାଝୀ, କିଶୋରଚନ୍ଦ୍ର ବେହେରା ପ୍ରମୁଖ ଏହି ଆଗନ୍ତୁକ ପର୍ଯ୍ୟଟକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ୪ଟି ଗାଡିରେ ଆସିଥିବା ପର୍ଯ୍ୟଟକମାନେ ଗାଇଡଙ୍କ ତତ୍ତ୍ୱାବଧାନରେ ଅଭୟାରଣ୍ୟ ଭିତରକୁ ପ୍ରବେଶ କରି ବିଭିନ୍ନ ସ୍ଥାନ ପରିଦର୍ଶନ ପରେ ଅପରାହ୍ନ ବେଳକୁ ଫେରି ଆସିଛନ୍ତି। ଅଭୟାରଣ୍ୟ ମଧ୍ୟରେ ରହଣି ଓ ଖାଦ୍ୟପାନୀୟ ବ୍ୟବସ୍ଥା ହୋଇ ଥିବାରୁ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ଅନ୍ୟବର୍ଷ ତୁଳନାରେ ଏଥର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ ବୋଲି ଅଭୟାରଣ୍ୟ କର୍ତ୍ତୃପକ୍ଷ କହିଛନ୍ତି।



କୁଲଡ଼ିହା ଅଭୟାରଣ୍ୟ ଗେଟ୍ ଖୋଲା ଯାଉଛି।

ପ୍ରଥମ ଦିନରେ କୁଲଡ଼ିହା ପୂର୍ବାହ୍ନ ୧୦ଟା ରେ ପଦାର୍ପଣ କରିଥିବା ପର୍ଯ୍ୟଟକମାନେ ଫେରିବା ପରେ ସେମାନଙ୍କ ରୋମାଞ୍ଚକାର ଅନୁଭୂତି ବର୍ଣ୍ଣନା କରିଛନ୍ତି। ନେଚର୍ସ ପାର୍କ ଭ୍ରମଣ ଓ ରିଷିଆ ଡ୍ୟାମ୍‌ରେ ବୋଟିଂର ମଜା ନିଆରା ବୋଲି ସେମାନେ କହିଥିଲେ। ୪ଟି ଗାଡି ଯୋଗେ କୁଲଡିହା ପରିଦର୍ଶନରେ ଆସିଥିବା ଏହି ପର୍ଯ୍ୟଟକ ବୁଧବାର ପଶ୍ଚିମବଙ୍ଗରୁ ଆସି ନୀଳଗରି ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟ ହୋଟେଲରେ ରାତ୍ରି ଯାପନ କରିଥିଲେ। ସେମାନେ ସକାଳେ ପଞ୍ଚଲିଙ୍ଗେଶ୍ୱରରୁ ୩୦ କି.ମି. ଦୂର ଅଭୟାରଣ୍ୟ ଫାଟକ ନିକଟରେ ପହଞ୍ଚିଥିଲେ। ଏହି ୪ ପର୍ଯ୍ୟଟକଦଳର ମୁଖିଆମାନେ ହେଲେ ସଞ୍ଜୟ ପଣ୍ଡିତ, ଅନିରୁଦ୍ଧ ବାନାର୍ଜୀ, ବୀରେନ ପଲାଇ ଏବଂ କୃଷ୍ଣଚନ୍ଦ୍ର ସିଂ। ଉକ୍ତ ୪ ଦଳରେ ମହିଳା ୫, ଶିଶୁ ୨ ଏବଂ ପୁରୁଷ ୧୮ ଜଣ ରହିଥିଲେ।

୧୨୭୨. ୭୫ ବର୍ଗ କି.ମି. ପରିମିତ ସବୁଜ ଗଛଲତା, ଜଳପ୍ରପାତ, ଝରଣା, ହ୍ରଦ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ତଥା ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟରେ ହାତୀ, ହରିଣ, ଠେକୁଆ, ଗୟଳ, ଗୁଣ୍ଡାରୀ, କୁଟାରୀ, ବାର୍‌ହା, ସମ୍ବର, ଭାଲୁ ଭଳି ବନ୍ୟପ୍ରାଣୀ ଓ କୋଚିଳାଖାଇ, ମୟୁର, ଟିଆ, ଶୁଆଙ୍କ ସମେତ ଦେଶବିଦେଶୀର ପକ୍ଷୀ ଦେଖିବାକୁ ମିଳନ୍ତି। ଅଭୟାରଣ୍ୟରେ ପରିଶୋଭିତ ନେଚର୍ସ ପାର୍କ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି।

### ପ୍ରଥମ ଦିନରେ ୨୫ ପର୍ଯ୍ୟଟକଙ୍କ ପଦାର୍ପଣ




- ପର୍ଯ୍ୟଟକଙ୍କ ଲାଗି ଆକର୍ଷଣ ନେଚର୍ସ ପାର୍କ, ରିଷିଆ ଡ୍ୟାମ୍

ପ୍ରତିବର୍ଷ ଭଳି ଏଥର ବର୍ଷା ଋତୁ ଲାଗି ଜୁନ୍ ୧୬ ତାରିଖରୁ ଏହି ଅଭୟାରଣ୍ୟର ଫାଟକ ବନ୍ଦ ରହିଥିଲା। ଏହି ସମୟ ମଧ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଅଭୟାରଣ୍ୟରେ ଥିବା ଜୋଡ଼ାଚୁଆ, ପୁରୁଣାପାଣି, କୁଲଡ଼ିହା, ଡାକବଙ୍ଗଳା, ଗୋହିରାଭଳ, ସିନ୍ଦୂରଗୌରା, ମୁଖିଚତୁରୀ, କଇମଚତୁରୀ ଅଞ୍ଚଳରେ ପ୍ରତିବର୍ଷ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମଳୁଛି। ସେଠାରେ ପର୍ଯ୍ୟଟକଙ୍କର ପ୍ରିୟ ଖାଦ୍ୟ ଯୋଗାଣ ଏବଂ ସ୍ୱାଗତ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଛି। ୧୬ଜଣ ଲେଖାଏ ପର୍ଯ୍ୟଟକଙ୍କ ରହଣି ଲାଗି ୯ଟି ଟେଣ୍ଟ ନିର୍ମାଣ କରାଯାଇଛି। କ୍ୟାମ୍ପ ବୁକିଂ ପାଇଁ ୩ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଜଣ ପିଛା ୪୦ଟଙ୍କା ପ୍ରବେଶ ଫି ଦେବାକୁ ପଡୁଛି। ୧୦ରୁ ଅଧିକ ଥିଲେ ଜଣ ପିଛା ୨୫ଟଙ୍କା ଦେବାକୁ ପଡିଥାଏ। ଭିନ୍ନକ୍ଷମ ଓ ୫ବର୍ଷରୁ କମ୍ ପିଲାଙ୍କ ଲାଗି ପ୍ରବେଶ ଫି ମାଗଣା। ସେହିପରି ଛାତ୍ରଙ୍କ ପିଛା ୨୫ଟଙ୍କା ଏବଂ ୧୦ରୁ ଅଧିକ ଛାତ୍ରଙ୍କ ପାଇଁ ୧୦ଟଙ୍କା ଫି ରଖା ଯାଇଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ଲାଗି ୨ଶହ ଟଙ୍କା ଧାର୍ଯ୍ୟ ହୋଇଛି। ୪ଚକିଆ ଯାନ ନେବା ଲାଗି ପାଇଁ ୧ଶହ ଟଙ୍କା ଧାର୍ଯ୍ୟ ଥିବା ବେଳେ କ୍ୟାମେରା ପାଇଁ ୫୦ ଓ ଭିଡିଓ ରେକର୍ଡିଂ ପାଇଁ ୧ଶହ ଟଙ୍କା ରଖାଯାଇଛି। ନେଚର୍ସ କ୍ୟାମ୍ପରେ ରହଣି ଲାଗି ଅନଲାଇନ୍ ବୁକିଂ ସହିତ ୱେବସାଇଟ୍ ଖୋଲାଯାଇଛି। ପଲିଥିନ, ମାଦକଦ୍ରବ୍ୟ, ମାଂସ ନେବା ଉପରେ କଟକଣା କରାଯାଇଛି। କୁଲଡ଼ିହା ଅଭୟାରଣ୍ୟର ରିଷିଆ ଅଞ୍ଚଳରେ ଥିବା ଡ୍ୟାମ ପ୍ରକଳ୍ପରେ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ହାତୀ, ହରିଣ, କୁଟୁରୀ ପ୍ରଭୃତି ବନ୍ୟଜନ୍ତୁ ପାଣି ପିଇବାକୁ ଆସିବା ଅତି ନିକଟରୁ ଦେଖିବାକୁ ମିଳିଥାଏ।

## ସଂକ୍ଷେପରେ

### ନୟନଯୋରୀ ପାଣିରେ ପଡ଼ି ଜୀବନ ଗଲା

**ବାହାନଗା,୧।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ଗ୍ରାମର ଶଶିକାନ୍ତ ପାଣିଗ୍ରାହୀ (୫୦) ନାମକ ଜଣେ ବ୍ୟକ୍ତି ନୟନଯୋରୀ ପାଣିରେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଉଚ୍ଚ ରକ୍ତଚାପ ରୋଗରେ ଆକ୍ରାନ୍ତ ଥିଲେ ବୋଲି କୁହାଯାଉଛି। ଗୁରୁବାର ଭୋର ସମୟରେ ସେ ତାଙ୍କ ଘର ନିକଟସ୍ଥ ଛକରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପରେ ଛକ ନିକଟରେ ଥିବା ଏକ ପୋଲ ପାଖ ନୟନଯୋରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଘରଲୋକେ ଖବର ପାଇ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ସୋର ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶଶିକାନ୍ତ ଗୋପାଳପୁର ମହାବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି।

### ଚୋରା ମଦ ଜବତ, ଜଣେ ଗିରଫ

**ବାଲେଶ୍ୱର ଅଫିସ,୧।୧୧:** ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ବାମପଦା ଛକ ନିକଟରେ ଏକ ବୋଲେରୋ ଗାଡ଼ିରେ ୧୦୨୦ଲିଟର ଚୋରା ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା। ମୟୁରଭଞ୍ଜ ଜିଲା ବାରିପଦା ଟାଉନ୍ ଥାନା ଅଧୀନ କରାଟବସା ଅଞ୍ଚଳର ଏସ୍‌କେ ଖୁସବୁଦ୍ଦିନ (୨୭)ଙ୍କୁ ଗିରଫ କରିବା ସହ ବୋଲେରୋ ଗାଡ଼ି (ନଂ ଓଆର୍ ୦୧ଏସ୍-୫୦୫୭), ଏକ ମୋବାଇଲ ଓ ଡ୍ରାଇଭିଂ ଲାଇସେନ୍ସ ଅବକାରୀ ବିଭାଗ ଜବତ କରିଛି। ଏହି ଚଢ଼ାଉରେ ସଦର ଅବକାରୀ ବିଭାଗ ନିରୀକ୍ଷକ କରୁଣା ଶଙ୍କର ତିୱାରୀ, ସହ ଉପନିରୀକ୍ଷକ ଚନ୍ଦ୍ର ମୋହନ ସେଠୀ, କନଷ୍ଟେବଲ ପ୍ରହଲ୍ଲାଦ ବିଶ୍ୱାଳ, ଏସ୍‌କେ କଲିମ, ସନ୍ତୋଷ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ବିଭାଗରେ ଏକ ମାମଲା (ନଂ ୨୭।୧୮-୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସନ୍ଦେହ ଘେରରେ ନାବାଳିକାଙ୍କ ମୃତ୍ୟୁ

**ଖଇରା,୧।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମରେ ଗୁରୁବାର ଅପରାହ୍ନରେ ଜଣେ ନାବାଳିକା ବାମହାତରେ ଶିର କାଟିବା ପରେ ବେକରେ ରଶି ଲଗାଇ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ଉକ୍ତ ନାବାଳିକା ଜଣଙ୍କ କୁପାରୀ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କ ବାପା ୫ବର୍ଷ ତଳୁ ମରିଯାଇଥିଲେ। ମା' ଗୁରୁବାର ତାଙ୍କ ସାନ ଭାଇକୁ ଡାକ୍ତର ଦେଖାଇବାକୁ ଯାଇଥିବାବେଳେ ମା' ନାବାଳିକା ଜଣଙ୍କୁ ତାଙ୍କ ମାମୁଁଙ୍କ ଦାୟିତ୍ୱରେ ଛାଡ଼ିଯାଇଥିଲେ। ମୃତ୍ୟୁର କାରଣ ସମ୍ପର୍କରେ କେହି କିଛି କହୁନଥିବା ବେଳେ କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଘଟଣାର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କ ଆତ୍ମହତ୍ୟା

**ବାଲିଆପାଳ,୧।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତ ଜାମତକୁଲା ଗ୍ରାମର ପୁରୁଷୋତ୍ତମ ବାରିକଙ୍କ ଧର୍ମପତ୍ନୀ ସରସ୍ୱତୀ ବାରିକ ବୁଧବାର ରାତିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସରସ୍ୱତୀଙ୍କ ବିବାହ ୯ବର୍ଷ ତଳେ ହୋଇଥିବାବେଳେ ତାଙ୍କର ୭ବର୍ଷର ଜଣେ ପୁଅ ଅଛି। ତାଙ୍କ ସ୍ୱାମୀ ପୁରୋଷତ୍ତମ ନିଜ ଘର ପାଖରେ ଏକ ଛୋଟ ଦୋକାନ କରି ପରିବାର ଚଳାନ୍ତି। ଗତ ବୁଧବାର ସେ ନିଜ ଦୋକାନରେ ଥିବାବେଳେ ପରିବାରର ଅନ୍ୟମାନେ ମଧ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ଥିଲେ। ସରସ୍ୱତୀ ନିଜ ଶୋଇବାଘରେ ଏକ ଶାଢ଼ୀରେ ଫାଶୀ ଲଗାଇ ଝୁଲି ପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରିବାରିକ କଳହରୁ ସେ ଫାଶୀ ଲଗାଇଥିବା ପୋଲିସ ସନ୍ଦେହ କରିଛି। ଏନେଇ ବାଲିଆପାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିଦ ହଜାଇଛନ୍ତି ଝାଡ଼ଖଣ୍ଡ ହାତୀପଲ

- ଜଙ୍ଗଲରେ ଖାଦ୍ୟାଭାବ, ଧାନ ଜମିରେ ହାତୀ
- ମଞ୍ଚା ବାନ୍ଧି ରାତି ବିତାଉଛନ୍ତି ଲୋକେ

**ସଜନାଗଡ଼,୧।୧୧(ଡି.ଏନ.ଏ.)**

ଝାଡ଼ଖଣ୍ଡରୁ ଚାଲି ଆସିଥିବା ହାତୀପଲ ବାଲେଶ୍ୱର ଜିଲା ନୀଳଗିରି ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ପ୍ରବେଶ କରି ଜଙ୍ଗଲତଳି ଇଲକାରେ ଉପଦ୍ରବ ଚଳାଇଛନ୍ତି। ଏହି ଦଳରେ ମୋଟ ୩୫ ହାତୀ ରହିଛନ୍ତି। ସେମାନେ ଜଙ୍ଗଲରେ ଆବଶ୍ୟକ ଖାଦ୍ୟ ପାଇପାରୁ ନ ଥିବାରୁ ଦରପାଚିଲା ଧାନ ଖାଇବାକୁ ନିକଟବର୍ତ୍ତୀ ଚାଷ ଜମିକୁ ପଶି ଆସୁଛନ୍ତି। ଏ ନେଇ ବନାଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସମସ୍ତଙ୍କ ଆଖିରୁ ହଜିଛି ନିଦ। ଜଙ୍ଗଲକୁ ଲାଗି ଥିବା ଗ୍ରାମର ଲୋକେ ମଞ୍ଚାବାନ୍ଧି ଓ ଗାଁ ମୁଣ୍ଡରେ କାଠ ନିଆଁ ଜାଳି ଚାଷ ଜମି ଜଗୁଛନ୍ତି। ଏହାସତ୍ତ୍ୱେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ହାତୀଙ୍କ ସୁରକ୍ଷା ଲାଗି ବିଦ୍ୟୁତ କାଟ୍ କରାଯାଉଥିବାରୁ ଜଙ୍ଗଲମୁଲକର ଲୋକେ ୩ ଦିନ ହେଲା ଅନ୍ଧାରରେ ରହୁଛନ୍ତି। ଚାଳଛପର ଘରେ ରହୁଥିବା ଲୋକେ ଗଛ ଉପରେ ମଞ୍ଚା ବାନ୍ଧି ରହୁଥିବା ଦେଖିବାକୁ ମିଳିଛି। କେତେକ ଲୋକ ଗାଁ ଛାଡ଼ି ନିଜ ବନ୍ଧୁବାନ୍ଧବଙ୍କ ଘରକୁ ପଳାଇ ଯାଉଛନ୍ତି। ହାତୀଙ୍କୁ ଘଉଡ଼ାଇବାରେ ବନ କର୍ମଚାରୀ ବିଫଳ ହୋଇଥିବା ବନାଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ହାତୀ ଜଙ୍ଗଲ ରାସ୍ତା ପାର ହେଉଛି।

ହାତୀପଲ ଆସିବା ପୂର୍ବରୁ ପ୍ରତିବର୍ଷ ଉପଦ୍ରୁତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜଙ୍ଗଲ କମିଟି, ବୁଦ୍ଧିଜୀବୀଙ୍କ ସହ ପ୍ରଶାସନ ପ୍ରସ୍ତୁତି ବୈଠକ ବସିଥାଏ। ଏଥିରେ ଉପ-ଜିଲାପାଳ, ବିଧାୟକ, ତହସିଲଦାର, ପୋଲିସ, ଇଲେକ୍ଟ୍ରିକାଲ ଏସ୍‌ଡିଓ, ବନବିଭାଗ, ପିଡ଼ିଏସ୍ ବିଭାଗ ଏହି ବୈଠକରେ ଯୋଗ ଦେଇଥାନ୍ତି। କିନ୍ତୁ ଚଳିତବର୍ଷ ବୈଠକ ବସି ନ ଥିବାରୁ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଲୋକଙ୍କ ପାଖରେ କିରୋସିନ, ମାଗଣା ଖାଦ୍ୟ ପହଞ୍ଚି ନାହିଁ । ତେବେ ବନବିଭାଗ ତରଫରୁ ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା, ରେଞ୍ଜର ସୁକୁମାର ଦାସ, ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ସମସ୍ତ ଫରେଷ୍ଟର ଗାର୍ଡ଼, ସବୁଜବାହିନୀ ହାତୀ ଉପଦ୍ରବ ଅଞ୍ଚଳରେ ଉପସ୍ଥିତ ରହି ପରସ୍ଥିତି ଉପରେ ନଜର ରଖିଛନ୍ତି। ୧ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିବା ଜଣାପଡିଛି।


ମଞ୍ଚାରେ ରାତି ଉଜାଗର ଚାଷୀ।

## ଧାନ ଲୋଭରେ ହାତୀ ଅଣାୟତ୍ତ

**ଔପଦା,୧।୧୧(ଡି.ଏନ.ଏ.)**

ସଞ୍ଜ ନଇଁଲେ ବାଲେଶ୍ୱର ଜିଲା ବଣପାହାଡ଼ ଘେରା ଔପଦା ବ୍ଲକର କୁଲଡ଼ିହା ହାତୀ ଅଭୟାରଣ୍ୟ ସଂଲଗ୍ନ ଧାନକ୍ଷେତକୁ ହାତୀ ପଲ ପଶି ଆସୁଛନ୍ତି। ଫଳରେ ବ୍ୟାପକ ଫସଲ ହାନି ଘଟୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେତେକ ଅଞ୍ଚଳରେ ଚାଷୀମାନେ ଗଛରେ ମଞ୍ଚା ବାନ୍ଧି ରାତି ଉଜାଗର ହୋଇ ପହରା ଦେଉଛନ୍ତି। ବାଣ ଫୁଟାଇ, ଘଣ୍ଟା ପିଟି ହୋ-ହଲ୍ଲା କଲେ ବି ହାତୀପଲ ଧାନକ୍ଷେତ ଛାଡ଼ି ଯାଉ ନାହାନ୍ତି। ଆଦିବାସୀ ଅଧ୍ୟୁଷିତ ଗଡ଼ସାହି ଗ୍ରାମର ନଟବର ଗିରି, ସୁକଦେବ ଗିରି, ଗୋବିନ୍ଦ ପାତ୍ର, ଦୁର୍ଯ୍ୟୋଧନ ଖେଜୁଆ, କାସାନୀ କୁଅଁର, ପୁନ ସିଂ, ଘନ ସିଂ, ଟୋଟା ସିଂ, ମହେନ୍ଦ୍ର କୁଅଁରଙ୍କ ଚାଷ ଜମି ହତୀପଲ ନଷ୍ଟ କରିଥିବା ନେଇ ସେମାନେ ଔପଦା ବନଉପଖଣ୍ଡ ଅଧିକାରୀ ରେଞ୍ଜର ପ୍ରଦୀପ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ସହ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଲାଗି ସେମାନେ ଦାବି କରିଛନ୍ତି। ରେଞ୍ଜର ଜେନାଙ୍କ ପଚାରିବାରୁ ସେ କହିଛନ୍ତି, ଅନୁଧାନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। କୁଲଡ଼ିହା ଉପଖଣ୍ଡ ନୀଳଗିରି ମଧକୁ ଝାଡ଼ଖଣ୍ଡ ହାତୀପଲ ପଶିଥିବାରୁ ବନବିଭାଗ କର୍ମଚାରୀ ସେଠାରେ ନିୟୋଜିତ ଅଛନ୍ତି। ଏଠାରେ କର୍ମଚାରୀ ଅଭାବରୁ ଚାଷୀଙ୍କ ପାଖରେ ପହଞ୍ଚିବାରେ ସମସ୍ୟା ହୋଇଛି।

# ଡିସେମ୍ବର ୨୮ରୁ ଚନ୍ଦ୍ରଭାଗା ଉତ୍ସବ

**ବାଲେଶ୍ୱର ଅଫିସ,୧।୧୧**

ବାଲେଶ୍ୱରର ଏକ ଘରୋଇ ହୋଟେଲ ପରିସରରେ ଚନ୍ଦ୍ରଭାଗା ଉତ୍ସବ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଆସନ୍ତା ଡିସେମ୍ବର ୨୮ରୁ ଜାନୁୟାରୀ ୩ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ଉତ୍ସବ ଏବଂ ବାଲେଶ୍ୱର ବହିମେଳା ଅନୁଷ୍ଠିତ ହେବାର ନିଷ୍ପତ୍ତି ହୋଇଛି। ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗାନ୍ଧୀଙ୍କ ବିଷୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବା ସହ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା, ସାହିତ୍ୟରେ ନୂଆମୁହଁ, ଜାତୀୟ ଆନ୍ତଃ ମହାବିଦ୍ୟାଳୟ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା, ୟଙ୍ଗ ହାର୍ଟ ସହଯୋଗିତାରେ ଚିତ୍ରକଳା ଶିବିର ତଥା ପୁସ୍ତକମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବହି ବ୍ୟବସାୟୀ ଷ୍ଟଲ ପକାଇବାର ଖବରଦାତା ସମ୍ମିଳନୀରେ ଚନ୍ଦ୍ରଭାଗା ସମ୍ପାଦକ କବି ଶ୍ରୀଦେବ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଚନ୍ଦ୍ରଭାଗା ସମ୍ପାଦକ କବି ଶ୍ରୀଦେବ ଉଦ୍‌ବୋଧନ ଦେଉଛନ୍ତି।

ଆୟୋଜିତ ପ୍ରସ୍ତୁତି ବୈଠକରେ ଧୀରେନ୍ ନାରାୟଣ ଦାସ ସଭାପତିତ୍ୱ କରିଥିବା ବେଳେ ସାମାଜିକ କର୍ମୀ ସୁବାସିନୀ ଜେନା, ଡ. ଶିଶିର ଚନ୍ଦ୍ର ଜେନା, ଡ. ପ୍ରହଲ୍ଲାଦ ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଭାଗବତ ପାଣିଗ୍ରାହୀ, ଯଶୋଧାରା ଦାସ, ସତ୍ୟପ୍ରିୟ ମହାନ୍ତି, ରୋଜାଲିନ ପାଣିଗ୍ରାହୀ, ଜ୍ୟୋତିର୍ମୟୀ ଶତପଥୀ, ଅବନୀ ଜେନା, ଶୁଭେନ୍ଦୁ ଦାସ, ବିଶ୍ୱଜିତ୍ ଶଙ୍ଖୁଆ, ସନ୍ଧ୍ୟା ଦାସମଜୁମଦାର, କମଲଲୋଚନ ଦାସ, ଅଶୋକ କୁମାର ସେନାପତି, ବିକାଶ କୁମାର ଦାସ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ମତବ୍ୟକ୍ତ କରିଥିଲେ।

# 'ଧୂଲ୍ କେ ଫୁଲ୍' ପକ୍ଷରୁ କଳାସଂସ୍କୃତି ପ୍ରଦର୍ଶନ

**ବାଲେଶ୍ୱର ଅଫିସ, ୧।୧୧**

ବାଲେଶ୍ୱରର ଯୁବ ବିକାଶ ସଂଗଠନ 'ଧୂଲ୍ କେ ଫୁଲ୍' ପକ୍ଷରୁ ବୁଧବାର ପୂର୍ବାହ୍ନ ୭ଟା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଜାତୀୟ ଏକତା ଦିବସ ପାଳନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଚୟନ ହୋଇଥିବା ୮୦ ପ୍ରତିଭାଙ୍କ ପକ୍ଷରୁ ୱାଲ୍ ଅଫ୍ ୟୁନିଟିର ଚିତ୍ର ଓ ବାଲୁକାକଳା ପ୍ରଦର୍ଶନ ସମେତ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ବିଶିଷ୍ଟ ଶିଳ୍ପୀ କେଶୁ ଦାସ, ନୃତ୍ୟଶିଳ୍ପୀ ରୋନାଲିସା ପଣ୍ଡା, ସଙ୍ଗୀତଗୁରୁ ସୁଜିତ ଭୋଇ, ଦେବଶ୍ରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରବୀର ଜେନା, ଯାଜ୍ଞସେନୀ ଦାସ ମଙ୍ଗରାଜ, ରାଧାରମଣ ଦଳେଇ, ଶ୍ରୀକାନ୍ତ ଗାଆଣ, କବିତା ଦତ୍ତ, ସବିତା ସାହୁ, ପ୍ରବୀଣ ମିଟ୍‌କର ପ୍ରମୁଖ ଏଥିରେ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ବସ୍ତିର ପିଲାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ସେମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ନେଇ ଉକ୍ତ ଅନୁଷ୍ଠାନ ଏଭଳି କାର୍ଯ୍ୟକ୍ରମ କରି ଆସୁଛି। ଗ୍ରାଣ୍ଡଫାଇନାଲ ପର୍ଯ୍ୟନ୍ତ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଗଠନର ଉଦ୍ୟୋକ୍ତା ଗୋବିନ୍ଦ ଦଳାଇ ସୂଚନାଦେଇଛନ୍ତି।


'ଧୂଲ୍ କେ ଫୁଲ୍'ପକ୍ଷରୁ 'ୱାଲ୍ ଅଫ୍ ୟୁନିଟି' ଚିତ୍ର ଅଙ୍କନ କରାଯାଉଛି।

## ମଧାହ୍ନ ଭୋଜନ ଚାଉଳ ବିକ୍ରି ଘଟଣା
# ପ୍ରଧାନଶିକ୍ଷକ ନିଲମ୍ବିତ

**ଜଳେଶ୍ୱର,୧।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ୪ ନଂ ୱାର୍ଡ଼ ପଥରପୁରା ଗ୍ରାମସ୍ଥିତ ପଥରପୁରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥୀ ପାତ୍ରଙ୍କୁ ଗୁରୁବାର ସ୍ଥାନୀୟ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ବିଜୟ କୁମାର ନାଥ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ଅଭିଯୋଗରେ ନିଲମ୍ବିତ କରଛନ୍ତି। ଆଦେଶପତ୍ର ସଂଖ୍ୟା ୨୯୨୨/୧.୧୧.୨୦୧୮କ୍ରମେ କରାଯାଇଥିବା ନିଲମ୍ବିତ ଆଦେଶରେ ପ୍ରଧାନଶିକ୍ଷକଙ୍କୁ ଜଳେଶ୍ୱର ସହର ରୁ ୨୦ କିମି ଦୂର ଖୁଆଡ଼ ପଞ୍ଚାୟତ ନୁଆଗାଁ ପ୍ରାଥମିକ ବିଦ୍ୟାଳୟକୁ ତାଙ୍କ ହେଡକ୍ୱାଟର ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି। ଏହାସହିତ ଉକ୍ତ ନିଲମ୍ବିତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ୩ ଦିନ ମଧ୍ୟରେ କରି ବିସ୍ତୃତ ରିପୋର୍ଟ ଦେବାପାଇଁ ବିଆର୍‌ସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତତ୍‌ପରେ ଉକ୍ତ ରିପୋର୍ଟ କୁ ଆଧାରକରି ପରବର୍ତ୍ତୀ ଆଇନଗତ ପଦକ୍ଷେପ ନିଆଯିବ ବୋଲି ବିଇଓ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇ ତୁରନ୍ତ ଗିରଫ କରିବାପାଇଁ ପଥରପୁରା ଗ୍ରାମର ଯୁବକ ମାନେ ବିଇଓଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ନିଲମ୍ବିତ ପ୍ରଧାନଶିକ୍ଷକ ବୁଧବାର ସ୍କୁଲ ଖୋଲିବାର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ସ୍କୁଲରେ ପହଞ୍ଚି ୩ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ନେଇ ଏକ ଟ୍ରଲିରେ ବାହାରକୁ ପଠାଉଥିବା ବେଳେ ସ୍କୁଲ ଆଖପାଖ ର ଯୁବକ ଓ ବାସିନ୍ଦା ମାନଙ୍କ ଦ୍ୱାରା ହଟହଟା ହୋଇ ଧରାପଡ଼ିଥିଲେ।



ଜ୍ଞାନଶ୍ରୀ ପକ୍ଷରୁ ପ୍ରସ୍ତୁତି ବୈଠକ।

# ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୧୯ ପାଇଁ ପ୍ରସ୍ତୁତି

**ବାଲେଶ୍ୱର ଅଫିସ,୧।୧୧**

ଅଷ୍ଟମଥର ପାଇଁ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୧୯ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବାଲେଶ୍ୱର ନିଳିଆବାଗ ସ୍ଥିତ ଯୁଗଶ୍ରୀ ଯୁଗନାରୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପଦେଷ୍ଟା କମିଟିର ସଦସ୍ୟ ସୁବାସିନୀ ଜେନା, ମମତା ମହାପାତ୍ର, ଅଞ୍ଜଳୀ ପଣ୍ଡା, କେଶୁ ଦାସ, ସୃଷ୍ଟିଧର ପରିଡ଼ା ଏବଂ ଜିଲା ଉପଦେଷ୍ଟା କମିଟିର ସଦସ୍ୟ ସୁରେଶ ଚନ୍ଦ୍ର ଗିରି, ବିକାଶ ଦାସ, ରାଜୀବ କୁମାର ମିଶ୍ର,ମନୋଜ କୁମାର ରାଉତ, ପ୍ରକାଶ ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରି ମତାମତ ରଖିଥିଲେ। ରାଜ୍ୟ ଉପଦେଷ୍ଟା କମିଟି ତଥା ଜିଲା ଉପଦେଷ୍ଟା କମିଟିର ସଦସ୍ୟମାନଙ୍କୁ ନେଇ ଏକ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ ଉତ୍ସବ ଅଭ୍ୟର୍ଥନା କମିଟି ଗଠନ କରାଯାଇ ସାମାଜିକକର୍ମୀ ସୁବାସିନୀ ଜେନାଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୟନ କରାଯାଇଥିଲା। ଚଳିତବର୍ଷ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୧୯କୁ ଆସନ୍ତା ଜାନୁୟାରୀ ୨୪ରେ ଗାନ୍ଧୀସ୍ମୃତି ଭବନ ପରିସରରେ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ପୁରସ୍କୃତ କରାଯିବା ସହିତ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୧୯ରେ ଜୀବନବ୍ୟାପୀ ସାଧନା ପାଇଁ ଜ୍ଞାନଶ୍ରୀ ମହାସମ୍ମାନ ସାଙ୍ଗକୁ ବିଭିନ୍ନ ବିଭାଗରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଏବଂ ଜିଲାସ୍ତରୀୟ ପ୍ରତିଭା ସମ୍ମାନ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଉପସଭାପତି ଡମ୍ବରୁଧର ଚଣ୍ଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଷ୍ଟଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା କବାଡ଼ି
# ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ

**ରେମୁଣା,୧।୧୧(ଡି.ଏନ.ଏ.)**

ବାଲେଶ୍ୱର ମିତ୍ରପୁର ସ୍ଥିତ ନୂଆପାଢ଼ୀ ଅଞ୍ଚଳର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଇଷ୍ଟଜୋନ୍‌ର ଓଡ଼ିଶା, ୱେଷ୍ଟବେଙ୍ଗଲ, ବିହାର, ଝାଡ଼ଖଣ୍ଡ ଓ ମଣିପୁର ପ୍ରଭୃତି ପ୍ରଦେଶରୁ ୪୦ଟି ବିଶ୍ୱବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ମହିଳା କବାଡ଼ି ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

ବିକାଶ ସଦନ, ନୂଆପାଢ଼ୀ ଆବାସିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହଯୋଗ କ୍ରମେ ଉପଯୁକ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରେ ମାର୍ଚ୍ଚପାଷ୍ଟ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସଲର ପ୍ରଫେସର ମଧୁମିତା ଦାସ ଯୋଗଦେଇ ଭାରତବର୍ଷରେ ନାରୀ ସଶକ୍ତିକରଣର ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଖେଳରେ ହାରିବା ଜିତିବା ଘଟଣାଟି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଅଂଶଗ୍ରହଣ କରିବା ପ୍ରଗତୀର ଉତ୍‌ଥାନ ବୋଲି କହିଥିଲେ। ଇମାମୀ ପେପର ମିଲ୍‌ର ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାର, ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ, କୁଳସଚିବ ପ୍ରଫେସର ବିଷ୍ଣୁପ୍ରସାଦ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଭାସ୍କର ବେହେରା, ବିସିପିଇ ବାଲିଆପାଳର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ମିଶ୍ର ଏବଂ ଅଧ୍ୟାପକ ଡ. ଆଦିତ୍ୟ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କବାଡ଼ି ପ୍ରତିଯୋଗିତା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାମୂହିକ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି।


ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

# ଅଶାନ୍ତ ରୂପ ନେଉଛି ଖଣି ଅଞ୍ଚଳ

- ଦୁଇଦିନ ଗାଡି ଚଳାଚଳ ବନ୍ଦ ରଖିଲେ ଗ୍ରାମବାସୀ
- ମିଳିତ ବୈଠକରେ ୨୦ରୁ ଅଧିକ ସମସ୍ୟା ଉପସ୍ଥାପନ

**ଖଇରା,୧।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ବନ୍ଧନଟା ଅଞ୍ଚଳରେ ଖଣି ଖନନ ପରେ ପରିବେଶଗତ ସମସ୍ୟା ଜଟିଳ ହେବାରେ ଲାଗିଛି। ଏନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ଖଣି ଇଲାକା ସମସ୍ୟା ପ୍ରତି କ୍ରମାଗତ ଅଣଦେଖା କରାଯିବା ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ମଙ୍ଗଳବାର ଓ ବୁଧବାର ଦୁଇଦିନ ଖଣି ଅଞ୍ଚଳକୁ ଚଳାଚଳ କରୁଥିବା ସମସ୍ତ ଡମ୍ପର ଓ ଟ୍ରକ୍ ଅଟକ ରଖି ପ୍ରତିବାଦ ଜଣାଇଥିଲେ। ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ଓ ଖଇରା ଥାନା ଏଏସଆଇ ଶ୍ୟାମସୁନ୍ଦର ବିନ୍ଧାଣି ପ୍ରମୁଖ ବୁଧବାର ପୂର୍ବାହ୍ନରେ ଗ୍ରାମରେ ପହଞ୍ଚି ଅଟକ ଗାଡିଛାଡିବା ସମ୍ପର୍କରେ ସେମାନଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମବାସୀ ବୈଠକ ଡାକି ଏ ସମ୍ପର୍କରେ ସାମୂହିକ ନିଷ୍ପତ୍ତି ନେବେ ବୋଲି କହିବାରୁ ତହସିଲଦାର ଫେରି ଯାଇଥିଲେ। ଆଲୋଚନା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ବୈଠକ ବସି ୨୦ ସମସ୍ୟା ବିଷୟରେ ଆଲୋଚନା କରାଯାଇ ଏ ସମ୍ପର୍କରେ ଗ୍ରାମବାସୀଙ୍କ ନିଷ୍ପତ୍ତି ପ୍ରଶାସନକୁ ଜଣାଇ ଦିଆଯାଇଛି।


ଦୁଇଦିନଧରି ଅଟକି ରହିଥିବା ଗାଡ଼ି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଓଭର ଲୋଡିଂ ଭାରିଯାନ ଚଳାଚଳ ଯୋଗୁ ରାସ୍ତାଘାଟ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଖଣିରେ ବ୍ଲାଷ୍ଟିଂ ଯୋଗୁ ଆଖପାଖ ଅଞ୍ଚଳର ଲୋକଙ୍କ ଘର କାନ୍ଥରେ ଫାଟ ସୃଷ୍ଟି ହେଉଛି। ରାସ୍ତାରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଚଳାଚଳ ବିପଦସଙ୍କୁଳ ହୋଇପଡିଛି। ଗ୍ରାମବାସୀଙ୍କ ଆପତ୍ତି ସତ୍ତ୍ୱେ କିଛି ପ୍ରତିକାର ନ ହେବାରୁ ରାସ୍ତାରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଚଳାଚଳ ବିପଦସଙ୍କୁଳ ହୋଇପଡିଛି। ଏହି ବୈଠକରେ ଶଙ୍କର୍ଷଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କାର୍ତ୍ତିକ ସ୍ୱାଇଁ, ନୀଳାମ୍ବର ଜେନା, ଭୁବନାନନ୍ଦ ନାଇକ, ରଘୁନାଥ ଦେଉରୀ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କୁପାରୀ-ବଗେଇପୁର ପ୍ରଧାନମନ୍ତ୍ରୀ ସଡକପଥ ଅଗ୍ରାଧିକାର ଭିତ୍ତିରେ ମରାମତି କରାଯିବା, ମେଶିନ ବ୍ୟବହାର ବଦଳରେ ଖଣିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା, ସ୍କୁଲପିଲାଙ୍କ ଯିବା ଆସିବା ସମୟରେ ହାଇୱା ଓ ମିନି ହାଇୱା ଚଳାଚଳ ବନ୍ଦ ରଖିବା, ବ୍ଲାଷ୍ଟିଂପାଇଁ ସମୟସୀମା ନିର୍ଦ୍ଧାରଣ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପାହାଡ ନିକଟରେ ସୂଚନା ଫଳକ ବ୍ୟବସ୍ଥା, ଓଭରଲୋଡିଂ ଯାନ ଚଳାଚଳ ଯୋଗୁ ରାସ୍ତାରେ ବଡବଡ ପଥର ଖସୁଥିବାରୁ ଏହାର ପ୍ରତିକାର କରାଯିବା, ୱାଗନ ମେଶିନ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା, ଧୂଳିରୁ ରକ୍ଷାପାଇଁ ସକାଳେ ଓ ସନ୍ଧ୍ୟାରେ ରାସ୍ତାରେ ପାଣି ସିଞ୍ଚନ ବ୍ୟବସ୍ଥା କରାଯିବା ଲାଗି ଦାବି କରାଯାଇଥିଲା। ଏସବୁ ଦାବି ପୂରଣ ହେବା ପରେ ଗାଡି ଚଳାଚଳ ବିଷୟ ଚିନ୍ତା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଟୁନା ସେନାପତି ସୂଚନା ଦେଇଛନ୍ତି।

୬ ମାସ ତଳେ ଖଣି ଖୋଳା ଆରମ୍ଭ ହୋଇ ଭାରିଯାନ ଚଳାଚଳ କରିବା ପରେ ସୃଷ୍ଟି ହୋଇଥିବା ସମସ୍ୟା ନେଇ ଗତ ଜୁନ ୨୫ ତାରିଖରେ ସରପଞ୍ଚ ବିଷ୍ଣୁ ଘଡେଇଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ ବୈଠକ କରି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ତୁରନ୍ତ ରାସ୍ତା ମରାମତି କରାଯିବା ଓ ଖଣି ଖୋଳାରେ ୱାଗନ ମେଶିନ ବ୍ୟବହାର ବନ୍ଦ ରଖାଯିବାକୁ ଦାବି କରାଯାଇଥିଲା। ଖଣି ମାଲିକମାନେ ଏଥିରେ ସମ୍ମତି ପ୍ରକାଶ କରି ପରେ ପ୍ରତିଶ୍ରୁତି ପାଳନ ନ କରିବାରୁ ଗ୍ରାମବାସୀ ବାଧ ହୋଇ ଏବେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। କୁପାରୀରୁ ବଗେଇପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ବର୍ତ୍ତମାନ ଯାତାୟାତ ଅନୁପଯୋଗୀ ହୋଇ ପଡିଥିବାରୁ ବାରାଯୋଡି, ଗାଭର, କୁଟୀରପାଳ, ସାମୁଲେଇ ଆଦି ଗ୍ରାମର ଲୋକେ ହଇରାଣ ହେଉଛନ୍ତି। ଉକ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ବଡ ବଡ ଖାଲରେ ନାମକୁମାତ୍ର ମାଟି ପକାଇ ଛାଡି ଦିଆଯାଇଛି, ଯାହାକି ସ୍ଥାନୀୟ ଲୋକଙ୍କୁ ଅଧିକ କ୍ଷୁବ୍ଧ କରିଛି। ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ପଚାରିବାରୁ ଗ୍ରାମବାସୀ ଓ ଖଣି ମାଲିକମାନଙ୍କୁ ଏକତ୍ର ବସାଇ ସହମତି ଭିତ୍ତିରେ ସମାଧାନ ସୂତ୍ର ବାହାର କରିବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ୧ କୁଇଣ୍ଟାଲ ଚୋରା କୋଇଲା ଜବତ, ଜଣେ ଗିରଫ



ପଦ୍ମପୁର,୧।୧୧(ଡି.ଏନ.ଏ.):ଭଦ୍ରକ ବ୍ଲକ ସାବରଙ୍ଗ ଫାଣ୍ଡି ପୋଲିସ ବାଇକ୍‌ରେ ଚୋରା କୋଇଲା ନେଇଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗୁରୁବାର ଗିରଫ କରିଛି। ତାଙ୍କଠାରୁ ୧ କୁଇଣ୍ଟାଲ କୋଇଲା ଜବତ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ପଠାଣ ମହଲାର ସେକ୍ ଅବଦୁଲ ହାକିମ। ସେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବାଇକ୍‌ରେ ଚୋରା କୋଇଲା ନେଇ ଭଦ୍ରକ ଆଡ଼କୁ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ସାବରଙ୍ଗ ଫାଣ୍ଡିର କନଷ୍ଟେବଲ ଗଗନ କୁମାର ସେନ୍ ଓ ରିମା ସିଂ ଯାଇ ଇଚ୍ଛାପୁର ଛକଠାରେ ତାଙ୍କୁ ଧରିଥିଲେ। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୫୨୯/୧୮) ରୁଜୁ କରାଯାଇଛି।

### ଜନସମ୍ପର୍କ ପଦଯାତ୍ରା

ବନ୍ତ,୧।୧୧(ଡି.ଏନ.ଏ.): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରମାକାନ୍ତ ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସଭାପତି କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ରାମକୃଷ୍ଣପୁର ବଜାରଠାରେ ସଭା ହୋଇଥିଲା। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ବ୍ଲକ ଉପାଧକ୍ଷା ମଞ୍ଜୁଲତା ଜେନା, ସରପଞ୍ଚ ସାବିତ୍ରୀ ବିଶ୍ୱାଳ, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ବାରିକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଦାସ, ସଭ୍ୟା ରେବତୀ ନାୟକ, ପୂର୍ବତନ ସରପଞ୍ଚ ଦୁର୍ଗା ବିଶ୍ୱାଳ, ରାମଚନ୍ଦ୍ର ତ୍ରିପାଠୀ, ଗୋକୁଳ ଚନ୍ଦ୍ର ଖିଲାର, ସାମାଜିକ କର୍ମୀ ମୁରଲୀଧର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ବିଜୁ ଯୁବ ବାହିନୀ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଥିଲା। ଅଶୋକ ନାୟକ, ନାରାୟଣ ବେହେରା, ପ୍ରକାଶ ଚନ୍ଦ୍ର ପରିଡା, ମହେଶ୍ୱର ସେଠୀ, ବିଶ୍ୱମ୍ଭର ସାହୁ, ଯୁବବାହିନୀ ସଭାପତି ଭକ୍ତିପଦ ସାମଲ, ସମ୍ପାଦକ ଶରତ ରାଉତ, କୋଷାଧକ୍ଷ ମାଧବାନନ୍ଦ ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମନ୍ଦିର ପ୍ରତିଷ୍ଠା ଦିବସ ସମାରୋହ

ବାସୁଦେବପୁର/ପଦ୍ମପୁର,୧।୧୧ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳୁ କଳସ ଅଧିବାସ, ସୂର୍ଯ୍ୟପୂଜା, ଗୁରୁପୂଜା, ଧରିତ୍ରୀ ପୂଜା, ମଣ୍ଡଳଧିବାସ ଦୁର୍ଗାମାଧବ ପୂଜା, ଲକ୍ଷ୍ମୀନାରାୟଣ ପୂଜା, ଗୀତାପାଠ ଓ ହୋମଯଜ୍ଞ ଆଦି କରାଯାଇଥିଲା। ପୂଜକ ପ୍ରଭାତ କୁମାର ମିଶ୍ର, ଅଭିଜିତ ଦାସ, ବିମଳ ସାମନ୍ତ, ନର ପଣ୍ଡା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ନାୟକାଣିଡିହୀ ଥାନାଧିକାରୀ ରତିକାନ୍ତ ଗିରି ସସ୍ତ୍ରୀକ ପୂଜାର୍ଚ୍ଚନା କରିଥିଲେ। ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରକିଶୋର ପାଣିଗ୍ରାହୀ, ଆଗରପଡା ଥାନାଧିକାରୀ ମାନସ ରଞ୍ଜନ ଦେଓ, ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ, ଚୂଡାମଣି ସାମୁଦ୍ରିକ ଥାନାଧିକାରୀ ସୁକାନ୍ତି କେରେଇ, ବାଁଶଡ଼ା ଥାନାଧିକାରୀ ରମେଶ ଚନ୍ଦ୍ର ସିଂ, କଷିଆ ସାମୁଦ୍ରିକ ଥାନାଧିକାରୀ ଜୀବନ ମୋହନ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଅଧ୍ୟାପକ ବବ୍‌ଲୁଙ୍କ ପରଲୋକ

ଭଦ୍ରକ ଅଫିସ,୧।୧୧: ଭଦ୍ରକ ଜୁନିୟର ମହାବିଦ୍ୟାଳୟର ଅଧାପକ ବବ୍‌ଲୁ ସର୍ଦ୍ଦାର(୪୫)ଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଗୁରୁବାର ପୂର୍ବାହ୍ନରେ ଉଭୟ ଜୁନିୟର ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ, ସମସ୍ତ ଅଧାପିକା ଅଧାପକ, ଛାତ୍ରୀଛାତ୍ର ଓ ଅଫିସ କର୍ମଚାରୀ ଉପସ୍ଥିତ ରହି ଶୋକସଭା କରିଥିଲେ। ଏଥିସହ ଉଭୟ ମହାବିଦ୍ୟାଳୟ ବନ୍ଦ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ଗୁରୁବାର ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାକୁ ବାତିଲ କରାଯାଇ ଆସନ୍ତା ୧୦ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ମିଳିଛି।

# ସପ୍ତମାତୃକା ବେଶରେ ଦର୍ଶନ ଦେବେ ମା’ ଭଦ୍ରକାଳୀ

ଭଦ୍ରକ ଅଫିସ,୧।୧୧

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠରେ କାଳୀପୂଜା ପ୍ରସ୍ତୁତି ଜୋର ଧରିଛି। ମା’ଙ୍କ ସପ୍ତମାତୃକା ବେଶ ସମେତ ଅନ୍ୟ ପୂଜାନୀତି ଚୂଡ଼ାନ୍ତ ହୋଇଛି। ସେବା ନୀତିରେ ନିୟୋଜିତ ୫୦ରୁ ଊର୍ଦ୍ଧ୍ୱ ସେବାୟତ ପରିବାର ଏଥିପାଇଁ ଲାଗିପଡ଼ିଛନ୍ତି। ଟ୍ରଷ୍ଟବୋର୍ଡ, ସେବାୟତ, ପୋଲିସ, ଜିଲାସ୍ତରୀୟ ବିଭିନ୍ନ ଅଧିକାରୀଙ୍କୁ ନେଇ ଉପଜିଲାପାଳ ତଥା ଟ୍ରଷ୍ଟବୋର୍ଡ ଅଧକ୍ଷ ସୁଚାରୁ ବଳଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ବସି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି।

କାଳୀପୂଜାରେ ମା’ ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ ଭକ୍ତଙ୍କ ମନ ମୋହିଥାଏ। ପୁରାଣଶାସ୍ତ୍ର, ଭାଗବତ ଗୀତା, କାଳିକା ଚଣ୍ଡୀ ଅନୁସାରେ ମା’ଙ୍କୁ ବେଶ କରାଯାଇ ରୀତିନୀତି ଅନୁଯାୟୀ ପୂଜା କରାଯାଇଥାଏ। ମା’ ଭଦ୍ରକାଳୀ ପରମ ବୈଷ୍ଣବ। ସେ ବିଷ୍ଣୁମାତା ରୂପେ ପୂଜା ପାଇଥାନ୍ତି। କାଳୀପୂଜା ଅବସରରେ ଜଗତ କଲ୍ୟାଣ ଲାଗି ଏଠାରେ ସପ୍ତଦିବସବ୍ୟାପୀ ମହାଯଜ୍ଞର ଆୟୋଜନ କରାଯାଇଥାଏ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆସନ୍ତା ୬ ତାରିଖରେ ମା’ଙ୍କୁ ବେଦମାତା ବେଶରେ ପୂଜା କରାଯିବ।



ମା’ ଭଦ୍ରକାଳୀ।

ମାନସିକ କଳସ ଶୋଭାଯାତ୍ରାରେ ସାଳନ୍ଦୀ ନଦୀରୁ ଜଳ ଆଣି ଘଟସ୍ଥାପନ ହେବା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବ। ୧୨ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପଡ଼ିବ। ପ୍ରଥମଦିନ ମା’ ବେଦମାତା ବେଶରେ ଦର୍ଶନ ଦେବା ପରେ ଦ୍ୱିତୀୟ ଦିନରେ ମହାକାଳୀ, ତୃତୀୟ ଦିନରେ ରାଜରାଜେଶ୍ୱରୀ, ଚତୁର୍ଥ ଦିନରେ ଖଡ୍‌ଗ ଧାରିଣୀ ସିଂହବାହିନୀ, ପଞ୍ଚମ ଦିନରେ ଜଗଦ୍ଧାତ୍ରୀ, ଷଷ୍ଠ ଦିବସରେ ହଂସ ବାହାନରେ ଆରୁଢ଼ା ମହାସରସ୍ୱତୀ ଏବଂ ସପ୍ତମ ଦିବସରେ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହେବ। ଏଥର ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ବେଢାକୁ ପରିଷ୍କାର, ପରିଚ୍ଛନ୍ନତା ରଖିବା ସହ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେବାୟତଙ୍କ ତରଫରୁ ଭାଗୀରଥି ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, କୁଳମଣି ଦୀକ୍ଷିତ, କୃଷ୍ଣପ୍ରସାଦ ଦୀକ୍ଷିତ, ନିରଞ୍ଜନ ଦୀକ୍ଷିତ, ମଦନ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ରସାନନ୍ଦ ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ରାମକୃଷ୍ଣ ଦୀକ୍ଷିତ, ହରେକୃଷ୍ଣ ଦୀକ୍ଷିତ, ଗୋପବନ୍ଧୁ ଦୀକ୍ଷିତ, ଦିପୁନ ଦୀକ୍ଷିତ, ବିଜୟ ଦୀକ୍ଷିତ, ଶରତ ପଣ୍ଡା, ପ୍ରଦୀପ ପଣ୍ଡା, ନିତ୍ୟାନନ୍ଦ ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ଶେଖର ମହାପାତ୍ର, ପ୍ରଫୁଲ୍ଲ ସାହୁ ପ୍ରମୁଖ ମା’ଙ୍କ ବେଶ, ପୂଜା ରୀତିନୀତି, ଯଜ୍ଞ ମଣ୍ଡପ, ତୋରଣ, ପ୍ରସାଦ ସେବନ ତଥା ବିଭିନ୍ନ ବିଭାଗ ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି। ମା’ଙ୍କ ସପ୍ତମାତୃକା ବେଶ ଅବସରରେ ମଙ୍ଗଳ ଆଳତି ଦର୍ଶନ ପାଇଁ ଏଠାରେ ଭକ୍ତଙ୍କ ଭିଡ଼ ଜମିଥାଏ। ସେହିପରି ନାମ ସଂକୀର୍ତ୍ତନ, ପ୍ରବଚନ, ଶତଚଣ୍ଡୀ ପାଠ, ଦୀପଯଜ୍ଞ ପୀଠକୁ ଆଧାତ୍ମିକ ଐଶ୍ୱର୍ଯ୍ୟ ମଣ୍ଡିତ କରିଥାଏ।

■ ହତ୍ୟା ଉଦ୍ୟମ ମାମଲା

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

ଭଦ୍ରକ ଅଫିସ,୧।୧୧

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା ଗୁରୁବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତ ତିହିଡ଼ି ଥାନା ଅଧୀନ ଦହପାଣିଆ ଗ୍ରାମର ଅର୍ଜୁନ ଦାସଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ୨୦୧୭ ମାର୍ଚ୍ଚ ୮ ତାରିଖରେ ଅର୍ଜୁନ ସେହି ଗ୍ରାମର ନାଗେଶ୍ୱର ଦାସଙ୍କୁ ହତ୍ୟା କରି ଫେରାର ପାଇଁ ଉଦ୍ୟମ କରୁଥିଲେ। ଗ୍ରାମବାସୀ ତାଙ୍କୁ ଗୋଡ଼ାଇବାରୁ ସେ ଦୌଡ଼ି ପଳାଇ ଯାଉଥିବାବେଳେ ରାସ୍ତାରେ ସାମ୍ନାପଟୁ ସାଇକେଲରେ ଆସୁଥିବା ପ୍ରାଣୀ ଚିକିତ୍ସକ ରାଜଶ୍ରୀ ପ୍ରିୟଦର୍ଶିନୀ ପାତ୍ରଙ୍କୁ ଅଟକାଇ ସେ ସାଇକେଲ ଦେବା ପାଇଁ କହିଥିଲେ। ରାଜଶ୍ରୀ ସାଇକେଲ ନ ଦେବାରୁ ଅର୍ଜୁନ ଧରିଥିବା ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ରାଜଶ୍ରୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତ ହୋଇ ପଡ଼ିଯିବାରୁ ଅର୍ଜୁନ ସାଇକେଲ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ରାଜଶ୍ରୀଙ୍କ ବଡ଼ବାପା ପ୍ରଭାକର ପାତ୍ର ତିହିଡ଼ି ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏନେଇ ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୭୫/୧୭) ରୁଜୁ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଅର୍ଜୁନଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ସାଇକେଲ ଜବତ କରିଥିଲା। ପୋଲିସ ଅର୍ଜୁନଙ୍କ ନାମରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କୋର୍ଟ ସାକ୍ଷ୍ୟଙ୍କ ପ୍ରମାଣ ଓ ବୟାନକୁ ଭିତ୍ତି କରି ଅର୍ଜୁନଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ସୂଚନା ଥାଉ କି, ଅର୍ଜୁନଙ୍କ ବିରୋଧରେ ଥିବା ହତ୍ୟା ମାମଲା ବର୍ତ୍ତମାନ ସୁଦ୍ଧା ବିଚାରାଧୀନ ରହିଛି। ସରକାରଙ୍କ ତରଫରୁ ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

■ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ୫ମ ସ୍ଥାନରେ କ୍ରିତିକ୍ରିଷ୍ଟା




କୃତୀ ଛାତ୍ରୀ କ୍ରିତିକ୍ରିଷ୍ଟାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଧାମନଗର,୧।୧୧(ଡି.ଏନ.ଏ.)

ଧାମନଗର ବ୍ଲକ କଟସାହି ଗ୍ରାମର କ୍ରିତିକ୍ରିଷ୍ଟା ପଣ୍ଡା ରାଜ୍ୟ ଆଇନ ସେବା ପ୍ରାଧିକରଣ ବିଭାଗ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୫ମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। କଟସାହିର ଆଡଭୋକେଟ ସ୍ନେହାଶିଷ ପଣ୍ଡା ଏବଂ ତିଲୋତ୍ତମା ମିଶ୍ରଙ୍କ କନ୍ୟା କ୍ରିତିକ୍ରିଷ୍ଟା ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ମେଧାବୀ ଛାତ୍ରୀ। ଜିଲାସ୍ତର ଏବଂ ଜୋନସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗତ ୨୭ ତାରିଖରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ହଲରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ମୁଖ୍ୟଅତିଥି ଭାବେ ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ.ଜାଭେରୀ, ସମ୍ମାନିତ ଅତିଥି ଭାବେ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଯୋଗ ଦେଇ ଜଷ୍ଟିସ କୃଷ୍ଣରାମ ମହାପାତ୍ର ଆୱାର୍ଡ କ୍ରିତିକ୍ରିଷ୍ଟାଙ୍କୁ ପ୍ରଦାନ କରିଛନ୍ତି। ‘ସ୍ୱଚ୍ଛ ଭାରତ ଓ ସବୁଜ ଭାରତ’ ଶୀର୍ଷକ ଚିତ୍ରକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ବ୍ଲକସ୍ତରୀୟ କ୍ରୀଡ଼ାରେ ୨୫୦ ଛାତ୍ରୀଛାତ୍ର ସାମିଲ



ଗଣିଜାଙ୍ଗଠାରେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ବନ୍ତ,୧।୧୧(ଡି.ଏନ.ଏ.)

ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ଶରୀର ପାଇଁ କ୍ରୀଡ଼ା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବନ୍ତ ଜୋନ୍ ସଭାପତି ଅଧୀର କୁମାର ତରାଇ ଅଧକ୍ଷତା କରିଥିଲେ। ସରପଞ୍ଚ ରଞ୍ଜନ କୁମାର ସାହୁ, ବ୍ଲକ ଉପାଧକ୍ଷା ମଞ୍ଜୁଲତା ଜେନା, ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ଦାସ ପ୍ରମୁଖ ଯୋଗଦେଇଥିଲେ। ଜୋନ୍ ସମ୍ପାଦକ କିଶୋର ଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ ଓ ସିଆର୍‌ସିସି ଅଭୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୪ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କ ମଧ୍ୟରେ କବାଡି, ଜୁନିୟର ଓ ସିନିୟରଙ୍କ ମଧ୍ୟରେ ଆଥ୍‌ଲେଟିକ, ଭଲିବଲ, କ୍ରିକେଟ, ଟେନିକଏଟ, ବ୍ୟାଡମିଣ୍ଟନ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ୩୫ ବିଦ୍ୟାଳୟରୁ ୨୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଗୀତାକାନ୍ତ ମଲ୍ଲିକ, ରତିଶ ଚନ୍ଦ୍ର ଜେନା, ଜଗନ୍ନାଥ ଦ୍ୱିବେଦୀ, ଧନେଶ୍ୱର ଜେନା, ସହଦେବ ବେହେରା, ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀ, ଡଲିରାଣୀ ଦାସ, ନିୟତିମଣି ପଣ୍ଡା, ବିଦ୍ୟୁତ୍‌ଲତା ଦାସ, ନାରାୟଣ ଚନ୍ଦ୍ର ପଣ୍ଡା, ଗଣେଶ ଚନ୍ଦ୍ର ଦାସ ପ୍ରମୁଖ ବିଭିନ୍ନ ଖେଳ ପରିଚାଳନା କରିଥିଲେ। ନେହେରୁ ନୋଡାଲ ହାଇସ୍କୁଲର ଶୁଭଶ୍ରୀ ବେହେରା, ମଧୁସ୍ମିତା ରାଉତ, ନିତୁସ୍ମିତା ଗିରି, ମଧୁସ୍ମିତା ନାୟକ, ଲୋପାମୁଦ୍ରା ସାହୁ ପ୍ରମୁଖ ସହାୟତା କରିଥିଲେ।

### ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ନେଇ ମାମଲା

ଭଣ୍ଡାରିପୋଖରୀ,୧।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ପାଳଦାବାଙ୍କ କହରାପୋଖରୀ ଶାସନ ନିକଟରେ ବାଇକ୍ ଧକ୍କାରେ ମଙ୍ଗୁରିଗଡିଆ ଗ୍ରାମର ନାରାୟଣ ସେନାପତି(୪୬)ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ନାରାୟଣଙ୍କ କକା ପ୍ରମୋଦଙ୍କ ଅଭିଯୋଗ ପରେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୧୮୫/୧୮) ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ କରୁଛି। ଉଲ୍ଲେଖନୀୟ ଯେ, ନାରାୟଣ ବୁଧବାର ପାଣିକୋଇଲି ଆଡ଼କୁ ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିବାବେଳେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ନାରାୟଣଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୋଲିସ କବ୍‌ଜାରେ ବାତ୍ୟା ଆଶ୍ରୟସ୍ଥଳ

■ସାମୁଦ୍ରିକ ଥାନା କୋଠା ନିର୍ମାଣରେ ବିଳମ୍ବ

ବାସୁଦେବପୁର,୧।୧୧(ଡି.ଏନ.ଏ.)

ଝଡ, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସୁରକ୍ଷା ଦେବା ସକାଶେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ୩୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ସହିତ ୧୪ଟି ରେଡକ୍ରସ ସେଣ୍ଟର ନିର୍ମାଣ କରାଯାଇଛି। ଏସବୁର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବାରୁ କେତେକାଂଶରେ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି। ବାସୁଦେବପୁର ବ୍ଲକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ଜଳପଥରେ ଅବରୋଧ କମାଇବା ଲକ୍ଷ୍ୟରେ ପ୍ରତିଷ୍ଠା ହୋଇଥିବା କଷିଆ ସାମୁଦ୍ରିକ ଥାନା ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ନିକଟସ୍ଥ ଏକ ରେଡକ୍ରସ ବାତ୍ୟାଶ୍ରୟସ୍ଥଳ ସେଣ୍ଟରରେ ଚାଲୁଛି। ରେଡକ୍ରସ ସେଣ୍ଟର ଥାନା କବ୍‌ଜାରେ ଥିବାରୁ ବନ୍ୟା, ବାତ୍ୟା ସମୟରେ ସେଠାରେ ଲୋକେ ଆଶ୍ରୟ ନେବା ସମ୍ଭବ ହେଉ ନାହିଁ। କଷିଆ ସାମୁଦ୍ରିକ ଥାନାର ନୂତନ ଗୃହ ନିର୍ମାଣ ଦିଗରେ ଗୃହ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ନୂତନ ଥାନା ପାଇଁ ଜମି ଚିହ୍ନଟ ହୋଇପାରୁ ନ ଥିବାରୁ ନିର୍ମାଣ ପ୍ରକ୍ରିୟା ଆଗେଇ ପାରି ନ ଥିବା କୁହାଯାଉଛି। ଏ ଦିଗରେ ଜିଲା ପ୍ରଶାସନ ଓ ଘରୋଇ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଚୋରା ମଦ ବେପାରୀ ଗିରଫ

ଧାମନଗର,୧।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ହରିହଂଶ ଗ୍ରାମ ନିକଟ ଧୂଷୁରୀ ପଙ୍ଗଟା ରାସ୍ତାରେ ଚୋରାମଦ କାରବାର ଅଭିଯୋଗରେ ପୋଲିସ ପଙ୍ଗଟା ଗ୍ରାମର ଶ୍ରୀକାନ୍ତ ସାମଲଙ୍କୁ ଗିରଫ କରିଛି। ଶ୍ରୀକାନ୍ତଙ୍କ ନିକଟରୁ ୧୦ ଲିଟର ଦେଶୀମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୭୫/୧୮) ରୁଜୁ ହୋଇ ଶ୍ରୀକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସିପିଆଇର ଗଣ ଅଭିଯାନ ପଦଯାତ୍ରା

ବନ୍ତ,୧।୧୧(ଡି.ଏନ.ଏ.)

କେନ୍ଦ୍ରୀୟ କମିଟି ଡାକରାରେ ସିପିଆଇ ବନ୍ତ ଜୋନ୍ କମିଟି ପକ୍ଷରୁ ଗଣଅଭିଯାନ ପଦଯାତ୍ରା ଆରମ୍ଭ ହୋଇଛି। ଜିଲା ସିପିଆଇ ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି ଶୁଭାରମ୍ଭ କରିଥିଲେ। ବନ୍ତସ୍ଥିତ ସିପିଆଇ କାର୍ଯ୍ୟାଳୟଠାରୁ ପଦଯାତ୍ରା ବାହାରି ପଧାନପଡା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଶତାଧିକ ସମର୍ଥକ ଯୋଗଦେଇ ‘ଭାଜପା ହଟାଅ ଦେଶ ବଞ୍ଚାଅ’ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତି ବିରୋଧରେ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ନିଳୋକ ବଜାରଠାରେ ପଥପ୍ରାନ୍ତ ସଭାରେ ନିଳୋକ ଶାଖା ସମ୍ପାଦକ କିଶୋର ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ଜୋନ୍ ସମ୍ପାଦକ ରମେଶ ଜେନା, ପ୍ରାକ୍ତନ ବ୍ଲକ ଉପାଧକ୍ଷ ଫକୀର ଚରଣ ବିଶ୍ୱାଳ, ସମିତିସଭ୍ୟ ରତିକାନ୍ତ ଜେନା, ଆଇନଜୀବୀ ପରମେଶ୍ୱର ବାରିକ, ପ୍ରଫୁଲ୍ଲ ନାୟକ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଜେନା, ଆନନ୍ଦ ଜେନା, ସ୍ୱର୍ଣ୍ଣଲତା ଖିଲାର, ସେକ୍ ଅବଦୁଲ୍ଲା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୁବକମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବନ୍ତ,୧।୧୧(ଡି.ଏନ.ଏ.)

ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଡିହସାହି ହରିହାଟ ପଡ଼ିଆଠାରେ ବିଜୁ ଯୁବ ବାହିନୀ ତରଫରୁ ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବ୍ଲକ ଅଧକ୍ଷ ଦେବେନ୍ଦ୍ର କୁମାର ଜେନା, ଉପାଧକ୍ଷା ମଞ୍ଜୁଲତା ଜେନା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଦାସ, ପ୍ରଶାନ୍ତ ଦାଶ, ରେବତୀ ନାୟକ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ଗିରିଧାରୀ ସାହୁ, ଯୁବ ବାହିନୀ ସଂଯୋଜକ ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ପିଲାଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଯୁବବାହିନୀ ସଭାପତି ବିନାୟକ ପ୍ରସାଦ ନାୟକ, ସମ୍ପାଦକ ଗିରିଜା ପ୍ରସନ୍ନ ରାଉତ, କୋଷାଧକ୍ଷ ପ୍ରଭାତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଧାମନଗର,୧।୧୧(ଡି.ଏନ.ଏ.)



ଭାଜପା କର୍ମକର୍ତ୍ତା ଓ ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।

ଭଦ୍ରକଜିଲା ଧାମନଗର ବ୍ଲକ ଭାଜପା ପକ୍ଷରୁ ଗୁରୁବାର ବ୍ଲକ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଶାଳ ରାଲି ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ଶାସକ ଦଳକୁ ଟାର୍ଗେଟ କରିଥିଲା। ଧାମନଗର ବ୍ଲକର ୪ଟି ମଣ୍ଡଳରୁ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଓ ମହିଳା ଏକତ୍ର ହୋଇ ଧାମନଗର ଜଳସେଚନ ଡାକବଙ୍ଗଳାରୁ ବିଶାଳ ରାଲିରେ ବାହାରିଥିଲେ। ସେମାନେ ଧାମନଗର ବଡ଼ବଜାର, ସାନବଜାର ହୋଇ ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅଶୋକ ପୁହାଣଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାମରେ ଚଳାଉଥିବା ଧରା ପଡ଼ିଯିବା ପରେ ରାଜ୍ୟ ସରକାର ଏବେ ନିଜ ନାମରେ ଖାଦ୍ୟ ସୁରକ୍ଷା ଏବଂ ବିଜୁ ସ୍ୱାସ୍ଥ୍ୟ ଯୋଜନା ଆରମ୍ଭ କରିଥିବା, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ଲାଗୁ ନ କରିବା ଦ୍ୱାରା ସଂଘୀୟ ବ୍ୟବସ୍ଥାକୁ ଅପମାନ କରିବା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଉଥିବା ଲୋକେ ସବୁଦିନ ପାଇଁ ଉପକୃତ ହୋଇପାରିବେ ନାହିଁ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ନିର୍ମାଣ, ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କଠାରୁ ଲାଞ୍ଚ ନିଆଯିବା, ଗ୍ରାମସଭା, ପଲ୍ଲିସଭା, ସରପଞ୍ଚ, ସମିତିସଭ୍ୟଙ୍କ ଅଧିକାର ଛଡ଼ାଇ ନିଆଯାଇ ଦଳୀୟ ଭିତ୍ତିରେ କାର୍ଯ୍ୟ ହେଉଥିବା, ସରକାରୀ ଅଧିକାରୀଙ୍କୁ ଦଳୀୟ କର୍ମୀ ଭାବେ କାର୍ଯ୍ୟରେ ଲଗାଯାଉଥିବା ଏବଂ ସରକାରୀ ଉନ୍ନୟନ କାର୍ଯ୍ୟରେ ପିସି କାରବାର ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଭାଜପାର ଆଗାମୀ ୧୨୦ ପ୍ଲସ କଥାକୁ ମଧ୍ୟ ବକ୍ତାମାନେ ଦୋହରାଇଥିଲେ। ରାଜ୍ୟ ଭାଜପା ଉପସଭାପତି ବିଷ୍ଣୁଚରଣ ସେଠୀ, ଜିଲା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ଜିଲା ସମ୍ପାଦକ ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, ସୁରତ ସେଠୀ, ରଞ୍ଜିତା ସ୍ୱାଇଁ, ୪ ମଣ୍ଡଳ ସଭାପତି ଅରବିନ୍ଦ ପତି, ଦୀପ୍ତିରଞ୍ଜନ ଜେନା, ଅଜୟ ବଳ, ସଦାଶିବ ପୋଥାଳ, ବ୍ଲକ ମିଡିଆ ସେଲ୍‌ର ବିଜୟ ରାମ, ଶ୍ରୀକାନ୍ତ ନାୟକ ଏବଂ ଅନିରୁଦ୍ଧ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଏମ୍‌ପିସି କଲେଜରେ ୧୨ରେ ଲାପ୍‌ଟପ୍ ବଣ୍ଟନ

**ବାରିପଦା ଅଫିସ,୧।୧୧:** ଓଡିଶା ସରକାରଙ୍କ ଯୁବନୀତି କାର୍ଯ୍ୟକ୍ରମ ଆଧାରରେ ବାରିପଦା ତକତପୁରସ୍ଥିତ ଏମପିସି ଅଟୋନୋମସ କଲେଜରେ ଜିଲାରେ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ (୨୦୧୭-୨୦୧୮ ବ୍ୟାଚ)ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯିବ। ଚଳିତ ମାସ ୧୨, ୧୩ ଓ ୧୪ ତାରିଖ ୩ ଦିନ ଧରି ଏହା ବଣ୍ଟନ କରାଯିବ ବୋଲି କଲେଜ ଅଧକ୍ଷ ବିଷ୍ଣୁ ଚରଣ ଜେନା ସୂଚନା ଦେଇଛନ୍ତି। ମନୋନୀତ ମେଧାବୀ ଛାତ୍ରୀଛାତ୍ରମାନେ ସେମାନଙ୍କ ମହାବିଦ୍ୟାଳୟ ଅଧକ୍ଷଙ୍କଠାରୁ ସୁପାରିସ ପତ୍ର ଓ କଲେଜ ପ୍ରଦତ୍ତ ଫଟୋ ପରିଚୟପତ୍ର ତଥା କାଉନସିଲ ପ୍ରଦତ୍ତ ପରୀକ୍ଷା ପ୍ରବେଶ ପତ୍ର ନେଇ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହିବାକୁ ଅଧକ୍ଷ ଜେନା ସୂଚନା ଦେଇଛନ୍ତି।

### ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାରିପଦା ଅଫିସ,୧।୧୧:** ବାରିପଦା ମୁର୍ଗାବାଡିସ୍ଥିତ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସୂଦନ ଚକ୍ରଙ୍କ ନିମନ୍ତେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକ, ଜିଲା ବିଜ୍ଞାନ ପରିଦର୍ଶକ ବେଣୁଧର ଚାନ୍ଦ,ବଡସାହି ବ୍ଲକ ଶିକ୍ଷା ଅଧିକାରୀ ଦେବବ୍ରତ ବାରିକ, କୁଳିଅଣା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ,ଗୋପବନ୍ଧୁନଗର ବ୍ଲକ ଶିକ୍ଷା ଅଧିକାରୀ ଶଶିକାନ୍ତ ସିଂ, ଜିଲା ଶିକ୍ଷା କାର୍ଯ୍ୟାଳୟର ଆଇନ ସହାୟକ ବୀଣାପାଣି ରାଉତ, ଜିଲା ଶିକ୍ଷା କାର୍ଯ୍ୟାଳୟର ମୁଖ୍ୟ କିରାଣି ଜ୍ଞାନରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା ଅଫିସର ସତ୍ୟନାରାୟଣ ଦାସ ପରିଚାଳନା କରିଥିବା ବେଳେ ଶିକ୍ଷକ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।

### ଜେଏମ୍‌ଏମ୍‌ରେ ସାମିଲ ହେଲେ ଭାଜପା, ବିଜେଡି କର୍ମୀ

**ବାରିପଦା ଅଫିସ,୧।୧୧:** ଭାଜପା ଓ ବିଜେଡିର ବହୁ କର୍ମୀ ଦଳ ଛାଡି ଜେଏମ୍‌ଏମ୍‌ରେ ସାମିଲ ହୋଇଛନ୍ତି। ଏ ନେଇ ଜିଲା ଜେଏମ୍‌ଏମ୍ ସମ୍ପାଦକ ପ୍ରଭୁଦାନ ମାରାଣ୍ଡି ସୂଚନା ଦେଇଛନ୍ତି। ଟିକା ମହାନ୍ତ, ଶମ୍ଭୁ ବିନ୍ଧାଣୀ, ରାଜେଶ ପିଟର, ସୁଶାନ୍ତ ବେହେରା, ବାବୁଲି ବେହେରା, ଦିଲୀପ ଦେହୁରୀଙ୍କ ନେତୃତ୍ୱରେ ଏହି କର୍ମୀମାନେ ଜେଏମ୍‌ଏମ୍‌ରେ ସାମିଲ ହୋଇଛନ୍ତି। ସେହିପରି ଯଶିପୁର ଓ ଶୁକୃଳି ବ୍ଲକର ଭାସ୍କର ମହାନ୍ତ, ଧମେନ୍ଦ୍ର ମହାନ୍ତ, ଗୋବିନ୍ଦଚନ୍ଦ୍ର ସୋରେନ ପ୍ରମୁଖ ମଧ ଜେଏମ୍‌ଏମ୍‌ରେ ଯୋଗ ଦେଇଛନ୍ତି। ରାଜ୍ୟ ମହିଳା ସଭାନେତ୍ରୀ ଅଞ୍ଜନି ସୋରେନ ଏହି ନେତୃବୃନ୍ଦଙ୍କୁ ଦଳରେ ସ୍ୱାଗତ କରିଥିଲେ।


### ଭାଜପା ପକ୍ଷରୁ ବ୍ଲକ ଘେରାଉ



**କପ୍ତିପଦା,୧।୧୧(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ଗୁରୁବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଛି । ଭାଜପା ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ରାଲି କପ୍ତିପଦା ବଜାର ପରିକ୍ରମା କରିବା ପରେ ବ୍ଲକ ଘେରାଉ କରିବା ସହିତ ପ୍ରତିବାଦ କରିଛି। ଏଥିରେ ପୂର୍ବତନ ବିଧାୟକ ଭାସ୍କର ମଢେଇ, ଜିଲା ପରିଷଦ ସଦସ୍ୟା ଟିଂକିମଣି ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ପ୍ରମିଳା ପଣ୍ଡା, ଉଦଳା ଏନଏସି କାଉନସିଲର ପ୍ରଭାତ ପରିଡା, ଉଦଳା ଏନଏସି ଚେୟାରମ୍ୟାନ ସୌଭାଗ୍ୟ ସାହୁ, ଜିଲା ସମ୍ପାଦକ ପାର୍ଥସାରଥୀ ମିଶ୍ର, ଭୀମ ଚରଣ ନାୟକ, କପ୍ତିପଦା ମଣ୍ଡଳ ସାଧାରଣ ସମ୍ପାଦକ ତପନ କୁମାର ସେଠୀ ଓ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିବା ସହିତ ତୀବ୍ର ସମାଲୋଚନା କରିଥିଲେ ।

# ଖୋଲିଲା ଶିମିଳିପାଳ: ପର୍ଯ୍ୟଟକଙ୍କ ଗହଳି

**ବାରିପଦା ଅଫିସ,୧।୧୧**




ଲୁଲୁଙ୍ଗ ନିକଟରେ ଥିବା ଶିମିଳିପାଳ ଅଭୟାରଣ୍ୟର ମୁଖ୍ୟ ଫାଟକ।



ଗୋଲାପ ଫୁଲ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରୀସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ଶିମିଳିପାଳ ଅଭୟାରଣ୍ୟ ସାରା ବିଶ୍ୱରେ ବିଖ୍ୟାତ। ବର୍ଷା ହେତୁ ଜୁନ ୧୫ରୁ ବନ୍ଦ ଥିବା ଏହି ଅଭୟାରଣ୍ୟ ଗୁରୁବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ହୋଇଛି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯାଗ ପାଇଥାନ୍ତି। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟର ସ୍ୱତନ୍ତ୍ର ଆକର୍ଷଣ ରହିଛି।

ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିନରେ ଯଶିପୁର ପଟୁ ୭ ଗାଡିରେ ୪୯ ଜଣ ଓ ଲୁଲୁଙ୍ଗ ପଟୁ ୮ ଗାଡିରେ ୪୯ ଜଣ ପର୍ଯ୍ୟଟକ ମୋଟ ୯୮ ଜଣ ଶିମିଳିପାଳ ଭିତରକୁ ଯାଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏସିଏଫ ଅରୁଣ କୁମାର ବିଶ୍ୱାଳ, ରେଞ୍ଜର ଉଗ୍ରସେନ ଜେନା ଓ ଡେପୁଟି ରେଞ୍ଜର ଲଲାଟେନ୍ଦୁ ସେନାପତି ଓ ଅନ୍ୟ କର୍ମଚାରୀ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ସହିତ ଅଭୟାରଣ୍ୟ ସମ୍ପର୍କିତ ଏକ କ୍ଷୁଦ୍ର ପୁସ୍ତକ ମଧ ପ୍ରତି ପର୍ଯ୍ୟଟକଙ୍କୁ ପ୍ରଦାନ କରାଯାଇଥିଲା।

ପୂର୍ବରୁ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକମାନେ ରୁଚିକର ଖାଦ୍ୟ ଖାଇବାକୁ ସୁଯୋଗ ପାଉ ନ ଥିଲେ। ତେଣୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି କୁମାରୀ ଓ ମୁକ୍ତାପୁରରେ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟର ୪ ରୁ ୫ ଜାଗାରେ ଆଦିବାସୀ ଖାଦ୍ୟ ସାଙ୍ଗକୁ ହାଲ୍‌କା ଭୋଜନ ବ୍ୟବସ୍ଥା ମଧ କରାଯାଇଛି। ବିଭିନ୍ନ ସ୍ଥାନରେ ଶୌଚାଳୟର ବ୍ୟବସ୍ଥା ମଧ କରାଯାଇଛି। ଏଠାକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରଥମ ଦିନରେ ଆସିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର କୁହନ୍ତି, ପ୍ରଥମ ଥର ପାଇଁ ଶିମିଳିପାଳ ଆସିଥିବାରୁ ବନ୍ୟଜନ୍ତୁଙ୍କୁ ପାଖରୁ ଦେଖିବା ସହିତ ପ୍ରକୃତିର ମଜା ନେବେ। ପର୍ଯ୍ୟଟକ ବିକାଶ ଚାଟାର୍ଜୀ କୁହନ୍ତି, ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟ ହିଁ ଏଠାକୁ ଟାଣି ଆଣିଛି। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ବନ୍ୟପ୍ରାଣୀ ଓ ବଣଜଙ୍ଗଲ ସମ୍ପର୍କରେ ଅଧ୍ୟୟନ କରୁଥିବା ଛାତ୍ର ଯୁଗଳ କିଶୋର ମହାନ୍ତି କୁହନ୍ତି, ଶିମିଳିପାଳରେ ବୁଲିବା ସାଙ୍ଗକୁ ଗବେଷଣା ମଧ ହେବ। ପ୍ରଥମ ଅନୁଭୂତି ନିଶ୍ଚୟ କିଛି ଶିକ୍ଷା ଦେବ ବୋଲି ମଧ ସେ କହିଛନ୍ତି।

ଏହାଛଡା ଛୁଟି ଦିନରେ ୬୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଉଦ୍ଭିଦ, ବୃକ୍ଷ ଓ ଚାରୁଲତା ବିଷୟରେ ପର୍ଯ୍ୟଟକଙ୍କୁ ଅବଗତ କରାଯିବା ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟ ଭିତରକୁ ପଶିବା ପାଇଁ ସାଥିରେ ଗାଇଡ ନେବା ବାଧତାମୂଳକ। ସେହିପରି ପଲିଥିନ ଓ ମାଦକ ଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଅପରାହ୍ନ ୩ ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ ଟା ପୂର୍ବରୁ ସମସ୍ତେ ଚହଲା ସ୍ଥାନକୁ ଛାଡିବା ପାଇଁ ବାଧତାମୂଳକ କରାଯାଇଛି।

ସୂଚନା ମୁତାବକ, ୨୦୧୬-୧୭ ରେ ୨୯ ହଜାର ୧୩୦ ଜଣ ପର୍ଯ୍ୟଟକ ଶିମିଳିପାଳ ଆସିଥିବା ବେଳେ ୨୦୧୭-୧୮ରେ ସେମାନଙ୍କ ସଂଖ୍ୟା ୩୦,୬୬୬ରେ ପହଞ୍ଚିଛି। ଏଠାରୁ ରାଜସ୍ୱ ବାବଦକୁ ୨୦୧୬-୧୭ରେ ୬୮ ଲକ୍ଷ ୩୭ ହଜାର ୪୮୧ ଟଙ୍କା ଏବଂ ୨୦୧୭-୧୮ରେ ୯୫ ଲକ୍ଷ ୬୬ ହଜାର ୩୪୯ ଟଙ୍କା ଆଦାୟ ହୋଇଛି। ଶିମିଳିପାଳରେ ପର୍ଯ୍ୟଟକଙ୍କ ରାତ୍ରୀ ଯାପନ ପାଇଁ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଜାମୁଆଣି, , କୁମାରୀ, ଗୁଡୁଗୁଡିଆ ଓ ରାମତିର୍ଥୀରେ ସାନ୍ତାଳି କଟେଜ, ଆଦିବାସୀ କୁଡିଆ ଆଦି ରହିଛି।



ଶିମିଳିପାଳ ଭିତରେ ପର୍ଯ୍ୟଟକଙ୍କ ରହିବା ପାଇଁ ଥିବା ମଞ୍ଚା।

- ପ୍ରଥମ ଦିନରେ ଆସିଲେ ୯୮
- ଗୋଲାପ ଦେଇ ସ୍ୱାଗତ
- ଉପହାର ଦିଆଗଲା ଅଭୟାରଣ୍ୟ ସମ୍ପର୍କିତ ପୁସ୍ତକ
- ସୁରକ୍ଷା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ

## ବିଶ୍ୱଜିତ୍ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ

**ଉଦଳା,୧।୧୧ (ଡି.ଏନ.ଏ.)**



ଗିରଫ ରବୀନ୍ଦ୍ର ମହାକୁଡ।

ଅକ୍ଟୋବର ୨୨ ତାରିଖ ବିଳମ୍ବିତ ରାତ୍ରିରେ ଉଦଳା ଥାନା ଅଧୀନରେ ଥିବା ରଙ୍ଗାମାଟିଆ ଡମ୍ବୁରୁଡିହି(ବିଦ୍ୟୁତ୍ ଗ୍ରୀଡ୍) ରାସ୍ତା ପାର୍ଶ୍ୱର ଏକ ବିଲରୁ ବିଶ୍ୱଜିତ୍ ପାତ୍ର ନାମକ ବ୍ୟକ୍ତିଙ୍କ ମୃତଦେହ ପୋଲିସ୍ ଉଦ୍ଧାର କରିଥିଲା । ତାଙ୍କୁ ହତ୍ୟା କରିଥିବା ଘଟଣାରେ ପୋଲିସ ଚୁଳିଆପୋଷି ଗ୍ରାମର ରବୀନ୍ଦ୍ର ମହାକୁଡ(୪୧)ଙ୍କୁ ଗିରଫ କରିଛି। ଅନୈତିକ ସମ୍ପର୍କ ହତ୍ୟାର ମୁଖ୍ୟ କାରଣ ବୋଲି ଅଭିଯୁକ୍ତ ରବୀନ୍ଦ୍ର ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ମୟୂରଭଞ୍ଜ ଏସ୍.ପି. ଅବିନାଶ କୁମାର, ଉପଖଣ୍ଡ ପୋଲିସ ଅଧିକାରୀ, ଆଇଆଇସି ସନାତନ ସାହୁ, ଏସ୍.ଆଇ ମଧୁସ୍ମିତା କର ପ୍ରମୁଖ ଉପସ୍ଥିତ ଥିଲେ ।

ଅଭିଯୁକ୍ତ ରବୀନ୍ଦ୍ରଙ୍କ କହିବାନୁଯାୟୀ, ତାଙ୍କ ସ୍ତ୍ରୀଙ୍କ ସହ ଅନୈତିକ ସମ୍ପର୍କ ସନ୍ଦେହରେ ସେ ବିଶ୍ୱଜିତ୍‌ଙ୍କୁ ହତ୍ୟା କରିଛନ୍ତି । ଘଟଣା ଦିନ ସନ୍ଧ୍ୟାରେ ପୂର୍ବ ଯୋଜନା ଅନୁଯାୟୀ ବିଶ୍ୱଜିତ୍‌ଙ୍କୁ ଡାକି ସାଙ୍ଗରେ ମଦ୍ୟପାନ କରିଥିଲେ। ଶେଷରେ ନିଶାସକ୍ତ ଅବସ୍ଥାରେ ଶ୍ୱାସରୁଦ୍ଧ କରି ତାଙ୍କୁ ହତ୍ୟା କରିଥିଲେ। ସାଇକେଲ ସହାୟତାରେ ଘୋଷାରି ଘୋଷାରି ଧାନବିଲ କାଦୁଅ ଭିତରେ ପୋତି ଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି । ହତ୍ୟାର ଶିକାର ହୋଇଥିବା ବିଶ୍ୱଜିତ୍‌ଙ୍କ ଘର ଖଲାଡି ପଞ୍ଚାୟତର ଚୁଳିଆପୋଷି ଗ୍ରାମରେ । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ହତ୍ୟାରେ ବ୍ୟବହୃତ ସାଇକେଲ ଏବଂ ମୋବାଇଲ୍ ଜବତ କରିଛି । ଏ ନେଇ ଏକ ମାମଲାର (ନଂ ୧୬୩/୧୮) ରୁଜୁ ହୋଇଛି। ବାରିପଦାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗୋଟିଏ ସପ୍ତାହ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଏସ୍.ପି. ଅବିନାଶ କୁମାର କହିଛନ୍ତି । ଗିରଫ ରବୀନ୍ଦ୍ରଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ।

## ଜନସମ୍ପର୍କ ପଦଯାତ୍ରା

**କପ୍ତିପଦା,୧।୧୧(ଡି.ଏନ.ଏ)**

କପ୍ତିପଦା ବ୍ଲକ ଅଧିନ ନୁଦଡ଼ିହା ପଞ୍ଚାୟତରେ ଗୁରୁବାର ବିଜେଡ଼ିର ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ନୁଦୁଡ଼ିହା ତଳିଆ ଗ୍ରାମରେ ଥିବା ହନୁମାନ ପଡ଼ିଆରୁ ବାହାରି ପିଙ୍ଗୁ ଏବଂ ନୁଦଡ଼ିହା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ଏହାପରେ ତାରିଣୀ ପଡ଼ିଆଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଧାୟକଙ୍କ ପ୍ରତିନିଧି ତଥା ଜିଲା ବିଜେଡି ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଦେବପ୍ରିୟ ପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଜିଲା ଉପ ସଭାପତି ମନୋଜ କୁମାର ମହାନ୍ତି, ବ୍ଲକ୍ ଉପାଧ୍ୟକ୍ଷ ନୀଳମାଧବ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ପରିଡ଼ା, ବିଜେଡ଼ି ନେତା ଅନୁପ ରାଉତ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ବ୍ଲକ୍ ବିଜେଡ଼ି ସଭାପତି ହରିଶ୍ଚନ୍ଦ୍ର ସାଏ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭାଗୀରଥ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ ।

## କ୍ୟାମ୍ପ କୋର୍ଟ: ମୁକୁଳିଲେ ୯୩

**ବାରିପଦା ଅଫିସ,୧।୧୧**

କ୍ୟାମ୍ପ କୋର୍ଟ ଜରିଆରେ ବାରିପଦା ଓ ରାଇରଙ୍ଗପୁର ଜେଲରୁ ଗୁରୁବାର ୯୩ ଜଣ ଜାମିନ ପାଇଛନ୍ତି। ୪ ଦିନ ପୂର୍ବେ ଏହି କ୍ୟାମ୍ପ ଆରମ୍ଭ ହୋଇଥିବା ବେଳେ କରଞ୍ଜିଆ ଓ ଉଦଳାରେ ଚତୁର୍ଥ ଦିନରେ ଏହି କ୍ୟାମ୍ପ ସମ୍ଭବ ହୋଇ ପାରିନାହିଁ। ସୂଚନା ମୁତାବକ ସୋମବାର ୩୬ ଜଣ, ମଙ୍ଗଳବାର ୧୩ ଓ ବୁଧବାର ୨୩ ଜଣ ମୁକୁଳି ସାରିଛନ୍ତି। ଚତୁର୍ଥ ଦିନ ସୁଦ୍ଧା ମୋଟ ୧୬୫ ଜଣଙ୍କୁ ଜାମିନ ମିଳିସାରିଛି।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ବାରିପଦା ଅଫିସ,୧।୧୧**



କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର।

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ କଲେଜ ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନଏସଏସ ସ୍ୱେଚ୍ଛାସେବୀମାନେ କଲେଜ ପରିସରରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଅଧକ୍ଷ ନାୟକ ରାଷ୍ଟ୍ରୀୟ ଏକତା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଓ ଭାରତର ପୂର୍ବତନ ଗୃହମନ୍ତ୍ରୀ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଓ କାର୍ଯ୍ୟକଳାପ ବିଷୟରେ ଅବଗତ କରିଥିଲେ। ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧାପକ ଅମୀର କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଏନଏସଏସ ପ୍ରୋଗ୍ରାମ ଅଫିସର ମୀରା ସେନାପତି ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ ।

# ଭାଜପା ପକ୍ଷରୁ ବାରିପଦା ବ୍ଲକ ଘେରାଉ




ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଉଛି।

**ବାରିପଦା ଅଫିସ,୧।୧୧**

ମୟୂରଭଞ୍ଜ ଜିଲା ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ବାରିପଦା ବ୍ଲକ ଘେରାଉ କରାଯାଇଛି। ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ହାବେଡାଙ୍କ ନେତୃତ୍ୱରେ ବାରିପଦା ଷ୍ଟେସନ ପଡିଆଠାରୁ ଏକ ବିରାଟ ରାଲି ବାରିପଦା ବ୍ଲକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବ୍ଲକ ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗ୍ରାମିଣ ମଣ୍ଡଳ ସଭାପତି ଜନାର୍ଦ୍ଦନ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଭାଜପା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ନିହାର ରଞ୍ଜନ ମୋଦି, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ସୁମନ ସିଂ, ପ୍ରକାଶ ସୋରେନ, ସୁବାସ ପ୍ରଧାନ, ଶୋଭାବତି ଓତା, କୌଶଲ୍ୟା ନାଏକ ପ୍ରମୁଖ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲାର ଚାରା ଘୋଟାଲାର ସିବିଆଇ ତଦନ୍ତ, ଚିଟ ଫଣ୍ଡ ଟଙ୍କା ଫେରସ୍ତ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବା, ପିସି ବ୍ୟବସ୍ଥା ବନ୍ଦ କରିବା ଓ ପେଟ୍ରୋଲ ଡିଜେଲ ଉପରୁ ରୟାଲଟି ଛାଡ କରିବା ଆଦି ଦଳ ପକ୍ଷରୁ ଦାବି ରଖାଯାଇଥିଲା। ବାରିପଦା ନଗର ସଭାପତି ବିଜୟ କୁମାର ଦାସ, ଲୁଧୀଆ ହାଁସଦା, ନରୋତ୍ତମ ପାଣିଗ୍ରାହୀ, ପାୟଲ ରାୟ, ରାଜ ଗୁପ୍ତା, ଅନିତା ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱାରୋପ

**ରାଇରଙ୍ଗପୁର,୧।୧୧(ଡି.ଏନ୍.ଏ.)**

ରାଇରଙ୍ଗପୁର ଟାଉନ୍‌ହଲ ପରିସରରେ ସ୍ଥାନୀୟ ପୌରପରିଷଦ ପକ୍ଷରୁ ରାଜ୍ୟ ସ୍ୱଚ୍ଛ ଭାରତ ମିଶନ ସହରାଞ୍ଚଳ ଅଭିଯାନ ବାହ୍ୟ ମଳମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୌରପରିଷଦ ପ୍ରଶାସକ ତଥା ଉପଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଇବା ସୁଶୀଲ କୁମାର ହାଁସଦା ଏବଂ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇଥିଲେ। ଅତିଥିଗଣ ତାଙ୍କ ଭାଷଣ ପ୍ରସଙ୍ଗରେ ରାଇରଙ୍ଗପୁର ସହରାଞ୍ଚଳକୁ ସ୍ୱଚ୍ଛ ପରିବେଶ ଭାବେ ଗଠନ କରିବାକୁ ହେଲେ ସହରାଞ୍ଚଳର ବିଭିନ୍ନ ବସ୍ତିକୁ ସ୍ୱଚ୍ଛ କରିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ବାହ୍ୟ ମଳମୁକ୍ତ ଅଞ୍ଚଳ ଗଠନ ସକାଶେ ନିଜ ନିଜ ବାସଗୃହରେ ଶୌଚାଳୟ ନିର୍ମାଣ ଏବଂ ଏହାର ବ୍ୟବହାର କରିବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୌର ପରିଷଦ ସ୍ୱଚ୍ଛ ଭାରତ ଅଭିଯାନରେ ସଫଳତା ହାସଲ କରିଥିବା ଶର୍ମିଷ୍ଠା ମହାନ୍ତଙ୍କୁ ଅତିଥିଗଣ ମାନପତ୍ର ପ୍ରଦାନ କରିଥିଲେ।



ସଭାରେ ସାମିଲ ସ୍ଥାନୀୟ ଅଞ୍ଚଳବାସୀ।

# ଗାଁ ଗଣ୍ଡାରୁ ହଜିଗଲାଣି ଡ୍ରାମା, କଳାକାର ଅଲୋଡ଼ା

**ବଡ଼ସାହି,୧।୧୧(ସ୍ୱ.ପ୍ର.)**

**ଉପଯୁକ୍ତ ତାଲିମ ଅଭାବରୁ ହେଉନି ବିକାଶ**
- ବେକାର ବସିଛନ୍ତି ଗ୍ରାମୀଣ କଳାକାର
- ବନ୍ଦ ହେଲାଣି ଚିତ୍ରାଳୟ
- ଏକତା, ସମନ୍ୱୟର ଅଭାବ

ଆଗରୁ ଗ୍ରାମାଞ୍ଚଳରେ ନାଟ୍ୟକଳାର ଆଦର ରହିଥିଲା। ଗ୍ରାମୀଣ କଳାକାରମାନେ ଡ୍ରାମା, ନାଟକ, ଗୀତିନାଟ୍ୟ, ନୃତ୍ୟ ନାଟିକା ଆଦି ପରିବେଷଣ କରି ଲୋକଙ୍କ ମନୋରଞ୍ଜନ କରିବା ସହିତ ସାମାଜିକ ସଚେତନତା ସୃଷ୍ଟି କରୁଥିଲେ। ସମ୍ପ୍ରତି ପୁରପଲ୍ଲୀରେ ନାଟକ ମଞ୍ଚସ୍ଥ ପରମ୍ପରା କ୍ରମେ ହଜିଗଲାଣି। ଅତୀତରେ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟର ମଞ୍ଚାଭିନୟ ଆଜି ବି ଲୋକଙ୍କ ମନରେ ଛାପ ବାନ୍ଧି ରହିଛି। ହେଲେ ଗ୍ରାମ୍ୟ ଜୀବନରୁ ନାଟ୍ୟକଳାର ଆଦର କମିବାରୁ ଅନେକ ଗ୍ରାମୀଣ କଳାକାର ବେକାର ହୋଇ ବସିଥିବା ବେଳେ ଚିତ୍ରାଳୟ, ରୂପସଜ୍ଜା, ମ୍ୟୁଜିକ, ସାଉଣ୍ଡ ଓ ଲାଇଟ ଆଦି ବ୍ୟବସାୟ କରି ଜୀବିକା ଅର୍ଜନ କରୁଥିବା ସଂସ୍ଥାମାନେ ରୋଜଗାର ହରାଇଛନ୍ତି ।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଏକଦା ନାଟ୍ୟକଳା ଜନସଚେତନତାର ମାଧ୍ୟମ ହୋଇଥିଲା। ସମ୍ପ୍ରତି ରାଜ୍ୟ ସରକାର ଲୋକ କଳା ମାଧ୍ୟମରେ ଜନସଚେତନତା ସୃଷ୍ଟି ଲାଗି ଉଦ୍ୟମ କରୁଥିଲେ ମଧ ଏହା ବିଶେଷ ଉପଯୋଗୀ ହୋଇପାରୁ ନାହିଁ। ଜିଲାର ବଣପାହାଡ ଘେରା ଇଲାକାରେ ଆଜି ବି ବିଭିନ୍ନ ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଏଣୁ ନାଟ୍ୟକଳା ମାଧମରେ ମନୋରଞ୍ଜନ ଓ ସଚେତନତା ସୃଷ୍ଟି କରିବା ଲାଗି ସରକାରୀ ସ୍ତରରେ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ହଜି ଯାଇଥିବା ନାଟ୍ୟକଳାର ପୁନରୁଦ୍ଧାର କରାଯାଇ ପାରିବ ବୋଲି ବଡ଼ସାହି ଅଞ୍ଚଳର ବାଘୁଆପାଳ ଗ୍ରାମର ପ୍ରାକ୍ତନ ଶିକ୍ଷକ ଶିରିଶ ଚନ୍ଦ୍ର ଗିରି କହିଛନ୍ତି। ତାଙ୍କ ମତରେ ଆଜି ବି ଗ୍ରାମାଞ୍ଚଳରେ ବହୁ ଦକ୍ଷ କଳାକାର ରହିଛନ୍ତି। ହେଲେ ସେମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ନାହିଁ । ଦିନ ଥିଲା ଲଣ୍ଠନ ଓ ପେଟ୍ରୋମାକ୍ସ ଲାଇଟ ଦ୍ୱାରା ଡ୍ରାମା ଅନୁଷ୍ଠିତ ହେଉଥିଲା। ଏହା ବେଶ୍ ଲୋକାଦୃତ ହେଉଥିଲା । ସିଂହଟିଆ ଗ୍ରାମର କଳାକାର ନୀଳକଣ୍ଠ ଗିରି କହନ୍ତି, ପୂର୍ବରୁ ଡ୍ରାମା ମାଧ୍ୟମରେ ଲୋକଙ୍କୁ ସମାଜକୁ ସଂସ୍କାରର ବାର୍ତ୍ତା ମିଳୁଥିଲା । ଗାଁ ଗଣ୍ଡାରେ ଏଥିଲାଗି ମେଳା ବସୁଥିଲା । ଗୃହିଣୀମାନେ ଆସି ଘରକରଣା ଜିନିଷ କିଣୁଥିଲେ । ଭାଇଚାରା ସମ୍ପର୍କ ବୃଦ୍ଧି ପାଉଥିଲା । ଉପଯୁକ୍ତ ତାଲିମ ଓ କର୍ମଶାଳା ଅଭାବରୁ କଳାକାର ଏବଂ କଳାର ବିକାଶ ହୋଇପାରୁ ନାହିଁ । ବହୁ ଗ୍ରାମୀଣ କଳାକାର ବଣମଲ୍ଲୀ ସଦୃଶ ଫୁଟି ଝରିପଡୁଛନ୍ତି । ଅତୀତର ନାଁ କମାଇଥିବା ବହୁ କଳାକାର ଆଜି ଅନ୍ୟ ବୃତ୍ତି ଆଦରି ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ତାଳପଦା ଗ୍ରାମର କଳାକାର ବେଣୁଧର ଜେନା କହିଛନ୍ତି, ବ୍ଲକ ସ୍ତରରେ ଚୟନ ପ୍ରକ୍ରିୟା କରାଯାଇ ଗ୍ରାମୀଣ କଳାକାରଙ୍କୁ ଚିହ୍ନଟ କରାଗଲେ କଳାର ବିକାଶ ହୋଇପାରିବ । ବଡ଼ସାହି ଗ୍ରାମର ସଚ୍ଚୀନ୍ଦ୍ର ବିଶ୍ୱାଳ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ କଳା ମାଧ୍ୟମରେ ସମାଜକୁ କୁସଂସ୍କାର ମୁକ୍ତ କରାଯାଇପାରନ୍ତା ବୋଲି କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର: ନାବାଳକ ଗିରଫ

**ନୀଳଗିରି, ୧।୧୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ପୋଲିସ ବଳାତ୍କାରର ଶିକାର ହୋଇଥିବା ନାବାଳିକାଙ୍କୁ ଗୁରୁବାର ଡାକ୍ତରୀ ପରିକ୍ଷା ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ନଳିତା ମୋଦୀ କହିଛନ୍ତି। ଅଭିଯୁକ୍ତ ନାବାଳକ ଜଣଙ୍କ ସିଆଡିମାଳ ପଞ୍ଚାୟତ ସୀତାପତିପୁର ଗାଁର। ଗତ ୨୦ତାରିଖରେ ନାବାଳିକା ଜଣଙ୍କ ବଳାତ୍କାରର ଶିକାର ହୋଇଥିବା ସନ୍ଧ୍ୟାରେ ମା’ ଓ ବାପାଙ୍କୁ ଜଣାଇଥିଲା। ୨୧ତାରିଖରେ ଅନୁଷ୍ଠିତ ଗ୍ରାମସଭା ବୈଠକରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲା। ଦୀର୍ଘ ଦିନ ଧରି ସମାଧାନର ବାଟ ନ ବାହାରିବାରୁ ପିଡିତାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୪୯/୧୮) ରୁଜୁ କରିଛି।

### ଆଜିଠାରୁ ନେତାଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଖଇରା,୧।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଚାନ୍ଦଗୋଛି ମନି ଷ୍ଟାଡିୟମରେ ଆସନ୍ତା ୨ତାରିଖରୁ ନେତାଜୀ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚରେ ବାଲେଶ୍ୱର ମିଶନ କ୍ଲବ ଯାଜପୁର ଧର୍ମଶାଳା କ୍ଲବକୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଶନିବାର ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ ଏବଂ ଭୁବନେଶ୍ୱରର ସଂଘର୍ଷ କ୍ଲବ ମଧରେ ମ୍ୟାଚ ଅନୁଷ୍ଠିତ ହେବ। ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ପ୍ରାୟୋଜକ ଭାବେ ପାତ୍ର ଫୁଏଲ୍ସ,ଏସ.ଆର ଗ୍ରୁପ ୱାରିୟର,ଆକାଙ୍କ୍ଷା ପାୱାର ଇନଫ୍ରା, ଚାନ୍ଦଗୋଛି ନେତାଜୀ କ୍ଲବ ୪ଟି ଦଳ ଦାୟିତ୍ୱରେ ରହିଛନ୍ତି। ସମସ୍ତ ମ୍ୟାଚ ଅପରାହ୍ନ ୩ଟାରେ ଆରମ୍ଭ ହେବ ବୋଲି ସମ୍ପାଦକ ଦାମୋଦର ବେହେରା ଜଣାଇଛନ୍ତି।

# ଶ୍ରମିକ ପଞ୍ଜୀକରଣରେ ପାତରଅନ୍ତର: ଆନ୍ଦୋଳନ ଚେତାବନୀ

**ବାଲେଶ୍ୱର ଅଫିସ,୧।୧୧**



ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି କର୍ମକର୍ତ୍ତା।

ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ସରକାରୀ ସହାୟତା ପ୍ରଦାନରେ ଶ୍ରମବିଭାଗର ପାତରଅନ୍ତର ନୀତିକୁ ବିରୋଧ କରି ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଗୁରୁବାର ପୂର୍ବାହ୍ନରେ ଲିଖିତ ଅଭିଯୋଗ କରାଯାଇଛି। ସମିତିର କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଶ୍ରମ ଅଧିକାରୀ କୁବେର ବେହେରାଙ୍କୁ ଭେଟି ବିଭାଗର ଅଧସ୍ତନ ଅଧିକାରୀ ଓ କର୍ମଚାରୀଙ୍କ ବେଆଇନ୍ କାର୍ଯ୍ୟଧାରା ସମ୍ପର୍କରେ ମଧ ଅବଗତ କରାଇଛନ୍ତି। ଉଲ୍ଲେଖନୀୟ ଯେ, ବାଲେଶ୍ୱର ଜିଲାର ୧୨ଟି ବ୍ଲକ ମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ବ୍ଲକକୁ ଗୁରୁତ୍ୱ ଦିଆଯାଇ ଅଧିକ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇଛି। ଅନ୍ୟ ଅଞ୍ଚଳର ଶ୍ରମିକମାନେ ପଞ୍ଜୀକରଣ ଓ ନବୀକରଣ ପାଇଁ ଦୀର୍ଘଦିନ ଧରି ଆବେଦନ କରିଥିଲେ ମଧ ସେମାନଙ୍କୁ ଅଣଦେଖା କରାଯାଉଛି। ସମିତି ପକ୍ଷରୁ ପୂର୍ବରୁ ଏ ନେଇ ଲିଖିତ ଦାବିପତ୍ର ଦିଆଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଭାଗର ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ଶ୍ରମ ଅଧିକାରୀ ବେହେରାଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ମହିଳାଙ୍କୁ ଯୌନ ନିର୍ଯାତନା: ୪ ଜଣଙ୍କ ନାଁରେ ମାମଲା

**ରୂପ୍‌ସା,୧।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ମହିଳାଙ୍କ ସ୍ୱାମୀ, ଶ୍ୱଶୁର, ଶାଶୁଙ୍କ ସମେତ ଜଣେ ରାଜନେତାଙ୍କ ନାମରେ ୩୫୪, ୫୦୬, ୪୯୮–କ, ୩୪୧, ୩୨୩ ଓ ୨୯୪ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୀଡିତାଙ୍କୁ ଡାକ୍ତରୀ ମାଇନା କରାଯାଇଛି।

ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ଏହି ସୂଚନା ଦେଇ କହିଛନ୍ତି ଯେ, ଶାଶୁଘରେ ନିର୍ଯାତନାର ଶିକାର ହୋଇ ପୀଡିତା ପୂର୍ବରୁ ବାପଘରକୁ ଚାଲିଯାଇ ଆଶ୍ରୟ ନେଇଥିଲେ। ୨୦୧୫ ଏପ୍ରିଲ ୨୭ ତାରିଖରେ ତାଙ୍କର ବିବାହ ହୋଇଥିଲା। ପରେ ସେ ଏକ ପୁତ୍ର ସନ୍ତାନର ଜନନୀ ହୋଇଥିଲେ। କିନ୍ତୁ ପରିବାରରେ ତାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରାଯିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଏକଥା ଜଣାଇଥିଲେ। ସେ କିଛି ବୁଝାଶୁଝା କରି ନ ଥିଲେ। ମହିଳା ଜଣଙ୍କ ପ୍ରତିବାଦ କରିବାରୁ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ଫଳରେ ସେ ନିଜ ଶିଶୁପୁତ୍ରଙ୍କୁ ଧରି ବାପଘରକୁ ଚାଲିଯାଇଥିଲେ। ଏହାପରେ ଗତ ଅଗଷ୍ଟ ୨୩ ତାରିଖରେ ଉଭୟ ପରିବାର ଓ ଭଦ୍ରବ୍ୟକ୍ତିଙ୍କ ନେଇ ଏହାର ଆପୋଷ ସମାଧାନ ଉଦ୍ୟମ ହୋଇଥିଲା। ଜଣେ ରାଜନେତାଙ୍କ ମଧ୍ୟସ୍ଥତାରେ ସମାଧାନ ହେବାରୁ ମହିଳା ଜଣଙ୍କ ଶାଶୁଘରକୁ ଫେରିଥିଲେ। ପରେ ପୁଣି ତାଙ୍କ ପରିବାରରେ ନିର୍ଯାତନା ଦିଆଯାଇଥିଲା। ଏପରିକି ସମ୍ପୃକ୍ତ ରାଜନେତା ମହିଳାଙ୍କ ଅସହାୟତାର ସୁଯୋଗ ନେଇ ତାଙ୍କୁ ଅସଦାଚରଣ କରିଥିବା ପୀଡିତା ଏତଲାରେ ଦର୍ଶାଇଛନ୍ତି। ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି ସମ୍ପୃକ୍ତ ରାଜନେତା ଦର୍ଶାଉଥିବାରୁ ଘଟଣାଟି ତଦନ୍ତ ସାପେକ୍ଷ ହୋଇପଡିଛି। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମହାଳିକ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ଜଳେଶ୍ୱର ଶାଖା ଗଠିତ

**ଜଳେଶ୍ୱର, ୧।୧୧(ଡି.ଏନ.ଏ.)**

ବରିଷ୍ଠ ନାଗରିକଙ୍କ ସମସ୍ୟା ଅନେକ। ଅନେକ ସମୟରେ ବୃଦ୍ଧାବୃଦ୍ଧମାନେ ପରିବାର ଦ୍ୱାରା ଅବହେଳିତ ହୋଇ ଅସହାୟ ଓ ଦୁର୍ବିଷହ ଜୀବନ ବିତାଉଛନ୍ତି। ଏଥିପାଇଁ ବରିଷ୍ଠ ନାଗରିକମାନଙ୍କୁ ଏକଜୁଟ୍ କରି ଏକ ସଙ୍ଗଠନ ଗଢ଼ିବା ଓ ସେମାନଙ୍କୁ ସହାୟତାର ହାତ ବଢ଼ାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଜଳେଶ୍ୱର ସହରସ୍ଥିତ ଡାକବଙ୍ଗଳା ପରିସରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ଓ ବରିଷ୍ଠ ନାଗରିକମାନଙ୍କୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ବରିଷ୍ଠ ନାଗରିକ ମଞ୍ଚ ଜଳେଶ୍ୱର ଶାଖା ଗଠିତ ହୋଇଯାଇଛି। ଏହାର କମିଟି ଆସନ୍ତା ମାସ ଶେଷରେ ଗଠନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହାସହିତ ଜଳେଶ୍ୱର ଅଞ୍ଚଳରେ ଏକ ବୃଦ୍ଧାଶ୍ରମ ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ମିଶ୍ର ଓ ଅପର୍ଣ୍ଣା ଚୌଧୁରୀଙ୍କ ଯୁଗ୍ମ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ସାମାଜିକ କର୍ମୀ ଦିଲୀପ ଗିରି, ଅରୁଣ ବେଜ, ସୀତାଂଶୁ ସେନାପତି, ଅଜିତ ମହାନ୍ତି, ସୁବ୍ରତ ବେରା, କାଳିଦାସ ଗୁଡୁ, ସୁନୀଲ ଗିରି, ଶ୍ରୀମନ୍ତ ଘୋଷ ପ୍ରମୁଖ ଆଲୋଚନା କରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ।

## ଖଣ୍ଡା ଚୋଟରେ ୪ ଆହତ

**ସୋର, ୧।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମହୁମୁହାଁଣ ପଞ୍ଚାୟତ ଅନ୍ତର୍ଗତ କଳେନ୍ଦୀପାଟଣା ଗ୍ରାମରେ ଜଣେ ବ୍ୟକ୍ତି ଖଣ୍ଡାରେ ଆକ୍ରମଣ କରିବାରୁ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସେହି ଗ୍ରାମର ବାସନ୍ତୀ ବେହେରା(୫୫), କମଳାକାନ୍ତ ନାୟକ (୪୦), ପ୍ରହ୍ଲାଦ ସାହୁ (୫୦), ଗଗନ ପଣ୍ଡା (୩୫) ଗୁରୁତର ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ଗ୍ରାମର ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉତ୍‌କ୍ଷିପ୍ତ ହୋଇ ଗ୍ରାମର କେତେ ଜଣ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗ୍ରାମର କେତେକ ବ୍ୟକ୍ତି ବୁଲୁଙ୍କ ଖଣ୍ଡାକୁ ଯବତ କରିଛନ୍ତି। ଏନେଇ ସୋର ପୋଲିସ ଠାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଖଇରା,୧।୧୧(ଡି.ଏନ.ଏ.):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥି ପାଳନ ଅବସରରେ ଖଇରା ବ୍ଲକ ଅଧୀନ ସାରକୋଣା ନୋଡାଲ ସ୍କୁଲରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ, ଛାତ୍ରୀ ତପସ୍ୱିନୀ ନାୟକ, ଚନ୍ଦ୍ରବାଳା ନାୟକ, ଚିନ୍ମୟ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର



@ ଲଳିତ



@ ସୁଶାନ୍ତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଭତ୍ତା ବୃଦ୍ଧି ଲାଗି ଦିବ୍ୟାଙ୍ଗ ମଞ୍ଚ ବୈଠକ

**ବାରିପଦା ଅଫିସ,୧।୧୧:** ମୟୂରଭଞ୍ଜ ଜିଲା ବଡସାହି ବ୍ଲକ କେନ୍ଦୁଡିଆ ପଞ୍ଚାୟତରେ ଦିବ୍ୟାଙ୍ଗ ପରିବାର ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିପିକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ଜିଲା ସଭାପତି ସ୍ୱାଗତ ଦାସ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ର କିପରି ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ପାଇ ପାରିବେ ସେ ନେଇ ଆଲୋଚନା ହୋଇଥିଲା। ଦିବ୍ୟାଙ୍ଗଙ୍କ ଭତ୍ତା ୩ଶହ ଟଙ୍କା ପରିବର୍ତ୍ତେ ବୃଦ୍ଧି କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧରେ ସଞ୍ଜୟ କୁମାର ମୋଦି, ପାର୍ବତୀ ପାତ୍ର, ରଜତ ବେହେର, ଶାନ୍ତନୁ ମୋଦି, ବାସୁଦେବ ସାମଲ,ସନ୍ଦିପତା ବେହେରା, ମହମ୍ମଦ ଆକିଲ, ବିଶ୍ୱଜିତ ମହାନ୍ତ, ହୀରାଲାଲ ରାମ, ଆକ୍ରମ ଖାନ ପ୍ରମୁଖ ଯୋଗଦେଇଥିଲେ।

### ସଡ଼କ ସୁରକ୍ଷା ନେଇ ଆଲୋଚନା

**ଭଦ୍ରକ ଅଫିସ,୧।୧୧:** ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ଅଧିକାରୀ, ଡ. ମନୋରଞ୍ଜନ ପାଢ଼ୀ, ଏମ୍‌ଭିଆଇ ଗୋପାଳକୃଷ୍ଣ ଦାସ, ଡେପୁଟୀ କଲେକ୍ଟର ଜୟଶ୍ରୀ ସେନାପତି, ରୋଟାରିଆନ ଅତିଶ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ପି.ନାଗେଶ୍ୱର ରାଓ ଯୋଗଦେଇଥିଲେ। ଜାତୀୟ ରାଜପଥ ତଥା ସର୍ଭିସ ରୋଡଗୁଡିକର ମରାମତି ଓ ଜବରଦଖଲ ଉଚ୍ଛେଦ ପାଇଁ ଆଲୋଚନା ହୋଇଥିଲା। ବନ୍ତ ଛକକୁ ସୌନ୍ଦର୍ଯ୍ୟକରଣ, କାଳୀପୂଜାକୁ ଦୃଷ୍ଟିରେ ରଖି ବେଆଇନ ଭାବେ ରାଜପଥକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାୟୀ ପାର୍କିଂ ସମସ୍ୟା ସମାଧାନ ଓ ସ୍କୁଲ କଲେଜରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### କପ୍ତିପଦା ଭିନ୍ନକ୍ଷମ ମଞ୍ଚର ଦାବିପତ୍ର ପ୍ରଦାନ

# ‘ହକ୍ ଲାଗି ସଂଗ୍ରାମ ଲୋଡ଼ା’

**କପ୍ତିପଦା,୧।୧୧(ଡି.ଏନ.ଏ.)**



ଭିନ୍ନକ୍ଷମ ମଞ୍ଚର କର୍ମକର୍ତ୍ତାମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଦାବି ପୂରଣ ନ ହେଲେ ୧୯ରୁ ଧାରଣା**

କପ୍ତିପଦା ବ୍ଲକ୍‌ରେ ଭିନ୍ନକ୍ଷମମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ନିଦାବିଷ୍ଟୁ ସାଜିଛି। ତେଣୁ ହକ୍ ଆଦାୟ କରିବାକୁ ହେଲେ ସଂଗ୍ରାମ ଓ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି କପ୍ତିପଦା ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଞ୍ଜନ ଜେନା କହିଛନ୍ତି। ନଚେତ ଭିନ୍ନକ୍ଷମଙ୍କ ୧୩ ଦଫା ଦାବିକୁ ନେଇ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ଦାବୀ ପୂରଣ ନ ହେଲେ ଆଗାମୀ ଡିସେମ୍ବର ୧୮ ତାରିଖରେ ହେବାକୁ ଥିବା କପ୍ତିପଦା ବ୍ଲକ୍ ସ୍ତରୀୟ ଭିନକ୍ଷମ ସାମର୍ଥ ଶିବିରକୁ ମଞ୍ଚ ବର୍ଜନ କରିବା ସହିତ ଧାରଣାରେ ବସିବ ବୋଲି ମଞ୍ଚ ସଭାପତି ମନୋରଞ୍ଜନ ଜେନା ଓ ସମ୍ପାଦକ ସଞ୍ଜୟ ସ୍ୱାଇଁ କହିଛନ୍ତି। ତହିଁ ପରଦିନ ଅର୍ଥାତ୍ ୧୯ ଡିସେମ୍ବର ଠାରୁ ମଞ୍ଚ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ତାଙ୍କ ଦାବିପତ୍ରରୁ ଜଣାଯାଇଛି। ଏ ସଂକ୍ରାନ୍ତରେ ଗୁରୁବାର ଏକ ପ୍ରତିନିଧି ଦଳ କପ୍ତିପଦା ବିଡିଓ ପଣ୍ଡାଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ୨୦୧୭ ଭିନ୍ନକ୍ଷମ ସାମର୍ଥ ଶିବିରରେ ଚିହ୍ନଟ ଭିନ୍ନକ୍ଷମଙ୍କୁ ତୁରନ୍ତ ପ୍ରମାଣପତ୍ର ପ୍ରଦାନ, ଶିବିରରେ ୩ ଜଣ ଡାକ୍ତରଙ୍କୁ ଦାୟିତ୍ୱ ପ୍ରଦାନ, ଚିହ୍ନଟ ଭିନ୍ନକ୍ଷମଙ୍କୁ ତତ୍କାଳ ପ୍ରମାଣପତ୍ର ପ୍ରଦାନ, ବାଦ୍ ପଡିଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ଉପକରଣ ପ୍ରଦାନ, ଭିନ୍ନକ୍ଷମ ଅବିବାହିତ ଝିଅଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଇ ତାକୁ କାର୍ଯ୍ୟକାରୀ ନ କରିବା ପ୍ରହସନ ବନ୍ଦ କରିବା, ମୋଟ ୪୦୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୬ ଜଣଙ୍କୁ ବାଣିଶ୍ରୀ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୩୧୬ ଜଣଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବା, ସମସ୍ତ ଭିନ୍ନକ୍ଷମ ପରିବାରଙ୍କୁ ଅନ୍ତ୍ୟୋଦୟ କାର୍ଡ ପ୍ରଦାନ କରିବା ଓ ସମସ୍ତଙ୍କୁ ଘରବାରି ପଟ୍ଟା ପ୍ରଦାନ କରିବା ଆଦି ଦାବି ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ନାୟକ, ବୀରଭଦ୍ର ମହାନ୍ତି, ବସନ୍ତ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ୟାକ୍ସି ସଂଘର କର୍ମକର୍ତ୍ତା ଚୟନ



ବୈଠକରେ ଉପସ୍ଥିତ ନୂତନ କର୍ମକର୍ତ୍ତା।

**ଉଦଳା,୧।୧୧ (ଡି.ଏନ.ଏ.)**

ଉଦଳା ଟ୍ୟାକ୍ସି ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସୁକାନ୍ତ କୁମାର ମହାନ୍ତି, ଉପସଭାପତି ଶକ୍ତିଧର ପ୍ରଧାନ, ସମ୍ପାଦକ କମଳାକାନ୍ତ ରଣା, ସହ ସମ୍ପାଦକ ଦିବାକର ମଲ୍ଲିକ ଏବଂ କୋଷାଧ୍ୟକ୍ଷ ଭାବେ କୁଳମଣି ସେଠୀଙ୍କ ନାମ ଘୋଷଣା କରାଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସମସ୍ତ ଡ୍ରାଇଭର, ଟ୍ୟାକ୍ସି ମାଲିକ ଯୋଗ ଦେଇ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏହି ନୂତନ କର୍ମକର୍ତ୍ତାମାନେ ଆଗାମୀ ୩ ବର୍ଷ ପାଇଁ ଦାୟିତ୍ୱ ତୁଲାଇବେ ବୋଲି ନୂତନ ସଭାପତି କହିଛନ୍ତି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

## ଜିଲାସ୍ତରକୁ ୩ ଛାତ୍ରୀଛାତ୍ର ମନୋନୀତ

**ବନ୍ତ,୧।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ସର୍ବଶିକ୍ଷା ଅଭିଯାନରେ ଅନୁଷ୍ଠିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଆଗରପଡା ତୋଫାବିବି କ୍ଲଷ୍ଟରର ୨ ବିଦ୍ୟାଳୟରୁ ୩ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଥିବା ସିଆର୍‌ସିସି ଅଭୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଗତ ୨୬ ତାରିଖରେ ଟିଲୋ ଗଡ଼ଚଣ୍ଡୀ ୟୁଜିଏମ୍‌ଇରେ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କଠାରୁ ପ୍ରଶିକ୍ଷଣ ପାଇଥିବା ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ରଶ୍ମିରେଖା ସିଂହ କାରୁକଳାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ ମିଶ୍ରଙ୍କଠାରୁ ପୁରସ୍କୃତ ହେବା ସହିତ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ଆଶାମଣୀ ଉଚ୍ଚ ବିଦ୍ୟାଳୟର ସାଇପୂର୍ଣ୍ଣଜ୍ୟୋତି ବେହେରା ଓ ହିମାଂଶୁ ରାଉତ ସଙ୍ଗୀତ ଓ ଚିତ୍ରକଳାରେ ଶ୍ରେଷ୍ଠ ବିବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବ୍ଲକରୁ ମୋଟ ୨୩ ଜଣ ଜିଲାସ୍ତରକୁ ମନୋନୀତ ହୋଇଥିବାବେଳେ ଆସନ୍ତା ନଭେମ୍ବର ୯ ତାରିଖରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ୩ ଛାତ୍ରୀଛାତ୍ର ନିଜ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟମାନେ ଧନ୍ୟବାଦ ଜଣାଇଛନ୍ତି।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବାଲିଆପାଳ,୧।୧୧(ଡି.ଏନ.ଏ.)**

ଯୁବ ସମାଜ ଶୃଙ୍ଖଳିତ ଆଚରଣ ସହ ନିଜ ପ୍ରତିଭାର ବିକାଶ ଘଟାଇ ସମାଜ ସେବାରେ ନିୟୋଜିତ ହୁଅନ୍ତୁ ବୋଲି ବୁଧବାର ବାଲିଆପାଳ ବ୍ଲକ ଘଣ୍ଟୁଆ ଓ ଶ୍ରୀରାମପୁର ପଞ୍ଚାୟତରେ ଅନୁଷ୍ଠିତ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ବିଜୁଯୁବବାହିନୀ ବ୍ଲକ ସଂଯୋଜିକା ଶୁଭଲକ୍ଷ୍ମୀ ମହାକୁଡ଼ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୧ନଂଜୋନ୍ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ,ପୂର୍ବତନ ବ୍ଲକ ଅଧକ୍ଷ ଶଶଧର ପ୍ରଧାନ,ପୂର୍ବତନ ସରପଞ୍ଚ ବିଜୟ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଦୁଇ ପଞ୍ଚାୟତର ନୃତ୍ୟ,ସଂଗୀତ ଓ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୁନି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ପେସା ଆଇନ ପ୍ରଶିକ୍ଷଣ ଶିବିର




ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ଉଦଳା,୧।୧୧ (ଡି.ଏନ.ଏ.)**

ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଏବଂ ମୟୂରଭଞ୍ଜ ଜିଲା ପ୍ରଶାସନ ଜରିଆରେ କପ୍ତିପଦା ଉପଖଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ସନ୍ଧାନ ଗୃହରେ ଦୁଇ ଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଏସ୍.ସି., ଏସ୍.ଟି, ଆରଟିଆଇ, ପ୍ରଶିକ୍ଷଣ ପରାମର୍ଶଦାତା ତାରାଶଙ୍କର ଚକ୍ରବର୍ତ୍ତୀ, ମୀନା କୁମାରୀ ଏବଂ ଆଇନଜୀବୀ ଜିତେନ୍ଦ୍ର ସାହୁ ପ୍ରମୁଖ ମୁଖ୍ୟ ରିସୋର୍ସ ପର୍ସନ ଭାବେ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉଦଳା ବିଡିଓ ପଲ୍ଲବୀ ସ୍ୱାଇଁ, ଜସିପୁର(?) ବିଡିଓ ମନୋଜ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ବିଶେଷଜ୍ଞ ଭାବେ ଜଙ୍ଗଲ ଅଧିକାର ଆଇନ ସମ୍ବଳିତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରାଯାଇଥିଲା। ୨୦୦୫ ଡିସେମ୍ବର ୧୩ ପୂର୍ବରୁ ଦଖଲରେ ରହି ଆସୁଥିବା ପ୍ରତ୍ୟେକ ଆଦିବାସୀ ପରିବାର ଜଙ୍ଗଲ ଜମି ପଟ୍ଟା ପାଇବା, ଜଙ୍ଗଲ ଅଧିକାର ଆଇନରେ ଗ୍ରାମସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା, ଗୋଷ୍ଠୀ ଜଙ୍ଗଲର ମାଲିକାନା, ବ୍ୟବହାର, ଦାୟିତ୍ୱ ଆଦି ଅନେକ ବିଷୟ ଉପରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ, ପ୍ରଶାସନିକ ଅଧିକାରୀଙ୍କ ସହ ପ୍ରଶିକ୍ଷକମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାରେ ୨୦୧୨ ମସିହାରୁ ପ୍ରଥମେ ଶିମିଳିପାଳରୁ ଜଙ୍ଗଲ ଜମି ଅଧିକାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା, ଉପଖଣ୍ଡର କପ୍ତିପଦା ବ୍ଲକରେ ୧୧, ଖୁଣ୍ଟାରେ ୩ ଗୋଟି ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରଦାନ କରାଯାଇଥିବା ନେଇ ଶିବିରରେ ସୂଚନା ଦିଆଯାଇଥିଲା। ପ୍ରଶିକ୍ଷାର୍ଥୀ ଭାବେ ଏଡିଡବ୍ଲ୍ୟୁଓ, ଖୁଣ୍ଟା, କପ୍ତିପଦା ଏବଂ ଉଦଳା ବ୍ଲକର ଡବ୍ଲ୍ୟୁଇଓ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉପଖଣ୍ଡର ୧୦ ଗୋଟି ଏସ୍.ସି, ଏସ୍.ଟି ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ଜନପ୍ରତିନିଧି ପ୍ରମୁଖଙ୍କ ଅଂଶଗ୍ରହଣ କରିଥିଲେ।

# ‘ପ୍ରିଣ୍ଟେଡ୍ ବୁକ୍ ଅଫ୍ ଦି ଇୟର’ ପୁରସ୍କାର ଦୌଡ଼ରେ ଓଡ଼ିଆ ପୁସ୍ତକ




ଭୁବନେଶ୍ୱର,୧।୧୧(ବ୍ୟୁରୋ)

ଓଡ଼ିଶାର ଜଣାଶୁଣା କଥାକାର ତଥା ଅନୁବାଦକ କମଳାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ ଓଡ଼ିଆ ଆତ୍ମଜୀବନୀ ପୁସ୍ତକ ‘ଜନମରୁ ମରଣ’ ସମ୍ମାନଜନକ ‘ପ୍ରିଣ୍ଟେଡ୍‌ବୁକ୍‌ଅଫ୍‌ଦିଇୟର ୨୦୧୮’ ପୁରସ୍କାର ଦୌଡ଼ରେ ରହିଛି। ‘ପବ୍ଲିସିଙ୍ଗ୍ ନେକ୍ସଟ୍’ ତରଫରୁ ସର୍ବଭାରତୀୟ ସ୍ତରରେ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ତାଲିକାରେ ‘ଜନମରୁ ମରଣ’ ଏକମାତ୍ର ଓଡ଼ିଆ ପୁସ୍ତକ ଭାବେ ସ୍ଥାନ ପାଇଛି। ‘ଧଉଳି ବୁକ୍ସ’ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଭାରତୀୟ ଭାଷା ବିଭାଗରେ ଉକ୍ତ ପୁରସ୍କାର ପାଇବାକୁ ଚୟନ ହୋଇଛି। ଓଡ଼ିଶାର ପ୍ରଥମ ପ୍ରକାଶନୀ ସଂସ୍ଥା ଭାବେ ଧଉଳି ବୁକ୍ସ ‘ପବ୍ଲିସିଙ୍ଗ୍ ନେକ୍ସଟ୍’ର ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଭାରତୀୟ ଭାଷା ବିଭାଗରେ ମୋଟ ୫ଟି ବହି ରହିଥିବା ବେଳେ ସେଥିମଧ୍ୟରେ ମହାପାତ୍ରଙ୍କ ‘ଜନମରୁ ମରଣ’ ନିଜର ସ୍ଥାନ ସୁରକ୍ଷିତ ରଖିଛି। ଏହି ପୁସ୍ତକ ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପାଠକୀୟ ଆଦୃତି ମଧ୍ୟ ଲାଭ କରିଛି। ୨୦୧୪ ମସିହାରୁ ‘ପବ୍ଲିସିଙ୍ଗ୍ ନେକ୍ସଟ୍’ ପକ୍ଷରୁ ‘ଦି ପବ୍ଲିସିଙ୍ଗ୍ ନେକ୍ସଟ୍ ଇଣ୍ଡଷ୍ଟ୍ରି ଆୱାର୍ଡ’ ପ୍ରଦାନ କରାଯାଉଥିବା ବେଳେ ଏହି ପୁରସ୍କାର ବିଭିନ୍ନ ବର୍ଗ ପାଇଁ ପ୍ରଦାନ କରାଯାଉଛି।

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-JAJ-0017-2018 / **29349** R&DM, Dated 08.08.2018

**No. XXIV-72:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଳୀ ବାମପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ସାଇଁଟୋ, ଥାନା– କୋରେଇ ସଂ.୪୮, ତହସିଲ– ବ୍ୟାସନଗର, ଜିଲ୍ଲା– ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୩.୨୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ରେଙ୍ଗାଳି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ ନଂ.–୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଳି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | ସାଇଁଟୋ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୨.୫୭ | ଏ.୨୩.୨୪ | ଏଥିସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦୧.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚୀ

**ଗ୍ରାମର ନାମ: ସାଇଁଟୋ, ଥାନାର ନାମ: କୋରେଇ ନଂ.:୪୮, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୭ | ୧୬୦ | ୦.୨୨ | ୦.୨୨ | ଅମେଦା ବିବି, ସ୍ୱାମୀ– ସେକ ମହମ୍ମଦ ଅବଦୁଲ ରୁଜାକ, ଜା: ମୁସଲମାନ, ବା: ଫାଜଲପୁର | |
| ୨ | ୮ | ୫୯୧ | ୦.୪୩ | ୦.୪୩ | ଅସତ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩ | | ୫୯୨ | ୦.୪୨ | ୦.୦୧ | ଅସତ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪ | | ୫୯୮ | ୦.୪୫ | ୦.୩୦ | ଅସତ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୫ | | ୬୦୩ | ୦.୧୩ | ୦.୦୧ | ଅସତ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୬ | ୮ | ୬୦୬ | ୦.୨୪ | ୦.୨୦ | ଅସତ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭ | | ୬୦୭ | ୦.୧୮ | ୦.୧୨ | ଅସତ୍ ହଜାରି, ପିତା– ଲତିଫ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୮ | ୧୦ | ୨୬୭ | ୦.୨୦ | ୦.୦୯ | ଇବ୍ରାହିମ୍ ଜିଙ୍ଗ, ପିତା– ରୋସନ ଜିଙ୍ଗ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୯ | ୧୧ | ୨୫୨ | ୦.୫୫ | ୦.୪୭ | ହୟାତୁନ ବିବି, ସ୍ୱାମୀ– ସେକ ଇସମାଇଲ, ଜା: ମୁସଲମାନ, ବା: ଫାଜଲପୁର | |
| ୧୦ | ୧୬ | ୨୫୯ | ୧.୦୨ | ୦.୩୫ | ସେକ କୁର୍ବାନ ଅଲ୍ଲି, ପିତା– ରଜାକ ଅଲ୍ଲି , ଜା: ମୁସଲମାନ, ବା: ଫାଜଲପୁର | |
| ୧୧ | ୧୯ | ୧୬୨ | ୦.୪୦ | ୦.୧୮ | କେଶବ ମାଝି, ପିତା– ନିତ୍ୟାନନ୍ଦ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୨ | ୨୫ | ୧୪୧ | ୦.୩୦ | ୦.୧୮ | ଗୁରି ମାଝି, ପିତା– ଗାଣ୍ଡୁ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୩ | | ୧୪୪ | ୦.୧୨ | ୦.୦୫ | ଗୁରି ମାଝି, ପିତା– ଗାଣ୍ଡୁ ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୪ | ୨୮ | ୯୫ | ୦.୯୭ | ୦.୩୫ | ମନିନ୍ଦ୍ର କୁମାର ସାହୁ, ପିତା– ଗଙ୍ଗାଧର ସାହୁ, ଜା: ଖଣ୍ଡାୟତ, ବା: ମୂଳସରଗଡ଼ା | |
| ୧୫ | ୩୨ | ୨୭୪ | ୦.୧୩ | ୦.୧୩ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୬ | | ୯୭ | ୦.୦୫ | ୦.୦୫ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୭ | | ୨୬୮ | ୦.୨୫ | ୦.୨୫ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୮ | | ୨୭୦ | ୦.୨୭ | ୦.୦୪ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୯ | | ୨୭୬ | ୦.୦୬ | ୦.୦୩ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୦ | | ୨୭୩ | ୦.୧୦ | ୦.୧୦ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୧ | | ୯୮ | ୦.୧୯ | ୦.୧୯ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୨ | | ୯୯ | ୦.୩୦ | ୦.୧୮ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୩ | ୩୨ | ୧୫୫ | ୦.୧୭ | ୦.୧୩ | ଘନଶ୍ୟାମ ମଲିକ, ପିତା– ଫକିର ମଲିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୨୪ | ୩୫ | ୨୫୩ | ୦.୫୨ | ୦.୩୮ | ଜଲନା ବିବି, ସ୍ୱାମୀ– ହପିଜୁଲ୍ଲାହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୫ | ୪୩ | ୪୯୦ | ୦.୮୨ | ୦.୮୨ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୬ | | ୫୯୬ | ୦.୭୩ | ୦.୫୩ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୭ | | ୨୪୯ | ୦.୩୮ | ୦.୨୫ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୮ | | ୪୭୨ | ୦.୨୩ | ୦.୨୩ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୨୯ | | ୪୯୧ | ୦.୮୯ | ୦.୭୭ | ସେକ ମହମ୍ମଦ ହଜାରି, ପିତା– ଇସମାଇଲ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୩୦ | ୪୪ | ୨୭୧ | ୦.୨୧ | ୦.୧୫ | ସେକ ଜାମସେବ ହଜାରି, ପିତା– ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୧ | | ୨୭୮ | ୦.୦୪ | ୦.୦୪ | ସେକ ଜାମସେବ ହଜାରି, ପିତା– ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୨ | ୪୪ | ୨୭୮/୬୪୧ | ୦.୦୪ | ୦.୦୪ | ସେକ ଜାମସେବ ହଜାରି, ପିତା– ସେକ ଇସମାଇଲ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୩ | ୪୮ | ୬୧୫ | ୦.୨୦ | ୦.୨୦ | ଯାହେଦ ଖାଁ, ପିତା– ଆବିଦ୍ଦିଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୪ | | ୫୯୫ | ୦.୨୩ | ୦.୧୨ | ଯାହେଦ ଖାଁ, ପିତା– ଆବିଦ୍ଦିଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୫ | ୪୯ | ୪୭୧ | ୦.୨୫ | ୦.୨୦ | ତପଫାଜୁଲ ହକ ହଜାରି, ପିତା– ସେକ ଜହରୁଲ ହଜାରୀ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୩୬ | ୫୫ | ୮୭ | ୦.୬୯ | ୦.୦୫ | ଦୟାନିଧି ପଢ଼ିଆରି, ପିତା– ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୭ | | ୪୭୦ | ୦.୨୯ | ୦.୦୩ | ଦୟାନିଧି ପଢ଼ିଆରି, ପିତା– ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୮ | | ୪୭୩ | ୦.୨୫ | ୦.୨୫ | ଦୟାନିଧି ପଢ଼ିଆରି, ପିତା– ଦୋଳି ପଢ଼ିଆରି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୯ | ୫୯ | ୯୩ | ୦.୪୬ | ୦.୩୫ | ହରି ମଲିକ, ପିତା– ବିକଳ ମଲିକ, ଜା: ପାଣ, ବା: ନିଜଗାଁ | |
| ୪୦ | ୬୦ | ୧୪୦ | ୧.୦୬ | ୦.୨୨ | ସେକ ନଜରଅଲ, ପିତା– ସେକ ହସରତ ଓଗେର, ଜା ମୁସଲମାନ, ବା: ଫାଜଲପୁର | |
| ୪୧ | ୬୮ | ୨୫୦ | ୦.୪୦ | ୦.୨୦ | ନରୁ ଉଦ୍ଦିନ ଖାଁ, ପିତା– ଗୋଲାମନବି ଖାଁ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୨ | ୭୫ | ୪୬୬ | ୦.୩୮ | ୦.୦୧ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୩ | | ୪୮୭ | ୦.୨୦ | ୦.୧୨ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୪ | | ୪୮୮ | ୦.୫୧ | ୦.୫୧ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୫ | ୭୬ | ୪୮୫ | ୦.୩୪ | ୦.୧୬ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୬ | | ୪୮୬ | ୦.୦୮ | ୦.୦୫ | ସେକ ଫାରୁକ ହଜାରି, ପିତା– ସେକ ଏକ୍ରାଇମ ଅଲ୍ଲିହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୭ | ୭୮ | ୫୮୯ | ୦.୨୩ | ୦.୦୨ | ଫାରୁକ ହଜାରି, ପିତା– ଏକ୍ରାମ ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୮ | ୭୯ | ୫୯୭ | ୦.୩୫ | ୦.୨୫ | ଫାରୁକ ହଜାରି, ପିତା– ଏକ୍ରାଇମ ଅଲ୍ଲି ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୪୯ | ୮୧ | ୧୫୪ | ୦.୧୦ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୦ | | ୧୬୧ | ୦.୧୬ | ୦.୧୬ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ, ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୧ | ୮୧ | ୧୫୮ | ୦.୧୧ | ୦.୧୧ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୨ | | ୨୭୫ | ୦.୧୮ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୩ | | ୨୭୯ | ୦.୧୩ | ୦.୦୪ | ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ କୋରେଇ ମାର୍ଫତ୍ ବଳରାମ ପଣ୍ଡା, ପିତା– ଭାବ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କଣ୍ଟିଆକଣ | |
| ୫୪ | ୮୯ | ୯୨ | ୦.୧୪ | ୦.୦୮ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୫ | | ୯୬ | ୦.୩୯ | ୦.୩୯ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୬ | | ୧୦୧ | ୦.୦୮ | ୦.୦୮ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୭ | | ୧୪୫ | ୦.୨୮ | ୦.୦୪ | ହଜାରି ଅବଦୁଲ ବାରି, ପିତା– ରସିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୮ | ୯୦ | ୬୧୪/୬୩୪ | ୦.୫୨ | ୦.୨୦ | ସେକ ଅବଦୁଲ ବୁରାହନ ହଜାରି, ପିତା– ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୫୯ | ୯୩ | ୧୫୭ | ୦.୨୯ | ୦.୨୫ | ମଦନ ମାଝୀ, ପିତା: କାଶି ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୦ | ୯୯ | ୪୮୩ | ୦.୨୪ | ୦.୦୩ | ଅବଦୁଲ ରକିବି ହଜାରି, ପିତା: ଅବଦୁଲ ମଜିଦି ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୬୧ | | ୬୧୪ | ୦.୬୦ | ୦.୨୩ | ଅବଦୁଲ ରକିବି ହଜାରି, ପିତା: ଅବଦୁଲ ମଜିଦି ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୬୨ | ୧୦୦ | ୧୦୩ | ୦.୪୧ | ୦.୪୧ | ରଙ୍ଗ ମାଝି, ସ୍ୱାମୀ– ସୁଧିର ମାଝି, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୩ | ୧୦୧ | ୧୪୨ | ୦.୭୭ | ୦.୫୭ | ରଙ୍ଗ ମାଝି, ସ୍ୱାମୀ– ସୁଦୁରି ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୪ | | ୧୪୩ | ୦.୨୭ | ୦.୧୭ | ରଙ୍ଗ ମାଝି, ସ୍ୱାମୀ– ସୁଦୁରି ମାଝି ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୬୫ | ୧୦୨ | ୮୬ | ୦.୪୯ | ୦.୪୯ | ମନିନ୍ଦ୍ର କୁମାର ସାହୁ, ପିତା– ଗଙ୍ଗାଧର ସାହୁ, ଜା: ଖଣ୍ଡାୟତ, ବା: ମୂଳସରଗଡ଼ା | |
| ୬୬ | ୧୦୩ | ୨ | ୦.୦୪ | ୦.୦୪ | ସେକ ମହମ୍ମଦ ଅବଦୁଲ ରଜାକ, ପିତା– ସେକ କାଦର ମହମ୍ମଦ, ଜା: ମୁସଲମାନ, ବା: ଫାଜଲପୁର | |
| ୬୭ | | ୨୬୯ | ୦.୩୯ | ୦.୦୧ | ସେକ ମହମ୍ମଦ ଅବଦୁଲ ରଜାକ, ପିତା– ସେକ କାଦର ମହମ୍ମଦ, ଜା: ମୁସଲମାନ, ବା: ଫାଜଲପୁର | |
| ୬୮ | ୧୦୪ | ୨୭୮/ ୬୪୨ | ୦.୦୭ | ୦.୦୫ | ସେକ ମହମ୍ମଦ ଅବଦୁଲ ରଜାକ, ପିତା– କାଜାର ରଜାକ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୬୯ | | ୪୬୯ | ୦.୨୪ | ୦.୧୨ | ସେକ ମହମ୍ମଦ ଅବଦୁଲ ରଜାକ, ପିତା– କାଜାର ରଜାକ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭୦ | ୧୦୪ | ୨୭୧/ ୬୩୯ | ୦.୪୭ | ୦.୨୪ | ସେକ ମହମ୍ମଦ ଅବଦୁଲ ରଜାକ, ପିତା– କାଜାର ରଜାକ ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭୧ | ୧୦୫ | ୫୯୦ | ୦.୭୪ | ୦.୩୬ | ସେକ ଅବଦୁଲ ରଜାକ ହଜାରି, ପିତା– ସେକ ଅବଦୁଲ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୨ | | ୬୨୫ | ୦.୪୯ | ୦.୧୮ | ସେକ ଅବଦୁଲ ରଜାକ ହଜାରି, ପିତା– ସେକ ଅବଦୁଲ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୩ | ୧୦୭ | ୩ | ୨.୦୨ | ୦.୮୦ | ରତ୍ନାକର ବେହେରା, ପିତା– ବୃନ୍ଦାବନ ବେହେରା ଓଗେର, ଜା: ଶିଅଳ, ବା: ଫାଜଲପୁର | |
| ୭୪ | ୧୦୯ | ୬୦୪ | ୦.୦୯ | ୦.୦୯ | ସେକ ଅବଦୁଲ ରବହଜାରି, ପିତା– ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୫ | | ୬୦୫ | ୦.୧୭ | ୦.୧୩ | ସେକ ଅବଦୁଲ ରବହଜାରି, ପିତା– ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୬ | ୧୦୯ | ୬୧୬ | ୦.୧୦ | ୦.୧୦ | ସେକ ଅବଦୁଲ ରବହଜାରି, ପିତା– ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୭ | | ୬୧୭ | ୦.୭୦ | ୦.୧୬ | ସେକ ଅବଦୁଲ ରବହଜାରି, ପିତା– ସେକ ମଜିଦ ହଜାରି, ଜା: ମୁସଲମାନ, ବା: ଫାଜଲପୁର | |
| ୭୮ | ୧୨୧ | ୪୮୯ | ୦.୮୬ | ୦.୪୩ | ସେକ ସତାର ହଜାରି, ପିତା– ସେକ ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୭୯ | | ୪୯୨ | ୧.୦୦ | ୦.୩୦ | ସେକ ସତାର ହଜାରି, ପିତା– ସେକ ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | |
| ୮୦ | ୧୨୨ | ୬୧୨ | ୦.୪୪ | ୦.୩୮ | ଅବଦୁଲ ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୧ | ୧୨୩ | ୪ | ୦.୮୬ | ୦.୬୪ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୨ | | ୫ | ୦.୧୬ | ୦.୦୨ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୩ | | ୮/ ୬୫୨ | ୦.୧୮ | ୦.୧୦ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୪ | ୧୨୩ | ୭ | ୦.୦୩ | ୦.୦୩ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୫ | | ୮ | ୦.୦୪ | ୦.୦୨ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୬ | | ୯ | ୦.୩୦ | ୦.୩୦ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୭ | | ୧୦ | ୦.୧୬ | ୦.୧୬ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୮ | | ୧୧ | ୦.୨୧ | ୦.୨୧ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୮୯ | | ୧୨ | ୦.୧୫ | ୦.୧୦ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୦ | | ୧୩ | ୦.୨୧ | ୦.୦୯ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୧ | | ୨୩ | ୦.୦୯ | ୦.୦୫ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୨ | ୧୨୩ | ୨୪ | ୦.୧୭ | ୦.୧୩ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୩ | ୧୨୭ | ୮୪ | ୦.୬୭ | ୦.୩୦ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜିଲପୁର | |
| ୯୪ | ୧୩୪ | ୬୧୪/ ୬୩୩ | ୦.୫୬ | ୦.୨୪ | ସେକ ଅବଦୁଲ ସାବାନ ହଜାରି, ପିତା– ସେକ ଅବଦୁଲ ଅଜିଜ ହଜାରି, ଜା: ମୁସଲମାନ, ବା: ଫାଜିଲପୁର | |
| ୯୫ | ୧୩୫ | ୧୦୪/୬୫୭ | ୦.୮୨ | ୦.୩୪ | ସେକ ସୋବାନ ମହମ୍ମଦ, ପିତା– ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୬ | | ୧୦୫ | ୧.୧୫ | ୦.୪୨ | ସେକ ସୋବାନ ମହମ୍ମଦ, ପିତା– ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୭ | ୧୩୬ | ୬୧୧ | ୦.୩୮ | ୦.୩୦ | ସେକ ସୋବାନ ମହମ୍ମଦ, ପିତା– ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୮ | | ୨୭୨ | ୦.୩୮ | ୦.୩୮ | ସେକ ସୋବାନ ମହମ୍ମଦ, ପିତା– ସେକ ଦିଲିବର ମହମ୍ମଦ, ଜା: ମୁସଲମାନ, ବା: ଫାଜିଲପୁର | |
| ୯୯ | ୧୩୭ | ୨୫୧ | ୦.୫୬ | ୦.୪୬ | ସେକ ସୋଲେମାନ, ପିତା– ସେକ ଦିଲିବର, ଜା: ମୁସଲମାନ, ବା: ଫାଜିଲପୁର | |
| ୧୦୦ | ୧୩୭ | ୨୮୨ | ୦.୪୫ | ୦.୦୩ | ସେକ ସୋଲେମାନ, ପିତା– ସେକ ଦିଲିବର, ଜା: ମୁସଲମାନ, ବା: ଫାଜିଲପୁର | |
| ୧୦୧ | | ୪୭୪ | ୦.୩୯ | ୦.୦୪ | ସେକ ସୋଲେମାନ, ପିତା– ସେକ ଦିଲିବର, ଜା: ମୁସଲମାନ, ବା: ଫାଜିଲପୁର | |
| ୧୦୨ | ୧୪୧ | ୨୮୧ | ୦.୦୭ | ୦.୦୩ | ସେକ ଅବଦୁଲ ହମିଜ ଓଗେର, ପିତା– ସେକ ବଦିଜମା, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୩ | ୧୪୩ | ୬୧୩ | ୧.୧୭ | ୦.୭୫ | ହମିବୁଲ୍ଲା ଖାଁ ଓଗେର, ପିତା– ହାଫିସ ଖାଁ, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୪ | ୧୪୭/୬ | ୨୫୬ | ୦.୧୩ | ୦.୦୧ | ଉମାକାନ୍ତ ମଲିକ, ପିତା– ଗୋପାଳ ମଲିକ ଓଗେର, ଜା: ପାଣ, ବା: ଫାଜଲପୁର | |
| ୧୦୫ | ୧୪୪ | ୧୫୩ | ୦.୧୦ | ୦.୦୧ | ହରି ମଲିକ, ପିତା– ବିକଳ ମଲିକ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୦୬ | | ୯୨/୬୪୭ | ୦.୦୨ | ୦.୦୨ | ହରି ମଲିକ, ପିତା– ବିକଳ ମଲିକ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୧୦୭ | ୧୪୭ | ୨୭୭ | ୦.୪୫ | ୦.୦୧ | ହଜାରି ନିଶା ବିବି, ସ୍ୱାମୀ– ସେକ ବଦିଜମା, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୮ | | ୨୮୦ | ୦.୧୩ | ୦.୧୩ | ହଜାରି ନିଶା ବିବି, ସ୍ୱାମୀ– ସେକ ବଦିଜମା, ଜା: ମୁସଲମାନ, ବା: ଫାଜଲପୁର | |
| ୧୦୯ | ୧୪୭/୮ | ୧୦୦ | ୦.୫୮ | ୦.୦୪ | ମିର୍ଜାବସଦ ବେଗ, ପିତା– ମିର୍ଜା ରଫିକ ବେଗ, ଜା: ମୁସଲମାନ, ବା: ଫାଜଲପୁର | |
| ୧୧୦ | ୧୪୭/୧୩ | ୧ | ୦.୯୩ | ୦.୧୫ | ଶଶିକେଳା ଜେନା | |
| ୧୧୧ | ୧୨୩ | ୭୧ | ୦.୭୧ | ୦.୫୫ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | ଗୋଚର ବଦଳି |
| ୧୧୨ | | ୭୨ | ୦.୪୫ | ୦.୪୫ | ସତାର ହଜାରି, ପିତା– ଫକିର ହଜାରି ଓଗେର, ଜା: ମୁସଲମାନ, ବା: ଫାଜଲପୁର | ଗୋଚର ବଦଳି |
| | | | ମୋଟ | ୨୩.୨୪ | | |

**ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୧୧୨ (ଏକ ଶହ ବାର), ମୋଟ ଅଧିଗୃହୀତ ଜମି: ୨୩.୨୪ ଏକର**

24001/14/0340/1819

**GOVERNMENT OF INDIA**
**CENTRAL WATER COMMISSION**
**OFFICE OF THE EXECUTIVE ENGINEER**
**MAHANADI DIVISION, DOCTOR'S COLONY**
**BURLA-768017, Dist: SAMBALPUR (ORISSA)**

## NOTICE INVITING e-TENDER

on line-Tenders are invited by the Executive Engineer, Mahanadi Division, CWC, At –Doctor's colony , Burla, Distt:- Sambalpur (Orissa)-768017on behalf of the President of India, from the reputed Firm as below: NIT No MD/HQ/NIT/2018-19/1924-30 Dated 31.10.2018
Name of Work: HIRING OF SUPPORT SERVICES FOR HYDROLOGICAL OBSERVATION IN NEW AND UPGRADED SITES UNDER MAHANADI DIVISION.
EMD: Rs. 182000/-
Last Date & Time of submission 14.11.2018 at 1600 hrs.
Date of opening: 15.11.2018 at 1100 hrs.
The Bid forms and other details can be obtained from the CWC website www.eprocure.gov.in/www.tcil-india.com/www.cwc.nic.in

**Sd/-Executive Engineer,**
**Mahanadi Division,CWC,Burla**

**GREEN ENERGY DEVELOPMENT CORPORATION OF ODISHA LTD** ODISHA NEW OPPORTUNITIES
**(A wholly owned subsidiary company of OHPC Ltd)**
Regd. Office: OHPC Corporate Office, OSPH&W Corporation Building, Janpath, Bhoinagar, Bhubaneswar-751022, Tel.: 0674-2542922, Fax: 0674-2542102, Email: info@gedcol.com **CIN NO.: U40102OR2013SGC016747**

**No: GEDCOL/Tech/134/2018/583 / Date: 30.10.2018**
**REQUEST FOR PROPOSAL NO.: GEDCOL/21/2018**
**DATE: 30.10.2018**

Green Energy Development Corporation of Odisha Limited, a wholly owned subsidiary of Odisha Hydro Power Corporation Limited and State Nodal Agency for development of one (1) MW and above on-grid and hybrid Solar Projects, hereby invites sealed proposals for selection of Environment and Social Impact Assessment Consultant for development of its 275 MW Solar Power Projects on Public Private Partnership (PPP) basis in the State of Odisha.

**Availability of RFP document on the website** : 03.11.2018 (11:00 AM) to 08.12.2018 (04:00 PM)
**Cost of RFP Document (Non-Refundable)** : Rs.10,000/- (plus 18% GST)
**Proposal Due Date** : 11:30AM of 10.12.2018.
**For detail, RFP document along with terms & conditions, please visit our website :** www.gedcol.com.

**General Manager (Electrical)**

No. 66-F

# ତହସିଲ କାର୍ଯ୍ୟାଳୟ ଟାଙ୍ଗୀ, ଖୋରଧା

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

**ସଂଖ୍ୟା – ୩୨୫୭** **ତାରିଖ : ୨୩.୧୦.୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଖୋରଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ତହସିଲ ଅଧୀନରେ ସୈରାତ ଉତ୍ସଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୧୮–୧୯ ଠାରୁ ୨୦୨୨–୨୩ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ, ରକବା, ସଲଭେନସି ତଥ୍ୟାବଳୀ ଏବଂ ଇଏମ୍‌ଡି ଖୋରଧା ଜିଲ୍ଲା ୱେବସାଇଟ୍ www.khordha.nic.in ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି ଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉକି ୨୬.୧୧.୨୦୧୮ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

24021/11/0001/1819 ସ୍ୱା./– ତହସିଲଦାର ତଥା କ୍ଷମତାପନ୍ନ ପ୍ରାଧିକାରୀ ଟାଙ୍ଗୀ

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, BALANGIR**

Letter No. 1864 Date: 31.10.18

**1st CORRIGENDUM TO BID IDENTIFICATION**
**No. Online/03/BGR MID/2018-19**

No. 693-A: The date of availability of bid document, receipt of bid document, opening and lottery from Sl. No.1 to 7 remained unchanged and the Sl. No.8 is rejected from this office bid identification No. Online/03/BGR MID/2018-19.
All other terms and conditions remain same as per origianl tender call notice.

**Sd./- Executive Engineer**
32063/11/0004/1819 **Minor Irrigation Division, Balangir**

# OFFICE OF THE PANCHAYAT SAMITI, KALIMELA

## TENDER CALL NOTICE NO. 01/2018-19

| Sl. No. | Name of the Projects | Name of the Scheme | Name of the GP | Estimated Cost (Rs. in Lakh) | Approximate Amount put in Tender | Cost. of Tender Paper (Non Refundable) | E.M.D. 1% | Time of Completion of the Work | Class of Contractor |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Imp. of Road from Bodigeta to Gondhiguda (1.5KM) | SCA-2017-18 | Bodigeta | 30,00,000/- | 26,52,382/- | 6,000/- | 26,600/- | 4 (months) | "C & D" |
| 2 | Const. of 02 nos. of Culvert with road from Gompakonda to MV-66 | BKBK-2014-15 | Gompakonda | 19,68,000/- | 17,07,082/- | 6,000/- | 17,100/- | 3(Months) | "C & D" |
| 3 | Imp. of Road from Metaguda to Kondapalli | UPANTA 2017-18 | Tandabai | 34,76,000/- | 28,25,662/- | 6,000/- | 28,300/- | 3(Months) | "C & D" |

(a) Sale of Tender Paper : From 5.11.2018 to 14.11.2018 (except- 7,10 & 11 Nov. 2018)
(b) Date of receipt of Tender Papers - From 5.11.2018 to 14.11.2018 (except - 7,10 & 11 Nov, 2018)
1. Date of opening of Tender Paper : 16.11.2018 at 11.30 AM
Details of tender relating information is available in district website www.nic.in, Malkangiri and Panchayat Samiti Office, Kalimela / Office Notice board.

**Sd./- Block Development Officer, Kalimela**

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କାମାକ୍ଷାନଗର

ନୋଟିସ୍ ନଂ. ୧୮୬୬ / ତା:୦୧।୧୧।୧୮

## ଟେଣ୍ଡର ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିମ୍ନବର୍ଣ୍ଣିତ ସୈରାତଗୁଡ଼ିକ ୩ (ତିନି) ବର୍ଷିଆ ଲିଜ୍ ସୂତ୍ରରେ ନ୍ୟସ୍ତ କରାଯିବା ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏହି ଟେଣ୍ଡର ଆସନ୍ତା ତା୧୦।୧୧।୨୦୧୮ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ମୁଦ ଲଫାପାରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଯାଇପାରିବ ଏବଂ ସେହିଦିନ ଅପରାହ୍ନ ୩.୦୦ ଘଟିକା ସମୟରେ ଖୋଲାଯିବ। ଟେଣ୍ଡର ପକାଇବା ପାଇଁ ନିର୍ଦ୍ଧାରିତ ଟେଣ୍ଡର ପେପର ଏବଂ ପରିଚାଳନା ପାଇଁ ବିସ୍ତୃତ ନିୟମାବଳୀ ପୁସ୍ତିକା ପରିଷଦ କାର୍ଯ୍ୟାଳୟରୁ ତା୦୯।୧୧।୨୦୧୮ରିଖ ପର୍ଯ୍ୟନ୍ତ କାର୍ଯ୍ୟଦିବସମାନଙ୍କରେ କାର୍ଯ୍ୟନିର୍ଘଣ୍ଟ ସମୟରେ Executive Officer, N.A.C., Kamakhyanagarଙ୍କ ନାମରେ ଆବଶ୍ୟକୀୟ ପରିମାଣର Bank Draft / Bankers Cheque ଦାଖଲ ଦେଲେ ମିଳିପାରିବ।

| କ୍ର.ନଂ. | ସୈରାତର ନାମ | ଅବଧାରିତ ମୂଲ୍ୟ (ଏକ ବର୍ଷ ପାଇଁ) | ଟେଣ୍ଡର ପୁସ୍ତିକା ମୂଲ୍ୟ |
|---|---|---|---|
| ୧. | ବିଜୁ କଲ୍ୟାଣ ମଣ୍ଡପ | ଟ.୬.୦୦ ଲକ୍ଷ | ଟ.୪,୦୦୦.୦୦ |
| ୨. | ଗଡ଼ଜାତ ଭବନ | ଟ.୫.୦୦ ଲକ୍ଷ | ଟ.୨,୦୦୦.୦୦ |
| ୩. | କଲ୍ୟାଣ ମଣ୍ଡପ (ନୂଆ) | ଟ.୨.୦୦ ଲକ୍ଷ | ଟ.୬୦୦.୦୦ |

**ସ୍ୱା./– ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାମାକ୍ଷାନଗର**

See Career Appointment on every Wednesday & Saturday

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NORTHERN (R&B) CIRCLE, SAMBALPUR**
Fax & Ph. No. 0663-2412303

No. 781-B

## e - Procurement

**BID IDENTIFICATION No SENC(R&B) /13/ 2018-19**

No. 3071 Dtd. 29.10.2018

1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites Percentage Rate bids in double cover system in **ONLINE MODE** for execution of Road works as detailed in the DTCN from the eligible class of contractors.
2. No of works **12 (Twelve) Nos Road Works**
3. Tender Cost: **Rs. 10,000.00**
4. Class of contractor: **"B" Class, "A" Class & "Special" Class**
5. Date & Time of available in website & receipt of Bids **From 08.11.2018 to 17.00 hours of 24.11.2018.**
6. Date of opening of Technical Bid **26.11.2018 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any Corrigendum / Addendum will be displayed in the website **www.tendersodisha.gov.in**.

**Sd.- (S.K.Sahoo)**
**Superintending Engineer**
34035/11/0018/1819 **Northern (R&B) Circle, Sambalpur**

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. RDM-LAA-JAJ-0037-2017/ 31592 R&DM, Dated 25.08.2018**

**No. XXIV-77:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ଜଆଁର, ଥାନା– ଟମକା ନଂ.–୬୮, ତହସିଲ– ଦାନଗଦି, ଜିଲ୍ଲା– ଯାଜପୁରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଳି ବାମପାର୍ଶ୍ୱ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୪୨୬୧୦, ତା୧୧।୧୨।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା– ଜଆଁର, ଥାନା– ଟମକା ନଂ.–୬୮, ଜିଲ୍ଲା– ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ଅଧିକାରୀ, ରେଙ୍ଗାଳି ବାମ କେନାଲ ପ୍ରଣାଳୀ, ସୁକିନ୍ଦା ଏବଂ ଭୂ–ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ–କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର ତହସିଲ– ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜଆଁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୭.୪୫ ଏକର | ୩.୯୪ ଏକର | ଏଥିସହିତ ସଂଲଗ୍ନ |

**ତଫସିଲ–ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଯାଜପୁର ତହସିଲ– ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୬।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

## ଜମି ଅନୁସୂଚୀ

ଗ୍ରାମର ନାମ: ଜଆଁର (ପ୍ରଥମ ଅତିରିକ୍ତ), ଥାନା ନଂ.: ଟମକା–୬୮, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ ମାମଲା ନଂ.:

| କ୍ର. ନଂ. | ଖାତା ନଂ | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା | ଜମି ମାଲିକଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୭ | ୯୯୩ | ୦.୨୩ | ୦.୨୩ | ଅଚ୍ୟୁତାନନ୍ଦ ରାଉତ, ପିତା– ଗୋପିନାଥ | |
| ୨ | | ୧୦୦୦ | ୦.୪୯ | ୦.୦୯ | ଅଚ୍ୟୁତାନନ୍ଦ ରାଉତ, ପିତା– ଗୋପିନାଥ | |
| ୩ | | ୧୦୧୭ | ୦.୩୧ | ୦.୨୨ | ଅଚ୍ୟୁତାନନ୍ଦ ରାଉତ, ପିତା– ଗୋପିନାଥ | |
| ୪ | ୫୮ | ୯୯୫ | ୦.୦୫ | ୦.୦୫ | ଗୁଲୁରି ସାଉ, ସ୍ୱା– ଯୁଧିଷ୍ଠିର ସାଉ ଓଗେର | |
| ୫ | ୬୨ | ୯୮୮ | ୦.୪୯ | ୦.୦୩ | ଗୌରାଙ୍ଗ ସାହୁ, ପିତା– କିର୍ତ୍ତନ ଓଗେର | |
| ୬ | | ୯୮୯ | ୦.୫୨ | ୦.୨୧ | ଗୌରାଙ୍ଗ ସାହୁ, ପିତା– କିର୍ତ୍ତନ ଓଗେର | |
| ୭ | | ୯୯୦ | ୦.୧୫ | ୦.୧୧ | ଗୌରାଙ୍ଗ ସାହୁ, ପିତା– କିର୍ତ୍ତନ ଓଗେର | |
| ୮ | ୮୫ | ୯୯୭ | ୦.୨୩ | ୦.୨୩ | ଦୟାନିଧି ସାଉ, ପିତା– ଭାଇଗ | |
| ୯ | ୧୪୦ | ୯୯୮ | ୦.୪୬ | ୦.୪୬ | ବଂଶୀଧର ନାୟକ, ପିତା– ହରି ଓଗେର | |
| ୧୦ | ୧୪୧ | ୯୯୬ | ୦.୩୬ | ୦.୩୬ | ବାଇଧର ସାହୁ, ପିତା– ନିଧି | |
| ୧୧ | ୧୭୪ | ୧୦୧୫ | ୦.୪୨ | ୦.୧୫ | ଶରତ କୁମାର ସାହୁ, ପିତା– ଯଦୁମଣି ଓଗେର | |
| ୧୨ | | ୯୯୫/୧୦୯୩ | ୦.୧୫ | ୦.୧୫ | ଶରତ କୁମାର ସାହୁ, ପିତା– ଯଦୁମଣି ଓଗେର | |
| ୧୩ | ୧୮୭ | ୯୯୪ | ୧.୦୬ | ୦.୫୩ | ମାୟାଧର ରାଉତ, ପିତା– ବାବାଜୀ ଚରଣ ଓଗେର | |
| ୧୪ | ୧୯୦ | ୯୯୨ | ୦.୧୬ | ୦.୧୨ | ମାର୍କଣ୍ଡ ଚରଣ ସାହୁ, ପିତା– ଦାମ | |
| ୧୫ | | ୧୦୦୭ | ୦.୩୭ | ୦.୧୪ | ମାର୍କଣ୍ଡ ଚରଣ ସାହୁ, ପିତା– ଦାମ | |
| ୧୬ | | ୧୦୨୭ | ୦.୧୯ | ୦.୧୦ | ମାର୍କଣ୍ଡ ଚରଣ ସାହୁ, ପିତା– ଦାମ | |
| ୧୭ | ୨୨୧ | ୯୯୧ | ୦.୧୧ | ୦.୧୧ | ସାଧୁ ସାଉ, ପିତା– ଦାମୋଦର | |
| ୧୮ | | ୧୦୧୮ | ୦.୩୦ | ୦.୧୬ | ସାଧୁ ସାଉ, ପିତା– ଦାମୋଦର | |
| ୧୯ | | ୧୦୨୮ | ୦.୦୮ | ୦.୦୪ | ସାଧୁ ସାଉ, ପିତା– ଦାମୋଦର | |
| ୨୦ | ୨୪୧/୨୯ | ୯୯୪/୧୧୯୪ | ୧.୦୦ | ୦.୩୦ | ଶ୍ରୀଧର ସାହୁ, ପିତା– ଚହଳି | |
| ୨୧ | ୨୪୧/୩୪ | ୯୯୯ | ୦.୦୭ | ୦.୦୭ | ଦୟାନିଧି ସାହୁ, ପିତା– ଭାଇଗ | |
| ୨୨ | | ୧୦୦୬ | ୦.୨୫ | ୦.୦୮ | ଦୟାନିଧି ସାହୁ, ପିତା– ଭାଇଗ | |
| | | | ମୋଟ | ୩.୯୪ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୨୨ (ବାଇଶ) ମୋଟ ଅଧିଗୃହୀତ ଜମି: ୩.୯୪ ଏକର

24001/14/0341/1819

## NATIONAL COMPETITIVE BIDDING THROUGH e-Procurement

Tel. No.06752222092, e-mail id-eerwpuri@gmail.com

No:- Online- 04 Date 27.10.2018

**No. 942-O:-** The Executive Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 8 Nos of works for the year 2018-19 in the district of Puri.

1. Total no. of works : 8 Nos.
2. Tender cost of packages : Varies from Rs.11.06 lakhs to Rs.44.25 lakhs
3. Class of contractor : As per DTCN
4. Period of completion : 4 (Four) calendar months
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procure-ment Officer | Bid identifi-cation No. | Availability of tender on-line for bidding | | Last date & time of seeking tender clarification | Submission of original documents for verification | Date, time & venue of opening of tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Puri | Online-04 | 13.11.2018 at 11.00AM | 26.11.2018 upto 3.00PM | 24.11.2018 upto 1.00PM | During office hours of working days from dt.27.11.2018 to 30.11..2018 upto 12.30PM in the Office of the Executive Engineer, R.W. Division, Puri & Office of the Superintending Engineer, Central Circle, Rural Works, Bhubaneswar & R.W. Sub-Division, Pipili / Kanas. | 30.11.2018 at 12.30PM Office of the E.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".

25065/11/0007/1819 ***Executive Engineer, R.W. Division, Puri***

No.XXI-78

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-MBJ-0030-2018/23910 / R&DM Dated : 02.07.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– କଦମ୍ବଶୂଳ, ଥାନା–ମୋରଡା ନଂ–୨୦୫, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଡା ଡିଷ୍ଟ୍ରିବ୍ୟୁଟାରୀ ଏବଂ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲର ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | କଦମ୍ବଶୂଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩.୦୪ | ଏ. ୦.୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ–୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୁରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

## ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା ୪/୨୦୧୮**
**ଏ.୦.୧୦ଡି**

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଡା ଡିଷ୍ଟ୍ରିବ୍ୟୁଟାରି ଏବଂ ସିଷ୍ଟମ ନିମନ୍ତେ
ମୌଜା– କଦମ୍ବଶୂଳ, ଥାନା– ମୋରଡା, ନଂ ୨୦୫, ତହସିଲ– ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜ

| ଖାତା ନଂ ଓ ସତ୍ତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୦ | ୪୩୦ | ୩.୦୪ | ୦.୧୦ | ଶାରଦ ଏକ | ଛୋଟା ରାଉତ, ପି: ମଙ୍ଗଳ ରାଉତ, ଜା: ବଗାଳ, ବା: ନିଜଗାଁ |
| ମୋଟ | ୧ ପ୍ଲଟକୁ | ଏ ୩.୦୪ ଡେ.ମି. | ଏ ୦.୧୦ ଡେ.ମି. | | |

24001/14/0365/1819

# OFFICE OF THE COLLECTOR & DISTRICT MAGISTRATE, RAYAGADA

(Social Welfare Section)

No. 2494/SW Dtd. 26.10.18

## TENDER NOTICE

In pursuance of Letter No. 10807 Dated 27.06.2018 of Women & Child Development and Mission Shakti Department, Odisha, Bhubaneswar, sealed tenders in prescribed forms are hereby invited for Rayagada District from intending firms / printing press for printing & supply of the following materials for ICDS projects of Rayagada District.

1. Mamata Scheme AWC Survey Register- Annexure-A
2. Mamata Scheme under taking by the beneficiary Form-Annexure-B
3. Mamata Scheme beneficiary tracker- Annexure-C.
4. Mamata Scheme AWC monthly report- Annexure-D.
5. Mamata Scheme beneficiary registration & receipt display calendar- Annexure-E.

The tender paper containing detailed terms and conditions, EMD, Solvency Certificate and statutory requirements etc. can be downloaded from the District website: **www.rayagada.nic.in**. The tender fees of Rs.2000/- (Rupees Two thousand) only which is non refundable shall be submitted along with the tender papers. The tender papers complete in all respect along with other required documents should reach in sealed cover to the District Social Welfare Officer, Rayagada on or before 1.30 PM of 09.11.2018 by Registered / Speed Post only. The authority shall not be responsible for any kind of postal delay. The tender shall be opened on 09.11.18 at 4 PM by the Collector, Rayagada / the officer authorized by Collector in presence of the members of tender committee and the tenders or their authorized representatives. The tender received beyond the scheduled date & time and incomplete tenders shall not be taken in to considerations.
The undersigned reserves the right to reject or cancel any or all the tenders without assigning any reason thereof.

**Sd./- Collector, Rayagada**

# OFFICE OF THE COLLECTOR AND DISTRICT MAGISTRATE, BALASORE

(SOCIAL WELFARE SECTION)

**Tender Notice No. 3140/SW** **Dtd: 30.10.18**

Sealed tenders are invited from intending agencies / firms / printing press having PMT or EMI-II certificate, valid IT return, PAN, valid Goods & Services Tax (GST) certificate and having experiences in taking up the printing work of error free composing, proof reading, editing layout designing, with requisite child centered multicolour illustration for printing & supply of approximately 111451 nos. of New Arunima Work Books-I & II for Pre-School Children of Anganwadi Centers of the district. The tender documents should reach the Office of the District Social Welfare Officer, Balasore by Registered Post or Speed Post or Courier on or before 16.11.2018 by 2 PM and tender will be opened on the same day at 4 PM in the Office Chamber of Collector & District Magistrate, Balasore in presence of the members of the Purchase Committee and the tenderer or their authorized representatives. The tender papers received beyond the time limit shall not be entertained.
The details of the Arunima Books are mentioned in the terms and conditions. The books should be of exact specification as per the samples submitted in the tender notice. The selected agency has to supply the printed materials to all the 15 ICDS Project of this District on its own cost. The details regarding tender papers, terms and conditions, earnest money deposit etc. can be obtained by downloading from the website **www.baleswar.nic.in**. The tender has been invited under two bid systems i.e technical bid & financial bid. The intending tenderer must submit two separate envelopes Superscribe "Technical bid for supply of Arunima Work Book I & II & Financial Bid for Arunima Work Book I & II. The both sealed envelopes should be kept in a third envelope superscribing "Sealed tender for supply of Arunima Work Book I & II. The cost of tender paper is Rs.5,000/- (Rupees five thousand) only and the tender paper must be enclosed with bank draft in favour of DSWO, Balasore. The cost of tender paper is non-refundable.
The undersigned reserves the right to accept / reject any or all tender papers without assigning any reason thereof.

**Sd./- Collector, Balasore**

# ଓଡ଼ିଶା କ୍ରୀଡ଼ା ମହଲରେ ଉତ୍ସାହ

EKAMRA SPORTS LITERARY FESTIVAL 2018

ହକି ବିଶ୍ୱକପ୍ ପୂର୍ବରୁ ନଭେମ୍ବର ୨ ଓ ୩ରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆର ଏହି ସର୍ବପ୍ରଥମ କ୍ରୀଡ଼ା–ସାହିତ୍ୟ ମହାମେଳାରେ ଏକତ୍ରିତ ହେବେ ବିଶ୍ୱର ନାମୀ ଆଥଲେଟ୍, ଲେଖକ, ସାହିତ୍ୟିକ ଓ ଖେଳ ସାମ୍ବାଦିକ। ବେନ୍ ଜନସନ୍‌ଙ୍କ ପରି ଚର୍ଚ୍ଚିତ ଆଥଲେଟ୍ ଗୁରୁବାର ଭୁବନେଶ୍ୱରରେ ପହଞ୍ଚି କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ରାଜ୍ୟରେ ପ୍ରଥମଥରପାଇଁ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଥିବାରୁ ସ୍ୱାଭାବିକଭାବେ ଓଡ଼ିଶା କ୍ରୀଡ଼ା ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଓଡ଼ିଶାର ପ୍ରତିଷ୍ଠିତ ଖେଳାଳି ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ଏକ ବିରଳ କାର୍ଯ୍ୟକ୍ରମ ବୋଲି ବର୍ଣ୍ଣନା କରିଛନ୍ତି। ଏହା ନିଶ୍ଚିତଭାବେ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ପ୍ରସ୍ତୁତି: ତପନ ସ୍ୱାଇଁ



## ନିଜର ଅନୁଭୂତି ବର୍ଣ୍ଣନା କରିବି

ଓଡ଼ିଶାରେ ହକି ବିଶ୍ୱକପ ଆୟୋଜନ ପୂର୍ବରୁ ଏହାକୁ ପ୍ରମୋଟ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଏହାର ଏକ ଅଂଶବିଶେଷ। ଏଥିରେ ଅନେକ ଚାମ୍ପିୟନ ଆଥଲେଟ୍, ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ, କ୍ରିକେଟର, ହକି ଲିଜେଣ୍ଡମାନେ ସାମିଲ ଅଛନ୍ତି। ଫଳରେ ଓଡ଼ିଶାରେ କ୍ରୀଡ଼ାର ବାତାବରଣ ଆହୁରି ବଢ଼ିଯିବ। ଅନେକ ପ୍ରତିଷ୍ଠିତ ଖେଳାଳିଙ୍କ ଜୀବନୀ ଉପରେ ପୁସ୍ତକ ରଚନା ହୋଇଛି। ଏଥିରୁ କେତେକ ପୁସ୍ତକ ସମ୍ପର୍କରେ ସେଠାରେ ଆଲୋଚନା ହେବ। ଟପ୍ ଜର୍ନାଲିଷ୍ଟମାନେ ସେମାନଙ୍କ ମତ ରଖିବେ। ଖେଳକୁ ଭଲ ପାଉଥିବା ଲୋକମାନେ ଏଥିରୁ ନିଶ୍ଚିତ ଉପକୃତ ହେବେ। ଆମ ସମସ୍ତଙ୍କ ପାଇଁ ଉତ୍ସାହିତ ହେବାର ଏହା ଏକ ସ୍ଥାନ ବୋଲି କହିହେବ। ଏଠାକୁ ଆଥଲେଟ୍, କ୍ରିକେଟର, ହକି ଓ ଅନ୍ୟ ଖେଳର ତାରକାମାନେ ଆସୁଛନ୍ତି। ତେଣୁ ଏଠାରେ ଓଭରଅଲ୍ ସ୍ପୋର୍ଟ୍ସ ଉପରେ ଆଲୋଚନା ହେବ। ପୂର୍ବରୁ ଯେଉଁଠି ବିଶ୍ୱକପ ହୋଇଛି ଏପରି କାର୍ଯ୍ୟକ୍ରମ ଯେ ଆୟୋଜିତ ହୋଇଛି ତା' ନୁହେଁ, ଆମ ରାଜ୍ୟ ପାଇଁ ନିଶ୍ଚିତ ଏହା ନୂଆ କଥା ହେବ। ଏସିଆରେ ଏହା ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଛି। ଏଥିରେ ମୁଁ ନିଜେ ବକ୍ତା ଥିବାରୁ ଖୁସି ଲାଗୁଛି। ସମସ୍ତେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବୁ। ହକି ଖେଳ ବ୍ୟତୀତ ପଡ଼ିଆ ବାହାରର ଘଟଣା ମଧ୍ୟ ଏଥିରେ ସ୍ଥାନ ପାଇବ। ରୁରାଲ ସ୍ପୋର୍ଟ୍ସ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ଓଡ଼ିଶା ସ୍ପୋର୍ଟ୍ସ ଏବଂ ସରକାରଙ୍କ ଅବଦାନ ସମ୍ପର୍କରେ କହିବୁ। ଆଗାମୀ ବିଶ୍ୱକପ ଉପରେ ମଧ୍ୟ ପୂର୍ବାନୁମାନ ହୋଇପାରେ। ଏଭଳି ଏକ କାର୍ଯ୍ୟକ୍ରମ ହେଉଛି ବୋଲି ଏଠାକୁ ବହୁତ ବଡ଼ ଆଥଲେଟ୍ ଓ ଲେଖକମାନେ ଆସିବା ସମ୍ଭବ ହୋଇ ପାରିଛି।

*–ପଦ୍ମଶ୍ରୀ ଦିଲୀପ ତିର୍କୀ*
*ପୂର୍ବତନ ଭାରତୀୟ ହକି ଅଧିନାୟକ*

## ନିଆରା କାର୍ଯ୍ୟକ୍ରମ



ଓଡ଼ିଶା ସରକାରଙ୍କ ଏହା ଆଉ ଏକ ବଡ଼ ପଦକ୍ଷେପ। ଜାତୀୟ ଜୁନିୟର ଆଥଲେଟିକ୍ସ ପାଇଁ ମୋତେ କିଛି ଦାୟିତ୍ୱ ମିଳିଥିବାରୁ ମୁଁ ଭୁବନେଶ୍ୱରରେ ରହି ପାରୁନାହିଁ। ତେଣୁ ମନରେ ଅବସୋସ ନିଶ୍ଚିତ ରହିବ। ସିଡ୍‌ନୀ ଅଲିମ୍ପିକ୍ସ ସମୟରେ କିଛି ବଡ଼ ଆଥଲେଟ୍‌ଙ୍କର ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହା ସେମାନଙ୍କୁ ଆହୁରି ଭଲ ପ୍ରଦର୍ଶନ ପାଇଁ ବେଶ୍ ଉତ୍ସାହିତ କରିଥିଲା ବୋଲି ମୁଁ ସେମାନଙ୍କ ସହ ମିଶି ଜାଣି ପାରିଛି। ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପାଇଁ ଅନେକ ବଡ଼ ଖେଳାଳି ଓ ପୁସ୍ତକ ରଚୟିତା ଓଡ଼ିଶା ଆସୁଛନ୍ତି। ବହି ପଢ଼ିବା ଏବଂ ସେମାନଙ୍କ ମୁହଁରୁ ଅନୁଭୂତି ଶୁଣିବା ଭିତରେ ଅନେକ ଫରକ ରହିଛି। କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ଏସିଆରେ ପ୍ରଥମଥର ପାଇଁ ଏହା ଅନୁଷ୍ଠିତ ହେଉଥିବାରୁ ଆମ ଲାଗି ଅନେକ କିଛି ଶିଖିବାର ଅଛି। ଖେଳକୁ କ୍ୟାରିୟର କରିବାକୁ ଯାଉଥିବା ପିଲାମାନଙ୍କ ପାଇଁ ଏହା ବେଶ୍ ଉପାଦେୟ ହେବ। ଅନ୍ତର୍ଜାତୀୟ ସ୍ତରରେ ବଡ଼ ପ୍ରତିଯୋଗିତା ସହ ଏପରି ଇଭେଣ୍ଟ ଆୟୋଜନ କରି ଆମ ରାଜ୍ୟ ସରକାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ମୋଟାମୋଟି କହିଲେ ଏହା ଏକ ନିଆରା କାର୍ଯ୍ୟକ୍ରମ ହେବ। ଆମ ରାଜ୍ୟରେ ଏପରି ଏକ ଇଭେଣ୍ଟ ଆୟୋଜନ ପୂର୍ବରୁ ସ୍ୱପ୍ନ ପରି ଲାଗୁଥିଲା। ଯୁବ ଖେଳାଳିଙ୍କ ପାଇଁ ଏହା ଶିକ୍ଷଣୀୟ ହେବ। ପୂର୍ବରୁ ଯାହା ୟୁରୋପ ଦେଶ ମାନଙ୍କରେ ହେଉଥିଲା ତାହା ଏବେ ଏସିଆକୁ ଆସିଛି। ବେନ୍ ଜନସନ ନିଶ୍ଚିତ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରହିବେ ବୋଲି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରକାଶ କରିଛନ୍ତି।

*–ଅନୁରାଧା ବିଶ୍ୱାଳ, ଅଲିମ୍ପିଆନ ଆଥଲେଟ୍*



## ନୂଆ ଚିନ୍ତାଧାରା

ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଏସିଆରେ ପ୍ରଥମଥର ପାଇଁ ହେଉଛି ବୋଲି କୁହାଯାଉଛି, ମାତ୍ର ଗତ କିଛିବର୍ଷ ଭିତରେ ବିଶ୍ୱରେ ଏପରି ଏକ କାର୍ଯ୍ୟକ୍ରମ ହେଉଥିବାର ଶୁଣାଯାଇନି। କୌଣସି ବଡ଼ ପୁରସ୍କାର ବିତରଣୀ ଉତ୍ସବରେ ଆଥଲେଟ୍ ଓ ଜର୍ନାଲିଷ୍ଟମାନେ ଏକତ୍ରିତ ହେଉଛନ୍ତି, ମାତ୍ର ଏମିତି ଏକ ମଞ୍ଚ ଯେଉଁଠି ଭାବର ଆଦାନ ପ୍ରଦାନ ହେବ, ଯେଉଁଥିରେ କି କ୍ରୀଡ଼ାବିତ୍, ଲେଖକ, ପୁସ୍ତକ ରଚୟିତା ସେମାନଙ୍କ ମତ ରଖିବେ, ଏହା ସମ୍ପୂର୍ଣ୍ଣ ବିରଳ ବୋଲି ମୋର ମତ। ଅନେକ ଆଥଲେଟ୍‌ଙ୍କ ସମ୍ପର୍କରେ ଲୋକମାନେ ମିଡିଆ ମାଧ୍ୟମରେ ଯାହାକିଛି ଜାଣିବାକୁ ପାଇଛନ୍ତି, ମାତ୍ର ନିଜ ମୁହଁରୁ ସେମାନଙ୍କ କଥା ଶୁଣିବା ନିଶ୍ଚିତ ଭିନ୍ନ ଅନୁଭୂତି ଆଣିବ। ଉଦାହରଣ ସ୍ୱରୂପ ବେନ୍ ଜନ୍‌ସନ ଜଣେ ଶ୍ରେଷ୍ଠ ଆଥଲେଟ୍ ଏବଂ ତାଙ୍କ କ୍ଷେତ୍ରରେ ଅନେକ ଘଟଣା ଘଟିଛି। ତାଙ୍କଠାରୁ ପଦକ ପ୍ରତ୍ୟାହୃତ ହୋଇଛି ଏବଂ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ମାତ୍ର ପ୍ରକୃତରେ କ'ଣ ହୋଇଥିଲା, କେଉଁ ପରିସ୍ଥିତିରେ ସେ ଧରା ପଡ଼ିଥିଲେ ଏ ସବୁ ବିଷୟ ତାଙ୍କ ମୁହଁରୁ ଶୁଣିବାପରେ ଆମେ ନିଶ୍ଚିତଭାବେ ସବୁ ବିଷୟ ସ୍ପଷ୍ଟଭାବେ ଅବଗତ ହୋଇ ପାରିବୁ। ଆମେ ଶୁଣିଛୁ ଯେ, ରୁଷିଆନ ଚେସ୍ ଗ୍ରାଣ୍ଡମାଷ୍ଟରମାନେ ଯେତେବେଳେ ବାହାରକୁ ଖେଳିବାକୁ ଯାଆନ୍ତି ସେମାନଙ୍କ ସହ ସାଇଣ୍ଟିଷ୍ଟମାନେ ଯାଇଥାନ୍ତି, ପ୍ରତିପକ୍ଷ ଖେଳାଳିଙ୍କୁ କିପରି କାବୁ କରିହେବ ସେ ସମ୍ପର୍କରେ ସୂଚନା ଦେବାପାଇଁ। ଏପରି ଅନେକ ବିରଳ କାହାଣୀ ଗଣମାଧ୍ୟମ ମାଧ୍ୟମରେ ଜଣାପଡ଼େ। ତେଣୁ ଆଥଲେଟ୍‌ଙ୍କ ମୁହଁରୁ ତାଙ୍କ କଥା ଶୁଣିଲେ ନିଶ୍ଚିତ ଚିନ୍ତାଧାରା ସ୍ପଷ୍ଟ ହୋଇଯିବ। ବାକି ରହିଲେ ଲେଖକଙ୍କ କଥା। ରିକ୍ ଚାର୍ଲ୍ସୱର୍ଥଙ୍କ ପରି ଲିଜେଣ୍ଡ ଯାହାଙ୍କୁ କି ଗତ ୪୦–୫୦ ବର୍ଷ ଭିତରେ ହକିର ସର୍ବଶ୍ରେଷ୍ଠ ଖେଳାଳି କହିଲେ ଅତ୍ୟୁକ୍ତି ହେବନାହିଁ। ସେ ୩ଟି ବହି ଲେଖିଛନ୍ତି। ସେ ଏକାଧାରରେ ଜଣେ ଭଲ ଖେଳାଳି, କୋଚ୍, ଲେଖକ ଏବଂ ପ୍ରଶାସକ। ବିଶ୍ୱ ସ୍ତରରେ କ୍ରୀଡ଼ାର କେତେ ପ୍ରଭାବ ରହିଛି ଏବଂ ଏହାର ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ କ'ଣ ରହିଛି ତାହା ଏମାନଙ୍କ ଉପସ୍ଥିତିରେ ଜଣାପଡ଼ିବ।

*–ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ*



ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶାର ଅମିୟ ମଲିକଙ୍କ ସହ ଆଲୋଚନାରତ ବିଶ୍ୱର ଅନନ୍ତ୍ୟମ ଚର୍ଚ୍ଚିତ ଆଥଲେଟ୍ ବେନ୍ ଜନସନ୍।



## ନିଜ କଥା କହିପାରିଥାନ୍ତି

ଓଡ଼ିଶାରେ ବଡ଼ ଟୁର୍ନାମେଣ୍ଟ ହେବା ସହ ପ୍ରଥମଥର ପାଇଁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବା ବହୁତ ବଡ଼ କଥା। ପୂର୍ବରୁ ଏହା ଏସିଆ ବାହାରେ ହେଉଥିଲା, ଏବେ ଏସିଆକୁ ପୁଣି ଓଡ଼ିଶାକୁ ଆସିଛି। ଏଥିପାଇଁ ବହୁତ ଅର୍ଥ ମଧ୍ୟ ଖର୍ଚ୍ଚ ହୋଇଥାଏ। ଏଥିପାଇଁ ପ୍ରଥମେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। ସରକାର ଏବେ ସ୍ପୋର୍ଟ୍ସକୁ ପ୍ରମୋଟ କରୁଛନ୍ତି, ଏହାଦ୍ୱାରା ପିଲାମାନେ ଖେଳକୁ ଆସିବାକୁ ଉତ୍ସାହିତ ହେବେ। ଆଗକୁ ବହୁତ ବଡ଼ ପ୍ରତିଯୋଗିତା ଆସୁଛି। ଏହାକୁ ଦୃଷ୍ଟିରେ ରଖି ମୋର ଟ୍ରେନିଂ ଆରମ୍ଭ ହୋଇ ଯାଇ ଥିବାରୁ ମୁଁ ଲିଟ୍ ଫେଷ୍ଟରେ ଯୋଗ ଦେଇପାରୁନି। ମୁଁ ଏବେ ଟ୍ରେନିଂକୁ ପ୍ରାଥମିକତା ଦେଉଛି। ମୁଁ ମୋ ଜୀବନରେ ଅନେକ ସଂଘର୍ଷ କରି ଆସିଛି। ୨୦୧୪ରେ ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଇଥିଲା। ଜଣେ ଆଥଲେଟ୍ ହିଁ ତା' ସଂଘର୍ଷର କଥା କହିପାରିବ। ଏହି ଫେଷ୍ଟିଭାଲ ମାଧ୍ୟମରେ ଲୋକମାନେ ଆଥଲେଟ୍‌ଙ୍କ ମନର କଥା ଜାଣି ପାରିବେ। ପୂର୍ବରୁ ମୁଁ ୨୦୧୭ରେ ସୁଇଜରଲାଣ୍ଡରେ ଏବଂ ବମ୍ବେରେ ଭିନ୍ନଧରଣର ଫେଷ୍ଟିଭାଲରେ ଯୋଗ ଦେଇ ସାରିଛି। ତେଣୁ ଏଥର ଭାଗ ନେଇପାରୁ ନ ଥିବାରୁ ଅବସୋସ ନାହିଁ। ଅନେକ ସ୍ଥାନରେ ମୁଁ ମୋର ଜୀବନୀ କହି ସାରିଛି। ତେବେ ଏହି ଫେଷ୍ଟିଭାଲ ଅବସରରେ ମୁଁ ମୋର ଷ୍ଟୋରି କହିପାରିଥିଲେ ଭଲ ଲାଗିଥାନ୍ତା। ମୋର ଏବେ ଏଣ୍ଡୁରାନ୍ସ ଟ୍ରେନିଂ ଆରମ୍ଭ ହୋଇ ଯାଇଛି। ପରେ ସ୍ପିଡ୍ ଟ୍ରେନିଂ ଆରମ୍ଭ ହେବ। ୨୦୧୯ରେ ଗୋଆରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ମୁଁ ପ୍ରସ୍ତୁତ ହେଉଛି। ଉଭୟ ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ ମୋର ମୁଖ୍ୟ ଲକ୍ଷ୍ୟ।

*– ଦ୍ୟୁତୀ ଚାନ୍ଦ, ଭାରତୀୟ ସ୍ପ୍ରିଣ୍ଟ କୁଇନ୍*

## ଥମ୍ପସନ ମୋର ଆଦର୍ଶ

ପ୍ରକୃତରେ ଏହା ବହୁତ ବଡ଼ ଇଭେଣ୍ଟ ଏବଂ ଓଡ଼ିଶା ପାଇଁ ବଡ଼ ସଫଳତା ବୋଲି କହିହେବ। ବିଭିନ୍ନ ଦେଶରୁ ଭିନ୍ନଭିନ୍ନ ଖେଳର ଆଥଲେଟ୍ ଓ ଲେଖକମାନେ ଆମ ରାଜ୍ୟକୁ ଆସିବେ। ଏହା କିଛି କମ୍ କଥା ନୁହେଁ। ପୂର୍ବରୁ ଆମେ ବଡ଼ ଆଥଲେଟିକ୍ସ ଇଭେଣ୍ଟ ହେଉ କି ବିଶ୍ୱକପ ଦେଖିବାକୁ ସ୍ୱପ୍ନ ଦେଖୁଥିଲୁ। ଟିଭିରେ ଦେଖି କିଛି ଜାଣୁଥିଲୁ, ମାତ୍ର ଏବେ ଅନେକ ବଡ଼ ଇଭେଣ୍ଟ ଓଡ଼ିଶା ଆସିଛି। ଖେଳର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟରେ ଯେପରି ଉଦ୍ୟମ ଚାଲିଛି ପ୍ରକୃତରେ ଆମେ ସେଥିପାଇଁ ବହୁତ ଖୁସି। ଅଷ୍ଟ୍ରେଲିଆନ ଲିଜେଣ୍ଡ ଫାଷ୍ଟ ବୋଲର ଜେଫ୍ ଥମ୍ପସନ ' ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ବିଷୟ ଉପରେ ନିଜ ମତ ରଖିବେ। ରାଜ୍ୟରେ କ୍ରିକେଟକୁ କ୍ୟାରିୟର କରିଥିବା ଆମ ମାନଙ୍କ ପାଇଁ ଏହାଠାରୁ ଆଉ ବଡ଼ କଥା କିଛି ହୋଇ ନ ପାରେ। କ୍ରିକେଟକୁ କ୍ୟାରିୟର କରୁଥିବା ବିଶେଷ କରି ବୋଲରମାନଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ଆମେ ଯେତେବେଳେ କ୍ରିକେଟ କ୍ୟାରିୟର ଆରମ୍ଭ କଲୁ ସେତେବେଳେ ଥମ୍ପସନଙ୍କ ପରି ଖେଳାଳି ଆମର ଆଦର୍ଶ ଥିଲେ। ରାଜ୍ୟରେ କ୍ରିକେଟ ଖେଳୁଥିବା ବହୁତ ପିଲା ତାଙ୍କୁ ଦେଖି ନ ଥିବେ କିମ୍ବା ତାଙ୍କ ସମ୍ପର୍କରେ କିଛି ଜାଣି ନ ଥିବେ। ତାଙ୍କ ମୁହଁରୁ କିଛି ଶୁଣିବା ପ୍ରକୃତରେ ବହୁତ ବଡ଼ କଥା। ଆକାଶ ଚୋପ୍ରାଙ୍କ ଟପିକ୍ 'ନମ୍ବର୍ସ ଡୋଣ୍ଟ ଲାଇ' ମଧ୍ୟ ବହୁତ ଉପାଦେୟ ହେବ। ଏହି ଉତ୍ସବରେ ଯୋଗଦେବାପାଇଁ ମୋର ବହୁତ ଇଚ୍ଛା ଅଛି, ମାତ୍ର ଭିନ୍ନ ଦାୟିତ୍ୱ ଯୋଗୁ ମୁଁ ଏବେ ଯିବା ସମ୍ଭବ ହେବନାହିଁ। ସୁଯୋଗ ମିଳିଲେ ମୁଁ ନିଶ୍ଚିତ ପହଞ୍ଚିବି। ଏଭଳି ସୁଯୋଗ ଜୀବନରେ ବେଶି ମିଳେନାହିଁ।

*–ଦେବାଶିଷ ମହାନ୍ତି*
*ଅନ୍ତର୍ଜାତୀୟ କ୍ରିକେଟର ଏବଂ ଜାତୀୟ ଚୟନକର୍ତ୍ତା*






## ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ

କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ ଏସିଆରେ ପ୍ରଥମଥର ପାଇଁ ଖେଳାଳି ଓ ସାହିତ୍ୟିକ ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ବେନ୍ ଜନସନ ହୁଅନ୍ତୁ, କିମ୍ବା ଜେଫ୍ ଥମ୍ପସନ, ଦୀପା କର୍ମକାର, ନୀରଜ ଚୋପ୍ରା, ଷ୍ଟିଫାନି ରାଇସ୍, ଯୋଗେଶ୍ୱର ଦତ୍ତ, ରିକ୍ ଚାର୍ଲ୍ସୱର୍ଥ, ମହମ୍ମଦ କୈଫ୍, ଧନରାଜ ପିଲ୍ଲେ, ବାସୁଦେବନ ବାସ୍କରନଙ୍କ ପରି କିମ୍ବଦନ୍ତୀ ଏବଂ ତାରକା କ୍ରୀଡ଼ାବିତ୍ ଏଠାକୁ ଆସୁଛନ୍ତି। ଯେଉଁ ଖେଳାଳିମାନଙ୍କୁ ପୂର୍ବରୁ ଆମେମାନେ ଟିଭିରେ ଦେଖୁଥିଲୁ ଏବେ ଏହି କାର୍ଯ୍ୟକ୍ରମ ସେମାନଙ୍କୁ ପାଖରେ ଦେଖିବା ସୁଯୋଗ ସୃଷ୍ଟି ହେବ। ତେଣୁ ଏଭଳି ଏକ କାର୍ଯ୍ୟକ୍ରମ ଜୀବନର ଏକ ଶ୍ରେଷ୍ଠ ସୁଯୋଗ କହିଲେ ଭୁଲ ହେବନାହିଁ। ବେନ୍ ଜନସନ ମୋର ଫେଭରାଇଟ ଆଥଲେଟ୍ ଥିଲେ। ସେ ଏବେ ଓଡ଼ିଶା ଆସୁଛନ୍ତି ଭାବିଲା ବେଳକୁ ବହୁତ ଖୁସି ଲାଗୁଛି। ଏଥିପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ। ସରକାରଙ୍କ ଆଗ୍ରହ ଯୋଗୁ ଏବେ ଓଡ଼ିଶାରେ ଅନେକ ବଡ଼ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଆସି ପାରିଛି। ଏହାଦ୍ୱାରା ରାଜ୍ୟରେ ଖେଳକୁ କ୍ୟାରିୟର କରିବାକୁ ନିଶ୍ଚିତ ଅଧିକରୁ ଅଧିକ ପିଲା ଆଗେଇ ଆସିବେ।

*–ଶ୍ରଦ୍ଧାଞ୍ଜଳି ସାମନ୍ତରାୟ*
*ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା*



“ଆଗାମୀ ୨-୩ ମାସ ମଧ୍ୟରେ ଜିଲା ସ୍ତରରେ ଦକ୍ଷତା ବିକାଶ ଏଜେନ୍ସି ସଂକ୍ରାନ୍ତ ନିୟମକୁ କାର୍ଯ୍ୟକାରୀ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ଅନନ୍ତ କୁମାର ହେଗଡେ, ଦକ୍ଷତା ବିକାଶ ରାଷ୍ଟ୍ର ମନ୍ତ୍ରୀ



“ସରକାର ବର୍ତ୍ତମାନ ଉପକୂଳ ନୌପରିବହନକୁ ଅଗ୍ରାଧିକାର ଦେଉଥିବା ବେଳେ ଏହା ଦ୍ୱାରା ବାର୍ଷିକ ୨,୫୦୦ କୋଟି ଟଙ୍କା ସଞ୍ଚୟ କରିବାକୁ ଯୋଜନା ରହିଛି।
– ମନ୍ସୁଖ ମାଣ୍ଡବୀୟ, ଜାହାଜ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ

## ସଂକ୍ଷେପରେ

### ଇଜ୍ ଅଫ୍ ଡୁଇଂ ବିଜନେସ୍ ଟପ୍ ୨୫ରେ ସ୍ଥାନ ପାଇବା ଲକ୍ଷ୍ୟ

**ନୂଆଦିଲ୍ଲୀ,୧-୧୧:** ବିଶ୍ୱ ବ୍ୟାଙ୍କ ପକ୍ଷରୁ ବୁଧବାର ଗ୍ଲୋବାଲ ଇଜ୍ ଅଫ୍ ଡୁଇଂ ବିଜନେସ୍ ତାଲିକା ଜାରି କରାଯାଇଥିଲା। ଏଥିରେ ଭାରତ ୭୭ତମ ସ୍ଥାନକୁ ଉନ୍ନୀତ ହୋଇଛି। ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ପାଇଁ ଏହା ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। କିନ୍ତୁ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ଏତିକିରେ ସନ୍ତୁଷ୍ଟ ନ ଥିବା ମନେହେଉଛି। ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ, ଆସନ୍ତା ୩ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଶୀର୍ଷ ୨୫ ଦେଶ ମଧ୍ୟରେ ଭାରତର ସ୍ଥାନ ପାଇବା ନେଇ ଲକ୍ଷ୍ୟ ରଖାଯାଇଛି। ସେ କହିଛନ୍ତି ଯେ, ଭାରତ ଆସନ୍ତାବର୍ଷ ଶୀର୍ଷ ୫୦ ଦେଶ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାକରାଯାଉଛି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଭାରତର ଏହି ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ। ଭାରତ ଭଳି ବିଭିଧତା ଭରା ଅନ୍ୟ କୌଣସି ଦେଶ ଦୁଇ ବର୍ଷ ଭିତରେ ୬୫ ପାଦ ଉପରକୁ ଉଠିପାରିନାହାନ୍ତି। ଗତ ବର୍ଷ ଭାରତ ୧୦୦ତମ ସ୍ଥାନରେ ରହିଥିଲା।

### ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୧-୧୧:** କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର କ୍ରମାଗତ ପ୍ରୟାସ ଯୋଗୁ ୫ ମାସ ପରେ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ଟପିଯାଇଛି। ପାର୍ବଣ ଋତୁରେ ବ୍ୟାପକ ହାରରେ ହେଉଥିବା କିଣାବିକା ଏବଂ ଟିକସ ଫାଙ୍କି ରୋକିବାକୁ ସରକାରଙ୍କ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇପାରିଛି। ଗୁରୁବାର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏକ ଟୁଇଟ୍ ଜରିଆରେ କହିଛନ୍ତି ଯେ, ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିବା ବେଳେ ଅକ୍ଟୋବରରେ ଏହା ୧ ଲକ୍ଷ କୋଟି ଟଙ୍କା ଟପିଛି। ଏପ୍ରିଲରେ ୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଏହା ପରଠାରୁ କ୍ରମାଗତ ୫ ମାସ ଯାଏ ଟିକସ ଆଦାୟ ପରିମାଣ ୯୦ ହଜାର କୋଟି ଟଙ୍କାରୁ ଅଧିକ ରହିଆସିଛି। ଚଳିତ ଆର୍ଥିକ ବର୍ଷର ମେ’ରେ ୯୪,୦୧୬ କୋଟି, ଜୁନ୍‌ରେ ୯୫,୬୧୦ କୋଟି, ଜୁଲାଇରେ ୯୬,୪୮୩ କୋଟି, ଅଗଷ୍ଟରେ ୯୩,୯୬୦ କୋଟି ଏବଂ ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା।

### ଗଠନ ହେବ ସ୍ୱର୍ଣ୍ଣ ପରିଷଦ

**ନୂଆଦିଲ୍ଲୀ,୧-୧୧:** ସୁନା ଗହଣାର ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ସ୍ୱର୍ଣ୍ଣ ପରିଷଦ ଗଠନ କରିବେ ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ସେ କହିଛନ୍ତି ଯେ, ଭାରତ ବିଶ୍ୱର ସର୍ବବୃହତ ସୁନା ଆମଦାନୀକାରୀ ହେବା ସହ ଏହାକୁ ଅଧିକ ବ୍ୟବହାର କରିଥାଏ। ଏଣୁ ବିଶ୍ୱରେ ସୁନା ଗହଣାର ରପ୍ତାନି ଲାଗି ଦେଶ ନିକଟରେ ଭଲ ସୁଯୋଗ ରହିଛି। ଭାରତ ସୁନାର ସବୁଠାରୁ ବଡ଼ ଉପଭୋକ୍ତା ହୋଇଥିବାରୁ ଦେଶରେ ଏକ ସ୍ୱର୍ଣ୍ଣ ପରିଷଦ ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଏଠାରେ ସୁନା ଗହଣାର ଏକ ପ୍ରଦର୍ଶନୀରେ ଯୋଗ ଦେବା ଅବସରରେ ସେ ଏହା କହିଛନ୍ତି।

### ଶନିବାର ଆଲ୍ଲାହାବାଦ ବ୍ୟାଙ୍କ ସିଇଓଙ୍କ ଓଡିଶା ଗସ୍ତ



**ଭୁବନେଶ୍ୱର,୧-୧୧:** ଆଲ୍ଲାହାବାଦ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ସି.ଏଚ୍.ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ଶନିବାର ପ୍ରଥମଥର ଲାଗି ଓଡିଶା ଗସ୍ତରେ ଆସୁଛନ୍ତି। ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପଦବୀରେ ନିକଟରେ ରାଓ ଅବସ୍ଥାପିତ ହେବା ସହ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ସେ ଭୁବନେଶ୍ୱରରେ ସତର୍କତା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ କରେନ୍ସି ଚେଷ୍ଟକୁ ସେ ଉଦଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବିଭିନ୍ନ ଶାଖା ମୁଖ୍ୟଙ୍କୁ ଭେଟିବା ସହ ବ୍ୟାଙ୍କର କାର୍ଯ୍ୟ ଶୈଳୀକୁ ସେ ସମୀକ୍ଷା କରିବେ ବୋଲି ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ରାଓ ଯୋଗ ଦେବେ ବୋଲି ଜଣାପଡିଛି।

## ଆମଦାନୀ ନୀତି କଡ଼ା କଲା ଆମେରିକା

# ୫୦ ଭାରତୀୟ ଉତ୍ପାଦ ଶୁଳ୍କମୁକ୍ତ ତାଲିକାରୁ ବାଦ୍

ୱାଶିଂଟନ,୧-୧୧



- ହ୍ୟାଣ୍ଡଲୁମ୍, କୃଷିଜାତ ସାମଗ୍ରୀ ରପ୍ତାନି ପ୍ରଭାବିତ ହେବ
- ମୋଟ୍ ୯୦ ପ୍ରକାର ସାମଗ୍ରୀରୁ ଶୁଳ୍କ ଆଦାୟ କରାଯିବ
- ୨୦୧୭ରେ ଭାରତ ୫.୬ ବିଲିୟନ ଡଲାର ଶୁଳ୍କମୁକ୍ତ ଉତ୍ପାଦ ଆମେରିକାକୁ ରପ୍ତାନି କରିଥିଲା

ଆମେରିକା ନିଜର ଆମଦାନୀ ନୀତିକୁ ଆହୁରି କଡ଼ା କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ବିଦେଶରୁ ଆମଦାନୀ ହେଉଥିବା ୯୦ ପ୍ରକାର ଉତ୍ପାଦକୁ ଡ୍ୟୁଟି ଫ୍ରି ବା ଶୁଳ୍କ ମୁକ୍ତ ତାଲିକାରୁ ବାଦ୍ ଦିଆଯାଇଛି। ଏଥିରେ ଭାରତର ୫୦ ପ୍ରକାର ଉତ୍ପାଦ ରହିଛି। ଏଣିକି ଏହି ସବୁ ସାମଗ୍ରୀରୁ ଆମେରିକା ଶୁଳ୍କ ଆଦାୟ କରିବ। ପ୍ରଭାବିତ ହେବାକୁ ଥିବା ଭାରତୀୟ ସାମଗ୍ରୀଗୁଡ଼ିକ ମଧ୍ୟରେ ଅଧିକାଂଶ ହ୍ୟାଣ୍ଡଲୁମ୍ ଓ କୃଷି କ୍ଷେତ୍ର ସହ ଜଡିତ। ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ଯୋଗୁ ଭାରତ ସହ ଆମେରିକାର ବାଣିଜ୍ୟ ସମ୍ପର୍କ ଅଧିକ କଠୋର ହେବାକୁ ଯାଉଛି ବୋଲି ସଙ୍କେତ ମିଳୁଛି।

ଫେଡେରାଲ ରେଜିଷ୍ଟରଙ୍କ ପକ୍ଷରୁ ଏକ ନୋଟିଫିକେଶନ ଜାରି କରାଯାଇ କୁହାଯାଇଛି ଯେ, ଜେନେରାଲାଇଜଡ ସିଷ୍ଟମ ଅଫ ପ୍ରିଫରେନ୍ସେସ(ଜିଏସ୍‌ପି) ଅଧୀନରେ ଡ୍ୟୁଟି ଫ୍ରି ତାଲିକାରେ ଥିବା ୯୦ ପ୍ରକାର ଉତ୍ପାଦକୁ ବାଦ୍ ଦିଆଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଏ ସମ୍ପର୍କରେ ଏକ ଘୋଷଣା କରିଥିଲେ। ନୂଆ ନୀତି ନଭେମ୍ବର ପହିଲାରୁ ଲାଗୁ ହୋଇଯିବ। ୟୁଏସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭର ଜଣେ ଅଧିକାରୀ କହିଛନ୍ତି ଯେ, ଗୁରୁବାରଠାରୁ ୯୦ ପ୍ରକାର ସାମଗ୍ରୀରୁ ଶୁଳ୍କ ଆଦାୟ କରାଯିବ। କାରଣ ଏଗୁଡ଼ିକୁ ଡ୍ୟୁଟି ଫ୍ରି ତାଲିକାରୁ ବାଦ୍ ଦିଆଯାଇଛି। ତେବେ ମୋଷ୍ଟ ଫେଭର୍ଡ ନେଶନ୍ସ ପାଇଁ ଉଦ୍ଦିଷ୍ଟ ଶୁଳ୍କ ଦରରେ ଉକ୍ତ ସାମଗ୍ରୀଗୁଡ଼ିକୁ ଆମଦାନୀ କରାଯିବ। ଶୁଳ୍କ ମୁକ୍ତ ତାଲିକାରୁ ବାଦ୍ ପଡିଥିବା ୯୦ ପ୍ରକାର ସାମଗ୍ରୀ ସମ୍ପର୍କରେ ଖୋଳତାଡ କରାଯିବାରୁ ଜଣାପଡିଛି ଯେ, ଟ୍ରମ୍ପ ପ୍ରଶାସନ କୌଣସି ଦେଶ ବିରୋଧରେ ପଦକ୍ଷେପ ନେବା ବଦଳରେ ସାମଗ୍ରୀ ଭିତ୍ତିରେ ଶୁଳ୍କ ଛାଡକୁ ପ୍ରତ୍ୟାହାର କରିଛନ୍ତି। ଭାରତ ଜିଏସ୍‌ପିର ସବୁଠାରୁ ବଡ଼ ଲାଭାର୍ଥୀ ଥିବାରୁ ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କାରଣ କେବଳ ୨୦୧୭ରେ ଭାରତ ଜିଏସ୍‌ପି ଅଧୀନରେ ଆମେରିକାକୁ ୫.୬ ବିଲିୟନ ଡଲାର ସାମଗ୍ରୀ ରପ୍ତାନୀ କରିଥିଲା। ତେବେ ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତ କେତେ ପରିମାଣରେ ଓ କିପରି ପ୍ରଭାବିତ ହେବ ତାହା ବର୍ତ୍ତମାନ କହିବା ଅସମ୍ଭବ। ତେବେ ତାଲିକାରୁ ବାଦ୍ ପଡିଥିବା ସାମଗ୍ରୀଗୁଡ଼ିକୁ ଦେଖିଲେ ମନେହେଉଛି ଦେଶର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବେଶ୍ ପ୍ରଭାବିତ ହେବାକୁ ଯାଉଛି। ବିଶେଷ କରି ହ୍ୟାଣ୍ଡଲୁମ୍ ଓ କୃଷି ଉଦ୍ୟୋଗ ଅଧିକ କ୍ଷତିଗ୍ରସ୍ତ ହେବେ। ଉଲ୍ଲେଖଥାଉ କି, ଜିଏସ୍‌ପି ଆମେରିକାର ସବୁଠାରୁ ପୁରୁଣା ବରିଷ୍ଠ ବାଣିଜ୍ୟ କାର୍ଯ୍ୟକ୍ରମ ଭାବେ ବିଚାର କରାଯାଏ। କିଛି ଦେଶକୁ ବାଣିଜ୍ୟ ବୃଦ୍ଧି ଦ୍ୱାରା ଲାଭ ପହଞ୍ଚାଇବା ଉଦ୍ଦେଶ୍ୟରେ ଆମେରିକା ପକ୍ଷରୁ ଏଭଳି ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଫଳରେ ବହୁ ରାଷ୍ଟ୍ର ଏହାର ଫାଇଦା ଉଠାଇ ବାର୍ଷିକ ହାରରେ ବହୁ କୋଟି ଟଙ୍କାର ଶୁଳ୍କ ମୁକ୍ତ ବାଣିଜ୍ୟ କରି ଆସୁଥିଲେ। ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତ ସମେତ ଆର୍ଜେଣ୍ଟିନା, ବ୍ରାଜିଲ, ଥାଇଲାଣ୍ଡ, ସୁରିନାମ୍,ପାକିସ୍ତାନ, ତୁର୍କୀ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଇଣ୍ଡୋନେସିଆ ଭଳି ଦେଶର ବାଣିଜ୍ୟ ପ୍ରଭାବିତ ହେବ।

## ଆଦିତ୍ୟ ହ୍ୟୁଣ୍ଡାଇରେ ନୂଆ ସାଣ୍ଟ୍ରୋ ଉନ୍ମୋଚିତ

ଭୁବନେଶ୍ୱର,୧-୧୧




ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରର ଆଦିତ୍ୟ ହ୍ୟୁଣ୍ଡାଇ ଶୋ’ରୁମଠାରେ ନୂଆ ସାଣ୍ଟ୍ରୋର ବଜାର ପ୍ରବେଶ ହୋଇଛି। କମ୍ପାନୀର ଏମ୍‌ଡି ତଥା ସିଇଓ ୱାଇ.କେ.କୋ ଏବଂ ଆଦିତ୍ୟ ହ୍ୟୁଣ୍ଡାଇର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ଏହି ମଡେଲଟିକୁ ବଜାର ପ୍ରବେଶ କରାଇଥିଲେ। ନୂଆ ମଡେଲଟି ଅତ୍ୟାଧୁନିକ ଷ୍ଟାଇଲିସ ଟଲ୍ ବଏ ଡିଜାଇନରେ ବଜାରକୁ ଆସିଛି। ଭାରତୀୟ ପରିବାରଗୁଡ଼ିକର ଆବଶ୍ୟକତାକୁ ନଜରରେ ରଖି କମ୍ପାନୀ ଏଭଳି ମଡେଲ ବଜାରକୁ ଆଣିଛି। ଏଥିରେ ବିଶ୍ୱ ସ୍ତରୀୟ ସ୍ମାର୍ଟ ଅଟୋ ଏଏମ୍‌ଟି ଫିଚର, ସୁପରିୟର ୧ କେ ପ୍ଲାଟଫର୍ମ, ସ୍ପେସିୟସ କ୍ୟାବିନ, ସୁପରିୟର ରାଇଡ ଏବଂ ହ୍ୟାଣ୍ଡଲିଂ ବୈଶିଷ୍ଟ୍ୟ ଏଥିରେ ରହିଛି। ନିରାପତ୍ତା ସହ ଫ୍ୟାକ୍ଟ୍ରି ଫିଟେଡ ସିଏନ୍‌ଜି ବିକଳ୍ପକୁ ସାମିଲ କରାଯାଇଛି। ଏହା ଟାଇଫୁଲ ସିଲଭର, ପୋଲାର ହ୍ୱାଇଟ, ଷ୍ଟାର ଡଷ୍ଟ, ମାରିନା ବ୍ଲୁ, ଫେରି ରେଡ୍, ଇମ୍ପେରିଆଲ ବେଜ୍, ଡାଏନା ଗ୍ରୀନ ରଙ୍ଗରେ ଉପଲବ୍ଧ। ମଡେଲଟିର ଏକ୍ସ ଶୋ’ରୁମ ବଜାର ଦର ୩.୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। କାର୍ଯ୍ୟକ୍ରମ ଅବସରରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂଆ ଟୁଲ୍ ବକ୍ସ ଆଣିଲା ଟାପାରିଆ

ଭୁବନେଶ୍ୱର,୧-୧୧

ଟାପାରିଆ ଟୁଲ୍ସ ପକ୍ଷରୁ ନୂଆ କ୍ୟାଣ୍ଟିଲିଭର ଟୁଲ୍ ବକ୍ସର ବଜାର ପ୍ରବେଶ ହୋଇଛି। ଏଥିରେ ବିଭିନ୍ନ ପ୍ରକାରର ଟୁଲ୍‌ସ ଏବଂ ଆସେସୋରିଜ୍ ଷ୍ଟୋର କରାଯାଇ ପାରିବ। ଏହା ଏକ ହେଭି ଡ୍ୟୁଟି, ରିବୁଷ୍ଟ ଏବଂ ମେଟାଲ କ୍ୟାଣ୍ଟି ଲିଭର ଟୁଲ୍ ବକ୍ସ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଅପରପକ୍ଷରେ ଟ୍ରାନ୍ସପୋର୍ଟିଂ ଏବଂ ଷ୍ଟୋରିଂ ହ୍ୟାଣ୍ଡ ଟୁଲ୍ସ ଏବଂ ଆସୋସୋରିଜ୍ ଲାଗି ଏହା ବିଶେଷ ଭାବେ ସହାୟକ ହେବ। ଉଭୟ ପ୍ରଫେସନାଲ ଏବଂ ଅନ୍ୟାନ୍ୟ ବର୍ଗର ବ୍ୟକ୍ତି ବିଶେଷଙ୍କ ଲାଗି ବକ୍ସଟି ଉପାଦେୟ ହେବ। ବକ୍ସକୁ ଏଭଳି ଭାବେ ଡିଜାଇନ୍ କରାଯାଇଛି ଯାହା ସବୁ ବର୍ଗର ଟୁଲ୍‌କୁ ଧରି ରଖିବ। ହାଇଗଜ୍ ଷ୍ଟିଲ ସିଟ୍‌ରେ ଏହାକୁ ପ୍ରସ୍ତୁତ କରାଯାଇଛି। ଦୃଢ଼ତା ଏବଂ ଦୀର୍ଘତା ପ୍ରଦାନ ଦିଗରେ ଉକ୍ତ ପ୍ରଡକ୍ଟ ସକ୍ଷମ ହେବ। ବକ୍ସରେ ଷ୍ଟିଲ୍ ହ୍ୟାଣ୍ଡେଲ ରହିଛି। ବକ୍ସକୁ ଧରିବାକୁ ଏହା ସୁବିଧା ପ୍ରଦାନ କରିବ। ଏହା ମଧ୍ୟରେ ୩ ଏବଂ ୫ ଟ୍ରେ କମ୍ପାର୍ଟମେଣ୍ଟ ରହିଛି। ଗୁଣବତ୍ତାଯୁକ୍ତ ଉତ୍ପାଦ ଯୋଗାଣ ଦ୍ୱାରା ଗ୍ରାହକଙ୍କ ନିକଟତର ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଟାପାରିଆ ଟୁଲ୍ସ ଘରୋଇ ବଜାରରେ ନିଜର ଉପସ୍ଥିତି ଜାହିର କରିବା ସହ ବିଦେଶକୁ ମଧ୍ୟ ରପ୍ତାନି କରୁଛି।

## ୧୪ ହଜାର କୋଟି ଫେରାଇବ ସାହାରା

ନୂଆଦିଲ୍ଲୀ,୧-୧୧




**ନିବେଶକଙ୍କ ସପକ୍ଷରେ ସେବିର ନିର୍ଦ୍ଦେଶ**

ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ସାହାରା ଇଣ୍ଡିଆ କମର୍ସିଆଲ କର୍ପୋରେଶନ (ଏସ୍‌ଆଇସିସିଏଲ୍), ଏହାର ପ୍ରମୁଖ ସୁବ୍ରତ ରୟ ଏବଂ ଅନ୍ୟ ୧୩ ଜଣଙ୍କୁ ୪ବର୍ଷ ଲାଗି ସିକ୍ୟୁରିଟି ମାର୍କେଟରୁ ନିଲମ୍ବିତ କରିଛି। ଏସ୍‌ଆଇସିସିଏଲ ବାର୍ଷିକ ୧୫% ହାରରେ ସୁଧ ସହ ୧୪ହଜାର କୋଟି ଟଙ୍କା ନିବେଶକଙ୍କୁ ଫେରାଇବାକୁ ସେବି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ଉକ୍ତ କମ୍ପାନୀ ୧୯୯୮ରୁ ୨୦୦୯ ମଧ୍ୟରେ ପ୍ରାୟ ୨ କୋଟି ନିବେଶକଙ୍କ ଠାରୁ କେତେକ ବଣ୍ଡ ଜାରି କରି ଉକ୍ତ ଟଙ୍କା ବଜାରରୁ ଉଠାଇଥିଲେ। ଇତିପୂର୍ବେ ସାହାରାର ଅନ୍ୟ ଦୁଇଟି କମ୍ପାନୀ ସମ୍ପୂର୍ଣ୍ଣ ପରିବର୍ତ୍ତନୀୟ ଡିବେଞ୍ଚର ଜରିଆରେ ବଜାରରୁ ୨୪ ହଜାର କୋଟି ଟଙ୍କା ଉଠାଇଥିଲେ ବୋଲି ଅଭିଯୋଗ କରି ସେବି ଏହାକୁ ଫେରାଇବା ଲାଗି ସାହାରାକୁ ନିର୍ଦ୍ଦେଶ ଦେଇଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସାହାରା ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯାଇଛି,ଯାହାର ଏବେ ଶୁଣାଣି ଚାଲିଛି। ସେବି ପକ୍ଷରୁ ଏହାର ପୂର୍ଣ୍ଣକାଳୀନ ସଦସ୍ୟ ମାଧବୀ ପୁରୀ ବଚ୍ ତାଙ୍କର ୫୪ ପୃଷ୍ଠାର ନିର୍ଦ୍ଦେଶରେ ଅଣ ହସ୍ତାନ୍ତରଯୋଗ୍ୟ ଡିମାଣ୍ଡ ଡ୍ରାଫ୍ଟ ଅଥବା ପେ ଅର୍ଡର ଜରିଆରେ ଉକ୍ତ ଟଙ୍କାକୁ ନିବେଶକଙ୍କୁ ଫେରାଇବାକୁ ହେବ।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୋର୍ଡରୁ ବାଜପେୟୀଙ୍କ ଇସ୍ତଫା

ମୁମ୍ବାଇ,୧-୧୧

ଋଣବୋଝରେ ଜର୍ଜରିତ ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ନବନିଯୁକ୍ତ ବୋର୍ଡ ସଦସ୍ୟ ଜି.ଏନ୍.ବାଜପେୟୀ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଅକ୍ଟୋବର ୩୦ରୁ ତାଙ୍କ ଇସ୍ତଫା କାର୍ଯ୍ୟକାରୀ ହେବ। ସେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି)ର ଅଧ୍ୟକ୍ଷ ଭାବେ ପୂର୍ବରୁ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାର ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ଦଖଲକୁ ନେଇ ଏହାର ବୋର୍ଡକୁ ଭାଙ୍ଗି ଦେଇଥିଲେ। ଏହା ସ୍ଥାନରେ ଏକ ୭ ଜଣିଆ ବୋର୍ଡ ଗଠନ କରିଥିଲେ, ଯେଉଁଥିରେ ବାଜପେୟୀ ଅନ୍ୟତମ ସଦସ୍ୟ ଥିଲେ। ବାଜପେୟୀଙ୍କ ଇସ୍ତଫା ସମ୍ପର୍କରେ କମ୍ପାନୀ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜକୁ ପତ୍ର ଲେଖି ଜଣାଇ ଦିଆଯାଇଥିଲା। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ଚିଠି ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ବାଜପେୟୀଙ୍କ ଇସ୍ତଫା ପରେ ବୋର୍ଡରେ ୬ ସଦସ୍ୟ ରହିଛନ୍ତି।




## ଭାରତକୁ ଛାଡ଼ ଦେବାକୁ ଆମେରିକା ରାଜି

ନୂଆଦିଲ୍ଲୀ,୧-୧୧

**ଇରାନ ବିରୋଧରେ କଟକଣା**

ଆସନ୍ତା ୪ରୁ ଇରାନ ବିରୋଧରେ ଆମେରିକାର କଟକଣା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଏଥିରୁ ଭାରତକୁ ଛାଡ଼ ଦେବାକୁ ଆମେରିକା ରାଜି ହୋଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଦିନେ ଦୁଇଦିନ ମଧ୍ୟରେ ଏ ସଂକ୍ରାନ୍ତରେ ଆମେରିକା ଘୋଷଣା କରିବାକୁ ଯାଉଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ।

ଇରାନରୁ ଭାରତ ୧.୨୫ ମିଲିୟନ ଟନ ଅଶୋଧିତ ତୈଳ କିଣିବାକୁ ଆଗ୍ରହୀ। ଆସନ୍ତାବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପରିମାଣ ତେଲ କିଣିବା ଲାଗି ଭାରତ ଚାହୁଁଛି। ସେହି ପର୍ଯ୍ୟନ୍ତ ଭାରତ ପାଇଁ କଟକଣା କୋହଳ କରିବାକୁ ଆମେରିକା ରାଜି ହୋଇଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ। ଇରାନ ସହ ହୋଇଥିବା ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ଏହି ଦେଶ ବିରୋଧରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ଆମେରିକା ଚାହୁଁଛି। ନଭେମ୍ବର ୪ରୁ ଏହା ଲାଗୁ ହୋଇଯିବ। ଏହି ଦିବସ ପୂର୍ବରୁ ସମସ୍ତ ଦେଶ ଇରାନ ଠାରୁ ତୈଳ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେବା ଲାଗି ଆମେରିକା କହିଛି। ଏହା ପାଳନ ନ ହେଲେ ଉଲ୍ଲଂଘନକାରୀ ଦେଶ ବିରୋଧରେ ଆମେରିକା ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଇରାନଠାରୁ ତେଲ କିଣା ଜାରି ରଖିବାକୁ ଭାରତ ଚାହୁଁଛି।

## ଆଇଏମ୍‌ଏଆର୍‌ସିରେ ନାଲ୍‌କୋର ଯୋଗଦାନ



ଭୁବନେଶ୍ୱର,୧-୧୧

ଅଷ୍ଟ୍ରେଲିଆର ମେଲବୋର୍ନଠାରେ ୨୯ ତାରିଖଠାରୁ ଚାଲିଥିବା ବିଶ୍ୱର ସର୍ବବୃହତ ମାଇନିଂ ରିସୋର୍ସେସ କନଫରେନ୍ସ (ଆଇଏମ୍‌ଏଆର୍‌ସି)ରେ ନାଲ୍‌କୋ ଯୋଗ ଦେଇଛି। ନଭେମ୍ବର ୧ ଯାଏ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୯୦ ଦେଶର ପ୍ରାୟ ୬,୦୦୦ ପ୍ରତିନିଧି ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଖଣି ଉଦ୍ୟୋଗୀ, କର୍ପୋରେଟ ପ୍ରତିନିଧି, ପରାମର୍ଶଦାତା, ବୈଷୟିକବିତ୍ ଏବଂ ପୁଞ୍ଜି ନିବେଶକାରୀ ରହିଛନ୍ତି। କୋଲ୍ ଇଣ୍ଡିଆ ଲିମିଟେଡ, ନାଲ୍‌କୋ, ଏନ୍‌ଏମ୍‌ଡିସି, ଏଚ୍‌ସିଏଲ୍, ଏମ୍‌ଇସିଏଲ୍ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ନେଇ ଭାରତୀୟ ଖଣି ମନ୍ତ୍ରଣାଳୟ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଭାରତୀୟ ପାଭିଲିୟନରେ ନାଲ୍‌କୋ ନୋଡାଲ ଏଜେନ୍ସି ଭାବେ ପ୍ରତିନିଧିତ୍ୱ କରୁଛି। ଭାରତୀୟ ପାଭିଲିୟନ ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅନିଲ କୁମାର ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ଇଣ୍ଡିଆ ଆଟ୍ ଆଇମାର୍କ ୨୦୧୮ ୱେବପୋର୍ଟାଲ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଇଡ୍‌କୋ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର,୧-୧୧

ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ(ଇଡ୍‌କୋ) ପକ୍ଷରୁ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଇଡ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଂ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଏବଂ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଇଡ୍‌କୋର ପ୍ରଶାସନ ବିଭାଗ ମୁଖ୍ୟ ସାଧାରଣ ପରିଚାଳକ ଡ. ଗଣେଶ୍ୱର ଜେନା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the DGM ,E.H.T. (O&M) Division Balasore, Dist: Balasore-19. CIN: U40102OR2004SGC007553
NOTICE INVITING TENDER - 10/2018-19
Sealed tenders are invited from Vehicle owners / Travel agencies having GST registration certificate and IT PAN Card for hiring of diesel run commercial registered light vehicles (AC Indigo or Equivalent) on monthly contract basis at EHT(O&M) Division, Balasore. The vehicle to be provided should not be manufactured before 01.07.17. Cost of Tender Paper : Rs.2,240/-. EMD: Rs.2,400/- for each tender is to be submitted in shape of Cash/DD drawn in favour of EHT (O&M) Division, OPTCL, Balasore Payable at Balasore without which the tender shall be rejected. Sale of tender documents from Dt.05.11.18 to Dt.15.11.18. The tenders shall be received up to 1:00 P.M on Dt.16.11.18 and will be opened at 3:00P.M on same date. For details, please visit our website www.optcl.co.in.
Sd/-
Corrigendum, if any, will be published in the website only. Dy. General Manager (Elect.)
Please connect us: optcl.odisha optcl_odisha energyodisha

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL Lifeline of Orissa
Office Of The General Manager (Electrical) EHT (O & M) Circle, Berhampur, Ganjam, Ph./Fax : 0680-2291905, 0680-2291904
e-Mail : ehtm.cle.bam@optcl.co.in, CIN:U40102OR2004SGC007553
AUCTION SALE NOTICE
On behalf of OPTCL, General Manager (Elect.), E.HT (O&M) Circle, Berhampur invites sealed quotations in plain paper for auction sale of Departmental Ambassador Car (Diesel) bearing Registration No, OR-02-H-1162 under EHT (O&M) Division, Berhampur available at the office premises of DGM, EHT (O&M) Division, Berhampur on or before Dated.16.11.2018 by 3.00 PM, The quotations will be opened on Dated, 16.11.2018 at 4.00PM at office of the undersigned in presence of the bidders or their authorised representatives, For details please visit our website www.optcl.co.in Corrigendum if any will be published in the website only.
General Manager (Elect.)

ROURKELA MUNICIPAL CORPORATION, ROURKELA
Email ID: rourkelamunicipality@gmail.com, Tele: 0661-2500388, PIN: 769012
No. 11901 Dt. 31.10.2018
CORRIGENDUM NOTICE
The last date of submission of offer (RFP) for Wall Painting and Beautification of walls notified as 05.11.2018 vide Notice No. 11112, dt.12.10.2018 is extended upto 15.12.2018, 5.00PM and will be opened on 16.12.2018 at 11.00AM. The other conditions remains unchanged as available in website rmc.nic.in.
Sd./- Deputy Commissioner
Rourkela Municipal Corporation

OFFICE OF THE COLLECTOR & DISTRICT MAGISTRATE, BALASORE DISTRICT
(DISTRICT SOCIAL WELFARE OFFICE)
No. 3158 Date: 31.10.18
TENDER CALL NOTICE
Sealed tenders are invited from intending registered agencies / firms / printing press for printing & supply of Arunima Work Book-I & II. Details of the tender documents are available with the website (www.baleswar.nic.in). The same can be purchase from the office of the DSWO, Balasore on any working day till 16.11.2018 on payment of Rs.5000/- only.
Last date of submission of tender on or before 16.11.18 at 2 PM.
Sd./- District Social Welfare Officer, Balasore

# ଭାରତର କ୍ରମାଗତ ଷଷ୍ଠ ସିରିଜ ବିଜୟ




ସିରିଜ ବିଜୟ ପରେ ଟ୍ରଫି ସହ ଉଲ୍ଲସିତ ଭାରତୀୟ ଦଳ।

**ଥିରୁବନନ୍ତପୁରମ, ୧।୧୧ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଭାରତ ୨୧୧ଟି ବାକିଥାଇ ୯ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ଭାରତ ୩-୧ରେ ହାତେଇ ନେଇଛି। ଏଥି ସହିତ ଭାରତ ଘରୋଇ ମାଟିରେ କ୍ରମାଗତ ଷଷ୍ଠ ଦିନିକିଆ ସିରିଜ ବିଜୟ ହାସଲ କରିଛି। ୩୪ ରନ ବ୍ୟୟ କରି ୪ ଉଇକେଟ ନେବା ସହ ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ୩ଟି ଶତକ ସହ ସାରା ସିରିଜରେ ଅସାଧାରଣ ପ୍ରଦର୍ଶନ କରିଥିବା ଭାରତୀୟ ଅଧିନାୟକ ବିରାଟ କୋହଲି ପ୍ଲେୟାର ଅଫ ଦି ସିରିଜ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ ଟସ୍ ଜିତି ପଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୩୧.୫ ଓଭରରେ ମାତ୍ର ୧୦୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉଇକେଟ ହରାଇ ୧୪.୫ ଓଭରରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟତମ ଓପନର ରୋହିତ ଦ୍ରୁତ ୬୩ (୫୬ ବଲ, ୫ ଚୌକା, ୪ ଛକା) ଓ କୋହଲି ୩୩ ରନ କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜର ୨୧ ବର୍ଷୀୟ ଦ୍ରୁତ ବୋଲର ଓଶାନ ଥୋମାସଙ୍କ ବଲରେ ଧାୱନ କ୍ଲିନ୍ ବୋଲ୍ଡ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ରୋଭମ୍ୟାନ ପାୱେଲ ୧୬, ମାର୍ଲନ ସାମୁଏଲ୍ସ ୨୪ ଓ ଅଧିନାୟକ ଜାସନ ହୋଲ୍ଡର ୨୫ ରନ ସଂଗ୍ରହ କରିଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଜାଡେଜା ସର୍ବାଧିକ ୪, ଯଶପୀତ ବୁମ୍‌ରା ଓ ଖଲିଲ ଅହମ୍ମଦ ଦୁଇଟି ଲେଖାଏ, ଭୁବନେଶ୍ୱର କୁମାର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ୱେଷ୍ଟଇଣ୍ଡିଜ୍ ୩୧. ୫ ଓଭରରେ ୧୦୪ ଅଲଆଉଟ୍ (ହୋଲ୍ଡର- ୨୫, ସାମୁଏଲ୍ସ- ୨୪, ପାୱେଲ- ୧୬, ଜାଡେଜା- ୪/୩୪, ବୁମ୍‌ରା- ୨/୧୧, ଅହମ୍ମଦ- ୨/୨୯)। ଭାରତ୧୪.୫ଓଭରରେ୧୦୫/୧(ରୋହିତ- ୬୩, କୋହଲି- ୩୩, ଥୋମାସ- ୧/୩୩)।

# ହଲ୍ ଅଫ୍ ଫେମ୍ ଗ୍ରୁପ୍‌ରେ ଦ୍ରାବିଡ

**ନୂଆଦିଲ୍ଲୀ,୧।୧୧(ପି.ଟି.)**

'ୱାଲ' ଭାବେ ଜଣାଶୁଣା କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ୧୯ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍ ରାହୁଲ ଦ୍ରାବିଡଙ୍କୁ ଗୁରୁବାର ବିଧିବଦ୍ଧ ଭାବେ ହଲ୍ ଅଫ୍ ଫେମ୍ ଗ୍ରୁପ୍‌ରେ ସାମିଲ କରାଯାଇଛି। ଥିରୁଭାନାନ୍ଥପୁରମଠାରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ତଥା ୫ମ ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସମ୍ମାନିତ କରାଯାଇଛି। ଆଇସିସି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ହଲ୍ ଅଫ୍ ଫେମ୍ ମାନପତ୍ର ଦ୍ରାବିଡଙ୍କୁ ଦେବା ସହ ଟୋପି ପିନ୍ଧାଇଥିଲେ। ସେ ୫ମ ଭାରତୀୟ ଭାବେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ତାଙ୍କ ପୂର୍ବରୁ ବିଶ୍ୱକପ୍ ଚାମ୍ପିୟନ ଦଳର ଅଧିନାୟକ କପିଳ ଦେବ, ସୁନୀଲ ଗାଭାସ୍କର, ବିଶନ ସିଂ ବେଦି (ସମସ୍ତେ ୨୦୦୯ରେ ପାଇଥିଲେ) ଏବଂ ଅନୀଲ କୁମ୍ବଲେ ୨୦୧୫ରେ ପାଇଥିଲେ। ଏହି ଅବସରରେ ଦ୍ରାବିଡ କହିଛନ୍ତି, ଆଇସିସି କ୍ରିକେଟ ହଲ ଅଫ୍ ଫେମ୍‌ରେ ସ୍ଥାନ ପାଇବା ମୋ ପାଇଁ ସମ୍ମାନ। କ୍ରିକେଟରୁ ଅବସର ନେବା ପରେ କ୍ରିକେଟର ସର୍ବକାଳୀନ କିମ୍ବଦନ୍ତୀ ତାଲିକାରେ ସ୍ଥାନ ପାଇବା ଏକମାତ୍ର ସ୍ୱପ୍ନ ଥିଲା। ଏଭଳି ସମ୍ମାନ ଯେ କୌଣସି ଖେଳାଳିଙ୍କୁ ଉତ୍ସାହିତ କରିଦେବ। ଏ ନେଇ ମୋତେ ସମର୍ଥନ କରିଥିବା ସାଥି ଖେଳାଳି ଓ ପ୍ରତିପକ୍ଷ ଦଳର ଖେଳାଳି, କୋଚ୍ ଏବଂ ଅଫିସିଆଲଙ୍କୁ ଧନ୍ୟବାଦ ଜଣାଉଛି। ଅନ୍ତର୍ଜାତୀୟ ସ୍ତରରେ ୧୬୪ ଟେଷ୍ଟ ଖେଳିଥିବା ଦ୍ରାବିଡ ୩୬ ଶତକ ସହ ୧୩,୨୮୮ ରନ୍ କରିଛନ୍ତି। ସେହିଭଳି ୩୪୪ ଦିନିକିଆରୁ ୧୨ ଶତକ ସହାୟତାରେ ୧୦,୮୮୯ ରନ୍ କରିଛନ୍ତି। ୨୦୦୪ରେ ତାଙ୍କୁ ଆଇସିସି କ୍ରିକେଟର ଅଫ୍ ଦି ଇୟର ଓ ଟେଷ୍ଟ କ୍ରିତକେଟର ଅଫ୍ ଦି ଇୟର ପୁରସ୍କାର ମିଳିଥିଲା।

# ଛକା ମାରିବାରେ ରୋହିତଙ୍କ ଦ୍ୱିଶତକ

**ଥିରୁବନନ୍ତପୁରମ,୧।୧୧**

ଭାରତୀୟ ଦଳର ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଦିନିକିଆରେ ଛକା ମାରିବାରେ ଦ୍ୱିଶତକ ମାରିଛନ୍ତି। ଏଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ଅନ୍ତିମ ଦିନିକିଆରେ ବିସ୍ଫୋରକ ଓପନର ୬୩ ରନ୍‌ର ଅପରାଜିତ ଇନିଂସ୍ ଖେଳିଛନ୍ତି। ଏଥିରେ ୫ ଚୌକା ସମେତ ୪ ବିଶାଳ ଛକା ସାମିଲ ରହିଛି। ଏଥିଯୋଗୁ ତାଙ୍କ ଦିନିକିଆ କ୍ୟାରିୟରେ ଛକା ସଂଖ୍ୟା ୨୦୨କୁ ବୃଦ୍ଧି ପାଇଛି। ସେ ଦ୍ୱିତୀୟ ଭାରତୀୟ ଭାବେ ଦୁଇ ଶହ ଛକା ମାରିଛନ୍ତି। ତାଙ୍କ ପୂର୍ବରୁ କେବଳ ମହେନ୍ଦ୍ର ସିଂ ଧୋନୀ ଏହି ସମ୍ମାନ ଜନକ ତାଲିକାରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଥାଉ କି, ଧୋନୀ(୨୧୧*) ଦିନିକିଆ ଫର୍ମାଟରେ ସର୍ବାଧିକ ସଂଖ୍ୟକ ଛକା ମାରିଥିବା ଭାରତୀୟ ଖେଳାଳି। ଷତବେ ରୋହିତ ଦୁଇ ଶହ ଛକା ମାରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ। ସେ ୧୮୭ତମ ଇନିଂସ୍‌ରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ଏଥିପୂର୍ବରୁ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ (୧୯୫ ଇନିଂସ୍)ଙ୍କ ନାମରେ ଏହି ରେକର୍ଡ ଥିଲା।

# ଟିମ୍ ଇଣ୍ଡିଆର ମେନ୍ୟୁରୁ ଗୋ ମାଂସ ହଟିବ

**ମୁମ୍ବାଇ,୧।୧୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆର ସଦସ୍ୟଙ୍କ ଖାଦ୍ୟ ମେନ୍ୟୁରୁ ଗୋ ମାଂସ ହଟାଇବାକୁ ନିଷ୍ପତ୍ତି ନେଇଛି। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ)କୁ ବିସିସିଆଇ ପକ୍ଷରୁ ନିବେଦନ କରାଯାଇଛି। ଚଳିତ ମାସର ଅନ୍ତିମ ଭାଗରେ ଭାରତୀୟ ଦଳର ଗସ୍ତ ପୂର୍ବରୁ ଏକ ଦୁଇ ଜଣିଆ ସର୍ବେକ୍ଷଣ କମିଟି ଅଷ୍ଟ୍ରେଲିଆ ଗସ୍ତ କରିଛି। ଏହି କମିଟି ସିଏ ଓ ବିସିସିଆଇ ମଧ୍ୟରେ କରାଯାଇଥିବା ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍‌ଓୟୁ)ରେ ଖେଳାଳିଙ୍କ ମେନ୍ୟୁରୁ ଗୋ ମାଂସ ହଟାଇବା ନେଇ ଏକ ନିୟମ ସାମିଲ କରିବାକୁ କହିଛନ୍ତି। ଭାରତୀୟ ଦଳର କେତେଜଣ ଖେଳାଳି ସାକାହାରୀ ଅଛନ୍ତି। ସେମାନଙ୍କ ପାଇଁ ଅଷ୍ଟ୍ରେଲିଆରେ ଥିବା ଭାରତୀୟ ରେଷ୍ଟୁରାଣ୍ଟରୁ ଖାଦ୍ୟ ପଠାଇବା ବ୍ୟବସ୍ଥା କରାଯିବ। ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳ ଲର୍ଡ୍ସଠାରେ ଆୟୋଜିତ ଭୋଜନ ମେନ୍ୟୁରେ ଗୋ ମାଂସରେ ପ୍ରସ୍ତୁତ ପାସ୍ତା ପରଷା ଯାଇଥିଲା। ଏହାକୁ ପ୍ରଶଂସକମାନେ ଭାରତୀୟ ଦଳକୁ ଖୁବ୍ ସମାଲୋଚନା କରିଥିଲେ। ଏଥିଯୋଗୁ ବିସିସିଆଇ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଚଳିତ ମାସ ୨୧ରୁ ଜାନୁୟାରୀ ୧୮ ତାରିଖ ପର୍ଯ୍ୟନ୍ତ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଗସ୍ତରେ ଟିମ୍ ଇଣ୍ଡିଆ ୪ ଟେଷ୍ଟ ସମେତ ୩ ଲେଖାଏ ଦିନିକିଆ ଓ ଟି୨୦ ସିରିଜ୍ ଖେଳିବ।

# ଟି୨୦ ସିରିଜ୍‌ରୁ ନର୍ସ ବାଦ୍

**ଥିରୁବନନ୍ତପୁରମ,୧।୧୧(ପି.ଟି.)**

ୱେଷ୍ଟଇଣ୍ଡିଜ୍ ଦଳର ଅଫ୍ ସ୍ପିନର ଆଶଲେ ନର୍ସ ଭାରତ ବିପକ୍ଷରେ ହେବାକୁ ଥିବା ଟି୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ମୁମ୍ବାଇଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୯ ବର୍ଷୀୟ ସ୍ପିନରଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ ଅନ୍ତିମ ତଥା ୫ମ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ଲାଗି ଉପଲବ୍ଧ ନ ଥିଲେ। ''ନର୍ସ ଚଳିତ ଗସ୍ତରୁ ବାଦ୍ ପଡ଼ିଛନ୍ତି। ମୁଁ ଆଶା କରୁଛି, ସେ ଶୀଘ୍ର ଭଲ ହୋଇ ପଡ଼ିଆକୁ ଫେରିବେ'' ବୋଲି ୱେଷ୍ଟଇଣ୍ଡିଜ୍ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି।

# ଅନୁରାଗଙ୍କ ଶତକ: ଓଡ଼ିଶା ୨୩୨/୬

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

କିଟ୍ କ୍ରିକେଟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା-ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ଚଳିତ ରଣଜୀ ସିଜନର ପ୍ରଥମ ମ୍ୟାଚରେ ଜୀବନର ପ୍ରଥମ ଶତକ ହାସଲ କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛନ୍ତି ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ। ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି।

ସିଜନର ପ୍ରଥମ ଟସ୍ ଓଡ଼ିଶା ସପକ୍ଷରେ ଯାଇଥିଲା। ଦୁଇ ଓପନର ସତର୍କତାର ସହ ଖେଳି ୧୦.୪ ଓଭରରେ ଦଳୀୟ ସ୍କୋରକୁ ୫୦ ଅତିକ୍ରମ କରାଇଥିଲେ। ଯୁବ ଓପନର ସନ୍ଦୀପ ପଟ୍ଟନାୟକ ଭଲ ଆରମ୍ଭ ପାଇଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୪୧ ବଲ୍‌ରୁ ୩ ଚୌକା ସହାୟତାରେ ୨୦ ରନ କରିଥିବାବେଳେ ସେ ଏକାଗ୍ରତା ହରାଇ ଡାହାଣହାତୀ ମିଡିୟମ ଫାଷ୍ଟ ବୋଲର ଅଜିତ ଚହଲଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ଯାଇଥିଲେ। ନିର୍ଭରଯୋଗ୍ୟ ଗୋବିନ୍ଦ ପୋଦ୍ଦାର ୪୪ ବଲ୍‌ରୁ ୧୪ ରନ କରି ଅଧିନାୟକ ମୋହିତ ଶର୍ମାଙ୍କ ବଲ୍‌ରେ ଆଉଟ୍ ହେବାରୁ ଓଡ଼ିଶା ଚାପକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ଶୁଭ୍ରାଂଶୁ ସେନାପତି(୧୧) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ(୯) ବିଫଳ ହେବାରୁ ଓଡ଼ିଶା ଆଶାନୁସାରେ ଅଗ୍ରଗତି କରିପାରି ନ ଥିଲା। ଗୋଟିଏ ପଟରେ ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଆତ୍ମବିଶ୍ୱାସର ସହ ଖେଳି ଅନୁରାଗ ପ୍ରଥମେ ୮୩ ବଲ୍‌ରୁ ୫୦ ରନ ପୂରଣ କରିଥିଲେ। ୩୦.୨ ଓଭରରେ ଓଡ଼ିଶା ସ୍କୋର ୧୦୦ ଅତିକ୍ରମ କରିଥିଲା। ମଧ୍ୟାହ୍ନଭୋଜନ ବିରତି ବେଳକୁ ଓଡ଼ିଶା ୨ ଉଇକେଟ ହରାଇ ୧୧୦ ରନ କରିଥିଲା। ୧୭୬ଟି ବଲ୍‌ର ସମ୍ମୁଖୀନ ହୋଇ କ୍ୟାରିୟରର ପ୍ରଥମଶ୍ରେଣୀ ଶତକ ପୂରଣ କରିଥିଲେ ଅନୁରାଗ। ମାତ୍ର ଏହାପରେ ସେ ଆଉ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ୧୯୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୨ ଛକା ସହାୟତାରେ ସେ ୧୧୪ ରନ କରିଥିବାବେଳେ ଟିନୁ କୁଣ୍ଡୁଙ୍କ ବଲ୍‌ରେ ଉଇକେଟ କିପର ନୀତୀନ ସଇନୀଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଓଡ଼ିଶା ସ୍କୋର ୬୦.୧ ଓଭର ବେଳକୁ ୧୭୩/୫ ହୋଇ ଯାଇଥିଲା। ଶାନ୍ତନୁ ମିଶ୍ରଙ୍କ ସହ ୬ଷ୍ଠ ଉଇକେଟରେ ୪୫ ରନ ଯୋଗ କରିବାପରେ ଉଇକେଟ କିପର ସୁଜିତ ଲେଙ୍କା ଡାହାଣହାତୀ ମିଡିୟମ ପେସର ହର୍ଷଲ ପଟେଲଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ସୁଜିତ ୬୧ ବଲ୍‌ରୁ ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ଶାନ୍ତନୁ କିନ୍ତୁ ଧୈର୍ଯ୍ୟର ସହ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ୩୦ ରନରେ ଅପରାଜିତ ରହିଛନ୍ତି। ୧୦୮ଟି ବଲ୍ ଖେଳିଥିବା ଶାନ୍ତନୁ ନିଜ ଇନିଂସ ମଧ୍ୟରେ ୪ଟି ଚୌକା ମାରିଛନ୍ତି। ତାଙ୍କ ସହ ଦେବବ୍ରତ ପ୍ରଧାନ ୭ ରନ କରି ଅପରାଜିତ ଅଛନ୍ତି। ହରିୟାଣା ପକ୍ଷରୁ ମୋହିତ ଓ ହର୍ଷଲ ୨ଟି ଲେଖାଏ ଏବଂ ଚହଲ ଓ କୁଣ୍ଡୁ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶତକ ହାସଲକାରୀ ଅନୁରାଗ ଷଡଙ୍ଗୀ। (ଫଟୋ : ମୌସମ ନନ୍ଦ)

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୩୨/୬(ଅନୁରାଗ- ୧୧୪, ଶାନ୍ତନୁ-୩୦*, ମୋହିତ-୨/୩୮, ହର୍ଷଲ-୨/୫୮, ଚହଲ-୧/୫୨, କୁଣ୍ଡୁ- ୧/୨୯)।


ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854-242038, E-mail: sgmel_ukhep@ohpcltd.com
CIN:U401010R1995SGC003963

e-PROCUREMENT NOTICE No.- UKHEP/ET - 06/2018-19, Dated 31.10.2018

No.CAD-973: The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) (online) | Cost of bid document (online) | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| 1 | Repair and heightening of compound wall of residential & Non-residential building of Bariniput colony, UKHEP, Bariniput | 9,89,400/- | 10,000/- (online) | 4,720/- (Rs.4000/- +18% GST) (online) | "C" & "D" Class | From 10:00 Hrs of 12.11.2018 to 17.00 Hrs. of 26.11.2018 | At 11.30 Hrs. of 28.11.2018 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate (DSC) .
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0061/1819 Unit Head, UKHEP, Bariniput


No.XXI-74

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAA-MBJ-0029-2018/25596 R&DM, dated 11 July 2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷୀପଡା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ, ଥାନା- ମୋରଡା ସଂ.୨୦୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪.୬୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷୀପଡା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୨.୮୯ | ଏ. ୪.୬୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.-୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୫/୨୦୧୮
ଏ.୪.୬୫ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଡା ଡିଷ୍ଟ୍ରିବ୍ୟୁଟାରି ଏବଂ ସିଷ୍ଟମ ନିମନ୍ତେ**
**ମୌଜା- ପାରୁଲିଆ ସାମିଲ ପୁରୁଣାକଦମ୍ବସୂଳ, ଥାନା-ମୋରଡା, ନଂ ୨୦୨, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୮ | ୭୯ | ୦.୧୩ | ୦.୦୭ | ଶାରଦ ତିନି | କୁନ୍ଦି ମାଝୀ, ସ୍ୱା: ଡୁଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୪ | ୦.୨୫ | ୦.୦୨ | ଘରବାରି | |
| ୯ | ୭୭ | ୦.୪୦ | ୦.୧୫ | ଶାରଦ ଏକ | କୁନି ମାଝୀ, ପି: ଚୁରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୭୫ | ୦.୦୧ | ୦.୦୧ | ଶାରଦ ଦୁଇ | |
| ୧୧ | ୧୮୫ | ୦.୦୭ | ୦.୦୩ | ଶାରଦ ଦୁଇ | ଗୋବର୍ଦ୍ଧନ ଦାସ, ଗୌର ଗୋପାଳ ଦାସ, ରମେଶ ଚନ୍ଦ୍ର ଦାସ, ରଘୁନାଥ ଦାସ, ପି: ହର ଗୋପାଳ ଦାସ, ସୀତାମଣି ଦାସ, ସ୍ୱା: ହର ଗୋପାଳ ଦାସ, ଗେହ୍ଲୀମଣି ଦାସ, ସ୍ୱା: ରାମଚନ୍ଦ୍ର ଦାସ, ଜା: ଗୌଡୀୟ ବୈଷ୍ଣବ, ବା: ନିଜଗାଁ |
| ୧୩ | ୭୩ | ୦.୨୬ | ୦.୦୬ | ଶାରଦ ଏକ | ଗୋବିନ୍ଦ ଜେନା, ପି: ହର ପ୍ରସାଦ ଜେନା, ଜା: ରାହୁ, ବା: କାହ୍ନୁପୁର |
| | ୭୪ | ୦.୧୬ | ୦.୧୬ | ଶାରଦ ଏକ | |
| | ୧୪୧ | ୦.୬୦ | ୦.୨୫ | ଶାରଦ ଦୁଇ | |
| ୧୪ | ୧୭୮ | ୦.୩୬ | ୦.୦୧ | ଶାରଦ ଏକ | ଚକ୍ରଧର ରାଉତ, ପି: କୃଷ୍ଣ ପ୍ରସାଦ ରାଉତ, ଜା: ଖଣ୍ଡାୟତ, ବା: ଉସଲେପୁର |
| | ୧୩୭ | ୦.୨୧ | ୦.୧୩ | ଶାରଦ ଦୁଇ | |
| ୧୫ | ୨୧ | ୦.୭୦ | ୦.୦୧ | ଶାରଦ ଏକ | ଚନ୍ଦ୍ର ମୋହନ ସାହୁ, ପି: ଦୀନବନ୍ଧୁ ସାହୁ, ଜା: ଗୁଡିଆ, ବା: ଶାଳବଣି, ଜି: ବାଲେଶ୍ୱର |
| | ୪୦ | ୨.୧୪ | ୦.୦୫ | ଶାରଦ ଏକ | |
| ୧୯ | ୨୦୨ | ୦.୦୮ | ୦.୦୫ | ଶାରଦ ଦୁଇ | ନରେନ୍ଦ୍ର ନାଥ ଚନ୍ଦ, ଦେବେନ୍ଦ୍ରନାଥ ଚନ୍ଦ୍ର, ପି: ପୂର୍ଣ୍ଣଚନ୍ଦ୍ର ଚନ୍ଦ, ଜା: ରାହୁ, ବା: ନିଜଗାଁ |
| ୨୦ | ୭୧ | ୦.୦୯ | ୦.୦୨ | ଶାରଦ ଏକ | ନାରାୟଣ ଜେନା, ପି: ଅନାଦି ଜେନା, ଜା: ରାହୁ, ବା: କାହ୍ନୁପୁର |
| | ୧୨୫ | ୦.୫୪ | ୦.୦୬ | ଶାରଦ ଏକ | |
| | ୧୪୦ | ୦.୧୦ | ୦.୧୦ | ଶାରଦ ଦୁଇ | |
| | ୧୪୨ | ୦.୨୦ | ୦.୦୧ | ଶାରଦ ଦୁଇ | |
| ୨୩ | ୨୩୩ | ୦.୩୬ | ୦.୧୦ | ଶାରଦ ତିନି | ପଦ୍ମ ଲୋଚନ ଜେନା, ପ୍ରସନ୍ନ କୁମାର ଜେନା, ସୁଦର୍ଶନ ଜେନା, ପି: ନାରାୟଣ ଜେନା, ଜା: ରାହୁ, ବା: କାହ୍ନୁପୁର |
| ୨୫ | ୧୩୯ | ୦.୨୮ | ୦.୨୨ | ଶାରଦ ଦୁଇ | ପ୍ରଫୁଲ୍ଲ କୁମାର ମହାପାତ୍ର, ପି: କାଳିଚରଣ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୮୦ | ୦.୨୯ | ୦.୨୧ | ଘରବାରି | |
| | ୮୧ | ୦.୦୫ | ୦.୦୫ | ଘରବାରି | |
| ୨୮ | ୧୯୫ | ୦.୭୩ | ୦.୧୧ | ଶାରଦ ଦୁଇ | ପୁରୁନ୍ଦର ଜେନା, ପି: ସହଦେବ ଜେନା, ଜା: ରାହୁ, ବା: ପୂର୍ଣ୍ଣଚନ୍ଦ୍ରପୁର |
| ୩୨ | ୧୨ | ୦.୫୪ | ୦.୪୨ | ଶାରଦ ଏକ | ପୂର୍ଣ୍ଣ ଚନ୍ଦ୍ର ସିଂ, ପି: ବୈଦା ସିଂ, ଜା: ଭୂମିଜ, ବା: କାନପୁର |
| ୩୪ | ୧୩ | ୦.୧୧ | ୦.୦୬ | ଶାରଦ ଏକ | ମନ୍ଦ ସାହୁ, ସ୍ୱା: ରାମହରି ସାହୁ, ଜା: କୁବେର, ବା: ଶାଳବଣୀ, ଜି: ବାଲେଶ୍ୱର |
| ୩୭ | ୮୨ | ୦.୦୨ | ୦.୦୨ | ଘରବାରି | ରତି ମାଝୀ, ପି: ବୋକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୮ | ୧୮୦ | ୦.୧୪ | ୦.୦୪ | ଶାରଦ ଏକ | ରମା ଭଦ୍ର, ସ୍ୱା : ତ୍ରିଲୋଚନ ଭଦ୍ର, ସୁଲୋଚନା ଭଦ୍ର, ସୁଭଦ୍ରା ଭଦ୍ର, ବାସନ୍ତି ଭଦ୍ର, ଜୟନ୍ତୀ ଭଦ୍ର, ପି: ତ୍ରିଲୋଚନ ଭଦ୍ର, ଶ୍ରୀହରି ଭଦ୍ର, ପି: ବରଜୁ ଭଦ୍ର, ଲକ୍ଷ୍ମଣ ଭଦ୍ର, ଭରତ ଭଦ୍ର, ସୁମତୀ ଭଦ୍ର, ଭାନୁମତୀ ଭଦ୍ର, ପି: କଟି ଭଦ୍ର, ପାର୍ବତୀ ଭଦ୍ର, ସ୍ୱା: କଟି ଭଦ୍ର, ଜା: ରାହୁ, ବା: ନିଜଗାଁ |
| | ୨୧୯ | ୦.୦୫ | ୦.୦୩ | ଶାରଦ ଦୁଇ | |
| | ୨୨୧ | ୦.୦୪ | ୦.୦୪ | ଶାରଦ ଦୁଇ | |
| ୪୦ | ୨୨୪ | ୦.୦୬ | ୦.୦୨ | ଶାରଦ ଦୁଇ | ରମାକାନ୍ତ ଭଞ୍ଜ, ପି: କପିଳ ଭଞ୍ଜ, ସୁଭଦ୍ରା ଭଞ୍ଜ, ପି: ନରେନ୍ଦ୍ର ଭଞ୍ଜ, ଜା: ରହୁ, ବା: ନିଜଗାଁ |
| | ୨୦୧ | ୦.୧୨ | ୦.୧୨ | ଶାରଦ ଦୁଇ | |
| ୪୩ | ୪୨/ ୩୨୦ | ୦.୭୮ | ୦.୨୧ | ଶାରଦ ଏକ | ରାଧାଶ୍ୟାମ ଦାସ, ଘନଶ୍ୟାମ ଦାସ, ପି: ଗୋବର୍ଦ୍ଧନ ଦାସ, ଗୌର ଗୋପାଳ ଦାସ, ରମେଶ ଚନ୍ଦ୍ର ଦାସ, ରଘୁନାଥ ଦାସ, ପି: ହର ଗୋପାଳ ଦାସ, ଜା: ବୈଷ୍ଣବ, ବା: ନିଜଗାଁ |
| ୪୬ | ୭୬ | ୦.୧୦ | ୦.୧୦ | ଶାରଦ ତିନି | ରାମ ମାଝୀ, ରତି ମାଝୀ, ପି: ବୁକା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୩ | ୦.୩୨ | ୦.୦୮ | ଘରବାରି | |
| ୫୧ | ୧୯୬ | ୦.୦୪ | ୦.୦୪ | ଶାରଦ ଦୁଇ | ଶ୍ୟାମ ସୁନ୍ଦର ଭଞ୍ଜ, ଦାମୋଦର ଭଞ୍ଜ, ପି: ଚନ୍ଦ୍ର ମୋହନ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୨୨୨ | ୦.୦୪ | ୦.୦୪ | ଶାରଦ ଦୁଇ | |
| | ୨୨୩ | ୦.୦୫ | ୦.୦୫ | ଶାରଦ ଦୁଇ | |
| | ୧୯୯ | ୦.୦୮ | ୦.୦୮ | ଜଳାଶୟ ଦୁଇ | |
| ୫୨ | ୨୨୦ | ୦.୧୨ | ୦.୧୨ | ଶାରଦ ଦୁଇ | ଶ୍ୟାମ ସୁନ୍ଦର ଭଞ୍ଜ, ଦାମୋଦର ଭଞ୍ଜ, ପି: ଚନ୍ଦ୍ର ମୋହନ ଭଞ୍ଜ, ରମାକାନ୍ତ ଭଞ୍ଜ, ପି: କପିଳ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| ୫୪ | ୨୩୨ | ୦.୪୯ | ୦.୨୩ | ଶାରଦ ତିନି | ଶ୍ୟାମାନନ୍ଦ ମହାନ୍ତି, ରଶିକାନନ୍ଦ ମହାନ୍ତି, ପି: ଅନନ୍ତ ଚରଣ ମହାନ୍ତି, ଜା: ଖଣ୍ଡାୟତ, ବା: କାହ୍ନୁପୁର |
| ୫୫ | ୧୮୧ | ୦.୧୨ | ୦.୦୬ | ଶାରଦ ଏକ | ଶ୍ରୀକାନ୍ତ ଗିରୀ, ପି: ସମନାଥ ଗିରୀ, ଜା ରାହୁ, ବା: ନିଜଗାଁ |
| | ୧୮୨ | ୦.୦୯ | ୦.୦୯ | ଶାରଦ ଏକ | |
| | ୧୮୩ | ୦.୦୭ | ୦.୦୭ | ଜଳାଶୟ ଦୁଇ | |
| | ୧୮୪ | ୦.୦୩ | ୦.୦୩ | ଜଳାଶୟ ଦୁଇ | |
| | ୧୯୮ | ୦.୧୦ | ୦.୧୦ | ଜଳାଶୟ ଦୁଇ | |
| ୬୧ | ୨୨୫ | ୦.୦୩ | ୦.୦୧ | ଶାରଦ ଦୁଇ | ହରେକୃଷ୍ଣ ଭଞ୍ଜ, ପି: ହିରୁ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୨୦୦ | ୦.୧୬ | ୦.୧୨ | ଶାରଦ ଦୁଇ | |
| ୬୨/୨ | ୧୨/ ୩୩୬ | ୦.୧୮ | ୦.୧୫ | ଶାରଦ ଏକ | କଟି ସିଂ, ପି: ଜୀବାଙ୍ଗ ସିଂ, ଜା: ଭୂମିଜ, ବା: କାହ୍ନୁପୁର |
| ୬୨/୯ | ୧୩୨ | ୦.୧୧ | ୦.୦୩ | ଶାରଦ ଦୁଇ | ଫାଗୁ ସରେନ, ପି: କାହ୍ନୁନ ସରେନ, ଜା: ସାନ୍ତାଳ, ବା: ଧାନଶୁଳ |
| | ୧୩୪ | ୦.୦୮ | ୦.୦୫ | ଶାରଦ ଦୁଇ | |
| | ୧୩୫ | ୦.୨୬ | ୦.୨୦ | ଶାରଦ ଦୁଇ | |
| ୬୨/୨୧ | ୧୯୪ | ୦.୪୧ | ୦.୦୨ | ଶାରଦ ଦୁଇ | ଧନଞ୍ଜୟ ଭଞ୍ଜ, ପି: ଦାମୋଦର ଭଞ୍ଜ, ଦିବ୍ୟସିଂହ ଭଞ୍ଜ, ପି- ସଦାଶିବ ଭଞ୍ଜ, ଜା: ରାହୁ, ବା: ନିଜଗାଁ |
| | ୧୯୭ | ୦.୦୪ | ୦.୦୪ | ଜଳାଶୟ ଦୁଇ | |
| ୬୨/୨୫ | ୨୩୦ | ୦.୧୦ | ୦.୧୦ | ଶାରଦ ଦୁଇ | ଲୁସକୁ ହାଁସଦା, ସୁକୁଲ ହାଁସଦା, ପି: କାହ୍ନନ ହାସନା, ଜା: ସାନ୍ତାଳ, ବା: ରଙ୍ଗାମାଟିଆ |
| ମୋଟ | ୫୩ ପ୍ଲଟକୁ | ଏ.୧୨.୮୯ ଡେ.ମି. | ଏ.୪.୬୫ ଡେ.ମ. | | 24001/14/0354/1819 |




# ଇଣ୍ଡିଆ ବ୍ଲୁରେ କାଜଲ, ତରଣା

**କଟକ ଅଫିସ, ୧।୧୧**

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଠାରେ ଆସନ୍ତା ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଖେଳାଯିବ। ଏହି ଟୁର୍ନାମେଣ୍ଟ ପାଇଁ ଇଣ୍ଡିଆ ବ୍ଲୁରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କାଜଲ ଜେନା ଓ ତରଣା ପ୍ରଧାନ। ସୂଚନାଥାଉ କି, ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ କାଜଲ ଓ ତରଣା ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। କାଜଲ ଟୁର୍ନାମେଣ୍ଟର ୯ଟି ମ୍ୟାଚ୍‌ରୁ ୩୦.୫୭ ଆଭରେଜରେ ୨୧୪ ରନ୍ କରିବା ସହ ଓଡ଼ିଶାର ସର୍ବାଧିକ ରନ୍ ସଂଗ୍ରହକାରୀ ଅଟନ୍ତି। କାଜଲଙ୍କର ସର୍ବାଧିକ ସ୍କୋର ହେଉଛି ୧୦୮। ସେହିପରି ୯ଟି ମ୍ୟାଚରୁ ୧୧ଟି ଉଇକେଟ ଅକ୍ତିଆର କରିଛନ୍ତି ତରଣା । ତରଣା ଓଡ଼ିଶା ପକ୍ଷରୁ ଦ୍ୱିତୀୟ ସର୍ବାଧିକ ଉଇକେଟ ଦଖଲକାରୀ ହୋଇଥିବାବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ସୋନାଲି ହେମ୍ବ୍ରମ ୧୪ଟି ଉଇକେଟ ହାସଲ କରିଛନ୍ତି ।



ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେବାପାଇଁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭରମୋର, ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପୀ ଶଙ୍କର ମଦୁରାଇ, 'ଦି ଧୋନୀ ଟଚ୍' ପୁସ୍ତକର ରଚୟିତା ଭାରତ ସୁନ୍ଦରେସନ ଏବଂ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ। (ଫଟୋ: ବିକାଶ ନାୟକ)

# ଭାରତ ସେମିଫାଇନାଲରେ ପରାସ୍ତ

**କାଠମାଣ୍ଡୁ, ୧।୧୧ (ପି.ଟି.)**

ଏଠାରେ ଚାଲିଥିବା ୧୫ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଗତଥରର ଚାମ୍ପିୟନ ଭାରତ ସେମିଫାଇନାଲରୁ ବିଦାୟ ନେଇଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ହର୍ଷ ପାତ୍ରେ ୧୭ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ୯୩ତମ ମିନିଟ୍‌ରେ ଅଖିଲ ରହମନ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଡ୍ର' ରହିବାରୁ ପେନାଲଟିର ସହାୟତା ନିଆଯାଇଥିଲା। ଏଥିରେ ବାଂଲାଦେଶ ୪-୨ ଗୋଲରେ ବିଜୟ ଲାଭ କରିଥିଲା। କୋଚ୍ ଶୁଭେନ୍ଦୁ ପଣ୍ଡାଙ୍କ ସୂଚନା ଅନୁସାରେ ଭାରତ ଶନିବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ।

# 'ସିଓଲ ଘଟଣାକୁ ନେଇ ଅନୁଶୋଚନା ନାହିଁ'



ଭୁବନେଶ୍ୱର, ୧।୧୧ (**ରଞ୍ଜନ ରାୟ**)

ଏସିଆର ପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଶୁକ୍ରବାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନେ ଏହି ଉତ୍ସବରେ ଯୋଗଦେବେ। ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି କାନାଡାର କିମ୍ବଦନ୍ତୀ ଧାବକ ବେନ୍ ଜନ୍‌ସନ୍। ଗୁରୁବାର ଅପରାହ୍ନରେ କଳିଙ୍ଗ ଆଥଲେଟିକ ଷ୍ଟାଡିୟମ ପରିଦର୍ଶନ କରିବା ବେଳେ ଜନସନ ଓଡ଼ିଆ ଧାବକ ଅମିୟ ମଲିକଙ୍କ ସହ କିଛି ସମୟ ବାର୍ତ୍ତାଳାପ କରି ତାଙ୍କୁ ବହୁମୂଲ୍ୟ ଟିପ୍ସ ଦେଇଥିଲେ। ୧୯୮୮ ସିଓଲ ଅଲିମ୍ପିକ୍ସରେ ସେ ୧୦୦ମି. ଦୌଡରେ ୯.୭୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ। ତେବେ ଦୁଇ ଦିନ ପରେ ନିଷିଦ୍ଧ ଷ୍ଟାନୋଜୋଲୋଲ ସେବନ ଅଭିଯୋଗରେ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ କାଢି ନିଆଯାଇଥିଲା। ଏ ନେଇ ଜନସନଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...।

**ପ୍ର:** ସିଓଲ ଅଲିମ୍ପିକ୍ସରେ ଆପଣଙ୍କ ପ୍ରଦର୍ଶନ ଓ ପରବର୍ତ୍ତୀ ଘଟଣାକୁ ନେଇ ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା। ଏହା ମଧ୍ୟ ଐତିହାସିକ ଥିଲା। ଏହାକୁ ନେଇ କିଛି ଅନୁଶୋଚନା ରହିଛି ?

**ଜନସନ:** ନା' ମୋର କୌଣସି ଅନୁଶୋଚନା ନାହିଁ। ତାହା ମୋର ଭାଗ୍ୟ ଥିଲା। ତେଣୁ ଭାଗ୍ୟରେ ଯାହା ଥିଲା ତାହା ହେଲା। ଭଗବାନଙ୍କ ଇଚ୍ଛାରେ ସବୁ ହେଉଛି। ତେଣୁ ତାହାକୁ ମୁଁ ପରିବର୍ତ୍ତନ କରିପାରିବି ନାହିଁ। ସେ ନେଇ ଅଧିକ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଏହା ହେଲେ ଆଗକୁ ବଢିପାରିବି ନାହିଁ।

**ପ୍ର:** ଆପଣଙ୍କ ପ୍ରତି କେବେ ଅନ୍ୟାୟ ହୋଇଛି କିମ୍ବା ଅନୀତିର ଶିକାର ହୋଇଛନ୍ତି ?

**ଜନ୍‌ସନ୍:** ହଁ, କ୍ୟାରିୟରରେ ଏକଦା ଅନ୍ୟାୟର ଶିକାର ହୋଇଥିଲି। ବହୁ ବର୍ଷ ତଳେ ଏପରି ହୋଇଥିଲା। କିନ୍ତୁ ଭଗବାନଙ୍କ ଉପରେ ମୋର ଯଥେଷ୍ଟ ଭରସା ରହିଛି। କିନ୍ତୁ ଜଣେ ଆଥଲେଟ ଓ ବ୍ୟକ୍ତିବିଶେଷଙ୍କୁ ଏହାକୁ ପଛରେ ପକାଇ ଆଗକୁ ବଢିବାକୁ ହେବ।

**ପ୍ର:** ଆପଣଙ୍କ ଜୀବନ ତଥା କ୍ୟାରିୟରର ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କ'ଣ ?

**ଜନ୍‌ସନ୍:** ବଞ୍ଚିବା ଓ ବଞ୍ଚିବାକୁ ପ୍ରୟାସ ଜାରି ରଖିବା ହେଉଛି ମୋ ଜୀବନର ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଏଥିରେ ମୁଁ ସଫଳ ହେବାକୁ ସବୁବେଳେ ଚେଷ୍ଟା ଜାରି ରଖିଛି। କ୍ରୀଡ଼ା ଜୀବନରେ ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି, ଯାହାକୁ ମୁଁ ଗ୍ରହଣ କରିଛି। ଏଥିରେ ସଫଳତା ହାସଲ କରିବା ସହ କେତେକାଂଶରେ ବିଫଳତାର ମଧ୍ୟ ସମ୍ମୁଖୀନ ହୋଇଛି।

**ପ୍ର:** ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତର ଭବିଷ୍ୟତ କ'ଣ ?

**ଜନ୍‌ସନ୍:** ଟ୍ରାକ ଆଣ୍ଡ ଫିଲ୍ଡରେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବାକୁ ହେଲେ ବହୁତ କିଛି କରିବାକୁ ହେବ। ଭାରତରେ କ୍ରୀଡ଼ା ସଂସ୍କୃତିକୁ ଆହୁରି ବ୍ୟାପକ କରିବାକୁ ହେବ। ଏଥିପାଇଁ ତୃଣମୂଳରୁ ଉପରସ୍ତର ପର୍ଯ୍ୟନ୍ତ ସଂସ୍କାର ଆଣିବାକୁ ହେବ। ଟ୍ରାକ ଆଣ୍ଡ ଫିଲ୍ଡ ଅନ୍ୟ କ୍ରୀଡ଼ା ତୁଳନାରେ ଅଧିକ ଚ୍ୟାଲେଞ୍ଜିଂ ଓ କଷ୍ଟକର ହୋଇଥାଏ। ଏଥିପାଇଁ କେବଳ ଶାରୀରିକ ସ୍ତରରେ ନୁହଁ, ମାନସିକ ଭାବେ ଦୃଢ ରହିବାକୁ ହେବ। ପ୍ରତିଭା ଚିହ୍ନଟ ଓ ବିକାଶରେ କ୍ରୀଡ଼ା ପ୍ରଶାସନକୁ ଆହୁରି ବହୁତ ବାଟ ଯିବାକୁ ହେବ। ଏଥିପାଇଁ ଫଣ୍ଡିଂର ଆବଶ୍ୟକତା ରହିଛି। ଏଥିପାଇଁ ଭଲ କୋଚିଂ, ଖାଦ୍ୟ, ଅଭିଜ୍ଞତା, ଜ୍ଞାନ ଆହରଣର ଆବଶ୍ୟକତା ରହିଛି। ଏସବୁ ହୋଇପାରିଲେ ଟ୍ରାକ ଆଣ୍ଡ ଫିଲ୍ଡରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ।

**ପ୍ର:** ଡୋପିଂରେ ୱାଡାର ଦଣ୍ଡ ବିଧାନ ନେଇ ରାଜନୀତି ହେଉଛି କି ?

**ଜନ୍‌ସନ୍:** ଆଜିକାଲି ସବୁ କ୍ରୀଡ଼ାରେ ରାଜନୀତି ହେଉଛି। ତେଣୁ ଏଥିରେ ମଧ୍ୟ ରାଜନୀତି ରହିଥିବ। ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ମୁଁ ଅବଶ୍ୟ ରାଜନୀତିକୁ ପସନ୍ଦ କରେନା।

**ପ୍ର:** ଆପଣ ଏବେ ମଧ୍ୟ ପ୍ରାକ୍ଟିସ୍ କରୁଛନ୍ତି ?

**ଜନ୍‌ସନ୍:** ଟରଣ୍ଟୋରେ ମୁଁ କୋଚିଂ ଦେବା ଜାରି ରଖିଛି। ଅତୀତର ବିବାଦ ମୋତେ ପ୍ରଭାବିତ କରିବନି। ମୁଁ ଯେତେବେଳେ ଯାହାକୁ କୋଚିଂ ଦେବାକୁ ଚାହିଁବି ଦେଇପାରିବି। ମୋତେ କେହି ରୋକିପାରିବେନି। ମୁଁ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହେଁ। କ୍ରୀଡ଼ାରେ ଲୋକେ ଉନ୍ନତି କରନ୍ତୁ ଓ ଏଥିରେ କ୍ୟାରିୟର ଗଢି ସଫଳ ହୁଅନ୍ତୁ ବୋଲି ମୁଁ ଚାହେଁ।

**ପ୍ର:** ଏବେ ବିଶ୍ୱର ଶ୍ରେଷ୍ଠ ଧାବକ କିଏ ?

**ଜନ୍‌ସନ:** ଏବେ ବିଶ୍ୱ ଶ୍ରେଷ୍ଠ ଧାବକ ହେଉଛନ୍ତି ବେନ୍ ଜନସନ (ମଜାରେ)।

**ପ୍ର:** ୧୦୦ ମିଟର ଦୌଡରେ ଉସେନ ବୋଲ୍ଟଙ୍କ ୯.୫୮ ସେକେଣ୍ଡ ରେକର୍ଡ ବଳବତ୍ତର ରହିଛି। ଏବେ କୌଣସି ଧାବକ ୧୦୦ମି. ଦୌଡରେ ୯.୬୦ ସେକେଣ୍ଡରୁ କମ୍ ନେବେ ବୋଲି ଭାବୁଛନ୍ତି କି ? ଆପଣ ଏଭଳି ସଫଳତା ପାଇପାରିଥାନ୍ତେ ବୋଲି ଭାବୁଛନ୍ତି କି ?

**ଜନ୍‌ସନ୍:** ଗତ ୩୦ ବର୍ଷ ମଧ୍ୟରେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବହୁତ ପରିବର୍ତ୍ତନ ହୋଇଛି। ଟ୍ରାକ୍ ପ୍ରସ୍ତୁତି ଓ ଟେକ୍ନୋଲୋଜିରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏବେକାର ପରିସ୍ଥିତି ସହିତ ପୂର୍ବର ସ୍ଥିତିକୁ ତୁଳନା କରିବା ଠିକ୍ ନୁହେଁ। ତେବେ କୌଣସି ରେକର୍ଡ ସବୁଦିନ ସ୍ଥାୟୀ ରହିବ ନାହିଁ।

**ପ୍ର:** ଆପଣଙ୍କ ମତରେ ସର୍ବକାଳୀନ ଶ୍ରେଷ୍ଠ ତଥା ଫେଭରାଇଟ୍ ଧାବକ କିଏ ?

**ଜନ୍‌ସନ୍:** ଜାମାଇକାର ଡୋନାଲ୍ଡ କ୍ୱାରି ହେଉଛନ୍ତି ମୋର ସବୁଠାରୁ ଫେଭରାଇଟ୍ ସ୍ପ୍ରିଣ୍ଟର।

**ପ୍ର:** କ୍ରୀଡ଼ାକୁ ନିଶାମୁକ୍ତ କରିବାକୁ ୱାଡା ଜାରି ରଖିଥିବା ପ୍ରୟାସ ସଫଳ ହେଉଛି କି? ପୂର୍ବାପେକ୍ଷା ଏବେକାର ଆଥଲେଟମାନେ ଅଧିକ ସ୍ୱଚ୍ଛ ଡୋପ୍‌ମୁକ୍ତ କି ?

**ଜନ୍‌ସନ୍:** ଏ ସଂକ୍ରାନ୍ତରେ ମୋ ପାଖରେ ସେତେଟା ସୂଚନା ନାହିଁ। ତେଣୁ ମୁଁ ଏ ନେଇ ବେଶି କିଛି କହିପାରିବିନି।

# ଗ୍ରୀସ୍ ଓପନ କରାଟେରେ ଓଡ଼ିଶାକୁ ୨ ପଦକ



ଗ୍ରୀସ୍ ଓପନ କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ କୋଚ୍‌ଙ୍କ ସହ।

**ଭୁବନେଶ୍ୱର, ୧।୧୧(କ୍ରୀଡ଼ା ପ୍ରତିନିଧି)**

ଗ୍ରୀସ୍‌ର ଏଥେନ୍ସରେ ଅକ୍ଟୋବର ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ଓପନ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୋତୋକାଇ ଖେଳାଳି ୨ଟି ପଦକ ହାସଲ କରିଛନ୍ତି। ପ୍ରଭୁ ପ୍ରସାଦ ସାହୁ ୯୦ କେଜି କୁମିତେରେ ରୌପ୍ୟ ଏବଂ ମାନସ ରଞ୍ଜନ ତାଣ୍ଡି ୭୦ କେଜି କୁମିତେରେ ବ୍ରୋଞ୍ଜ ପଦକ ପାଇଛନ୍ତି। କୋଚ୍ ହିମାଂଶୁ ଭଷଣ ଦାସ ଏହି ଖେଳାଳିଙ୍କ ସହ ଗ୍ରୀସ୍ ଯାଇଥିଲେ। ପଦକ ହାସଲକାରୀ ୨ ଖେଳାଳି ଓ କୋଚ୍‌ଙ୍କୁ ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟାଞ୍ଜନ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ଟି୨୦ ଜିତିଲା ପାକିସ୍ତାନ

**ଆବୁଧାବୀ, ୧।୧୧(ଏଏଫ୍‌ପି)**



ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ପାକିସ୍ତାନ ଦଳ ୨ ରନ୍‌ରେ ଜିତି ନେଇଛି। ଭ୍ରମଣକାରୀ ଦଳକୁ ମ୍ୟାଚ୍‌କୁ ଟାଇ କରିବା ଲାଗି ଶେଷ ବଲରେ ଛକାର ଆବଶ୍ୟକତା ଥିଲା। ମାତ୍ର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଚୌକା ମାରିବାକୁ ସକ୍ଷମ ହୋଇଥିଲେ। ଏହା ପାକିସ୍ତାନ ଦଳର କ୍ରମାଗତ ୭ମ ବିଜୟ ଏବଂ ଚଳିତ ବର୍ଷ ଖେଳାଯାଇଥିବା ମୋଟ ୧୭ ଟି୨୦ ମଧ୍ୟରୁ ୧୫ତମ ବିଜୟ। ଏହି ବିଜୟ ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି।

୧୪୯ ରନ୍‌ର ଲକ୍ଷ୍ୟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ପାଇଁ ଓପନର କଲିନ ମୁନ୍‌ରୋ ୪୨ ବଲରୁ ବିସ୍ଫୋରକ ୫୮ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୩ ଛକା ଓ ୬ ଚୌକା ସାମିଲ ଥିଲା। ମୁନ୍‌ରୋଙ୍କ ବ୍ୟତୀତ କେବଳ ଟେଲର ହିଁ ଦଳର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ସେ ୨୬ ବଲରୁ ୪୨ ରନ୍ କରି ଅପରାଜିତ ଥିଲେ। ଅନ୍ତିମ ବଲରେ ଚୌକା ମାରିବା ସତ୍ତ୍ୱେ ଦଳକୁ ବିଜୟୀ କରାଇପାରି ନ ଥିଲେ। ଫଳରେ ଦଳ ୬ ଉଇକେଟ ହରାଇ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଆୟୋଜକ ଦଳ ପକ୍ଷରୁ ହାସନ ଅଲି ସର୍ବାଧିକ ୩ ଉଇକେଟ ନେଇଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ୍ କରିଥିଲା। ଦଳ ପକ୍ଷରୁ ମହମ୍ମଦ ହାଫିଜ ସର୍ବାଧିକ ୪୫ ରନ୍ କରିଥିବାବେଳେ ଅଧିନାୟକ ସରଫ୍ରାଜ ଅହମ୍ମଦ ୩୪ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ ମିଲନେ ୨ ଉଇକେଟ ନେଇଥିଲେ।

# ଆସାମଠାରୁ ହାରିଲା ଓଡ଼ିଶା

**କଟକ ଅଫିସ, ୧।୧୧**

ବିଜୟୱାଡାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପର୍‌ଲିଗ ପର୍ଯ୍ୟାୟରେ ଗୁରୁବାର ଓଡ଼ିଶା ୭ ଉଇକେଟରେ ଆସାମଠାରୁ ପରାସ୍ତ ହୋଇଛି। ଫଳରେ ସୁପରଲିଗ୍‌ର ୪ଟି ଯାକ ମ୍ୟାଚ୍ ହାରି ଓଡ଼ିଶା ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରାରମ୍ଭରୁ ଭଲ ବ୍ୟାଟିଂ କରିଥିଲା। ଦୁଇ ଓପନର ଶୁଭ୍ର ନିର୍ଝରିଣୀ ସ୍ୱାଇଁ(୨୦ରନ୍) ଓ ପୁନମ ନାୟକ(୧୬ରନ୍) ପ୍ରଥମ ଉଇକେଟରେ ୩୦ରନ୍ ସଂଗ୍ରହ କରିଥିଲେ । ପରେ କାଜଲ ଜେନା ବ୍ୟକ୍ତିଗତ ଭାବେ ୩୦ରନ୍ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ପରବର୍ତ୍ତୀ କୌଣସି ଖେଳାଳି ବଡ଼ ଇନିଂସ୍ ଖେଳି ନପାରିବାରୁ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୯୧ ରନ୍ କରିଥିଲା। ଜବାବରେ ଆସାମ ୩ ଉଇକେଟ ବିନିମୟରେ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର ଗାୟତ୍ରୀ ଗୁରୁଙ୍ଗ ସର୍ବାଧିକ ୩୧ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଇନ୍ଦ୍ରାଣୀ ଛତ୍ରିଆ, କାଜଲ ଜେନାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଛି ।

# ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ଓଡ଼ିଶାର ବୃହତ୍ ବିଜୟ

**ଭୁବନେଶ୍ୱର, ୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଅଷ୍ଟ୍ରେଲିଆର ନ୍ୟୁ-ସାଉଥ୍ ୱେଲ୍ସ ବିପକ୍ଷରେ ଅନୁଷ୍ଠିତ ଦ୍ୱିପାକ୍ଷିକ ହକି ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବୃହତ୍ ବିଜୟ ହାସଲ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଅନ୍ତର୍ଜାତୀୟମାନର ମ୍ୟାଚ୍‌ରେ ଓଡ଼ିଶା ୫-୧ ଗୋଲରେ ଭ୍ରମଣକାରୀ ନ୍ୟୁ-ସାଉଥ୍ ୱେଲ୍ସକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଶିଳାନନ୍ଦ ଲାକ୍ରା ଡବଲ ଗୋଲସ୍କୋର କରିଥିବାବେଳେ ଅଧିନାୟକ ଅମିତ୍ ରୋହିଦାସ, ମନୀପ୍ କେର୍କେଟା ଓ ପ୍ରସନ୍ନ ତିର୍କୀ ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ ମଧ୍ୟକୁ ପଠାଇଥିଲେ। ଉନ୍ନତ ପ୍ରଦର୍ଶନ ଲାଗି ଅମିତ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ବିଜୟ ସହ ଓଡ଼ିଶା ଦଳ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ରବିବାର ରାଉରକେଲାରେ ଖେଳାଯିବ।



ଓଡ଼ିଶା ଓ ନ୍ୟୁ ସାଉଥ୍ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଆହୁରି ଉନ୍ନତ ପ୍ରଦର୍ଶନ କରିବୁ: ରୋହିଦାସ**


ମ୍ୟାଚ୍‌ରେ ଆମ ଖେଳାଳିମାନେ ଆଶାନୁଯାୟୀ ପ୍ରଦର୍ଶନ କରିଛନ୍ତି। ତେବେ ଶେଷଭାଗରେ ଆମେ କେତୋଟି ସୁଯୋଗ ହାତଛଡ଼ା କରିଥିଲୁ। ରାଉରକେଲାରେ ହେବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଏହି ତ୍ରୁଟି ସୁଧାରି ଆହୁରି ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିବା ରୋହିଦାସ ଖେଳ ଶେଷରେ କହିଛନ୍ତି। ମ୍ୟାଚ୍‌ରେ ମୁଖ୍ୟଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଅମିତ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

**ପେନାଲ୍ଟି ମିସ୍ କଲେ କ୍ରୀଡ଼ାମନ୍ତ୍ରୀ**

ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷରେ ଉପସ୍ଥିତ ଅତିଥି ତଥା କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଭାରତର ଦୁଇ କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲ୍ଲେ ଓ ଦିଲୀପ୍ ତିର୍କୀ ଏବଂ କାନାଡାର ଅଲିମ୍ପିକ୍ ପଦକ ବିଜେତା ଆଥ୍‌ଲେଟ୍ ବେନ୍ ଜନସନ ପଡ଼ିଆ ମଧ୍ୟକୁ ଯାଇ ପେନାଲ୍ଟି ଶୁଟ୍ ଆଉଟ୍ ଶର୍ଟ ମାରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ହକି ବିଶ୍ୱକପ୍‌ର ମାସ୍କଟ ଓଲି ଗୋଲକିପର ଦାୟିତ୍ୱ ତୁଲାଇଥିବାବେଳେ ପ୍ରତ୍ୟେକଙ୍କୁ ୨ଟି ଲେଖାଏ ଶର୍ଟ ମାରିବାର ସୁଯୋଗ ମିଳିଥିଲା। ପ୍ରଥମେ ପାଳି କ୍ରୀଡ଼ାମନ୍ତ୍ରୀଙ୍କ ପଡ଼ିଥିଲା। ତେବେ ସେ ୨ଟି ଯାକ ଶର୍ଟ ମିସ୍ କରିଥିଲେ। ଏହାପରେ ଧନରାଜ ପିଲ୍ଲେ ଓ ବେନ୍ ଜନସନ ମିଳିଥିବା ୨ଟି ଲେଖାଏ ଶର୍ଟକୁ ସଫଳତାର ସହ ଗୋଲ କରିଥିବାବେଳେ ଦିଲୀପ ତିର୍କୀ ଗୋଟିଏ ମିସ୍ ଓ ଗୋଟିଏ ଗୋଲ କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ


MARUTI SUZUKI
NEXA
CREATE BRIGHTER EXPRESSIONS OF CELEBRATION.
Wishing you a very Happy Diwali.
CREATE. INSPIRE.
*T&C apply.
GET EXCITING EXCHANGE AND CORPORATE OFFERS*.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR
NEXA Twin City (SKY AUTOMOBILES) Ph: 9776497764/7064400101
NEXA Raj Bhavan Road (NARAYANI MOTORS) Ph: 7381000102
NEXA Cyber City (JYOTE MOTORS) Ph: 8338033884
CUTTACK
NEXA Stadium Rd (JYOTE MOTORS) Ph: 8338033889
BALASORE
NEXA Balasore Highway (JYOTE MOTORS) Ph: 8338033994
SAMBALPUR
NEXA Sambalpur Highway (ODYSSEY MOTORS) Ph: 8599039994
ROURKELA
NEXA Civil Town (ORBIT MOTORS) Ph: 8337900222, 7077727977


A TATA PRODUCT
TANISHQ
PRESENTS
UTSAVA
25% ପର୍ଯ୍ୟନ୍ତ ଛାଡ଼* ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ
ରେଞ୍ଜ୍ ଆରମ୍ଭ ହେଉଛି ₹30,000 ରୁ ।
HDFC BANK
We understand your world
Up to ₹5,000 Additional Discount* on HDFC Bank Debit & Credit Cards
*Minimum transaction of ₹50,000 • Additional discount of ₹2500 on transactions below ₹1 lac. Additional discount of ₹5000 on transactions above ₹1 lac. Offer valid from 10th Oct to 11th Nov 2018. Not valid on Gold Coins. *T&Cs apply. Tanishq reserves the right to amend the T&Cs without any prior notice.
Shop online at www.titan.co.in/tanishq • www.tanishq.co.in • Follow us on: • Give a missed call on 1800 3010 5002 to know more.
*Conditions apply. Offer valid from 01st to 06th November 2018. Check tanishq.co.in/offers for further offer details.
ଏବେ ବାଲେଶ୍ୱରରେ ଖୋଲା – ବାଗ୍‌ବୃନ୍ଦାବନ, କଚେରୀ ରୋଡ, ବିବେକାନନ୍ଦ ମାର୍ଗ.
ଭୁବନେଶ୍ୱର – ଷ୍ଟେସନ ସ୍କୋୟାର୍ ଏବଂ ଚନ୍ଦ୍ରଶେଖରପୁର | କଟକ – କିଶୋର ହାଉସ୍, ମାତା ମଠ ପାଖରେ, କ୍ୟାଣ୍ଟନ୍‌ମେଣ୍ଟ ଛକ | ରାଉରକେଲା – କେଶର ଭବନ, ମେନ୍ ରୋଡ୍ |
ବ୍ରହ୍ମପୁର – ହନୁମାନ ବଜାର ଛକ, ବ୍ରହ୍ମପୁର ରେ | ସମ୍ବଲପୁର : ବୁଢ଼ାରଜା ରୋଡ, ଓଡ଼ିଶା | ଅନୁଗୁଳ – ପ୍ଲଟ୍ ନଂ.623, ଅମଲା ପାଡ଼ା.
ଅଧିକ ସୂଚନା ପାଇଁ ଭିଜିଟ୍ କରନ୍ତୁ: tanishq.co.in/stores • କରନ୍ତୁ: 1800 258 2598.


TVS
J. D. POWER NO.1
ପର୍ବପର୍ବାଣୀ ପାଳନ କରନ୍ତୁ, ବିଜେତାଙ୍କ ସାଥିରେ
ଚଳିତ ପାର୍ବଣରେ, ଘରକୁ ଆଣନ୍ତୁ TVS ସ୍କୁଟର ସର୍ବୋତ୍ତମ ଅଫର୍ ସାଥିରେ
ବିଶେଷ ଅଫର୍#
କମ ଡାଉନ୍ ପେମେଣ୍ଟ ₹5999/-
₹6200/- ପର୍ଯ୍ୟନ୍ତ ସଞ୍ଚୟ
0 ପ୍ରୋସେସିଙ୍ଗ୍ ଚାର୍ଜ
ସରକାରୀ କର୍ମଚାରୀଙ୍କ ପାଇଁ 100% ଋଣ
Scooty Pep+
Ex-showroom price ₹41,075/-
TVS Wego 110
With Body Balance Technology
TVS Jupiter
Most Appealing Executive Scooter J.D. Power Awards 2018
TVS NTORQ 125
India's first Bluetooth connected scooter
1ବର୍ଷ ଇନ୍‌ସୁରାନ୍ସ ମାଗଣା (OD) ₹1026/-^ ପର୍ଯ୍ୟନ୍ତ ସଞ୍ଚୟ
କେବଳ 1 ବର୍ଷର ପର୍ସନାଲ ଆକ୍ସିଡେଣ୍ଟ ବୀମା (CPA) 750/- ଟଙ୍କାରେ ପୈଠ କରନ୍ତୁ
ଶୋରୁମ୍ ପ୍ରତ୍ୟେକ ରବିବାର ଦିନ ଖୋଲା ରୁହେ ।
Paytm mall Buy & get benefits up to ₹8500/-##
ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀଙ୍କୁ ବୀମା ଉପରେ ₹1500/-# ଛାଡ଼
₹4000/-# ଏକ୍ସଚେଞ୍ଜ ବୋନସ୍
5 YEAR WARRANTY
+FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:BALASORE: Sita TVS, Ph.: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph : 7854962653. BARBIL: Anjali TVS, Ph.: 7852944821. KEONJHAR: Kumar Automotives, Ph : 9870326414 Authorised Dealers : Jaleswar, Champa Motors, Ph.: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph.: 9937194603; Soro, Tarini Motors, Ph.: 06788-221845; Rairangpur, Pipal India Vehicles Pvt Ltd, Ph.: 7064403120; Basta, S.R. Motors, Ph.: 9040526003; Udhala, Pattanayak Motors, Ph : 9437238807; Joda, N & B Motors, Ph : 9439084443; Harichandanpur, Laranya Motors, Ph : 9437633978; Dhenkikot, Ali Motors, Ph : 7008797779; Betnoti, Sai Motors, Ph : 9776142684; Karanjia, Avoni Metal Traders, Ph : 9437037270; Dhamnagar, Sanju Automobiles, Ph : 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph : 9040123010.
dentsuindia/dhr bal/34/18

# ସହାୟତା ଅପେକ୍ଷାରେ ପ୍ରଭାତ

**ଆନନ୍ଦପୁର, ୧।୧୧(ସ୍ୱ.ପ୍ର.)**


ବିଛଣାରେ ପଡ଼ି ରହିଛନ୍ତି ପ୍ରଭାତ।

■ଚିକିତ୍ସାରେ ଅର୍ଥ ବାଧକ
■ଜିଲାପାଳଙ୍କ ଚିଠିକୁ ଅଣଦେଖା
■ଅଧା ବାଟରେ ଛାଡ଼ିଦେଲା ପ୍ରଶାସନ

ଆନନ୍ଦପୁର ବ୍ଲକ ମୋଚିନ୍ଦା ପଞ୍ଚାୟତ ମୋଚିନ୍ଦା ଗ୍ରାମର ଆନନ୍ଦ ସାହୁଙ୍କ ପୁଅ ପ୍ରଭାତଙ୍କ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଘରେ ବିଛଣାରେ ପଡିରହିଛନ୍ତି। ଜଣେ ମେଧାବୀ ଛାତ୍ର ହିସାବରେ ପ୍ରଭାତ ଘସିପୁରା ବ୍ଲକ ପତିତ ପାବନ ମହାବିଦ୍ୟାଳୟ ସାଇଁକୁଳର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗର ଛାତ୍ର। ବାପା ଆନନ୍ଦ ଜଣେ ମଜୁରିଆ। ମାଆ ଉତ୍ତମ ଗୃହିଣୀ। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏ ନେଇ ଖବର ଦୈନିକ 'ଧରିତ୍ରୀ' ରେ ଗତ ଜୁଲାଇ ୨୩ ତାରିଖରେ ପ୍ରକାଶ ପାଇବା ପରେ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଥିଲା। ପରିଣାମ ସ୍ୱରୂପ ପ୍ରଭାତଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆର୍ଥିକ ସହାୟତା ବଳରେ ପ୍ରଭାତଙ୍କୁ ପରିବାରର ପକ୍ଷରୁ ଭୁବନେଶ୍ୱରସ୍ଥିତ ଏମ୍‌ସ, କଟକ ବଡ ମେଡିକାଲରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ହେଲେ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ହେଲେ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ କିମ୍ବା ବେଙ୍ଗାଲୋରରେ ଚିକିତ୍ସା କରାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅପରେସନ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବା ଦୃଷ୍ଟିରୁ ପ୍ରଭାତଙ୍କ ବାପା ଆନନ୍ଦ ପୁନର୍ବାର କେନ୍ଦୁଝର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଜିଲାପାଳ ଘଟଣାକୁ ହୃଦୟଙ୍ଗମ କରି ଚିଠି ନଂ ୧୯୦୮।୧୮।୦୯.୧୮ରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଭୁବନେଶ୍ୱରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଅର୍ଥ ପ୍ରଦାନ ନିମନ୍ତେ ଚିଠି ଲେଖିଥିଲେ। ଅଦ୍ୟାବଧି ଜିଲାପାଳଙ୍କ ଚିଠିର କୌଣସି ପ୍ରଭାବ ସ୍ୱାସ୍ଥ୍ୟ ବିଭାଗ ଉପରେ ପଡି ନ ଥିବାରୁ ପ୍ରଭାତଙ୍କ ଚିକିତ୍ସା ଅଧୁରା ହୋଇ ରହିଯାଇଛି। ସ୍ୱାସ୍ଥ୍ୟ ବିଭାଗର ଏଭଳି ବେପରୁଆ ମନୋଭାବ ପ୍ରଭାତଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛି।

ଜଣେ ମେଧାବୀ ଛାତ୍ର ଭାବରେ ପ୍ରଭାତ ନିଜ ପଡୋଶୀ ଗ୍ରାମ ଶାଳବଣି ବଳଭଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭ମ ଶ୍ରେଣୀରେ ୬୩ ପ୍ରତିଶତ ନମ୍ବର ରଖି ଏନ୍‌ଆରଟିଏସ୍ ପାଇ ସଫଳତାର ସହିତ ସ୍କୋଲାରସିପ୍ ପାଇବାରେ ସଫଳ ହୋଇଥିଲେ। ଅଷ୍ଟମ ଶ୍ରେଣୀରେ ଶାଳବଣି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ସମୟରେ ପଠାଣି ସାମନ୍ତ ମେଧାବୃତ୍ତି ପାଇଥିଲେ। ମେଟ୍ରିକ୍ ପରୀକ୍ଷାରେ ନିଜ ବିଦ୍ୟାଳୟରେ ସେ ଏ ଗ୍ରେଡ୍ ପାଇ ପ୍ରଥମ ସ୍ଥାନ ଅଧିକାର କରି ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଥିଲେ। ପୁନର୍ବାର ପ୍ରଭାତ ଯୁକ୍ତ ୨ ପ୍ରଥମ ବର୍ଷ ପତିତପାବନ ମହାବିଦ୍ୟାଳୟରେ ଅଧ୍ୟୟନରତ ସମୟରେ ଇନଫୋସିସ୍ ଫାଉଣ୍ଡେସନ୍ ଦ୍ୱାରା ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ 'ପ୍ରତିଭା ପୋଷକ' ସ୍କୋଲାରସିପ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା
## ହତ୍ୟା ଅଭିଯୋଗ ଆଣିଲେ ଭାଇ

**ଆନନ୍ଦପୁର, ୧।୧୧(ସ୍ୱ.ପ୍ର.):** ଆନନ୍ଦପୁର ପୌରପରିଷଦ ୫ ନଂ ୱାର୍ଡ଼ ବଣିଆ ସାହିରେ ବୁଧବାର ସୁରେଶ ଦତ୍ତଙ୍କ ସ୍ତ୍ରୀ ଶିବାନୀ ଦତ୍ତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣାକୁ ନେଇ ଶିବାନୀଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏ ନେଇ ଭାଇ ସନ୍ତୋଷ ଦତ୍ତ ଆନନ୍ଦପୁର ଥାନାରେ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଆନନ୍ଦପୁର ପୋଲିସ ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତରେ ଅଗ୍ରଗତି ହେବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଯାଜପୁର ଟାଉନ ହରିପୁର ଗ୍ରାମର ଗଣେଶ ଦାସଙ୍କ ଝିଅ ଶିବାନୀ ଦୀର୍ଘ ୯ ବର୍ଷ ପୂର୍ବେ ଆନନ୍ଦପୁରର ସୁରେଶଙ୍କୁ ବିବାହ କରିଥିଲେ। ଉଭୟଙ୍କର ୬ ବର୍ଷର ଏକ ଶିଶୁ ପୁତ୍ର ରହିଛି।

## ତେଜୁଛି ଆଇନଜୀବୀଙ୍କ ଆନ୍ଦୋଳନ

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.):** କଟକରେ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ ପ୍ରତିବାଦରେ ୨ ମାସ ଧରି ଚାଲିଥିବା ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। କେନ୍ଦୁଝର ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ଆଇନଜୀବୀ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ଏକ ଶୋଭାଯାତ୍ରାରେ ଆଇନଜୀବୀ ସଂଘ କାର୍ଯ୍ୟାଳୟରୁ ବାହାରି କୋର୍ଟ ସମ୍ମୁଖକୁ ଆସି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ପ୍ରତିବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଘଟଣାର ସମାଧାନ କରି ଆଇନଜୀବୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସମବେଦନା ଜଣାଇ ମାଡ ମାରିଥିବା ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫ କରିବା ପରିବର୍ତ୍ତେ ଓକିଲଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିବା ନେଇ ସରକାରଙ୍କୁ ଘେରିଥିଲେ। ରାଜ୍ୟସ୍ତରୀୟ ବୈଠକରେ ଆନ୍ଦୋଳନର ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ସେଠୀ କହିଛନ୍ତି।

### ଡିଜେଲ ଚୋରି ଧରାପଡ଼ିଲା
## କମାଣ୍ଡର ଜବତ, ଜଣେ ଗିରଫ

**ବଡବିଲ, ୧।୧୧(ସ୍ୱ.ପ୍ର.)**



ଜବତ ହୋଇଥିବା କମାଣ୍ଡର, ଗିରଫ ଯୁବକ।

ବଡ଼ବିଲ ପୋଲିସ ଗୁରୁବାର ୧୫୦ ଲିଟର ଚୋରା ଡିଜେଲ ଭର୍ତ୍ତି ଗ୍ୟାଲେନ ବୋଝେଇ କମାଣ୍ଡରକୁ ପୋଲିସ ଜବତ କରିଛି। ଉକ୍ତ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଝାଡଖଣ୍ଡ ବଡ଼ଜାମଦା ଅଞ୍ଚଳର ସଦା ଆଲଦା। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ କରାଯାଇ ତନଖି କରାଯାଉଥିଲା ବେଳେ ଓଆର୦୪ସି୫୧୪୬ ବିଶିଷ୍ଟ ଏକ କମାଣ୍ଡରରେ ୬ଟି ଗ୍ୟାଲେନରେ ଡିଜେଲ ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏ ନେଇ ବଡବିଲ ପୋଲିସ କମାଣ୍ଡର ଡ୍ରାଇଭର ସଦା ଆଲଦାଙ୍କୁ ଗିରଫ କରିଥିଲା। ଡିଜେଲ ଭର୍ତ୍ତି ଗ୍ୟାଲେନ ସହ କମାଣ୍ଡରକୁ ଜବତ କରାଯାଇଥିବା ବଡବିଲ ଥାନା ଇନ୍ସପେକ୍ଟର ଅନିଲ କୁମାର ପ୍ରଧାନ କହିଛନ୍ତି।

## ମିଳିତ ଅଭିଯୋଗ ଶୁଣାଣି

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.)**

ନଭେମ୍ବର ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ୫ରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍‌ଠାରେ, ୧୨ରେ ସାହାରପଡା ବ୍ଲକ୍ କାର୍ଯ୍ୟାଳୟରେ, ୧୯ରେ ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟରେ ଏବଂ ୨୬ରେ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସାଧାରଣଙ୍କ ଅବଗତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ସମସ୍ତ ଉପଜିଲାପାଳ, ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣିରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ, ଉଠାଜଳସେଚନ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ପୂର୍ବତନ ପୌର ଉପାଧ୍ୟକ୍ଷଙ୍କୁ ଆକ୍ରମଣ ମାମଲା
## ଆଉ ୪ ଜଣଙ୍କ ଆତ୍ମସମର୍ପଣ

**ଆନନ୍ଦପୁର, ୧।୧୧(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁଙ୍କ ଉପରେ ଗତ ସେପ୍ଟେମ୍ବର ୬ରେ ଘସିପୁରା ବସ୍‌ଷ୍ଟାଣ୍ଡଠାରେ ହୋଇଥିବା ଆକ୍ରମଣ ମାମଲାରେ ଗୁରୁବାର ଆଉ ୪ ଜଣ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଘସିପୁରାର ମନୋରଞ୍ଜନ ସାହୁ, ସିପୁନ ବେହେରା, ବିଶ୍ୱରଞ୍ଜନ ମହାରଣା ଓ ମହେଶ୍ୱର ସାହୁ। ପୋଲିସ ପକ୍ଷରୁ ଆବଶ୍ୟକ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠା ଯାଇଥିବା ସୂଚନା ମିଳିଛି। ଏକ ମାମଲା (ନଂ.୧୮୧/୧୮)ରେ ମୋଟ ୧୦ ଜଣ କେନ୍ଦୁଝର ଓ ଆନନ୍ଦପୁର ବିଚାର ବିଭାଗୀୟ ହାଜତରେ ରହିଥିବା ଜଣାପଡିଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା


ପ୍ରାଣୀ ବିଜ୍ଞାନ ବିଭାଗର ବିଜ୍ଞାନାଗାର ସହାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆନନ୍ଦପୁର, ୧।୧୧(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ସଂଯୋଜନାରେ ପ୍ରାଣୀ ବିଜ୍ଞାନ ବିଭାଗର ବିଜ୍ଞାନାଗାର ସହାୟକ ନିତ୍ୟାନନ୍ଦ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଷ୍ଟାଫ୍ ସଂଘର ସମ୍ପାଦକ ବୃନ୍ଦାବନ ଗୁଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ପରେ ସଂଘର ସଭାପତି ରାଜେନ୍ଦ୍ର ନାରାୟଣ ଦାଶ, ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ.ମୀନାକ୍ଷୀ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରମୋଦ ରାଜ, ଉମାକାନ୍ତ ନାୟକ, ପତିତପାବନ ମିଶ୍ର, ନୀଳକଣ୍ଠ ମଣ୍ଡଳ ପ୍ରମୁଖ ଅବସରଗ୍ରହଣ କରୁଥିବା ନାୟକଙ୍କ କର୍ତ୍ତବ୍ୟ ପରାୟଣତା, କର୍ମନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଷ୍ଟାଫ୍ ସଂଘ ପକ୍ଷରୁ ନାୟକଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧାପିକାଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

## ବିଦ୍ୟୁତ୍ ତାର ନେଲା ଜୀବନ

**ଆନନ୍ଦପୁର, ୧।୧୧(ସ୍ୱ.ପ୍ର.)**

ଦିନଦୟାଲ ଉପାଧ୍ୟାୟ ଯୋଜନାରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଠିକା କମ୍ପାନୀର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ଆହତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆନନ୍ଦପୁର ଥାନା କୋଡପଡା ଗାଁରେ ଗୁରୁବାର ଠିକା କମ୍ପାନୀ ଦ୍ୱାରା ବିଦ୍ୟୁତ୍ ପୋଲ୍ ବସାଇବା କାମ ଚାଲିଥିଲା। ଗୋଟିଏ ପୋଲ୍‌କୁ ଗାତ ଭିତରେ ବସାଇବାକୁ ମେଶିନ ସାହାଯ୍ୟ ନିଆଯାଇଥିଲା। ପୋଲକୁ ହାତରେ ଧରି ଠିକ୍ ଭାବେ ବସାଇବାକୁ ଦୁଇଜଣ ଶ୍ରମିକ ଚେଷ୍ଟା କରୁଥିବା ବେଳେ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ପୋଲ୍‌ଟି ଲାଗିଯାଇଥିଲା। ଘଟଣାସ୍ଥଳରେ ଶେଷଦେବ ଜେନା ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ମିଥୁନ ଜେନା ଆହତ ହୋଇଥିଲେ। ଉଭୟଙ୍କ ଘର ଆନନ୍ଦପୁର ଥାନା ଅକରୁଆ ଗ୍ରାମରେ। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଟ୍ରାଫିକ୍ କନ୍‌ଷ୍ଟେବଲ ସମ୍ବର୍ଦ୍ଧିତ



**କେନ୍ଦୁଝର, ୧।୧୧(ସ୍ୱ.ପ୍ର.):** ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ପକ୍ଷରୁ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଟ୍ରାଫିକ କନଷ୍ଟେବଲ ସୁକୁମାର ସାହୁଙ୍କୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ସୁକୁମାର ସାହୁ ନୃତ୍ୟଭଙ୍ଗୀରେ ସିଗନାଲ ଦେଇ ଟ୍ରାଫିକ ନିୟନ୍ତ୍ରଣ କରି ଲୋକଲୋଚନାକୁ ଆସିଥିଲେ। ଏହା ଦ୍ୱାରା ଟ୍ରାଫିକ ପୋଷ୍ଟରେ ଲୋକମାନଙ୍କୁ ହେଲମେଟ ପିନ୍ଧିବା, ଟ୍ରାଫିକ ନିୟମ ପାଳନ କରିବା ଓ ସିଗନାଲ ମାନିବା ପାଇଁ ମନୋରଞ୍ଜନ ମାଧମରେ ସଚେତନା ସୃଷ୍ଟି କରି ସମସ୍ତଙ୍କୁ ପ୍ରିୟଭାଜନ ହୋଇପାରିଥିଲେ।

### ■ ହାତୀ ସୁରକ୍ଷା ନେଇ ଚିନ୍ତା
## ବିଦ୍ୟୁତ୍ ତାର ସଜାଡିବାକୁ ଚିଠି

**ଚମ୍ପୁଆ, ୧।୧୧(ଡି.ଏନ.ଏ.)**

ଚମ୍ପୁଆ ରେଞ୍ଜରେ ବିଚରଣ କରୁଥିବା ହାତୀପଲଙ୍କ ସୁରକ୍ଷା ନେଇ ବନ ବିଭାଗର ଚିନ୍ତାରେ ବଢି ଯାଇଛି। ଚମ୍ପୁଆ ଅଞ୍ଚଳରେ ବର୍ଷସାରା ହାତୀ ଉପଦ୍ରବ ଲାଗି ରହିଛି। ଢେଙ୍କାନାଳ କମଲାଙ୍କ ଦୁର୍ଘଟଣାରେ ୭ ହାତୀଙ୍କ ମୃତ୍ୟୁ ପରେ ଚମ୍ପୁଆ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ବିଦ୍ୟୁତ ବିଭାଗକୁ ହାତୀ ଚଲାପଥ ଓ ଜଙ୍ଗଲ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ଝୁଲା ତାରକୁ ସଜାଡିବା ପାଇଁ ଚିଠି କରାଯାଇଥିବା ଜଣାଯାଇଛି। ଚମ୍ପୁଆ ରେଞ୍ଜର ଚମ୍ପୁଆ, ବାଲିବନ୍ଧ, ଯୋଡା ଓ ଉଖୁଣ୍ଡା ସେକ୍ସନରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମରକୁ ଚିହ୍ନଟ କରିବା ପାଇଁ ରେଞ୍ଜର ଫରେଷ୍ଟରମାନଙ୍କୁ ନିର୍ଦ୍ଦେଶ ହୋଇଛି। ତୁରନ୍ତ ଚିହ୍ନଟ କରାଯାଇ ମରାମତି ନିମିତ ବିଦ୍ୟୁତ ବିଭାଗକୁ ଜଣାଇବା ପାଇଁ ସୂଚନା ପ୍ରଦାନ କରାଯାଇଛି।

ଚମ୍ପୁଆ ସେକ୍ସନର ଭାଲିଆଡିପା ଛକରୁ ତଳସାହି, ଦଳେଇ ସାହି, କାଳିକାପ୍ରସାଦରୁ ହୁିପଶି, କାଳିକାପ୍ରସାଦ ହାଇ ସ୍କୁଲ, ବାଲିବନ୍ଧ ସେକ୍ସନର ସରିଆବାହାଳ, ବ୍ରାହ୍ମଣୀଝରି, ଗୁଗୁଦରି, ହୁଣ୍ଡଳା, ଦେଓଝର, ହରିଡାଯୋଡି,ଦୁର୍ଗାପୁର, ବାରଖଣ୍ଡିଆ, ବିନୋଦ ବିହାରୀପୁର, ପଦ୍ମକେଶ୍ୱରୀପୁର, କୁଟୁଗାଁ, ଚିପିଣ୍ଡା, ହାତୀଦରି, ନୂଆପାଣି, ସାନ ହୁଣ୍ଡୁଳା, କନକନା, ଉଖୁଣ୍ଡା ସେକ୍ସନର ରାଇଗୁଡି, ବନିକା, ଟିଆଁସପଶି, ପୋଖରୀଆ, ରରୁଆଗୁଡା, ପୋଡାସିମିଳା, ପଡୁଆ, ପଦ୍ମପୁର, ମାଳିପଶି, ରେଙ୍ଗାଳଗୋଡା, କେମୁଣ୍ଡିଆ, ଯୋଡା ସେକ୍ସନର ଗୁରୁଡୁଆଁ, ଗୋବିନ୍ଦପୁର, ଉଡୁଆଁ, ଦୋଳପାହାଡ, ଖଣ୍ଡବନ୍ଧ, ବାମେବାରିର ନଇବୁଗା, କୁଟୁପାଲି, ବସନ୍ତପୁର, ଧନଞ୍ଜୟପୁର, କାଳିଆପାଳ ଆଦି ଅଞ୍ଚଳରେ ଝୁଲା ଅବସ୍ଥାରେ ରହୁଥିବା ବିଦ୍ୟୁତ୍ ତାର ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଗୁଡିକୁ ତୁରନ୍ତ ସଜାଡିବା ପାଇଁ ବିଦ୍ୟୁତ ବିଭାଗକୁ ସୂଚନା ଦିଆଯାଇଛି। ଏ ନେଇ ଚମ୍ପୁଆ ରେଞ୍ଜର ଘନଶ୍ୟାମ ବାରିକଙ୍କୁ ପଚାରିବାରୁ ଆଗାମୀ ୨ ଦିନ ଭିତରେ ବିଦ୍ୟୁତ୍ ବିଭାଗ ସହ ଆଲୋଚନା କରାଯିବ। ହାତୀପଲଙ୍କ ସୁରକ୍ଷା ଦୃଷ୍ଟି କୋଣରୁ ପଦକ୍ଷେପକୁ ତ୍ୱରାନିତ କରାଯିବ ବୋଲି ସେ କହିଛନ୍ତି।

## ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ

**ତେଲକୋଇ, ୧।୧୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ଅଧୀନ ମଧୁସୂଦନପୁର ସେବାଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଦ୍ୟାଳୟର ଶିକ୍ଷା କମିଟି ତଦନ୍ତ କରିବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଯାଇଛି। ଶିକ୍ଷା କମିଟିର ଅଭିଯୋଗ ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ପ୍ରଥମଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୨୯୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଛାତ୍ରୀଛାତ୍ର ଅନ୍ତେବାସୀ ଭାବେ ରହିଛନ୍ତି। ସେମାନଙ୍କୁ ଖାଦ୍ୟପେୟ ଓ ସମସ୍ତ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ଭୋଜନ ପାଇଁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ବ୍ୟବସ୍ଥାରେ ମାସିକ ୭ କୁଇଣ୍ଟାଲ ୮୮ କେଜି ୫ଶହ ଗ୍ରାମ ଯୋଜନା ରହିଛି। ଉକ୍ତ ସେବାଶ୍ରମ ପାଇଁ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଯୋଗାଣ କରାଯାଉଥିବା ଦର୍ଶାଇଛନ୍ତି। ଅନିୟମିତତା ସାଙ୍ଗକୁ ମଧ୍ୟାହ୍ନ ଭୋଜନ ଚାଉଳ ହଡପ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି।

ଛାତ୍ରୀଛାତ୍ର ଅନୁପସ୍ଥିତ ରହୁଥିବା ବେଳେ କାଗଜପତ୍ରରେ ଶତପ୍ରତିଶତ ଥିବା ଦର୍ଶାଇ ଉକ୍ତ ବଳକା ଚାଉଳକୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ଏ ନେଇ ଜିଲା ମଙ୍ଗଳାଧିକାରୀ ପ୍ରଦ୍ୟୁମ୍ନ ଦାଶଙ୍କୁ ପଚାରିବାରୁ ଯେଉଁଦିନ ଖାଦ୍ୟ ପ୍ରସ୍ତୁତି କରାଯାଏ ତା'ର ଏକ ତାଲିକା ପ୍ରସ୍ତୁତି କରାଯାଇ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରାଯାଏ। ଶିକ୍ଷା କମିଟିର ଅଭିଯୋଗ ଅନୁସାରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ସଦର ଅଞ୍ଚଳରେ ଇଣ୍ଟରନେଟ ସେବା ଅଚଳ

**ରାଇସୁଆଁ, ୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକରେ ଇଣ୍ଟରନେଟ ସେବା ଅଚଳ ହୋଇପଡ଼ିଛି। ଫଳରେ ପୋଷ୍ଟ ଅଫିସ କାମରେ ବାଧା ଉପୁଜୁଛି। ଚିଠି ନେଣଦେଣ ସହ କାମକାର୍ଯ୍ୟ ଠପ ହୋଇଯାଇଛି। ରାଇସୁଆଁ ସବପୋଷ୍ଟ ଅଫିସରେ କାମକାର୍ଯ୍ୟ ବନ୍ଦ ହୋଇଯିବାରୁ ଲୋକେ ନିରାଶ ହୋଇ ଫେରିଥିଲେ। ସ୍ଥାନୀୟ ଅଞ୍ଚଳର ଯୋଗେନ୍ଦ୍ର ତନ୍ତୀ କୁହନ୍ତି, ଏକ ଜରୁରୀ ଚିଠି ଆସିବା ଥିବା ବେଳେ ଇଣ୍ଟରନେଟ ବ୍ୟବସ୍ଥା ଅଚଳ ଯୋଗୁଁ ପାଇ ପାଇପାରିଲି ନାହିଁ। ସ୍ଥାନୀୟ ଅଞ୍ଚଳର ବରିଷ୍ଟ ନାଗରିକ କେଶବ ଚନ୍ଦ୍ର ସେଠୀ କୁହନ୍ତି, ୮ ଦିନରୁ ଊର୍ଦ୍ଧ୍ୱ ହେବ ଇଣ୍ଟରନେଟ ଅଚଳ ହୋଇଛି। ପେନସନ ଉଠାଣ କରିପାରୁନି। ହଇରାଣ ହରକତ ହେଉଛି। କେନ୍ଦୁଝର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଦେବୀପ୍ରସାଦ ନାଏକଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ଅଛି। ବିଏସ୍‌ଏନ୍‌ଏଲର ଉଚ୍ଚଅଧିକାରୀଙ୍କୁ ଜଣାଇଛି। ଖୁବଶୀଘ୍ର ଠିକ ହୋଇଯିବ ବୋଲି ସେ କହିଛନ୍ତି।

## ଝୁମ୍ପୁରା ବ୍ଲକରେ ନିଯୁକ୍ତି ମେଳା

**ଝୁମ୍ପୁରା, ୧।୧୧(ଡି.ଏନ.ଏ.):** ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିପିଏମ୍ ମଧୁସ୍ମିତା ଦାସଙ୍କ ଦ୍ୱାରା ସଞ୍ଚାଳନ ହୋଇଥିଲା। ବିଏଲସି ପୂର୍ଣ୍ଣଚନ୍ଦ୍ର ବେହେରା, ଜିଲା କୋଅର୍ଡିନେଟର ଦୀପକ ବେହେରା ଉପସ୍ଥିତ ଥିଲେ। ସିଲେଇ, ହୋଟେଲ ମ୍ୟାନେଜମେଣ୍ଟ, ଇଲେକ୍ଟ୍ରିକାଲ, ୱେଲଡର, ଲିଫ୍ଟ ଅପରେଟର ଆଦି ଧନ୍ଦାମୂଳକ ଟ୍ରେନିଂ ପରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି। ଝୁମ୍ପୁରା ବ୍ଲକର ବିଭିନ୍ନ ପ୍ରାନ୍ତରୁ ସମୁଦାୟ ୧୦୬ ଯୁବତୀଯୁବକ ଟ୍ରେନିଂ ପାଇଁ ପଞ୍ଜୀକୃତ କରିବା ସହ ଦରଖାସ୍ତ ଫର୍ମ ଭରିଥିଲେ। ଯୁବତୀଯୁବକଙ୍କୁ ଟ୍ରେନିଂର ନିୟମାବଳୀ ସମ୍ବନ୍ଧରେ ଝୁମ୍ପୁରା ବ୍ଲକ ବିପିଏମ ମଧୁସ୍ମିତା ଦାସ ବୁଝାଇଥିଲେ। ୧୨ଟି ଇନଷ୍ଟିଚ୍ୟୁଟର ଅଧିକାରୀ ନିଜ ନିଜର ଷ୍ଟଲ୍ ଲଗାଇ ଯୁବତୀଯୁବକଙ୍କ ଦରଖାସ୍ତ ଗ୍ରହଣ କରିଥିଲେ।


## ପଥରରେ ଛେଚି ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା

**ଯୋଡ଼ା, ୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ହେଁସାବେଡ଼ାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ କେହି ଦୁର୍ବୃତ୍ତ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଡ୍ରାଇଭରଙ୍କ ନାମ କ୍ରିଷ୍ଣା ଚୌଧୁରୀ(୨୯)। ତାଙ୍କ ଘର ଝାଡଖଣ୍ଡ ପାଲାସୁ ଜିଲାର ପାନାରିଆ ପାନକି ଥାନା ବାସାରିଆ ଗ୍ରାମ। କମଳପୁର ଅଞ୍ଚଳର ଟ୍ରକ୍ ମାଲିକ ଉପେନ୍ଦ୍ର ଘଣାଙ୍କ ଗାଡି ନଂ ଓଆର୦୯ଇ ୪୫୬୩ରେ କ୍ରିଷ୍ଣା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସନ୍ଧ୍ୟା ବେଳେ ଉକ୍ତ ଟ୍ରକ ନେଇ ସେ ସ୍ଥାନୀୟ ଏକ ଖଣିରେ ଖଣିଜ ବୋଝେଇ କରିବା ପାଇଁ ଯାଇଥିଲେ। ଖଣିଜ ବୋଝେଇ କରି ହେସାଁବେଡା ନିକଟସ୍ଥ ଏସାର ପେଟ୍ରୋଲ ପମ୍ପ ନିକଟରେ ଗାଡିକୁ ରଖିଥିଲେ। ଗୁରୁବାର ସକାଳ ସମୟରେ ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ଥିବା ଗ୍ୟାରେଜ ସମ୍ମୁଖରେ କ୍ରିଷ୍ଣାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ବାମେବାରୀ ଥାନା ଦାୟିତ୍ୱରେ ଥିବା ଅଧିକାରୀ ପରେଶ କୁମାର ମହାନ୍ତି, ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତ, ବଡବିଲ ଏସଡିପିଓ ରାହୁଲ ଜୈନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ ଜାରି ରଖିଛନ୍ତି। କ୍ରିଷ୍ଣାଙ୍କୁ କେହି ହତ୍ୟା କରିଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତ ପରେ ଜଣାପଡ଼ିବ ବୋଲି ଯୋଡା ଥାନାଧିକାରୀ ମନୋଜ କୁମାର ରାଉତ ପ୍ରକାଶ କରିଛନ୍ତି।ଏ ନେଇ ବାମେବାରୀ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି ବୋଲି ବାମେବାରୀ ଥାନାଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ହରିଡ଼ାପାଳ ପଞ୍ଚାୟତରେ ଅଚଳାବସ୍ଥା

**ଘସିପୁରା, ୧।୧୧**


ହରିଡ଼ାପାଳ ପଞ୍ଚାୟତ କାର୍ଯ୍ୟାଳୟ।

**୨ ମାସ ବିତିଲା**
■ପିଇଓଙ୍କ ଦେଖାନାହିଁ
■ଭତ୍ତାରୁ ବଞ୍ଚିତ ହିତାଧିକାରୀ
■ଉନ୍ନୟନ କାର୍ଯ୍ୟ ଠପ

ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତରେ ଅଚଳାବସ୍ଥା ଦେଖା ଦେଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଗତ ୨ ମାସ ହେଲା ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଜରୁରୀ ଓ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଏ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଛି। ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ରହିଛନ୍ତି ଅମିୟ ରାଉତ। ସେ ଗତ ସେପ୍ଟେମ୍ବରଠାରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି ବୋଲି ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦଳେଇ ଓ ସଭ୍ୟ କାର୍ତ୍ତିକ ଦଳେଇ ଅଭିଯୋଗ କରିଛନ୍ତି। ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ସମ୍ପୃକ୍ତ ନିର୍ବାହୀ ଅଧିକାରୀ ବିଭିନ୍ନ ସରକାରୀ ଯୋଜନାରେ ପିସି ଦାବି କରି ଆସୁଥିବା ଅଭିଯୋଗ କରି କେତେଜଣ ମହିଳା ଆନ୍ଦୋଳନକୁ ଓହ୍ଲାଇ ଥିଲେ। ସେ ନିୟମିତ ପଞ୍ଚାୟତ କାର୍ଯ୍ୟାଳୟ ଆସୁ ନ ଥିବାରୁ ଗତ ଅକ୍ଟୋବର ୨ରେ କାର୍ଯ୍ୟାଳୟକୁ ଶତାଧିକ ମହିଳା ଘେରାଉ କରିଥିଲେ। ଉକ୍ତ ଘଟଣା ଆଳ କରି ନିର୍ବାହୀ ଅଧିକାରୀ କେତେଜଣ ଗ୍ରାମବାସୀଙ୍କ ବିରୋଧରେ ମାରପିଟ ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିଲେ। ବ୍ଲକ କାର୍ଯ୍ୟାଳୟରେ ସଂଘକୁ ଡାଲ କରି ଆନ୍ଦୋଳନ ଚଳାଇଥିଲେ। ବର୍ତ୍ତମାନ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲେ ହେଁ ସେ ଜାଣିଶୁଣି ପଞ୍ଚାୟତକୁ ଆସୁ ନାହାନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଥିବା ଅଭିଯୋଗ ହୋଇଛି। ଗତ ମାସର ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇ ନାହିଁ। ଫଳରେ ଅସନ୍ତୋଷ ତେଜିବାରେ ଲାଗିଛି। ତୁରନ୍ତ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ଭସାଣି ଉତ୍ସବରେ ଛୁରାମାଡ଼

**ହାଟଡିହୀ, ୧।୧୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳଣିଆ ବଜାରରେ ବୁଧବାର ଲକ୍ଷ୍ମୀ ଭସାଣି ଉତ୍ସବରେ ଛୁରାମାଡ ହୋଇଛି। ଛୁରା ମାଡରେ ବାପପୁଅ ଆହତ ହୋଇଛନ୍ତି। ସ୍ଥାନୀୟ ମହାବୀର କମିଟି ପକ୍ଷରୁ ଭସଣି ଉତ୍ସବ ସମୟରେ ଛୁରାମାଡ଼ ହୋଇଛି। ଜଣେ ଯୁବକ ସେହି ଗ୍ରାମର ଉମାକାନ୍ତ ସାହୁଙ୍କୁ ଆକ୍ରମଣ କରିଥିଲେ। ସେହି ସମୟରେ ତାଙ୍କ ପୁଅ ଅନନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣର କରାଯାଇଥିଲା। ଉଭୟ ଆହତଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଶାଳଣିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ହାଟଡିହୀ,୧।୧୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅମୃତପୁରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଉଛନ୍ତି ଲକ୍ଷ୍ମୀଧର ଜେନାଙ୍କ ପୁଅ ସାଗର ଜେନା। ସାଗର ଶାଳଣିଆ ବଜାର ଲକ୍ଷ୍ମୀପୂଜା ଦେଖିବାକୁ ଆସିଥିବା ସମୟରେ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଆକ୍ରମଣକୁ ନେଇ ନାନା କଥା ଚର୍ଚ୍ଚା ହେଉଛି।

### ବ୍ୟାଟେରି ଚୋରି, ଯୁବକ ଗିରଫ

**ହାଟଡିହୀ,୧।୧୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ସୋସୋ ଥାନା ବିଭିନ୍ନ ଅଞ୍ଚଳରେ ବ୍ୟାଟେରି ଚୋରି ବୃଦ୍ଧି ପାଉଛି। ଏ ନେଇ ଗୁରୁବାର ଜଣେ ଯୁବକ ଏକ ଗାଡିରୁ ବ୍ୟାଟେରି ଚୋରି କରି ଫେରାର ହୋଇଯାଉଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି। ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି। ଗିରଫ ହୋଇଥିବା ଯୁବକର ହେଉଛି ରାଜେନ୍ଦ୍ର ବେହେରା। ତାଙ୍କ ଘର ଜମ୍ବରା ଗ୍ରାମରେ। ସେମାନେ ବ୍ୟବହାର କରୁଥିବା ଗାଡି ଓ ବ୍ୟାଟେରିକୁ ପୋଲିସ ଜବତ କରିଛି।

### ଘସିପୁରାରେ ମହାଲକ୍ଷ୍ମୀଙ୍କ ଭସାଣି

**କୋଲିମାଟି, ୧।୧୧:** ଘସିପୁରା ଲକ୍ଷ୍ମୀ ବଜାରରେ ଗଜଲକ୍ଷ୍ମୀ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଭସାଣି ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟମାନେ ନୃତ୍ୟଗୀତର ତାଳେତାଳେ ସାହି, ବଜାର ପରିକ୍ରମା କରିବା ପରେ ବୈତରଣୀରେ ମା'ଙ୍କୁ ମେଲାଣି ଦେଇଥିଲେ। କମିଟି ପକ୍ଷରୁ ଖଗେଶ୍ୱର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଚକ୍ରଧର ସାହୁ, ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ଲମ୍ବୋଦର ସାହୁ, ଧନେଶ୍ୱର ସାହୁ, ହରିହର ସାହୁ, ପଙ୍କଜ ସାହୁ, ଜୟସେନ ସାହୁ, ଜିତେନ୍ଦ୍ର ମହାରଣା, ଗୋବିନ୍ଦ ସାହୁ, ଯଦୁନାଥ ଓଝା, କୁନି ସାହୁ, ଶମ୍ଭୁନାଥ ସାହୁ, ପ୍ରତାପ ସାହୁ, ବାପି ମହାରଣା, ଗଣେଶ୍ୱର ସାହୁ , ଦୀନକୃଷ୍ଣ ସାହୁ, ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚିକିତ୍ସା ଅବହେଳା: ଶିଶୁମୃତ

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ପୁଣି ଥରେ ଡାକ୍ତରୀ ଚିକିତ୍ସା ଅବହେଳା ଅଭିଯୋଗ ହୋଇଛି। ଚିକିତ୍ସା ଅଭାବରୁ ଚମ୍ପୁଆରୁ ସ୍ଥାନାନ୍ତରିତ ହୋଇଥିବା ଜଣେ ୭ ମାସର ଶିଶୁଙ୍କ ମୃତ୍ୟୁ ଘଟିଛି। ରାତିରେ ସେକ ନଇଁମ ନାମକ ଜଣେ ବ୍ୟକ୍ତି ତାଙ୍କ ଶିଶୁ ପୁତ୍ରଙ୍କୁ କେନ୍ଦୁଝର ଚିକିତ୍ସାଳୟକୁ ଆଣିଥିଲେ। ଗୁରୁତର ସତ୍ତ୍ୱେ ଶିଶୁଙ୍କୁ ଚିକିତ୍ସା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଭୋର ୫ ଟାରେ ଶିଶୁର ଅବସ୍ଥା ଅଧିକ ଗୁରୁତର ହୋଇପଡିବା ସତ୍ତ୍ୱେ ଡାକ୍ତର ଆସି ନ ଥିଲେ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଶେଷରେ ଶିଶୁର ମୃତ୍ୟୁ ଘଟିଥିବା କୁହାଯାଉଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଚିକିତ୍ସା ଅବହେଳାକୁ ସ୍ୱାସ୍ଥ୍ୟ ବିଭାଗ ଅସ୍ୱୀକାର କରିଥିଲେ ହେଁ ଚିକିତ୍ସାରେ କାହିଁକି ବିଳମ୍ବ ହେଲା ତାହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ, ରକ୍ତ ଅଦଳବଦଳ, ରକ୍ତ ବିକ୍ରି, ଶିଶୁ ଅଦଳବଦଳ ଭଳି ବହୁ ଗୁରୁତର ଅଭିଯୋଗ ହୋଇ ଆସୁଥିବା ବେଳେ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଭଙ୍ଗାଘରେ କଟୁଛି ଦିନ

**ଯୋଡ଼ା, ୧।୧୧(ଡି.ଏନ୍.ଏ.)**

**ପଳସା ପଞ୍ଚାୟତ**
- ହଇରାଣ ହେଉଛନ୍ତି ଅସହାୟ ମହିଳା
- ଦିନ ମଜୁରିରେ ଘର ଚଳୁଛି
- ସରକାରୀ ଯୋଜନା ଅପହଞ୍ଚ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ପଳସା ପଞ୍ଚାୟତ ଅନ୍ତର୍ଗତ ଉଞ୍ଚବାଲୀ ଗ୍ରାମରେ ଜଣେ ଆଦିବାସୀ ମହିଳା ଇନ୍ଦିରା ଆବାସ ନ ପାଇ ଭଙ୍ଗା ଘରେ ରହିଛନ୍ତି। ଉକ୍ତ ଗ୍ରାମର ଜଣେ ବିଧବା ମହିଳା ସୁମିତ୍ରା ମୁଣ୍ଡା। ତାଙ୍କ ଦୁଇ ପୁଅଙ୍କୁ ଧରି ଅସହାୟ ଅବସ୍ଥାରେ ରହୁଛନ୍ତି। ତାଙ୍କ ସ୍ୱାମୀ ଅନାମ ମୁଣ୍ଡାଙ୍କ ୧ ବର୍ଷ ହେବ ପରଲୋକ ଘଟିଛି। ସେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଘର ଚଳାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଖଣି କମ୍ପାନୀ ଗୁଡିକ ଥିଲେ ହେଁ ତାଙ୍କୁ ଚାକିରିଟିଏ ମିଳିପାରି ନାହିଁ । ଗୋଟିଏ ପୁଅ ୧୨ ବର୍ଷର ଏବଂ ଅନ୍ୟ ଜଣେ ପୁଅ ୮ ବର୍ଷର। ଉଭୟଙ୍କୁ ପାଠ ପଢାଇବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡିଛି। ଏପରିସ୍ଥଳେ


ଝାଟିମାଟି ଘର ଭାଙ୍ଗି ଯାଇଛି।

ତାଙ୍କର ଝାଟିମାଟି ଘରଟି ଦୀର୍ଘ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

ତିନି ପ୍ରାଣୀ ଦୁଇ ଓଳି ଖାଇବାକୁ ପାଉ ନ ଥିବା ବେଳେ ଘର ମରାମତି କରିବା ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି। ଘରଟିଏ ନିର୍ମାଣ କରିବା ଆଶାରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀମାନଙ୍କଠାରେ ଗୁହାରି କରି ଶେଷରେ ସୁମିତ୍ରାଙ୍କୁ ନିରାଶ ହେବାକୁ ପଡିଛି। ସରକାରୀ ଗୃହ ପାଇଁ ଆବେଦନ କରିଥିଲେ ହେଁ ତାଙ୍କୁ ଘରଟିଏ ମଞ୍ଜୁର କରିବା ପାଇଁ ବିଭିନ୍ନ ଅଧିକାରୀମାନେ ହାତଗୁଞ୍ଜା ମାଗୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ହେଁ ଖାଲି ପ୍ରତିଶ୍ରୁତି ମିଳୁଛି। ସେ ହଇରାଣ ହେଉଛନ୍ତି। ଏ ଦିଗରେ କେନ୍ଦୁଝର ଜିଲାପାଳ ଦୃଷ୍ଟି ଦେଇ ତାଙ୍କୁ ସରକାରୀ ଗୃହ ମଞ୍ଜୁର କରାଯିବା ପାଇଁ ସେ ନିବେଦନ କରିଛନ୍ତି।

## ■ ୪ର୍ଥ ଦିନରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ସୁମିତ୍ ଇଲେଭେନ, ଏଜେଫିଟନେସ୍ ବିଜୟୀ

**ବଡ଼ବିଲ, ୧।୧୧(ସ୍ୱ.ପ୍ର.)**

ସ୍ଥାନୀୟ ଗାନ୍ଧୀ ପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଥିବା ବଡ଼ବିଲ ପ୍ରିମିୟର ଲିଗ୍ (ବିପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିନରେ ପହଞ୍ଚିଛି। ବୁଧବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁମିତ୍ ଇଲେଭେନ ଏବଂ ଏଜେଫିଟନେସ୍ ବିଜୟୀ ହୋଇଛନ୍ତି। ଭିଜିଏଚ୍ ଓ ସୁମିତ ଇଲେଭେନ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଟସ୍ ଜିଣି ସୁମିତ ଇଲେଭେନ ବୋଲିଂ କରିଥିଲା ବେଳେ ଭିଜିଏଚ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ୧୦୫ ରନର ଟାର୍ଗେଟ ନେଇ ସୁମିତ ଇଲେଭେନ ୧୪.୫ ଓଭରରେ ୮ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚରେ ଆଶିଷ କୁମାର ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

ଅପରାହ୍ଣରେ ଅନୁଷ୍ଠିତ ମ୍ୟାଚ୍ ଏଜେଫିଟନେସ୍ ଏବଂ ଏସଏଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଏସଏଆଇ ଫିଲ୍ଡିଂ ନେଇଥିଲାବେଳେ ଏଜେଫିଟନେସ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ନିର୍ଦ୍ଧାରିତ ଓଭରରେ ୯୮ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଟିମ୍ ଏଜେଫିଟନେସ ୯୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଏସଏଆଇ ନିର୍ଦ୍ଧାରିତ ଓଭର ଖେଳିଥିଲେ ହେଁ ୮ ଉଇକେଟ ବିନିମୟରେ ମାତ୍ର ୯୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇ ପରାସ୍ତ ହୋଇଥିଲା। ମ୍ୟାଚ୍‌ରେ ଏଜେ ଫିଟନେସ ବିଜୟୀ ହୋଇଥିଲା। ସର୍ବୋତ୍ତମ ଖେଳ ପ୍ରଦର୍ଶନ କରି ବାବୁ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

# ପୁରାତନ ଛାତ୍ର ସଂସଦ ବୈଠକ

**ଆନନ୍ଦପୁର, ୧।୧୧(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ଏକ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ବିଚିତ୍ର କୁମାର ଚକ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଙ୍ଗଠନର ସଭାପତି ରାମଚନ୍ଦ୍ର ସୁର ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାଶ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟର ଉନ୍ନୟନ ଦିଗରେ ନିଆଯିବାକୁ ଥିବା ଆବଶ୍ୟକ ପଦକ୍ଷେପକୁ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସଭାପତି ଦୁର୍ଗା ପ୍ରସାଦ ଦଳେଇ ଓ ସହସମ୍ପାଦକ ଜ୍ୟୋତିରଞ୍ଜନ ଜେନା ପ୍ରମୁଖ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ଦିଗରେ ଆଲୋକପାତ କରିଥିଲେ। ଜବରଦଖଲ ସମସ୍ୟା, ଗୋପବନ୍ଧୁ ପାର୍କର ପୁନରୁଦ୍ଧାର ସମ୍ପର୍କରେ ପ୍ରାଥମିକତା ଦେବାକୁ ଆଲୋଚନା କରିଥିଲେ। ବୈଠକରେ ନଦୁଆଁ ଗ୍ରାମର ଶହୀଦ ବ୍ରଜ ମୋହନ ବେହେରାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ପରିବେଶ ସ୍ୱଚ୍ଛତା ନେଇ ସଚେତନତା

**ଯୋଡ଼ା, ୧।୧୧(ଡି.ଏନ୍.ଏ.)**

ଯୋଡ଼ା ପୌରପାଳିକାର ୧୦ ନଂ ୱାର୍ଡ ହନୁମାନ ହଟିଂଠାରେ ଟିଏସଆରଡିଏସ ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ହଟିଂର ଯୁବତୀଯୁବକଙ୍କୁ ନେଇ ପରିବେଶ ସ୍ୱଚ୍ଛତା ଉପରେ ସଚେତନତା କରାଯାଇଥିଲା। ଯୁବତୀଯୁବକଙ୍କ ଦ୍ୱାରା ୱାର୍ଡର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା।


ଯୁବତୀଯୁବକ ରାସ୍ତା ସଫେଇ କରୁଛନ୍ତି।

କାର୍ଯ୍ୟକ୍ରମରେ ଟିଏସଆରଡିଏସ ପକ୍ଷରୁ ରିସ୍ତା ପ୍ରୋଜେକ୍ଟର ଯୁବ ସ୍ୱାସ୍ଥ୍ୟକର୍ମୀ ଫାଲଗୁନୀ କାରୁଆ, ଟିଏସଆରଡିଏସର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରହିଛି ବୋଲି ଯୁବ ସ୍ୱାସ୍ଥ୍ୟ କର୍ମୀ ଫାଲଗୁନୀ ସୂଚନା ଦେଇଛନ୍ତି।

# ଅଖଣ୍ଡତା ବଜାୟ ରଖିବାକୁ ଶପଥ

**କେନ୍ଦୁଝର, ୧।୧୧ (ସ୍ୱ.ପ୍ର.)**

କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂ ପରିସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଇଂ. କିରଣ ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମହାନ ଆଦର୍ଶ ଓ ଜାତୀୟତା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ଇଂ. ବସନ୍ତ କୁମାର ଦାନୀ ଏହି ଦିବସର ଆଭିମୁଖ୍ୟ ବିଷୟରେ କହିଥିଲେ। ଇଂ. ବିଭୂତି ଭୂଷଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଇଂ. ମୃତ୍ୟୁଞ୍ଜୟ ନାଏକ ସର୍ଦ୍ଦାର ପଟେଲଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଫାର୍ମାସୀ କଲେଜର ଅଧ୍ୟକ୍ଷ ବିଶ୍ୱରଞ୍ଜନ ଦାଶ ରାଷ୍ଟ୍ର ପାଇଁ ଛାତ୍ରୀଛାତ୍ରମାନଙ୍କ ଦାୟିତ୍ୱବୋଧ ବିଷୟରେ କହିଥିଲେ। ଇଂ. ସୁଜିତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ତଥା ଅନ୍ୟ କର୍ମଚାରୀ ଉପସ୍ଥିତ ରହି ସ୍ୱାଧୀନ ଭାରତର ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ଅନୁଷ୍ଠିତ ଏକତା ଦିବସରେ ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଭାରତର ଅଖଣ୍ଡତା ବିଷୟରେ ଅବଗତ କରାଇବା ସହ ଲୌହମାନବ ସର୍ଦ୍ଦାର ଭାଇଙ୍କ ଜୀବନୀ ସମ୍ପର୍କରେ କୁହାଯାଇଥିଲା।

## ମହାଦେଇଯୋଡାରେ ବିଜ୍ଞାନ ମେଳା

**ରାଇସୁଆଁ, ୧।୧୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟରେ ବୁଧବାର ଏକତା ଦିବସ ପାଳିତ ହୋଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ମହାଦେଇଯୋଡା ପଞ୍ଚାୟତର ସମସ୍ତ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

# ତୃତୀୟ ସୋପାନ ସ୍କାଉଟ୍ସ, ଗାଇଡ୍ସ ଟେଷ୍ଟ କ୍ୟାମ୍ପ ଉଦ୍‌ଯାପିତ

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.)**

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେହୁରିପଶିଠାରେ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ କେନ୍ଦୁଝର ଦ୍ୱାରା ଆୟୋଜିତ ଦୁଇ ଦିନିଆ ତୃତୀୟ ସୋପାନ ଟେଷ୍ଟ କ୍ୟାମ୍ପ ଉଦ୍‌ଯାପିତ ହୋଇଛି। ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଉକ୍ତ ଟେଷ୍ଟ କ୍ୟାମ୍ପର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମଣ୍ଡଳସ୍ତରୀୟ ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର କୁସୁମାଳୀ ନାଥ ଏବଂ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଉକ୍ତ ବିଭାଗର ଜିଲା ଶିକ୍ଷା ପରିଦର୍ଶକ ତଥା ଜିଲା ସ୍କାଉଟ୍‌ସ ଗାଇଡ୍‌ସ ସମ୍ପାଦକ ମୋଚିରାମ ବଲିୟାରସିଂ ଯୋଗଦାନ କରି ସ୍କାଉଟ୍ ଗାଇଡ୍‌ଙ୍କୁ ଶୃଙ୍ଖଳିତ ହୋଇ ସମାଜସେବା ପାଇଁ ବ୍ରତୀ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ।

ଦେହୁରିପଶି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁତୁଲରାଣୀ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କର୍ମଶାଳାରେ ବିଭାଗର ୨୫ଟି ଉଚ୍ଚ ବିଦ୍ୟାଳୟରୁ ୫୫ ସ୍କାଉଟ୍ ଏବଂ ୫୨ ଗାଇଡ୍‌ଙ୍କ ସମେତ ୨୫ ସ୍କାଉଟ୍ ଏବଂ ଗାଇଡ୍ କ୍ୟାପଟେନ ଯୋଗଦାନ କରି ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବାଲି ବୋଝେଇ ଟ୍ରକ୍ ଜବତ

**ଘସିପୁରା, ୧।୧୧**

କୋଡ଼ପଡ଼ା ବାଲିଘାଟରୁ ଅବାଧରେ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଫଳରେ ଏ ନେଇ ଆନନ୍ଦପୁର ତହସିଲ ପକ୍ଷରୁ ବୁଧବାର ଏକ ବାଲି ବୋଝେଇ ଟ୍ରକ୍‌କୁ ଜବତ କରାଯିବା ସହ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ବୁଧବାର କୋଡ଼ପଡ଼ା ବାଲି ଘାଟରୁ ବାଲି ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ବାଲି ନେଉଥିବା ଟ୍ରକ୍‌ଟି କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଜରିମାନା କରାଯାଇଥିଲା। ଚଢ଼ାଉ ସମୟରେ କୋଡ଼ପଡ଼ା ଆରଆଇ ସୌମ୍ୟା ବଳ ଉପସ୍ଥିତ ରହିଥିଲେ। ଉକ୍ତ ଘାଟରୁ ଦୈନିକ ଟ୍ରକ୍‌ରେ ବୋଝେଇ ହୋଇ ବାଲି ଚୋରାଚାଲାଣ ହେଉଛି।

# ରାସ୍ତା କାର୍ଯ୍ୟରେ ଅର୍ଥ ହରିଲୁଟ

**ତେଲକୋଇ, ୧।୧୧(ଡି.ଏନ୍.ଏ.)**

ତେଲକୋଇ ବ୍ଲକ କରଦାଙ୍ଗି ପଞ୍ଚାୟତ ଅଧୀନ କ୍ଷେତ୍ରାମୁଣ୍ଡା ସାହିଠାରୁ ସାମନାଳୀ ପର୍ଯ୍ୟନ୍ତ ୨କିମି ରାସ୍ତା ଏମଜିଏନ୍‌ଆରଇଜିଏସ ଯୋଜନାରେ କାର୍ଯ୍ୟ କରାଯାଉଛି। ବିନା ସୂଚନା ଫଳକ, କାର୍ଯ୍ୟରେ ୮ ଲକ୍ଷ ଟଙ୍କା ଠିକାଦାର ଓ ଯନ୍ତ୍ରୀ ହରିଲୁଟ କରିଥିବା ସ୍ଥାନୀୟ ସରପଞ୍ଚ ଦୁଶିଲ ସିଙ୍କୁ ବୁଧୁବାର ଜିଲା ପ୍ରୋଜେକ୍ଟ ଡାଇରେକ୍ଟରଙ୍କଠାରେ ଅଭିଯୋଗ କରିଛନ୍ତି। ତାହାର ତଦନ୍ତ ଦାବି କରିଛନ୍ତି। ରାସ୍ତା ଶୋଚନୀୟ ହୋଇଛି। ଗ୍ରାମବାସୀ ପଞ୍ଚାୟତ ମୁଖ୍ୟାଳୟକୁ ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୀମକାଣ୍ଡ ପଞ୍ଚାୟତ ସଲଗ୍ନ ଆକୁଳ ଏସବିଆଇ ବ୍ୟାଙ୍କକୁ ଆସିବା ଅସମ୍ଭବ ହୋଇଥିବା ବେଳେ ଆମ୍ବୁଲାନ୍ସ ସେବା ବ୍ୟାହାତ ହୋଇଛି। ରାସ୍ତା କାର୍ଯ୍ୟ ନ ହୋଇ ଅର୍ଥ କିଭଳି ହରିଲୁଟ କରାଯାଇଛି ତାହାର ତଦନ୍ତ କରିବାକୁ ସରପଞ୍ଚଙ୍କ ସମେତ ଗ୍ରାମବାସୀ ପ୍ରଶାନ୍ତ ସାହୁ, କେଦାର ମହାନ୍ତ, ହରି ମହାନ୍ତ, ଶ୍ରିକାନ୍ତ ଧୀର, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବଳଭଦ୍ର ରାଉତ, ହିରାମଣି ପାତ୍ର, ଖଗେଶ୍ୱର ପାତ୍ର, କ୍ଷେତ୍ରା ମୁଣ୍ଡା ଓ ସାମନାଳୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ଅଧିକାରୀ ଅଞ୍ଜନ ନାୟକଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଚମ୍ପୁଆରେ ଆଇନ ସଚେତନତା ଶିବିର

**ଚମ୍ପୁଆ, ୧।୧୧(ଡି.ଏନ୍.ଏ.)**

ଚମ୍ପୁଆ ଉପକାରାଗାରଠାରେ ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ଡ. ପବିତ୍ର ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀମାନଙ୍କୁ ସହଜ ଓ ସରଳ ମାଧ୍ୟମରେ କେମିତି ଆଇନ ସେବା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସବଜଜ୍ ରୁଲତା ଲେଙ୍କା, ଏସଡିଜେଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ, ଡିଏଲଏସଏ ସମ୍ପାଦିକା ବନାଲି ତ୍ରିପାଠୀ, ଚମ୍ପୁଆ ଡିସିପିଓ ଦେବଙ୍ଗନା ବାରିକ, ଜେଲ ସୁପରିଣ୍ଟେଣ୍ଡେଣ୍ଟ, ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝି ପ୍ରମୁଖ ଯୋଗ ଦେଇଥିଲେ।

# କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ମହାରଣାଙ୍କୁ ଉପଢୌକନ ଦେଇ ଏସ୍‌ଡିଓ ସମ୍ବର୍ଦ୍ଧିତ କରୁଛନ୍ତି।

**ଢେଙ୍କିକୋଟ, ୧।୧୧(ଡି.ଏନ୍.ଏ.)**

ଢେଙ୍କିକୋଟ ବିଦ୍ୟୁତ୍ ସେକ୍‌ସନ ନେସ୍‌କୋ କାର୍ଯ୍ୟାଳୟର ବରିଷ୍ଠ ଲାଇନମ୍ୟାନ ବ୍ରଜବନ୍ଧୁ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ନେସ୍‌କୋ କାର୍ଯ୍ୟାଳୟ ସଭାଗୃହଠାରେ ଏକ ସଭା ହୋଇଥିଲା। ସଭାରେ ଘଟଗାଁ ସେକ୍‌ସନ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଦେବାଶିଷ ପୁହାଣ ସଭାପତିତ୍ୱ କରିଥିଲେ। କରାଣି ଶମ୍ଭୁନାଥ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ଜୁନିୟର ଇଂ. ସୁବ୍ରତ କୁମାର ଚକ୍ର ଯୋଗ ଦେଇଥିଲେ। ନେସ୍‌କୋ କାର୍ଯ୍ୟାଳୟର ସମସ୍ତ ଲାଇନମ୍ୟାନ ସହକର୍ମୀ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଖବରଦାତା ନୀଳମଣି ମଣ୍ଡଳ, ଜଗନ୍ନାଥ ମହାନ୍ତ ଯୋଗ ଦେଇଥିଲେ। ଅବସର ନେଇଥିବା ଲାଇନମ୍ୟାନ ବ୍ରଜବନ୍ଧୁଙ୍କ ଗୁଣଗାନ କରାଯାଇଥିଲା। ମହାରଣାଙ୍କୁ ଉପଢୌକନ ଦେଇ ଏସ୍‌ଡିଓ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଲାଇନମ୍ୟାନ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନା ବିକ୍ରିରେ ଅଭିନବ ଠକେଇ

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.)**

- ମାପ ଓ ଓଜନ ବିଭାଗ ନୀରବ
- ଶୋଷଣର ଶିକାର ଗ୍ରାହକ
- ବିନା ହଲ୍‌ମାର୍କରେ ମିଳୁଛି ଅଳଙ୍କାର

କେନ୍ଦୁଝର ସହରରେ ସୁନା କିଣୁଥିବା ଗ୍ରାହକ ଅଭିନବ ଉପାୟରେ ଠକାମିର ଶିକାର ହେଉଛନ୍ତି। ପୂଜାପାର୍ବଣ ସମୟରେ ଅଫର ନାମରେ ବେଶି ଠକେଇ ହେଉଛି। ସୁନା ୧୦ ଗ୍ରାମ ପ୍ରତି ୩୦୦୦ ଟଙ୍କା ଛାଡ, ଗଢା ମଜୁରିରେ ୫୦% ରିହାତି, ରୁପା ଗଢା ମଜୁରି ସମ୍ପୂର୍ଣ୍ଣ ଛାଡ ଆଦି ଲୋଭନୀୟ ଅଫର ଗ୍ରାହକଙ୍କୁ ଦେଇ ବୋକା ବନାଯାଉଥିବା ଅଭିଯୋଗ ହେଉଛି। ସରକାର ସୁନାରେ ହଲମାର୍କ ଲଗାଇବା ପାଇଁ ବାଧ କରି ସୁନାର ଅଧିକ ଦର ଧାର୍ଯ୍ୟ କରିଥାନ୍ତି। କେତେକ ଦୋକାନୀ ବିଭିନ୍ନ ହଲମାର୍କ କମ୍ପାନୀର କର୍ମଚାରୀଙ୍କୁ ହାତ କରି କମ୍ କ୍ୟାରେଟ୍ ସୁନା ଅଳଙ୍କାର ଉପରେ ଅଧିକ କ୍ୟାରେଟର ହଲମାର୍କ ମାରି ଦେଇ ଗ୍ରାହକଙ୍କୁ ଠକୁଛନ୍ତି। କେତେକ ଅଳଙ୍କାର ଉପରେ ହଲମାର୍କ ମାରି ତାହା ସହ ବିନା ହଲମାର୍କ ଅଳଙ୍କାର ବିକ୍ରି କରି ବିଚରା ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଶୋଷଣ କରୁଛନ୍ତି।

୧୮, ୨୦, ୨୨ କ୍ୟାରେଟ ବିଭିନ୍ନ ଅଳଙ୍କାର ଉପରେ ସେହି ମାନର ହଲମାର୍କ ଦିଆଯାଇଥାଏ। କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲାର ଗ୍ରାହକ ସୁନା ହଲମାର୍କ ତନଖି କରି ନ ପାରି ନିମ୍ନ ହଲମାର୍କ ସୁନାକୁ ୨୨ କ୍ୟାରେଟ ହିସାବରେ କିଣୁଛନ୍ତି। ଦଶହରା, ଲକ୍ଷ୍ମୀପୂଜା, ଧନତେରସ, କାଳୀପୂଜା ଭଳି ପର୍ବପର୍ବାଣିରେ କେତେକ ସୁନା ଦୋକାନୀ ବିଭିନ୍ନ ଲୋଭନୀୟ ବିଜ୍ଞାପନ ଦେଉଛନ୍ତି। ବିଜ୍ଞାପନ ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରି ପ୍ରତିଦିନ ଲକ୍ଷାଧିକ ଟଙ୍କା ଠକୁଛନ୍ତି। କେତେକ କ୍ଷେତ୍ରରେ ଦେଖାଯାଇଛି ସୁନା ଓଜନରେ ମଧ କେତେକ ଦୋକାନୀ ଠକୁଛନ୍ତି। ୧୦ ଗ୍ରାମର ସୁନା ଅନ୍ୟ କେଉଁଠି ଓଜନ କଲେ ୯ ଗ୍ରାମ ୫୦୦ ମିଲି ଗ୍ରାମ ହେଉଥିବା ଅଭିଯୋଗ ହେଉଛି। ପୁରୁଣା ସୁନା ବଦଳାଇବା ସମୟରେ ନିକିତି ଦ୍ୱାରା ଠକୁଛନ୍ତି। କେନ୍ଦୁଝରରେ କୌଣସି ବଡ ଦୋକାନରେ ସୁନାର ମାନ ପରୀକ୍ଷା ପାଇଁ କୌଣସି ଯନ୍ତ୍ର ନାହିଁ। ଗ୍ରାହକମାନେ ସୁନା କିଣିଲାବେଳେ ସୁନାର ମାନ ଯାଞ୍ଚ କରି ନ ପାରି ଠକାମିର ଠିକାର ହେଉଛନ୍ତି। କେନ୍ଦୁଝରରେ ମାପ ଓ ଓଜନ ବିଭାଗ ନୀରବ ରହିଛି। ଫଳରେ ଓଜନରେ ଠକେଇ ଗ୍ରାହକମାନଙ୍କୁ ସହିବାକୁ ପଡୁଛି। ଅନେକ ସୁନା ଦୋକାନୀ ଜିଏସ୍‌ଟି ନାଁରେ ବିଲ୍ କାଟୁଥିଲେ ହେଁ ସରକାରଙ୍କୁ ଉପଯୁକ୍ତ କର ପଇଠ କରୁନାହାନ୍ତି। ଦୋକାନଗୁଡିକରେ ଚଢାଉ କରି ସୁନାର ମାନ ସହ ଓଜନ ଯାଞ୍ଚ କଲେ ଉପଭୋକ୍ତା ଉଚିତ୍ ନ୍ୟାୟ ପାଇବା ସହ ଠକାମିରୁ ମୁକ୍ତ ପାଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ପ୍ରବାସୀ ଓଡ଼ିଆଙ୍କ ଲକ୍ଷ୍ମୀପୂଜା

**ଘସିପୁରା, ୧।୧୧**

ଚେନ୍ନାଇର ସୁମଙ୍ଗଳି କଲ୍ୟାଣ ମଣ୍ଡପରେ କଳିଙ୍ଗ ଲକ୍ଷ୍ମୀପୂଜା ସମିତି ପକ୍ଷରୁ କୁମାର ଉତ୍ସବ ଓ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ଶତାଧିକ ପ୍ରବାସୀ ଓଡ଼ିଆଙ୍କ ପ୍ରଚେଷ୍ଟାରେ ପୂଜା ଯାଥାରୀତିରେ ଆୟୋଜିତ ହୋଇଛି। ଅନେକ ମହିଳା କୁମାର ପୂର୍ଣ୍ଣମୀ ବ୍ରତ ମଧ୍ୟ ପାଳନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ସମିତି ପକ୍ଷରୁ ସ୍ୱତନ୍ତ୍ର ଭାବେ ଓଡ଼ିଆ ଢାଞ୍ଚାର ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜାର ଅନ୍ୟତମ ଆକର୍ଷଣ ପାଲଟିଥିଲା। ସୁନାମଧନ୍ୟ ଓଡ଼ିଆ କଣ୍ଠଶିଳ୍ପୀ କେଶବ ଚନ୍ଦ୍ର ସାହୁ ଓ ତାଙ୍କ ସାଥୀମାନେ ଭଜନ ପରିବେଷଣ କରିଥିଲେ। ପୂଜା ସମିତି ପକ୍ଷରୁ ସଭାପତି ସୁଜିତ ମହାନ୍ତି, ସମ୍ପାଦକ ସୁମରେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଚିନ୍ତାମଣି ପାତ୍ରୀ, ସଦସ୍ୟ ମନୋରଞ୍ଜନ ମାଲୁ, ରବୀନ୍ଦ୍ର ସାମଲ, ସାତ୍ତ୍ୱିକ ପ୍ରହରାଜ, ଅନିଲ ବେହେରା, ସୁରେନ୍ଦ୍ର ସାମନ୍ତ, ସୁଶାନ୍ତ ଦେହୁରି, ସଂକ୍ରମ ଦେହୁରି, ଲକ୍ଷ୍ମୀ ଚରଣ ଦାସ, ବୀରେନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।